ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, February 4/2026 | Page 14 | ₹ 7.00
୫୨ଶ ଭାଗ ୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 72 | ମୂଲ୍ୟ ₹୭/-


# ଲୋକଙ୍କ ଡାଟା ସହ ଖେଳ ନାହିଁ


## ପ୍ରିଭେସି ପଲିସି ନେଇ ମେଟା ଓ ହ୍ୱାଟ୍ସଆପ୍‌କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ମେଟା ପ୍ଲାଟଫର୍ମ୍ସ ଓ ହ୍ୱାଟ୍ସଆପ୍ ଏଲ୍‌ସିସି ଲୋକଙ୍କ ଡାଟା ସହ ଖେଳିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଭର୍ତ୍ସନା କରିଛନ୍ତି। ମେଟା କମ୍ପାନୀର ପ୍ରିଭେସି ପଲିସି ବିରୋଧରେ ସର୍ବୋଚ୍ଚ ଅଦାଲତ କଡ଼ା ଟିପ୍ପଣୀ ଦେଇ କହିଛନ୍ତି, ସେମାନଙ୍କୁ ଭାରତୀୟମାନଙ୍କ ବ୍ୟକ୍ତିଗତ ତଥ୍ୟର ଦୁରୁପଯୋଗ କରିବାକୁ ଦିଆଯିବ ନାହିଁ। ହ୍ୱାଟ୍ସଆପ୍‌ର ଡାଟା ଶେୟାରିଂ ପଲିସି 'ଶୋଷଣକାରୀ' ଓ ଅନେକ ୟୁଜରଙ୍କ ପାଇଁ ଅବୁଝା। ତେଣୁ ଏହି ମେସେଜିଂ ଆପ୍ ଏପରି ପଲିସି ଆଣିବା କଥା, ଯାହାକୁ ଦେଶର ଅନେକ ନିୟୁତ ଗରିବ ଓ ଅଶିକ୍ଷିତ ଲୋକ ବୁଝିପାରିବେ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ତାଗିଦ କରିଛନ୍ତି। କମ୍ପାନୀ ଏଥିରେ ବିଫଳ ହେଲେ ଭାରତ ଛାଡ଼ି ଚାଲିଯିବା ଉଚିତ କହି ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।**

ନୂଆଦିଲ୍ଲୀ,୩।୨(ପି.ଟି./ଲାଇଭ୍ ଲ)

ହ୍ୱାଟ୍ସଆପ୍‌ର ପ୍ରିଭେସି ପଲିସିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ୨୦୨୧ ନଭେମ୍ବର ୮ରେ ଏହା ଉପରେ ୨୧୩.୧୪ କୋଟି ଟଙ୍କା ଜରିମାନା କରିଥିଲେ। ହ୍ୱାଟ୍ସଆପ୍ ଏହାକୁ ନ୍ୟାଶନାଲ କମ୍ପାନୀ ଲ' ଅପିଲେଟ୍ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ରେ ଚ୍ୟାଲେଞ୍ଜ କରିଥିଲା। ଟ୍ରିବ୍ୟୁନାଲ ସିସିଆଇଙ୍କ ଜରିମାନା ଆଦେଶକୁ ବଳବତ୍ତର ରଖିବା ପରେ ହ୍ୱାଟ୍ସଆପ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଭିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ପ୍ରସଙ୍ଗରେ ଶୁଣାଣି କରିଛନ୍ତି। ଶୁଣାଣିବେଳେ ସିଜେଆଇ କହିଛନ୍ତି, ଆମେରିକୀୟ କମ୍ପାନୀ, ତୁମେ ପ୍ରିଭେସି ସହ ଖେଳିପାରିବ ନାହିଁ। ତୁମକୁ ଆମ ଡାଟାର ଗୋଟିଏ ବି ସଂଖ୍ୟା ଶେୟାର କରିବାକୁ ଅନୁମତି ଦିଆଯିବ ନାହିଁ। ଏହାକୁ ଭାରତୀୟଙ୍କୁ ଶୋଷଣ ☞ପୃଷ୍ଠା-୨




# ଟାରିଫ୍‌କୁ ନେଇ କଂଗ୍ରେସ-ଭାଜପା ମୁହାଁମୁହିଁ

ନୂଆଦିଲ୍ଲୀ,୩।୨

ଆମେରିକା ଭାରତ ଉପରୁ ଟାରିଫ୍ ହ୍ରାସ କରିବା ପ୍ରସଙ୍ଗକୁ ନେଇ କଂଗ୍ରେସ ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାପରେ ଦେଶକୁ ବିକି ଦେଇଛନ୍ତି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିବା ସହିତ ଟାରିଫ୍ ସହିତ ଆଦାନୀ ଏବଂ ଏପ୍‌ଷ୍ଟିନ୍ ଫାଇଲ୍ ପ୍ରସଙ୍ଗକୁ ଯୋଡ଼ିଛନ୍ତି। ମଙ୍ଗଳବାର ସଂସଦ ବାହାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିଜର ପ୍ରତିକ୍ରିୟା ଦେଇ ରାହୁଲ କହିଛନ୍ତି , ବର୍ତ୍ତମାନ ଆମେରିକୀୟ ଅଦାଲତରେ ଶିଳ୍ପପତି ଗୌତମ ଆଦାନୀଙ୍କ ମାମଲା ବିଚାରାଧୀନ ରହିଛି। କିନ୍ତୁ ସେମାନେ ଆଦାନୀଙ୍କୁ ଟାର୍ଗେଟ ନ କରି ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପାକୁ ଟାର୍ଗେଟ କରୁଛନ୍ତି। କାରଣ ଆଦାନୀଙ୍କ ଆର୍ଥିକ ସାମ୍ରାଜ୍ୟ ମୋଦି ଏବଂ ଭାଜପା ଉପରେ ନିର୍ଭର କରୁଛି। ଏହାଛଡ଼ା ମୋଦିଙ୍କୁ ନେଇ ଏପ୍‌ଷ୍ଟିନ୍ ଫାଇଲରେ ଆହୁରି ଅନେକ ତଥ୍ୟ ଆସି ନାହିଁ। ଏହି ଦୁଇଟି ବିଷୟକୁ ନେଇ ମୋଦି ଚାପଗ୍ରସ୍ତ ହୋଇଥିବାରୁ ଭାରତ-ଆମେରିକା ବାଣିଜ୍ୟିକ ଚୁକ୍ତିରେ ସାଲିସ୍ କରିଛନ୍ତି ଯଦ୍ୱାରା ଟାରିଫ୍‌କୁ ନେଇ ବୁଝାମଣା ହୋଇଛି। ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ବୁଝାମଣା ପାଇଁ ମାସ ମାସ ବିତିଯାଇଥିଲା ବେଳେ ଅଚାନକ ଟାରିଫ୍ ହ୍ରାସ ଘୋଷଣା କେମିତି ହେଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ମୋଦି ସାଲିସ୍ କରି ଦେଶକୁ ବିକି ଦେଇଛନ୍ତି ବୋଲି ରାହୁଲ କହିଛନ୍ତି।

## ଚାପରେ ପ୍ରଧାନମନ୍ତ୍ରୀ ଦେଶକୁ ବିକିଦେଇଛନ୍ତି: ରାହୁଲ


ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦ ବାହାରେ ଟାରିଫ୍‌କୁ ନେଇ ପ୍ରତିକ୍ରିୟା ଦେଉଛନ୍ତି।


ପୀୟୂଷ ଗୋଏଲ

## ବାଣିଜ୍ୟ ଚୁକ୍ତି ଐତିହାସିକ : ପୀୟୂଷ ଗୋଏଲ

ଭାରତ-ଆମେରିକା ଟାରିଫ୍ ବୁଝାମଣାକୁ ନେଇ କଂଗ୍ରେସ ଉଠାଇଥିବା ଅଭିଯୋଗ ଉପରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଉତ୍ତର ରଖିବା ସହିତ ଏହାକୁ ଐତିହାସିକ ବୋଲି କହିଛନ୍ତି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ପୀୟୂଷ କହିଛନ୍ତି, କୌଣସି ସାଲିସ୍ ନୁହେଁ,ଆମେରିକା ସହ ସମ୍ମାନର ସହିତ ଟାରିଫ୍ ବୁଝାମଣା ହୋଇଛି। ଏଥିରେ କୌଣସିସ୍ତରରେ ଜାତୀୟ ସ୍ୱାର୍ଥକୁ ଅଣଦେଖା କରାଯାଇ ନାହିଁ। ବରଂ ଏହି ବୁଝାମଣା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଭାରତର ଅର୍ଥନୀତି ଆହୁରି ସୁଦୃଢ଼ ହେବା ସହିତ ଦେଶର ବର୍ଦ୍ଧିତ ଅର୍ଥନୈତିକ ଧାରା ଆହୁରି ସଶକ୍ତ ହେବ। ଚାଷୀଙ୍କଠାରୁ ଆରମ୍ଭ କରି ମତ୍ସ୍ୟଜୀବୀ, ମହିଳା ଉଦ୍ୟୋଗୀ, ଯୁବପିଢ଼ି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଅଧିକ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ଏହାପୂର୍ବରୁ ସେ ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ରାହୁଲ ଗାନ୍ଧୀ ଜଣେ ନକାରାତ୍ମକ ମାନସିକତାର ମଣିଷ। ଡିଏମ୍‌କେ ହେଉ କି ଟିଏମ୍‌ସି, ଯେଉଁ ଦଳ ରାହୁଲଙ୍କ ସହ ହାତ ମିଳାଇଛନ୍ତି, ସେମାନେ ମଧ୍ୟ ସବୁକିଛିକୁ ନକାରାତ୍ମକ ଢଙ୍ଗରେ ଦେଖୁଛନ୍ତି। ଟାରିଫ୍ ବୁଝାମଣା ଦ୍ୱାରା ଭାରତରେ ଯେଉଁସବୁ କ୍ଷେତ୍ରରେ ଅପୂର୍ବ ସୁଯୋଗ ସୃଷ୍ଟି ହେବ ତାହାକୁ ସେମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି।

# ଲୋକ ସଭାରେ ବିରୋଧୀଙ୍କ ହଙ୍ଗାମା: ୮ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ,୩।୨

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଲୋକ ସଭାରେ ଉଠାଇଥିବା ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ମଙ୍ଗଳବାର ପୁଣି ହଙ୍ଗାମା କରିଛନ୍ତି। ହଙ୍ଗାମା ଯୋଗୁ ଗୃହକୁ ବାରମ୍ବାର ମୁଲତବୀ ରଖାଯାଇଥିଲା ବେଳେ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସର ୭ ସାଂସଦଙ୍କ ସମେତ ୮ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରାଯାଇଛି। ୨୦୨୦ ଡୋକଲାମ୍ ଏବଂ ଗଲୱାନ୍ ସଂଘର୍ଷ ସମ୍ପର୍କରେ ପୂର୍ବତନ ସେନାମୁଖ୍ୟ ଏମ୍. ଏମ୍. ନରୱଣେଙ୍କ ଦ୍ୱାରା ଲିଖିତ ପୁସ୍ତକର ଅଂଶକୁ ନେଇ ରାହୁଲ ଗାନ୍ଧୀ ସୋମବାର ସରକାରଙ୍କୁ ଘେରିଥିଲେ। ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଚାଲିଥିଲାବେଳେ ରାହୁଲ ପୁଣି ଉକ୍ତ ପ୍ରସଙ୍ଗ ଉଠାଇଥିଲେ। କିନ୍ତୁ ସୋମବାର ଏହି ପ୍ରସଙ୍ଗରେ ଗୃହ ଅଧ୍ୟକ୍ଷ ରୁଲିଂ ଦେଇ ସାରିଥିବାରୁ ଏହା ଉପରେ ଆଉ ଆଲୋଚନା କରିବା ଆବଶ୍ୟକ ନାହିଁ ବୋଲି ଅଧ୍ୟକ୍ଷ କହିଥିଲେ। ଏହାପରେ ରାହୁଲ ଯୁକ୍ତି ରଖି କହିଥିଲେ, ସେ ଯାହା କହିବାକୁ ଚାହୁଁଛନ୍ତି ତାହା ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ଜଡ଼ିତ ରହିଛି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଜାତୀୟ ସୁରକ୍ଷା କଥା ରହିଥିଲାବେଳେ ସେ ମଧ୍ୟ ସେହି ବିଷୟରେ କହିବାକୁ ଚାହୁଁଛନ୍ତି। କିନ୍ତୁ ଗୃହରେ ଜଣେ ବିରୋଧୀ ଦଳର ନେତାଙ୍କୁ ଜାଣିଶୁଣି କହିବାକୁ ଦିଆଯାଉ ନାହିଁ ବୋଲି ରାହୁଲ କହିବା ପରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବା ସହିତ ଟେବୁଲ ଉପରେ ଚଢ଼ି କାଗଜ ଚିରିଥିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ୮ ସଦସ୍ୟଙ୍କୁ ନିଲମ୍ବନ କରାଗଲା ବୋଲି ଗୃହରେ ଅଧ୍ୟକ୍ଷତା କରୁଥିବା କ୍ରିଷ୍ଣପ୍ରସାଦ ତେନେତି ଘୋଷଣା କରିଥିଲେ। ନିଲମ୍ବିତ ସାଂସଦ ହେଲେ କଂଗ୍ରେସର ଅମରିନ୍ଦର ସିଂ ରାଜା,ହିବି ଏଡେନ୍, ଡିନ୍ କୋରିଆକୋଜ୍,ଗୁରୁଜିତ୍ ସିଂ ଅଜଲା,ସି. କିରନ୍ କୁମାର ରେଡ୍ଡୀ, ମନିକାମ୍ ଟାଗୋର୍ ଏବଂ ପ୍ରଶାନ୍ତ ପାଦୋଲେ ଏବଂ ସିପିଆଇ(ଏମ୍)ର ଏସ୍. ଭେଙ୍କଟେଶନ୍ । ଅଧିବେଶନ ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ନିଲମ୍ବନ କରାଯାଇଛି।

# ଖେମ୍‌ଚାନ୍ଦ ସିଂ ହେବେ ମଣିପୁର ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩।୨



ୟୁମ୍‌ନାମ ଖେମ୍‌ଚାନ୍ଦ ସିଂ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ମଙ୍ଗଳବାର ଭାଜପା ବିଧାୟକ ଦଳ ବୈଠକ ବସି ଖେମ୍‌ଚାନ୍ଦଙ୍କୁ ଦଳର ନେତା ନିର୍ବାଚନ କରାଯିବା ପରେ ଏନ୍‌ଡିଏ ବିଧାୟକ ଦଳ ବୈଠକରେ ମଧ୍ୟ ସେ ନେତା ନିର୍ବାଚିତ ହୋଇଛନ୍ତି। ଫଳରେ ମଣିପୁରରେ ପାଖାପାଖି ଗୋଟିଏ ବର୍ଷର ରାଷ୍ଟ୍ରପତି ଶାସନ ପରେ ସରକାର ଗଠନ ହେବାକୁ ଯାଉଛି। କୁକି ନେତ୍ରୀ ନେମ୍‌ଚା କିପ୍‌ଗେନ୍ ନୂଆ ମଣିପୁର ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ଫେବୃଆରୀରେ ବିଧାନସଭାରେ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେବା ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ଇସ୍ତଫା ଦେଇଥିଲେ। ଫେବୃଆରୀ ୧୩ରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା ଓ ବିଧାନସଭାକୁ ସ୍ଥଗିତ ରଖାଯାଇଥିଲା। ଗତ ଅଗଷ୍ଟ ୧୩ରେ ରାଷ୍ଟ୍ରପତି ଶାସନ ସମୟସୀମା ବଢ଼ାଯାଇଥିବାବେଳେ ଫେବୃଆରୀ ୧୩ରେ ଏହା ଶେଷ ହେବାକୁ ଯାଉଛି।

# ୟୁକ୍ରେନ୍ ଉପରେ ୭୦ ମିଶାଇଲ, ୪୫୦ ଡ୍ରୋନ୍ ମାଡ଼କଲା ରୁଷିଆ

ମସ୍କୋ,୩।୨

ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟକରି ରୁଷିଆ ସୋମବାର ବିଳମ୍ବିତ ରାତିରେ ଜୋର୍‌ଦାର ଆକ୍ରମଣ କରିଛି। ମସ୍କୋ ୭୦ରୁ ଊର୍ଦ୍ଧ୍ୱ ମିଶାଇଲ୍ ଏବଂ ୪୫୦ ଡ୍ରୋନ୍‌ରେ ଆକ୍ରମଣ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। କିଭ୍‌ରେ ତାପମାତ୍ରା ବିୟୁକ୍ତ ୨୦ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ରୁଷିଆ ଆକ୍ରମଣରେ ବିଶେଷ କ୍ଷୟକ୍ଷତି ହୋଇନାହିଁ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଉପରେ ସୋଭିଏଟ୍ ଅମଳର ସ୍ମାରକୀ ଏବଂ ମଦରଲ୍ୟାଣ୍ଡ କୀର୍ତ୍ତିରାଜି ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ସଂସ୍କୃତି ମନ୍ତ୍ରୀ କହିଛନ୍ତି। ଆକ୍ରମଣ ପରେ ବିଭିନ୍ନ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରୁଷିଆ ଜାଣିଶୁଣି ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରୁଥିବା ଜେଲେନ୍‌ସ୍କି କହିଛନ୍ତି। ସୁମି, ଖର୍‌କିଭ୍ ଅଞ୍ଚଳ, କିଭ୍ ଅଞ୍ଚଳ ଏବଂ ରାଜଧାନୀ ସମେତ ନିପ୍ରୋ, ଓଡେସା ଏବଂ ଭିନ୍ୟାସିଆ ଅଞ୍ଚଳରେ ଆକ୍ରମଣ ହୋଇଥିଲା।

# ମଳାଶୟରୁ ବାହାରିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟର ଜୀବନ୍ତ ବିସ୍ଫୋରକ

ପ୍ୟାରିସ୍,୩।୨



ଦକ୍ଷିଣ ଫ୍ରାନ୍ସର ଟୋଲୁଜ୍ ସହରରେ ଜଣେ ୨୪ ବର୍ଷୀୟ ଯୁବକଙ୍କ ମଳାଶୟରୁ ଡାକ୍ତରମାନେ ଏକ ଜୀବନ୍ତ ବିସ୍ଫୋରକ (ଆର୍ଟିଲାରି ସେଲ୍) କାଢ଼ିବା ଘଟଣା ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି। ଫ୍ରାନ୍ସର ଡେଲି ମେଲ୍ ରିପୋର୍ଟ ଅନୁସାରେ ଏହି ସହରର ଜଣେ ଯୁବକ ପେଟରେ ଯନ୍ତ୍ରଣା ଭୋଗିବା ଯୋଗୁ ନିକଟସ୍ଥ ହସ୍ପିଟାଲକୁ ଯାଇଥିଲେ। ଡାକ୍ତରମାନେ ଯୁବକଙ୍କ ଶରୀର ପରୀକ୍ଷାନିରୀକ୍ଷା କରିବା ପରେ ତାଙ୍କ ମଳାଶୟରେ କିଛି ବଡ଼ ବସ୍ତୁ ରହିଥିବା ଜାଣିବାକୁ ପାଇଥିଲେ। ପରେ ସେମାନେ ତାହାକୁ ବାହାର କରିବାକୁ ଅସ୍ତ୍ରୋପଚାର କରିଥିଲା ବେଳେ ଯୁବକଙ୍କ ମଳାଶୟରୁ ୮ ଇଞ୍ଚର ଏକ ଜୀବନ୍ତ ରାସାୟନିକ ବିସ୍ଫୋରକ ମିଳିଥିଲା। ଏହାକୁ ଦେଖି ସାରା ହସ୍ପିଟାଲରେ ଭୟର ବାତାବରଣ ଖେଳି ଯାଇଥିଲା। ତୁରନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ବୋମା ନିଷ୍କ୍ରିୟକାରୀ ଟିମ୍ ଡକାଇବା ସହିତ ହସ୍ପିଟାଲକୁ ଖାଲି କରିଦେଇଥିଲେ। କାରଣ ଏହି ବିସ୍ଫୋରକ ଜୀବନ୍ତ ଏବଂ ଏହାର ବିସ୍ଫୋରଣ କ୍ଷମତା ଏତେ ଅଧିକ ଥିଲା ଯେ, ଏହା ଉକ୍ତ ହସ୍ପିଟାଲ ସମେତ ସ୍ଥାନୀୟ ଅଞ୍ଚଳକୁ କ୍ଷତିଗ୍ରସ୍ତ କରିଦେଇଥାଆନ୍ତା। ବଡ଼ କଥା ହେଲା, ବିସ୍ଫୋରକଟି ପ୍ରଥମ ବିଶ୍ୱଯୁଦ୍ଧ ସମୟର। ତେବେ ଯୁବକ ଜଣକ ଏହାକୁ କେମିତି ପାଇଲେ ଏବଂ ତାଙ୍କ ମଳାଶୟକୁ ଏହା କେମିତି ଗଲା ସେ ସମ୍ପର୍କରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।



ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ Bhubaneswar, Wednesday, February 4/2026




## ନମ୍ବର ୧ ରହିଲେ ସାବାଲେଙ୍କା

ସଦ୍ୟ ପ୍ରକାଶିତ ମହିଳା ସିଙ୍ଗଲ୍ସ ଟେନିସ ର୍ୟାଙ୍କିଙ୍ଗ ତାଲିକାରେ ନମ୍ବର ୧ ସ୍ଥାନ ବଜାୟ ରଖିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା।

୧୨ ୦୨

## 'କଳ୍କି'ସିକ୍ୱେଲରେ ସାଇ ପଲ୍ଲବୀ

ବହୁଚର୍ଚ୍ଚିତ ସାଇନ୍ସ-ଫିକ୍ସନ ଚଳଚ୍ଚିତ୍ର 'କଳ୍କି ୨୮୯୮ ଏଡି'ର ସିକ୍ୱେଲର ମୁଖ୍ୟ ନାୟିକା ଭୂମିକାରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀ ଅଭିନୟ କରିବେ ଚର୍ଚ୍ଚା ଚାଲିଛି।



# ଆହୁରି ୫ଦିନ କୁହୁଡ଼ି

ଭୁବନେଶ୍ୱର,୩।୨(ବନ୍ଦନା ସେଠୀ)

ରାଜ୍ୟରେ ଶୀତ ପ୍ରକୋପ ସାମାନ୍ୟ ହ୍ରାସ ପାଇଥିଲେ ହେଁ କୁହୁଡ଼ିର ମାତ୍ରା ଅଧିକ ରହୁଛି। ପ୍ରବଳ କୁହୁଡ଼ି କାରଣରୁ ସକାଳୁ ରାସ୍ତାଘାଟ ଠିକ୍ ଭାବେ ଦେଖାଯାଉନାହିଁ। ଗାଡ଼ି ମୋଟର ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି। ତେବେ ଏଭଳି ସ୍ଥିତି ଆହୁରି ୫ଦିନ ପର୍ଯ୍ୟନ୍ତ ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବ। ସେହିପରି ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ସର୍ବନିମ୍ନ ରାତି ତାପମାତ୍ରାରେ ସେଭଳି କିଛି ବଡ଼ ପରିବର୍ତ୍ତନ ହେବ ନାହିଁ। ମାତ୍ର ଏହାପରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ। ଗତ ୨୪ଘଣ୍ଟା ମଧ୍ୟରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ସମ୍ବଲପୁରରେ ସର୍ବାଧିକ ୩୧.୭ ଡିଗ୍ରୀ ରହିଥିଲା।

**ଆଜିର ସମ୍ପାଦକୀୟ**

ତଥ୍ୟ ଅସୁରକ୍ଷିତ



ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲା ଅନ୍ତର୍ଗତ ପହଲଗାମ୍‌ରେ ତୁଷାରପାତ ଯୋଗୁ ମଙ୍ଗଳବାର ପାର୍କିଂରେ ଥିବା ଗାଡ଼ିଗୁଡ଼ିକ ବରଫାବୃତ୍ତ ହୋଇଯାଇଛି।

# ୯ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କଲେ ସହପାଠୀ

ବଲାଙ୍ଗୀର/କଣ୍ଟାବାଞ୍ଜି, ୩।୨(ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)

- ଗଣବଳାତ୍କାରର ଭିଡିଓ ଉତ୍ତୋଳନ କରି ଭାଇରାଲ କଲେ
- ପୀଡ଼ିତା ପରିବାର ପକ୍ଷରୁ ଅଭିଯୋଗ ପରେ ୬ ଅଟକ
- ସମ୍ବେଦନଶୀଳ ଘଟଣାର ଯାଞ୍ଚ କରାଯାଉଛି: ଏସ୍‌ପି

ଜଣେ ୯ମ ଶ୍ରେଣୀର ଛାତ୍ରୀ (୧୫ବର୍ଷ)ଙ୍କୁ ତାଙ୍କର ୪ ଜଣ ସହପାଠୀ, ଜଣେ ନାବାଳକ ଏବଂ ଅନ୍ୟ ଜଣେ ସାବାଳକ ସ୍କୁଲର ଏକ ନିର୍ମାଣାଧୀନ ଘରେ ଗଣବଳାତ୍କାର କରି ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ଭାଇରାଲ କରିଛନ୍ତି। ଏଭଳି ଏକ ସାଂଘାତିକ ଏବଂ ଚିନ୍ତା ଉଦ୍ରେକକାରୀ ଘଟଣା ବଲାଙ୍ଗୀର ଜିଲା ତୁରେକେଲା ଅଞ୍ଚଳରେ ଦେଢ଼ମାସ ତଳେ ଘଟିଥିବାବେଳେ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ଲୋକଲୋଚନକୁ ଆସିଛି। ଘଟଣା ଜଣାପଡ଼ିବା ପରେ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜିଙ୍କ ନିର୍ଦ୍ଦେଶରେ ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ବଲାଙ୍ଗୀର ଏସ୍‌ପି ଅଭିଲାଷ, ଜିଲାପାଳ ଗୌରବ ଶିବାଜୀ ଇସ୍‌ଲୱାର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ, ଲିଗାଲ ପ୍ରୋବେଶନର ଅଫିସର, ସାମାଜିକ କର୍ମୀ ଏବଂ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟାଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୫ ତାରିଖ ସନ୍ଧ୍ୟାରେ ତୁରେକେଲା ଥାନା ଅନ୍ତର୍ଗତ ଏକ ଗାଁର ୯ମ ଶ୍ରେଣୀ ସ୍କୁଲ ଛାତ୍ରୀଙ୍କୁ ତାଙ୍କର ସହପାଠୀ ଓ ଅନ୍ୟ ୨ ଜଣ ଛାତ୍ର ଗଣବଳାତ୍କାର କରିବା ସହ ଏହାର ଦୃଶ୍ୟକୁ ମୋବାଇଲ ☞ପୃଷ୍ଠା-୨

# ନାଭିଗୟାରେ ପିଣ୍ଡଦାନ କଲେ ରାଷ୍ଟ୍ରପତି

ଯାଜପୁର,୩।୨(ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ପୂଜା କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପ୍ରଥମେ ପୂର୍ବାହ୍ନ ସାଢ଼େ ୯ଟାରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଯାଜପୁର ଆସିଥିଲେ। ହେଲିପ୍ୟାଡ୍‌ରୁ ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରକୁ ନିଆଯାଇଥିଲା। ବିରଜା ମନ୍ଦିରରେ ପ୍ରଥମେ ରାଷ୍ଟ୍ରପତି ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ମନ୍ଦିରର ସେବାୟତ ସତ୍ୟରଞ୍ଜନ ପାଣି, ଅବିନାଶ ପାଣି ଓ କଲ୍ୟାଣ ପାଣି ପିଣ୍ଡଦାନ କାର୍ଯ୍ୟ ସମ୍ପାଦନ କରିଥିଲେ। ସେବାୟତ ବିଜୟ ପାଣି, ଦୁର୍ଗାମାଧବ ପାଣି ଓ ସତ୍ୟବ୍ରତ ପାଣି ପୂଜା କାର୍ଯ୍ୟ କରିଥିବାବେଳେ ଦେବୀ ପ୍ରସାଦ ପାଣି ରାଷ୍ଟ୍ରପତିଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଇଥିଲେ। ଏହି ଅବସରରେ ମୁକ୍ତିମଣ୍ଡପ ସେବାୟତ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତି ମୁର୍ମୁ ସେବାୟତମାନଙ୍କୁ ରାଷ୍ଟ୍ରପତି ଭବନ ବୁଲି ଆସିବାକୁ ନିମନ୍ତ୍ରଣ କରିଥିଲେ। ପିଣ୍ଡଦାନ ସରିବା ପରେ ରାଷ୍ଟ୍ରପତି ମା' ବିରଜାଙ୍କୁ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱ ଦେବଦେବୀ ଦର୍ଶନ କରିଥିଲେ। ଏହାପରେ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ☞ପୃଷ୍ଠା-୨

## ମାଟିର ଗରିମା ବଢ଼ାଇଛି ନାରୀ ନେତୃତ୍ୱ

### ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି

ବାଲେଶ୍ୱର/ରେମୁଣା,୩।୨ (ବାଞ୍ଛାନିଧି ଦେ/ରବୀନ୍ଦ୍ର ମହାକୁଡ଼)



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ସାହିତ୍ୟ ଓ ସଂଗ୍ରାମ ପାଇଁ ବାଲେଶ୍ୱର ଓ ଭଦ୍ରକ ମାଟି ସୁପ୍ରସିଦ୍ଧ। ଅନେକ ବରପୁତ୍ରଙ୍କୁ ଜନ୍ମଦେଇ ଏ ମାଟି ଭାରତମାତାର ମୁଖ ଉଜ୍ଜ୍ୱଳ କରିଛି। ଏ ମାଟି କେବଳ ରତ୍ନଗର୍ଭା ନୁହେଁ, ବରଂ ଏ ମାଟିର ମା'ମାନେ ମଧ୍ୟ ରତ୍ନଗର୍ଭା। ଆଦି ଟିକାକାର ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀ, ଭକ୍ତକବି ଦୀନବନ୍ଧୁ ଦାସଙ୍କ ଠାରୁ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ☞ପୃଷ୍ଠା-୨

# ଏନ୍‌ଏଲ୍‌ସିଆଇଏଲ୍ ତଲାବିରାରେ ସିବିଆଇ ଚଢ଼ାଉ


### ଖଣି ଖନନ ଓ କୋଇଲା ଉତ୍ତୋଳନରେ ଦୁର୍ନୀତି ନେଇ ଛାନ୍‌ଭିନ୍

### ୧୯ ଜଣଙ୍କୁ ପଚରାଉଚରା

ସମ୍ବଲପୁର,୩।୨(ପ୍ରମୋଦ ବହିଦାର)

ଦିଲ୍ଲୀରୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ)ର ଏକ ଟିମ୍ ମଙ୍ଗଳବାର ସମ୍ବଲପୁର ଜିଲା ଖିଣ୍ଡା ପଞ୍ଚାୟତସ୍ଥିତ ନେଭେଲି ଲିଗ୍ନାଇଟ୍ କର୍ପୋରେଶନ୍ ଇଣ୍ଡିଆ ଲିମିଟେଡ୍(ଏନ୍‌ଏଲ୍‌ସିଆଇଏଲ୍) ତଲାବିରା କୋଇଲା ଖଣି କାର୍ଯ୍ୟାଳୟରେ ଚଢ଼ାଉ କରିଛି। ଚଢ଼ାଉକାରୀ ଦଳରେ ଦିଲ୍ଲୀ ଓ ଭୁବନେଶ୍ୱର ସିବିଆଇର ଜଣେ ଲେଖାଏ ଅଧିକାରୀଙ୍କ ସହିତ ସମ୍ବଲପୁର ଓ ଝାରସୁଗୁଡ଼ା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଆଞ୍ଚଳିକ ଅଧିକାରୀ ସାମିଲ ହୋଇଥିଲେ। କୋଇଲା ଖନନ ଏବଂ ଉତ୍ତୋଳନ ପ୍ରକ୍ରିୟାରେ ହୋଇଥିବା ଦୁର୍ନୀତି ଓ ଅନିୟମିତତା ତଥା ଅଞ୍ଚଳରେ ପ୍ରଦୂଷଣଜନିତ ସମସ୍ୟା ନେଇ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଏହି ଚଢ଼ାଉ ହୋଇଛି। ବିଶେଷକରି ତଲାବିରା-୧ କୋଇଲା ଖଣିରୁ ଅନୁମୋଦିତ ପରିମାଣଠାରୁ ବହୁ ଅଧିକ କୋଇଲା ଉତ୍ତୋଳନ କରାଯାଇଥିବା ନେଇ ସିବିଆଇ ବର୍ତ୍ତମାନ ଛାନ୍‌ଭିନ୍ କରୁଛି। ଏହାକୁ ନେଇ ଚଢ଼ାଉକାରୀ ସିବିଆଇ ଅଧିକାରୀମାନେ କୌଣସି ସୂଚନା ଦେଇ ନାହାନ୍ତି। ମାତ୍ର ଏହି ମାମଲାରେ ସିବିଆଇ ପକ୍ଷରୁ ତନାଘନା ଜାରି ରହିଥିବା ବେଳେ ଖିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ୧୯ ଜଣଙ୍କୁ କମ୍ପାନୀର ବେଆଇନ ଖନନ ଓ ଉତ୍ତୋଳନ ସହିତ ପ୍ରଦୂଷଣ ସମ୍ପର୍କରେ ସିବିଆଇ ଅଧିକାରୀମାନେ ପଚରାଉଚରା କରିଥିଲେ। ତେବେ ୧୯ ଜଣଙ୍କୁ ସମନ ହୋଇଥିଲେ ମଧ୍ୟ ୧୪ ଜଣ ଉପସ୍ଥିତ ଥିଲେ ବୋଲି ସୂଚନା ମିଳିଛି। ଏନ୍‌ଏଲ୍‌ସିଆଇଏଲ ତଲାବିରା ଖଣି ☞ପୃଷ୍ଠା-୨

# ଝିଅ ବୋଝ ନୁହନ୍ତି, ଆଶୀର୍ବାଦ: ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବଦମ୍ପତିଙ୍କୁ ସହାୟତା ପ୍ରଦାନ ଚେକ୍ ପ୍ରଦାନ କରୁଛନ୍ତି।


### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ

- ଯୋଗ୍ୟ କନ୍ୟାଙ୍କ ବିବାହକୁ ସରକାର ଦେବେ ୬୦ ହଜାର ଟଙ୍କା
- ତାରାତାରିଣୀ ପୀଠରେ ୨୦୧ ବରକନ୍ୟାଙ୍କ ବିବାହ

ପୁରୁଷୋତ୍ତମପୁର,୩।୨(ସବିତା ମିଶ୍ର)

ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ଭଗବାନ୍‌ଙ୍କ ଆଶୀର୍ବାଦ। ଆମେ ଏପରି ଓଡ଼ିଶା ଗଢ଼ିବା, ଯେଉଁଠି କୌଣସି ଝିଅ ଆର୍ଥିକ ଅନଟନ କିମ୍ବା ସାମାଜିକ ଚାପ ହେତୁ ବୟସ ନ ହେଉଣୁ ବିବାହ କରିବାକୁ ବାଧ ହେବେ ନାହିଁ। ଯୋଗ୍ୟା କନ୍ୟାଙ୍କ ବିବାହ ପାଇଁ ସରକାର ସହାୟତା ପ୍ରଦାନ କରିବେ ବୋଲି ଗଞ୍ଜାମ ଜିଲାର ଆରାଧ୍ୟା ମା' ତାରାତାରିଣୀଙ୍କ ପୀଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି। ସେଠାରେ ଏକା ସଙ୍ଗେ ୨୦୧ ବରକନ୍ୟାଙ୍କ ସାମୂହିକ ବିବାହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟାଦାନ କରିବା ସହ ନବଦମ୍ପତିଙ୍କୁ ଆଶୀର୍ବାଦ କରି ଯୋଜନା ସମ୍ପର୍କରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମିଲହେବା ପାଇଁ କନ୍ୟାଙ୍କ ବୟସ ୧୮ରୁ ୩୫ ବର୍ଷ ଏବଂ ବରଙ୍କ ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ସେମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଯୋଗ୍ୟ କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
• ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ମାଲ୍ୟାର୍ପଣ/ମଧୁବାବୁ ସମ୍ପର୍କୀୟ ଆଲୋଚନାଚକ୍ର, ସ୍ଥାନ: ରାଜଭବନ ଛକ/ଲୋକସମ୍ପର୍କ ଭବନ, ସମ୍ମିଳନୀ ଭବନ, ସମୟ: ସକାଳ ୮ଟା ୩୦/ସନ୍ଧ୍ୟା ୫ଟା।
• ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ରାଜଭବନ ଛକ, ସମୟ: ସକାଳ ୯ଟା।
• ବିଶ୍ୱ କର୍କଟ ଦିବସ ପାଳନ, ସ୍ଥାନ: ସୋସିଆଲ୍ ସର୍ଭିସ ହାଉସ, ସମୟ: ସନ୍ଧ୍ୟା ୬ଟା ୩୦।
• ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଶ୍ରାଦ୍ଧବାର୍ଷିକରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
• ବିଶ୍ୱ କର୍କଟ ଦିବସ ପାଳନ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
• ପ୍ରଜ୍ଞ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ନିଗିଡ଼, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
• ବିଶ୍ୱ କର୍କଟ ଦିବସରେ ପ୍ରକାଥନ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ସକାଳ ୬ଟା ୩୦।
• ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ, ସ୍ଥାନ: ଗାନ୍ଧୀନଗର ଛକ, ସମୟ: ସକାଳ ୮ଟା।
• ଭାରତୀୟ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ଦାଖଲ, ସ୍ଥାନ: ଗୋସାଇଁନୂଆଗାଁ ଥାନା, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
• ପିଏମଶ୍ରୀ ବ୍ରଜନାଥ ବଡେଜନା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପରିସର, ସମୟ: ସକାଳ ୧୦ଟା।

**ଜଗତସିଂହପୁର**
• ପାରାଦୀପ ବନ୍ଦରର ନୂତନ ଜେଟିସିଏଲ୍ ବର୍ଥରେ ପ୍ରଥମ କରି ଜାହାଜ ଲାଗିବ, ସ୍ଥାନ: ବନ୍ଦର ପୋତାଶ୍ରୟ, ପାରାଦୀପ, ସମୟ: ସକାଳ ୯ଟା।
• କେନ୍ଦ୍ର ସରକାରଙ୍କ କୃଷି ବିରୋଧୀ ମନୋଭାବ ବିରୋଧରେ ବିକ୍ଷୋଭ, ଏରସମା, ସମୟ: ପୂର୍ବାହ୍ନ ୧୧ଟା।
• ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ଉର୍ଦ୍ଧ୍ୱ ନାଟକ ଚାକ୍ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
• ସ୍ୱାମୀ ପୁରୁଷାନନ୍ଦଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ଉଦୟ ନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା।
• ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଅଁା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
• ଭୀମଭୋଇ ଭିଲେଜ ଶିବିର, ସ୍ଥାନ: ବରୀ ଓ ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
• ଯାଜପୁର ଜିଲ୍ଲା ବିଜୁଳି ଉପଭୋକ୍ତା କମିଟି ପକ୍ଷରୁ ଗଣ ସମ୍ମିଳନୀ, ସ୍ଥାନ: ଯାଜପୁର ରୋଡ ଷ୍ଟେସନ ରୟାଲ କଳିଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
• ବ୍ୟାସ ସରୋବର ମେଳାର ୭ମ ଦିବସରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ ପରିସର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
• ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୨ୟ ଦିବସରେ ସୂର୍ଯ୍ୟପୂଜା ସହ ପ୍ରବଚନରେ ଶ୍ରୀରାମ ନାମ ମହାତ୍ମ୍ୟ ସତୀମୋହ ଓ ଶିବ ପାର୍ବତୀ ବିବାହ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ପ୍ରାତଃ ୬ଟାରୁ ରାତି ୯ଟା।
• ଭୈମୀ ଏକାଦଶୀ ମେଳାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
• ଜାମାଲାଗି ବେଶର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।

**ରାୟଗଡ଼ା**
• ନୂତନ ବ୍ଲକ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
• ପିଏମଶ୍ରୀ ଏସ୍ଏସ୍‌ଡି ହାଇସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ଡାଙ୍ଗସୋରଡା ସ୍କୁଲ ପରିସର, ଚନ୍ଦ୍ରପୁର, ସମୟ: ଅପରାହ୍ନ ୩ଟା ୩୦।

**ନବରଙ୍ଗପୁର**
• ମାଣ୍ଡିଆ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ାସ୍ଥିତ ଅଗ୍ରଗାମୀ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
• ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
• ଉତ୍କଳ ଗୌରବ ମଧୁସୂଧନ ଦାସଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଗୋପବନ୍ଧୁ ପାର୍କ, କୋରାପୁଟ, ସମୟ: ସକାଳ ୯ଟା ୩୦।
• ସମ୍ପୂର୍ଣ୍ଣତା ଅଭିଯାନ, ସ୍ଥାନ: ପଞ୍ଚାୟତ ସମିତି ପରିସର, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
• ସେନସସ ନେଇ କର୍ମଚାରୀଙ୍କୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
• ପିଏମଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପିଏମଶ୍ରୀ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
• ବ୍ଲକ୍ କଂଗ୍ରେସର ସମ୍ବର୍ଦ୍ଧନା ସଭା, ସ୍ଥାନ: କଂଗ୍ରେସ ଭବନ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
• ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଚିକାମ୍ବ ସରକାରୀ ଉଚ୍ଚ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ଅପରାହ୍ନ ୧ଟା।
• ୬୯ତମ ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, କୋଟପାଡ଼, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
• ଅଙ୍ଗନୱାଡି ଓ ଆଶା କର୍ମୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
• ପ୍ରଧାନମନ୍ତ୍ରୀ ଜନୌଷଧି କେନ୍ଦ୍ରର ଶୁଭାରମ୍ଭ, ସ୍ଥାନ : ଫାଟକ, ସମୟ : ମଧ୍ୟାହ୍ନ ୧୨ଟା।
• ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
• ଅଭ୍ୟୁଦୟ: ବିକାଶ, ସମୃଦ୍ଧି ଓ ନୂତନ ଆରମ୍ଭର ଉତ୍ସବ,ସ୍ଥାନ: କେ.ଭି.ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ/କେ.ଭି.ଡିଗ୍ରୀ କଲେଜ, କଣ୍ଟାବାଞ୍ଜି ବ୍ଲକ, ସମୟ: ପୂର୍ବାହ୍ନ୧୦ଟାରୁ ଅପରାହ୍ନ ୫ଟା।

**ରାଉରକେଲା**
• ଆନ୍ତଃ ଶ୍ରେଣୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍, ସମୟ: ପୂର୍ବାହ୍ନ ୧୦ଟା।
• ଆଦିବାସୀଙ୍କ ଧାର୍ମିକ ଶୋଭାଯାତ୍ରା, ସ୍ଥାନ: ଏଡ଼ିଏମ୍ ଅଫିସ୍, ସମୟ: ପୂର୍ବାହ୍ନ ୧୧ଟା।
• ଭାଗବତ କଥା ପ୍ରବଚନ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।

**ସୁନ୍ଦରଗଡ଼**
• ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୮ତମ ବାର୍ଷିକ ଉତ୍ସବ,ସ୍ଥାନ:ମହାବିଦ୍ୟାଳୟ ପରିସର,ସମୟ: ସକାଳ ୯ଟା।
• ଗ୍ରାମ୍ୟ ଜଳ ଅର୍ପଣ ଦିବସ କାର୍ଯ୍ୟକ୍ରମ,ସ୍ଥାନ: ଜଲଙ୍ଗବିରା ଗ୍ରାମର ପାଣି ଟାଙ୍କି ନିକଟସ୍ଥ ପଡିଆ, ଜଲଙ୍ଗବିରା ଗ୍ରାମପଞ୍ଚାୟତ,କୁଆଁରମୁଣ୍ଡା ବ୍ଲକ,ସମୟ: ସକାଳ ୧୦ଟା।
• ସୁନ୍ଦରଗଡ ଘରୋଇ ବସ ମାଲିକ ସଂଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଲୁହୁରାଢିପା ନୂଆ ବସଷ୍ଟାଣ୍ଡ ସ୍ଥିତ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ,ସମୟ: ସକାଳ୯ଟାରୁ୨ଟା।

**ବରଗଡ଼**
• ଧନୁଯାତ୍ରା ନନ୍ଦରାଜାଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କୀର୍ତ୍ତନ ମଣ୍ଡପ, ଅମ୍ବାପାଲି, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

**କଳାହାଣ୍ଡି**
• ଜନଗଣନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
• ମୁଖ୍ୟମନ୍ତ୍ରୀ କପ ଭଲିବଲ ପାଇଁ ବାଳିକା ଚୟନ ଶିବିର, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
• ବାବା କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଦେବଗଡ଼**
• ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ଟା ୩୦।
• ବାବା କୁନ୍ତେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରିଆମାଳ ବ୍ଲକ୍ କଣ୍ଟାବାହାଳ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
• ବିଜେଡି ପକ୍ଷରୁ ସରକାରଙ୍କ ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପ୍ରତିଶ୍ରୁତି ଖିଲାପ ବିରୋଧରେ ବିକ୍ଷୋଭ ପଦଯାତ୍ରା, ସ୍ଥାନ: ଗୋପାଳଜୀ ମନ୍ଦିରଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
• ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
• ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: କେନ୍ଦୁପାଲି, ବହଲପଦର ପଞ୍ଚାୟତ, ବୀରମହାରାଜପୁର, ସମୟ: ସକାଳ ୭ଟା।
• ଭଙ୍ଗାମୁଣ୍ଡା ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା ଉତ୍ସବ ୫୬ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା।
• ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
• ଉଲୁଣ୍ଡା ବ୍ଲକ ଭଙ୍ଗାମୁଣ୍ଡା ଧନୁଯାତ୍ରା ଶୁଭାରମ୍ଭ, ସ୍ଥାନ: ମନ୍ଦିର ସମ୍ମୁଖସ୍ଥ ଦରବାର, ସମୟ: ସନ୍ଧ୍ୟା ୮ଟା।

**ନୂଆପଡ଼ା**
• ଖଡିଆଳ ମହୋତ୍ସବ ପାଇଁ ମଶାଲ ଯାତ୍ରା, ସ୍ଥାନ: ଯୋଗୀମଠଠାରୁ ଠାକୁରାଣୀ ମନ୍ଦିର ଦେଇ ମହୋତ୍ସବ ପଡିଆ, ସମୟ: ଅପରାହ୍ନ ୩ଟା।
• ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
• ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ ବସ୍ତିପଡା, ସମୟ: ଅପରାହ୍ନ ୩ଟା ୪୬।
• ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ଭାରତୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

## 'କଳ୍କି' ସିକ୍ୱେଲରେ ସାଇ ପଲ୍ଲବୀ



**ହାଇଦ୍ରାବାଦ:** ନାଗ ଅଶ୍ୱିନଙ୍କ ନିର୍ଦ୍ଦେଶିତ ସାଇନ୍ସ-ଫିକ୍ସନ ଚଳଚ୍ଚିତ୍ର 'କଳ୍କି ୨୮୯୮ ଏଡି'ର ସିକ୍ୱେଲକୁ ନେଇ ଚର୍ଚ୍ଚା ଜୋର ଧରିଛି। ଫିଲ୍ମର ମୁଖ୍ୟ ନାୟିକା 'ସୁମତି' ଭୂମିକାରେ ଅଭିନୟ କରୁଥିବା ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଏହି ପ୍ରୋଜେକ୍ଟରୁ ଓହରି ଯାଇଥିବା ବେଳେ ତାଙ୍କ ସ୍ଥାନରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କୁ ନେବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଚଳଚ୍ଚିତ୍ର ପ୍ରଯୋଜନା ସଂସ୍ଥାର ଜଣେ ପ୍ରତିନିଧି ସ୍ପଷ୍ଟ କରିଛନ୍ତି ଯେ, ସାଇ ପଲ୍ଲବୀଙ୍କ ନାମ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଦୀପିକାଙ୍କ ବିଦାୟ ପରେ ନିର୍ମାତାମାନେ 'ସୁମତି' ଚରିତ୍ର ପାଇଁ ସାଇ ପଲ୍ଲବୀଙ୍କ ନାମ ଉପରେ ବିଚାର କରୁଛନ୍ତି। ସେ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି ସେମାନେ ଭାବୁଛନ୍ତି। ଦୀପିକା ପ୍ରାୟ ୨୦ ଦିନର ଶୁଟିଂ ଶେଷ କରିସାରିଥିଲେ। କିନ୍ତୁ ପାରିଶ୍ରମିକ ବୃଦ୍ଧିକୁ ନେଇ ନିର୍ମାତାଙ୍କ ସହ ବୁଝାମଣା ନ ହେବାରୁ ସେ ଏହି ଚଳଚ୍ଚିତ୍ରରୁ ଓହରି ଯାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅକାର ଉକାର ମକାର ତିନି,**
**ଓଁକାର ଅକ୍ଷୟ ବେଦର ଧ୍ୱନି।**

ଅକାର, ଉକାର ଓ ମକାର ଯଥାକ୍ରମେ ସୂର୍ଯ୍ୟବୀଜ, ଚନ୍ଦ୍ରବୀଜ ଓ ଅଗ୍ନିବୀଜ ଭାବେ ପରିଗଣିତ। ଏହାର ମୂଳ ତିନୋଟି ଅକ୍ଷର 'ଅ', 'ଉ' ଓ 'ମ'ର ସଂଯୋଗରେ 'ଓଁ'ର ଉତ୍ପତ୍ତି ହୋଇଥାଏ। ଏହାକୁ ପ୍ରଥମେ ଉଚ୍ଚାରଣ କରି ମନ୍ତ୍ରପାଠ କଲେ ମନ୍ତ୍ର ସିଦ୍ଧ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଳପ ଜାଣେ, ବହୁ ବଖାଣେ**
**ମରିବା ବଞ୍ଚିବା ଦୁଇ ନ ଜାଣେ।**

ସାଧାରଣତଃ ଜ୍ୟୋତିଷ ଓ ନାହାକ ଭଳି ବ୍ୟକ୍ତି ଲୋକର ହାତ ବା ଜାତକ ଦେଖି ତାଙ୍କ ଆଗତ ଭବିଷ୍ୟତ କଥା କହିଥାନ୍ତି। ଏଭଳି ବ୍ୟକ୍ତି ଯେତିକି ଜାଣିଥାନ୍ତି ତା'ଠାରୁ କାହିଁ କେତେ ଅଧିକ କଥା ଲୋକଙ୍କୁ ଶୁଣାଇଥାନ୍ତି। ତେବେ ସେମାନେ ଲୋକର ଜନ୍ମ ଓ ମୃତ୍ୟୁ ଭଳି ଏହି ଦୁଇଟି କଥାକୁ କେବେ ସଠିକ ବା ନିର୍ଭୁଲ ଭାବେ ଆକଳନ କରିପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଲୋକଙ୍କ ଡାଟା... 

ପ୍ରଥମ ପୃଷ୍ଠାରୁ...

କରିବା ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଦିଆଯିବ ନାହିଁ। ଅନ୍ୟପକ୍ଷେ ବିଜ୍ଞାପନ ଉଦ୍ଦେଶ୍ୟରେ ୟୁଜର ଡାଟା ଶେୟାରିଂ ପ୍ରସଙ୍ଗରେ ଟ୍ରିବ୍ୟୁନାଲ କମ୍ପାନୀ ଦ୍ୱାରା କ୍ଷମତାର ଦୁରୁପଯୋଗ ହେଉ ନ ଥିବା କହି ମେଟାକୁ ଅନୁମତି ଦେଇଥିବାରୁ ସିସିଆଇ ମଧ୍ୟ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବ୍ୟବସାୟିକ ଉଦ୍ଦେଶ୍ୟରେ କମ୍ପାନୀର ଶୋଷଣକାରୀ ନୀତିକୁ ସମାଲୋଚନା କରିଥିଲେ। ସିଜେଆଇ କହିଥିଲେ, ତୁମେ ଯଦି ଭାରତୀୟ ସମ୍ବିଧାନକୁ ମାନି ଚଳିପାରିବ ନାହିଁ ତେବେ ଦେଶ ଛାଡ଼ି ଚାଲିଯାଅ। ଆମେ ନାଗରିକଙ୍କ ପ୍ରିଭେସିରେ ସାଲିସ ହେବାକୁ ଅନୁମତି ଦେଇପାରିବୁ ନାହିଁ।

## ନାଭିଗୟାରେ ପିଣ୍ଡଦାନ...

ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳୁହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଜିଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଏହା ପ୍ରଥମ ଯାଜପୁର ଗସ୍ତ ଥିଲା। ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ଯାଜପୁରର ପ୍ରଶାସନିକ ଭବନ ପଡ଼ିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ପୋଲିସ ଡିଆଇଜି ଚରଣ ସିଂ ମୀନା, ପୋଲିସ ଅତିରିକ୍ତ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲାପାଳ ଅମ୍ବର କୁମାର କର, ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଲ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ପୂର୍ବାହ୍ନ ୧୧ ଟା ୪୦ ମିନିଟରେ ବିମାନ ଯୋଗେ ରାଷ୍ଟ୍ରପତି ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

## ମାଟିର ଗରିମା...

ଉତ୍କଳକେଶରୀ ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପର୍ଯ୍ୟନ୍ତ ଅନେକ କବି ଓ କର୍ଣ୍ଣଧାର ଭାରତର ଉତ୍ତରପିଢ଼ି ପାଇଁ ଆଦର୍ଶ ପ୍ରତିଷ୍ଠା କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଓ ଭଦ୍ରକର ମହିଳାମାନଙ୍କ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଥିଲା। ସରୋଜିନୀ ନାଇଡୁ, ଜାହ୍ନବୀ ଦେବୀ, କୋକିଳା ଦେବୀ, ସୁଭଦ୍ରା ମହତାବ ଓ ଗୋଦାବରୀ ଦେବୀ ସଂଗ୍ରାମର ଅଗ୍ରଭାଗରେ ରହି ନାରୀ ନେତୃତ୍ୱର ଗରିମା ବଢ଼ାଇଛନ୍ତି। ଏମାଟି ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ତୀବ୍ରତା ତଥା ଦେଶୀୟ ରାଜ୍ୟ ମିଶ୍ରଣର ଜୀବନ୍ତ ସାକ୍ଷୀ ବୋଲି ମଙ୍ଗଳବାର ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ବିଶ୍ୱବିଦ୍ୟାଳୟର ବିବରଣୀ ଉପସ୍ଥାପନ କରିଥିଲେ। ରାଷ୍ଟ୍ରପତି ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନ ଓ କନ୍ୟା ଶିକ୍ଷା ପ୍ରଚାରରେ ତାଙ୍କର ଅଗ୍ରଣୀ ଭୂମିକାକୁ ସ୍ମରଣ କରିଥିଲେ। ସେ ଫକୀରମୋହନଙ୍କ ଅମରକୃତି 'ରେବତୀ'ର ଗୁରୁତ୍ୱକୁ ଉଲ୍ଲେଖ କରି, ରେବତୀ କିପରି ଅନେକ ଅସୁବିଧା ସତ୍ତ୍ୱେ ଶିକ୍ଷା ପାଇଁ ସଂଘର୍ଷ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସାମାଜିକ ସେବା ଓ ସମୁଦାୟ ସଂଲଗ୍ନତାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନୀତି, ସତ୍ୟ ନିଷ୍ଠତା ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ଆହ୍ୱାନ କରିଥିଲେ। କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଯୋଗଦେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ଭବିଷ୍ୟମୂଳକ ଯୋଜନା ଓ ଭିଜନ ସମ୍ପର୍କରେ କହିଥିଲେ। ଶିକ୍ଷା ସମାଜ ଉନ୍ନତିର ଶକ୍ତିଶାଳୀ ଉପକରଣ। ଛାତ୍ରୀଛାତ୍ରମାନଙ୍କୁ ଆଜୀବନ ଶିକ୍ଷାର୍ଥୀ ହୋଇ ରହିବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ପଦକ୍ଷେପ ଓ ନୀତି ସଂଶୋଧନ ବିଷୟରେ ଆଲୋକପାତ କରିଥିଲେ। ସମାରୋହରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମଞ୍ଚାସୀନ ଥିଲେ। ଏହି ଅବସରରେ ୧,୮୩୧ ଜଣ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଯାଇଥିଲା। ୧୦୧ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବା ବେଳେ ୮୯ ଜଣ ପି.ଏଚ୍‌ଡି. ଡିଗ୍ରୀଧାରୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଅନୁରାଧା ବିଶ୍ୱାଳ, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଶାନ୍ତନୁ କୁମାର ଆଚାର୍ଯ୍ୟ, ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ଗୁରୁ ଗୋପାଳ ଚନ୍ଦ୍ର ପାଣ୍ଡାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା।

## ୯ମ ଶ୍ରେଣୀ ଛାତ୍ରୀଙ୍କୁ...

ଭିଡିଓରେ ରେକର୍ଡିଂକରି ନେଇଥିଲେ। ମଙ୍ଗଳବାର ଉକ୍ତ ଗଣବଳାତ୍କାର ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ବଲାଙ୍ଗୀର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଏସ୍‌ପି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତୁରେକେଲା ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଅଟକ ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ୨୨ ବର୍ଷୀୟ ଯୁବକ ଯାହାଙ୍କୁ ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଛି ତାଙ୍କୁ ମଧ୍ୟ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଇତିମଧ୍ୟରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ସାମାଜିକ କର୍ମୀ ଅରୁଣ ଖୁଆସ, ସିଡବ୍ଲୁସି ଇନ୍‌ଚାର୍ଜ ଅଧ୍ୟକ୍ଷା ଲୀନା ବାବୁ, ସଦସ୍ୟା ଏସ୍. ଲତାଶ୍ରୀ ଏସ୍‌ପି କାର୍ଯ୍ୟାଳୟକୁ ଯାଇ ଏସ୍‌ପି ଅଭିଲାଷଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ରାତିରେ ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ତୁରେକେଲାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇ ସିଡବ୍ଲୁସିରେ ପ୍ରଡ୍ୟୁସ୍ କରାଯିବ ବୋଲି ଇନ୍‌ଚାର୍ଜ ଅଧ୍ୟକ୍ଷା ଲୀନା କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଣ୍ଡା କହିଛନ୍ତି, ପୀଡ଼ିତା ଛାତ୍ରୀଙ୍କୁ ସୁରକ୍ଷା ଦେବା ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯିବ। ବଲାଙ୍ଗୀର ଏସ୍‌ପି ଅଭିଲାଷଙ୍କୁ ପଚରାଯିବାରେ ଭିଡିଓ ଭାଇରାଲ ପରେ ଘଟଣା ଜଣାପଡ଼ିଛି। ଗତ ଡିସେମ୍ବର ୨୫ ତାରିଖରେ ଏଭଳି ଘଟଣା ଘଟିଥିବା ପରିବାର ଲୋକେ କହିଛନ୍ତି। ପୀଡ଼ିତା ଛାତ୍ରୀ ଓ ତାଙ୍କ ପରିବାରକୁ ସବୁ ପ୍ରକାର ସହଯୋଗ ଦିଆଯିବ। ଅଭିଯୁକ୍ତମାନଙ୍କୁ ଅଟକ ରଖାଯାଇଛି। ବୁଧବାର ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯିବ ବୋଲି ସେ କହିଛନ୍ତି।

## ଝିଅ ବୋଝ ନୁହନ୍ତି...

ସେଥିରୁ ୪୫ ହଜାର ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି। ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ଉପରେ ପଡୁଥିବା ବିବାହର ଆର୍ଥିକ ଭାର ଲାଘବ କରିବା, ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନର୍ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥା ବନ୍ଦ କରିବାକୁ ସହାୟକ ହେବ। ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି। ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ନିଶ୍ଚିତ ରୂପରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ଏମ୍‌ପି ଅନିତା ପ୍ରିୟଦର୍ଶିନୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, କୃଷ୍ଣଚନ୍ଦ୍ର ନାୟକ, ସିଦ୍ଧାନ୍ତ ମହାପାତ୍ର, ସରୋଜ ପାଢ଼ୀ, କେ.ଅନିଲ, ନୀଳମଣି ବିଷୋୟୀ, ମନୋରଞ୍ଜନ ଦ୍ୟାନ ସାମନ୍ତରା, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ମହିଳା ଶିଶୁ ବିକାଶ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଛତ୍ରପୁର ଉପ ଜିଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏଲ୍‌ସିଆଇଏଲ୍ ତଲାବିରାରେ...



ଖିଣ୍ଡା ପଞ୍ଚାୟତର ଏନ୍‌ଏଲ୍‌ସି ତଲାବିରା କାର୍ଯ୍ୟାଳୟରେ ଚଢ଼ାଉ ପାଇଁ ଆସିଥିବା ସିବିଆଇର ଦୁଇ ଅଧିକାରୀ।

ସମ୍ପ୍ରସାରଣକୁ ନେଇ ୨୦୧୦ ମସିହାରେ ହୋଇଥିବା ଜନଶୁଣାଣିରେ ଲୋକଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ପୂର୍ବରୁ ଏହି କୋଇଲା ଖଣିକୁ ନେଇ ଏକ ମାମଲା ରୁଜୁ ହୋଇଥିଲେ ମଧ୍ୟ କୌଣସି କାରଣବଶତଃ ତାହା ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ କାଳରେ ୨୦୧୪ ମସିହାରେ ସ୍ଥାନୀୟ ଲୋକମାନେ ପୁଣିଥରେ ଖଣିକୁ ନେଇ ଅଭିଯୋଗ କରିଥିଲେ। ସେହି ସମୟରେ ସିବିଆଇ ପକ୍ଷରୁ କୋଇଲା ଖଣିରେ ଚଢ଼ାଉ ହୋଇଥିଲା। ତେବେ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ଖଣି ଅଞ୍ଚଳରେ ହେଉଥିବା ବେଆଇନ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସିବିଆଇ ପୁଣିଥରେ ଏହି ଫାଇଲ୍ ଖୋଲିଛି। ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲାର କୋଇଲା ଖଣିଗୁଡ଼ିକରେ ହେଉଥିବା ଅନିୟମିତତା ଉପରେ କେନ୍ଦ୍ରୀୟ ସଂସ୍ଥା ନଜର ରଖିଥିବା ବେଳେ ଆଗାମୀ ଦିନରେ ଏହି ତଦନ୍ତ ଆହୁରି ବ୍ୟାପକ ହେବାର ସମ୍ଭାବନା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚତୁଃଗ୍ରହ କର୍ମସ୍ଥାନରେ କାର୍ଯ୍ୟସିଦ୍ଧି, ଅର୍ଥ ଓ ସମ୍ମାନ ଲାଭ କରାଇବେ। କିନ୍ତୁ ନିକିତି ତଉଲ ପରି ପାରିବାରିକ ଜୀବନର ପଲା ନିମ୍ନାଭିମୁଖୀ ହେତୁ ମନାନ୍ତର ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ସ୍ଥିତି ମଧ୍ୟ ଉପୁଜିପାରେ। କିନ୍ତୁ ଅଶ୍ୱିନୀ ନକ୍ଷତ୍ର ସକାଶେ ଲୋକ ସମ୍ପର୍କ, ସଭାସମିତି, ଆଲୋଚନାଚକ୍ର, ସାହିତ୍ୟସଭା ପ୍ରୀତିପ୍ରଦ ରହିବ।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦ ଅନୁଭବ କରିବେ । ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା, ଧର୍ମକାର୍ଯ୍ୟ, ଭ୍ରାତୃ ସମ୍ପର୍କ କ୍ଷେତ୍ରରେ ସଫଳତା ପାଇପାରିବେ। ପଡ଼ୋଶୀଙ୍କ ସହ ସାଧାରଣ କଥାରେ ଉତ୍ତେଜିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ** ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ଅତିବାହିତ ହେବାର ସମ୍ଭାବନା ରହିଛି। ବନ୍ଧୁଙ୍କ ସହାୟତାରେ ପାରିବାରିକ ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇ ପ୍ରଶଂସିତ ହୋଇପାରନ୍ତି। ପୂର୍ବ ଶତ୍ରୁତାକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଘଟିପାରେ।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସାଂଗଠନିକ ପ୍ରବୃତ୍ତିର ପ୍ରଶଂସା ମିଳିବ। କିନ୍ତୁ ସପ୍ତମସ୍ଥ ଗ୍ରହ ବିବାଦରେ ପରାଜୟ ଓ ମାଲିମକଦ୍ଦମାରେ ବିଫଳତା ପ୍ରଦାନ କରିପାରେ। ଆର୍ଥିକ ଅନଟନ ହେତୁ ଆଶା ପୂରଣ ହୋଇପାରିବ ନାହିଁ। ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ଯୋଜନା କରିପାରନ୍ତି।

**ସିଂହ** ସମସ୍ୟା ଆସିଲେ ମଧ ଷଷ୍ଠଭାବସ୍ଥ ରବି ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବେ। ଭଲ ସମ୍ପର୍କ ନ ଥିବା କାରଣରୁ ଆତ୍ମୀୟମାନେ ସମସ୍ୟା ସୃଷ୍ଟି କରିପାରନ୍ତି। ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଧାର୍ମିକ କାର୍ଯ୍ୟ, ବ୍ୟବସାୟିକ ସ୍ଥିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବାର ଆଶା ରହିଛି।

**କନ୍ୟା** କର୍ମସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟି ହେତୁ ପାରିବାରିକ ସମର୍ଥନ, ବାହାର ଲୋକଙ୍କ ସାହାଯ୍ୟ ଆପଣଙ୍କ ପଛରେ ରହିବ। ପରିବହନ, ଜମିଜମା ସମ୍ବନ୍ଧୀୟ ସମସ୍ୟା ଆସିପାରେ। ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ନିର୍ମାଣ, ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇପାରନ୍ତି।

**ତୁଳା** କୌଣସି ଆନୁଷ୍ଠାନିକ କାମ, ସ୍ଥଗିତ ଧାର୍ମିକକାର୍ଯ୍ୟ ପାଇଁ ନିୟୋଜିତ ରହିବେ। ବିଜାତୀୟ ବ୍ୟକ୍ତିଙ୍କ ସହ ମିତ୍ରତା ପ୍ରତି ପାରିବାରିକ ସମର୍ଥନ ରହିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** ଭାଗ୍ୟାଧିପତି କର୍ମଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନ, ଯାତ୍ରା, ଯାନ୍ତ୍ରିକ ଜିନିଷ କ୍ରୟ, ଦୂରଯାତ୍ରା ପାଇଁ ଦିନଟି ଅନୁକୂଳ। ଚନ୍ଦ୍ର ସହ କେତୁଜନିତ ପାରିବାରିକ କ୍ଷେତ୍ରରେ ଟେନ୍‌ସନ ବଢିବ। ନିଜର ଭଳି ବ୍ୟବହାର ଦେଖାଉଥିବା ବ୍ୟକ୍ତିମାନେ ପଛରେ ଅପପ୍ରଚାର ଚଳାଇପାରନ୍ତି।

**ଧନୁ** ସମ୍ପର୍କୀୟଙ୍କ ସହାନୁଭୂତି ଆପଣଙ୍କୁ ନୂତନ ଗୃହ, ଯାନ କ୍ରୟ ଓ କାର୍ଯ୍ୟସିଦ୍ଧି ସକାଶେ ସାହାଯ୍ୟ କରିବ। ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେମିତି କିଛି ହେବ ନାହିଁ। ବନ୍ଧୁଙ୍କ ସହ ସାକ୍ଷାତ୍‌କାର ସାଙ୍ଗକୁ ଦେବ ଦର୍ଶନ ଏବଂ ଭ୍ରମଣ ସୁଯୋଗ ପାଇବେ। ପରୀକ୍ଷା, ସାହିତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** ବନ୍ଧୁଙ୍କ ଭୁଲ୍ ବୁଝାମଣା ସାଙ୍ଗକୁ ମିଥ୍ୟା ଅଭିଯୋଗ ବ୍ୟଥିତ କରିବ। ଫଳତଃ ମାନସିକ ସ୍ଥିରତା ହରାଇବା ସଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟାରେ ମଧ ପୀଡ଼ିତ ହୋଇପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ। ଯାତ୍ରା, ନିର୍ମାଣ, ଆନୁଷ୍ଠାନିକ କାର୍ଯ୍ୟ ଏବଂ କଚେରି ମାମଲା କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟରେ ଉନ୍ନତି ସଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଲକ୍ଷ୍ୟ ହାସଲରେ ସହାୟକ ହେବ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ମନସ୍ତାପ କରିବା ବ୍ୟତୀତ କିଛି ଲାଭ ହେବନି। ଶିଳ୍ପ,ନୂତନ ଉଦ୍ୟୋଗ, ପରିବହନ, ବାଣିଜ୍ୟ, କାରଖାନା ଦିଗରୁ ଉପକୃତ ହୋଇପାରନ୍ତି।

**ମୀନ** ପ୍ରତ୍ୟେକ ଦିଗରୁ ଗ୍ରହସମ୍ପର୍କର ଅନୁକୂଳତା ଜୀବନଚର୍ଯ୍ୟା ପାଇଁ ଲାଭଦାୟକ ରହିବ। ସ୍ଥଗିତ କାମରେ, ସ୍ୱାସ୍ଥ୍ୟ ସମସ୍ୟାରେ, ବାଣିଜ୍ୟରେ ସମସ୍ୟା ସମାଧାନ ହେବ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପୁରୁଣା ସମ୍ପର୍କକୁ ଯୋଡିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଫେବୃୟାରୀ ୪ ତାରିଖ। ବିଶ୍ୱ କର୍କଟ ଦିବସ, ଉତ୍କଳ ଗୌରବ ମଧୁସୂଦନଙ୍କ ତିରୋଧାନ ଦିବସ। ଫାଲ୍‌ଗୁନ କୃଷ୍ଣ ତୃତୀୟା ବୁଧବାର। ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୪ମି. ଗତେ ଘ.୦୭।୫୪ମି. ମଧ୍ୟେ, ଘ.୧୦।୩୬ମି. ଗତେ ଘ.୧୧।୩୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୪ମି. ମଧ୍ୟେ ରାହୁ କାଳ।

# ଆଦାନୀ ଗ୍ରୁପ୍ ବିରୋଧରେ ପୋର୍ଟ କର୍ମଚାରୀଙ୍କ ଆନ୍ଦୋଳନ

**ଛତ୍ରପୁର, ୩।୨ (ଦିଲୀପ ସାମଲ)**

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦରର ଉନ୍ନତି ଦାୟିତ୍ୱ ନେଇଥିବା ଆଦାନି ଗ୍ରୁପ୍ ଏହାର ପରିଚାଳନା ଦାୟିତ୍ୱ ସ୍ୱୀକୃତିପ୍ରାପ୍ତ ଭେଣ୍ଡର ଓ କଣ୍ଟ୍ରାକ୍ଟରଙ୍କୁ ଦେଇଛି। ଏମାନଙ୍କ ଅଧୀନରେ ଦୀର୍ଘଦିନ ଧରି କାମ କରୁଥିବା ଅପରେଟର, ଡ୍ରାଇଭର ଓ ଅନ୍ୟ ଶ୍ରମିକମାନେ ସେମାନଙ୍କ ଉଚିତ୍ ପ୍ରାପ୍ୟ ନ ପାଇ ମଙ୍ଗଳବାର ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ଦାବିପୂରଣ ନେଇ ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରିଥିବା ଏହି ବର୍ଗର କର୍ମଚାରୀ ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବା ଅଭିଯୋଗ କରିଛନ୍ତି।




ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା କର୍ମଚାରୀ।

ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ଶ୍ରମିକଙ୍କୁ ସେମାନଙ୍କ ହକ୍ ମିଳିବାରେ ଏଠାରେ ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି। ଶ୍ରମ ଆଇନ ଉଲ୍ଲଂଘନ ବନ୍ଦ କରିବା, ସମାନ କାମକୁ ସମାନ ଦରମା, ଶ୍ରମିକଙ୍କୁ ପାନୀୟଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସବୁ ସୁବିଧା ଯୋଗାଇବା, ଇପିଏଫ୍ ଓ ଇନ୍‌କ୍ରିମେଣ୍ଟ ନିୟମିତ ଭାବେ

### ସମାନ କାମକୁ ସମାନ ଦରମା ଦାବି

ପ୍ରଦାନ କରିବା ଆଦି ଦାବି ସଂଘ ପକ୍ଷରୁ ରଖାଯାଇଛି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ କହିଛି। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ସଭାପତି ଏସ୍. କ୍ରିଷ୍ଣା ରେଡ୍ଡୀ, ଉପସଭାପତି ଏସ୍. ପ୍ରଭାକର ରେଡ୍ଡୀ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ନାହାକ, ସହ ସମ୍ପାଦକ ପି.ଭେଙ୍କଟ ରେଡ୍ଡୀ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଆଇନ ପରାମର୍ଶଦାତା ଜ୍ୟୋତିରଞ୍ଜନ ମିଶ୍ରଙ୍କ ସହ ସଂଘର ଶତାଧିକ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ରାଜ୍ୟକୁ ବିଏସ୍‌ଏନ୍‌ଏଲ୍ ବକେୟା ମାଗିଲା କେନ୍ଦ୍ର | ବାକି ଟଙ୍କା ତୁରନ୍ତ ଫେରାଅ

**ଭୁବନେଶ୍ୱର, ୩।୨ (ରବିନାରାୟଣ ଜେନା)**

ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପରେ ବକେୟା ଥିବା ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍)ର ପ୍ରାୟ ୨୮.୫୪ କୋଟି ଟଙ୍କା ତୁରନ୍ତ ପଇଠ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ କୁହାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ପତ୍ରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସଂପୃକ୍ତ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ସଚିବ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଯୋଗାଯୋଗ ମନ୍ତ୍ରାଳୟ ପକ୍ଷରୁ ଏନେଇ ପୂର୍ବରୁ ଦୁଇଥର ପତ୍ର ଲେଖି ଅନୁରୋଧ କରାଯାଇଥିଲା। ବିଏସ୍‌ଏନ୍‌ଏଲ ଅଧ୍ୟକ୍ଷ ଏ. ରବର୍ଟ ଜେ ରବି ୨୦୨୪ ଅକ୍ଟୋବର ୧୦ରେ ପ୍ରଥମେ ପତ୍ର ଲେଖି ଅବଗତ କରାଇଥିବାବେଳେ ବିଭାଗୀୟ ସଚିବ ଡ. ନିରଜ ମିତ୍ତଲ ୨୦୨୫ ମେ’୧୪ରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ସିନ୍ଧିଆ ୨୦୨୫ ସେପ୍ଟେମ୍ବର ପହିଲା ଓ ନଭେମ୍ବର ୨୫ରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ବକେୟା ଅର୍ଥ ମାଗିଥିଲେ। ହେଲେ ଅଦ୍ୟାବଧି ସମ୍ପୂର୍ଣ୍ଣ ବକେୟା ବିଏସ୍‌ଏନ୍‌ଏଲ୍ ପାଇନାହିଁ। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଦାନ କରିଥିବା ପତ୍ରରେ ପୂର୍ବପତ୍ର ସଂଖ୍ୟା ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବିଏସ୍‌ଏନ୍‌ଏଲ୍ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହରେ ସହାୟକ ହେଉଛି। ଏହାସହିତ ପଦାତିକ ବାହିନୀ ଏବଂ ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରରେ ବିଶ୍ୱାସଯୋଗ୍ୟ ସେବା ଯୋଗାଇଆସୁଛି। ବିଏସ୍‌ଏନ୍‌ଏଲ୍ ଆର୍ଥିକ ଚାପରେ ରହିଥିବାରୁ ଏଥିରୁ ମୁକୁଳିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୯, ୨୦୨୨ ଏବଂ ୨୦୨୩ରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାସତ୍ତ୍ୱେ ବିଏସ୍‌ଏନ୍‌ଏଲ୍ ଆଗକୁ ବଢ଼ିପାରୁନାହିଁ। ଏକ୍ଷେତ୍ରରେ ରାଜ୍ୟର ସହାୟତା ନିହାତି ଆବଶ୍ୟକ। ବିଏସ୍‌ଏନ୍‌ଏଲ୍‌ର ପରିସ୍ଥିତିକୁ ଦୃଷ୍ଟିରେ ରଖି ସଂପୃକ୍ତ ବିଭାଗକୁ ବକେୟା ଅର୍ଥ ଦେବା ଦିଗରେ ଏକ ନିର୍ଦ୍ଦେଶନାମା ଜାରି କରିବାକୁ କେନ୍ଦ୍ରମନ୍ତ୍ରୀ ପତ୍ରରେ ଅନୁରୋଧ କରିଛନ୍ତି।




# କ୍ଷତିଗ୍ରସ୍ତଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଚକ୍ରାନ୍ତ ଅଭିଯୋଗ

## ନାଲ୍‌କୋ ବ୍ରାଉନଫିଲ୍‌ଡ ସମ୍ପ୍ରସାରଣ ପ୍ରସଙ୍ଗ

- **ଉଚିତ କ୍ଷତିପୂରଣ, ସ୍ଥାୟୀ ଚାକିରି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ଆନ୍ଦୋଳନ**
- **ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କଲେ କେତେଜଣ କ୍ଷତିଗ୍ରସ୍ତ**


**ଅନୁଗୋଳ, ୩।୨ (ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ନବରତ୍ନ କମ୍ପାନୀ ନାଲ୍‌କୋ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସ୍ମେଲଟର କାରଖାନା ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି। ହେଲେ ପୂର୍ବରୁ କମ୍ପାନୀ ସ୍ଥାପନ ବେଳେ ଜମି ହରାଇଥିବା ଲୋକଙ୍କ ମଧ୍ୟରୁ ଅନେକଙ୍କୁ ଏଯାଏ ନାଲ୍‌କୋ ଚାକିରି ଦେଇ ନ ଥିବା ଅଭିଯୋଗ କରି ମଙ୍ଗଳବାର କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ଜମି ହରାଉଥିବା କେତେଜଣ କ୍ଷତିଗ୍ରସ୍ତ ପରିବାର ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପାଇଁ ଜମିହରାଙ୍କୁ ଉଚିତ ମୂଲ୍ୟ ଓ ସ୍ଥାୟୀ ଚାକିରି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ନାଲ୍‌କୋକୁ କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି ସମ୍ପୃକ୍ତ ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ଏଥିସହ ପ୍ରଶାସନ ବାରମ୍ବାର ନିଜ କଥା ବଦଳାଉଥିବାବେଳେ ନାଲ୍‌କୋ ସହ ମିଶି ଜମିହରାଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି।



ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିବାକୁ ଆସିଥିବା କେତେଜଣ କ୍ଷତିଗ୍ରସ୍ତ।

କ୍ଷତିଗ୍ରସ୍ତ ପ୍ରତାପ ନାଥ, ସୁରଥ ବେହେରା, ରାଜେଶ ତ୍ରିପାଠୀ, ସନ୍ତୋଷ ଖୁଣ୍ଟିଆ, ଶ୍ରୀପତି ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି, ନାଲ୍‌କୋ ସ୍ମେଲଟର କାରଖାନା ସମ୍ପ୍ରସାରଣ କରିବା ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ନିମନ୍ତେ ପ୍ରଶାସନ ପକ୍ଷରୁ ସର୍ଭେ କାର୍ଯ୍ୟ ଶେଷ କରାଯାଇଛି। ଗତ ଜାନୁଆରୀ ୨୮ ତାରିଖରେ ପରିବେଶ ମଞ୍ଜୁରୀ ଜନଶୁଣାଣି ହେବାର ଥିଲା। ପରେ ତାହାକୁ ଫେବୃଆରୀ ୧୮କୁ ଘୁଞ୍ଚାଇ ଦିଆଯାଇଛି। ତେବେ ନାଲ୍‌କୋ ପାଇଁ ଜମି ହରାଉଥିବା ଲୋକମାନେ ଉଚିତ ମୂଲ୍ୟ ସହ ସ୍ଥାୟୀ ନିଯୁକ୍ତି ନିମନ୍ତେ ଦାବି କରିଆସୁଛନ୍ତି। ସ୍ଥାୟୀ ଚାକିରିର ସ୍ୱପ୍ନ ଦେଖାଇ ନାଲ୍‌କୋ ଓ ଭୂ-ଅର୍ଜନ କାର୍ଯ୍ୟାଳୟ ସର୍ଭେ ସମ୍ପୂର୍ଣ୍ଣ କରାଇଥିଲା। ଏହି ସମୟରେ ଲୋକେ ନିଜର ଜମି ଦେବାକୁ ଆଦୌ ସହାମତି ପ୍ରକାଶ କରି ନ ଥିଲେ। ପ୍ରଶାସନ ଓ ନାଲ୍‌କୋ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ଏକ ବୈଠକରେ ଆଲୋଚନା ହୋଇଥିଲା। ସର୍ଭେ ପରବର୍ତ୍ତୀ ସମୟରେ ସ୍ଥାୟୀ ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ପ୍ରଶାସନ ନିଜ ମତ ବଦଳାଉଛି। ସର୍ଭେ ପରବର୍ତ୍ତୀ ସମୟରେ କୌଣସି ତଥ୍ୟ ଗ୍ରାମବାସୀଙ୍କୁ ଦିଆଯାଉ ନାହିଁ। ଇତିମଧ୍ୟରେ ନାଲ୍‌କୋ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ କରିଥିବା ସମସ୍ତ ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରାୟ ୬୩୫ ପ୍ରାର୍ଥୀ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ପ୍ରାୟ ଟେକ୍ନିକାଲ ପ୍ରାର୍ଥୀ ଭାବେ ବି-ଟେକ୍‌ରେ ୭୦ ଜଣ, ଡିପ୍ଲୋମାରେ ୪୭ ଓ ଆଇଟିଆଇରେ ୭୬ ଜଣଙ୍କୁ ମିଶାଇ ମୋଟ ୧୯୩ ଜଣ ଟେକ୍ନିକାଲ ଥିବାବେଳେ ଅନ୍ୟ ସମସ୍ତେ ହେଉଛନ୍ତି ନନ୍‌ଟେକ୍ନିକାଲ। ହେଲେ ବର୍ତ୍ତମାନ ପ୍ରଶାସନ କହୁଛି କେବଳ କ୍ଷତିଗ୍ରସ୍ତ ଟେକ୍ନିକାଲ ପ୍ରାର୍ଥୀଙ୍କୁ ନାଲ୍‌କୋ ପକ୍ଷରୁ ଚାକିରି ଦିଆଯିବ। ନନ୍‌ଟେକ୍ନିକାଲ ପ୍ରାର୍ଥୀମାନଙ୍କୁ କୌଣସି ଚାକିରି ଦିଆଯିବ ନାହିଁ। ପ୍ରଶାସନ ନାଲ୍‌କୋର ହାତବାରିସୀ ହୋଇ କାର୍ଯ୍ୟ କରୁଥିବା ବେଳେ କ୍ଷତିଗ୍ରସ୍ତ ଜନସାଧାରଣଙ୍କ କଥା ଶୁଣୁ ନାହିଁ। ପ୍ରତିଦିନ ପ୍ରଶାସନ ମତ ବଦଳାଇ ଜମିହରାଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ନାଲ୍‌କୋ ସହ ମିଶି ଚକ୍ରାନ୍ତ ଚଳାଇଥିବା ଅଭିଯୋଗକାରଙ୍କ ସମେତ ୩ ମୌଜାର ଲୋକେ ଅଭିଯୋଗ ଆଣିଛନ୍ତି।




# ଶିଶୁବାଟିକା ପିଲାଙ୍କୁ ପୋଷାକ ପାଇଁ ମିଳିବ ଟଙ୍କା

**ଭୁବନେଶ୍ୱର, ୩।୨ (ସୁଚିସ୍ମିତା ସାହୁ)**

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ମାଗଣା ବିଦ୍ୟାଳୟ ପୋଷାକ ଯୋଗାଇ ଦିଆଯିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପୋଷାକ ପାଇଁ ୧,୦୦୦ ଟଙ୍କା ପ୍ରଦାନ କରାଯିବ। ଏନେଇ ବିଭାଗ ପକ୍ଷରୁ ସମସ୍ତ ଜିଲା କାର୍ଯ୍ୟାଳୟକୁ ଅର୍ଥ ଦିଆଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ ଶିଶୁବାଟିକା ପିଲାଙ୍କୁ ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ପ୍ରାଥମିକତା ଦେଇ ସମସ୍ତ ଡିଇଓ-କମ୍-ଡିସିପିଏସ୍‌ମାନେ ନିଜେ ନିରୀକ୍ଷଣ କରିବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ଅତିରିକ୍ତ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ମଙ୍ଗଳବାର ସମସ୍ତ ଡିଇଓ-କମ୍-ଡିସିପିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ, ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯିବାକୁ ଥିବା ୟୁନିଫର୍ମ ‘ମାନଦଣ୍ଡ’ ଶ୍ରେଣୀ-୧ ଛାତ୍ରଙ୍କ ପାଇଁ ପ୍ରଯୁଜ୍ୟ ନିୟମାବଳୀ ସହିତ କଡ଼ାକଡ଼ି ପାଳନ କରାଯିବ। ସେମାନଙ୍କ ପୋଷାକର ରଙ୍ଗ, ଗୁଣମାନ, ଲୋଗୋ ସବୁ ପ୍ରଥମଶ୍ରେଣୀ ପିଲାଙ୍କ ପୋଷାକ ଭଳି ରହିବ। ପ୍ରଥମରୁ ଅଷ୍ଟମଶ୍ରେଣୀ ପିଲାଙ୍କ ପୋଷାକ ବଣ୍ଟନ ବେଳେ ଯେପରି ପ୍ରଯୁଜ୍ୟ ଆର୍ଥିକ, କ୍ରୟ ଭଳି ମାନଦଣ୍ଡକୁ କଡ଼ାକଡ଼ି ପାଳନ କରାଯାଉଥିଲା, ସେହିପରି ଶିଶୁବାଟିକା ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ-କମ୍-ଚେୟାରମ୍ୟାନଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ଏସ୍‌ଏଜି/ଏସ୍‌ଏମ୍‌ସି ମାଧ୍ୟମରେ ପୋଷାକ ବଣ୍ଟନ କରାଯିବ। ଚଳିତ ଶିକ୍ଷାବର୍ଷରେ ଏନେଇ କୌଣସି ନୂତନ ଟେଣ୍ଡରର ଆବଶ୍ୟକତା ନାହିଁ।



ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ।-ଶ୍ରୀମା

-ସବେ-ବରାତ (ପୂର୍ବ ରାତ୍ରି), ମଧୁସୂଦନ ଦାସଙ୍କ ତିରୋଧାନ ଦିବସ



# ତଥ୍ୟ ଅସୁରକ୍ଷିତ

ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ ବାରମ୍ବାର ଅପବ୍ୟବହାର କରାଯାଉଥିବାରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଭିଯୋଗ ହୋଇଆସୁଛି। ବିଶେଷକରି ସାମାଜିକ ଗଣମାଧ୍ୟମର ପ୍ରାବଲ୍ୟତା ବଢ଼ିଥିବାରୁ ତଥ୍ୟକୁ ନେଇ ସର୍ବଦା ଆଲୋଚନା ହେଉଛି। ନାଗରିକର ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟ ଆଦାନପ୍ରଦାନରେ ସୁରକ୍ଷା ରହିବା ଜରୁରୀ। ମେସେଜିଂ ଆପ୍ ହ୍ୱାଟ୍ସଆପ୍ ଓ ତାହାର ମୂଳ କମ୍ପାନୀ ମେଟା, ଯାହା ଅଧୀନରେ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ଅଛି, ତାହା ବ୍ୟବହାରକାରୀଙ୍କ ତଥ୍ୟରୁ ଲାଭ ପାଇଁ ଅନ୍ୟମାନଙ୍କ ସହ ଡାଟା ଶେୟାର କରିଦେଉଥିବାରୁ ସୁପ୍ରିମକୋର୍ଟ ୩ ଫେବୃଆରୀରେ ଏହାକୁ ନେଇ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ସର୍ବୋଚ୍ଚ ଅଦାଲତ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟକୁ ଅପବ୍ୟବହାର କରିବାକୁ ଅନୁମତି ଦେବେ ନାହିଁ ବୋଲି କହିଛନ୍ତି। ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ଙ୍କ ରାୟକୁ ଚ୍ୟାଲେଞ୍ଜ କରି ହ୍ୱାଟ୍ସଆପ୍ ଓ ମେଟା ସର୍ବୋଚ୍ଚ ଅଦାଲତରେ ଦାଏର କରିଥିବା ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସୂଚନାଯୋଗ୍ୟ, ହ୍ୱାଟ୍ସଆପ୍‌ର ୨୦୨୧ ଗୋପନୀୟତା ନୀତିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ହ୍ୱାଟ୍ସଆପ୍ ଉପରେ ୨୧୩.୧୪ କୋଟି ଟଙ୍କାର ଜରିମାନା ଲଗାଇଥିଲା। ପରେ ଏନ୍‌ସିଏଲ୍‌ଏଟି ୪ ନଭେମ୍ବର ୨୦୨୫ରେ ଉକ୍ତ ଆଦେଶକୁ ବଳବତ୍ତର ରଖିଥିଲେ। ଏହା ପରେ ମେଟା ସୁପ୍ରିମକୋର୍ଟ ଯିବା ସହ ଉପରୋକ୍ତ ଅର୍ଥ ମଧ୍ୟ ଦାଖଲ କରିଥିବା କୋର୍ଟରେ ଦର୍ଶାଇଛି। ହେଲେ ସର୍ବୋଚ୍ଚ ଅଦାଲତ କହିଛନ୍ତି, କେବଳ ଅର୍ଥ ପଇଠ କରିଦେଲେ ହେବ ନାହିଁ, ବରଂ ନାଗରିକଙ୍କ ଅଧିକାର ସୁରକ୍ଷିତ ଓ ସୁନିଶ୍ଚିତ ରହିବା ଦରକାର।

ତଥ୍ୟ ସୁରକ୍ଷା ଉପରେ ଶୀର୍ଷ ଅଦାଲତଙ୍କ ଟିପ୍ପଣୀ ନିଶ୍ଚିତ ଭାବେ ଚିନ୍ତା ଉଦ୍ରେକକାରୀ। କାରଣ ଆଜିର ଡିଜିଟାଲ ଯୁଗରେ ତଥ୍ୟ ସବୁଠାରୁ ମୂଲ୍ୟବାନ ପଦାର୍ଥ ହୋଇଗଲାଣି। ଏଭଳି କମ୍ପାନୀଗୁଡ଼ିକ ବିଭିନ୍ନ ସମୟରେ ଲାଭ ପାଇଁ ଲୋକଙ୍କ ତଥ୍ୟ ବିକ୍ରି କରିଦେଉଛନ୍ତି। ତେଣୁ ପ୍ରିଭେସି ସୁରକ୍ଷା ନେଇ ସ୍ୱତନ୍ତ୍ର ନିୟନ୍ତ୍ରଣ ଅଣାଯିବା ଉପରେ ବାରମ୍ବାର ଆଲୋଚନା ହେଉଥିଲେ ମଧ୍ୟ ତାହାର ସୁଫଳ ମିଳିପାରୁ ନାହିଁ। ଅନ୍ୟପଟେ ଭାରତ ସରକାରଙ୍କ ପାଖରେ ମଧ୍ୟ ନାଗରିକଙ୍କ ତଥ୍ୟ ସୁରକ୍ଷିତ ରହିପାରୁନାହିଁ। ଉଦାହରଣ ସ୍ୱରୂପ, ବିଭିନ୍ନ ସମୟରେ ସରକାରୀ ୱେବ୍‌ସାଇଟ୍ ଏବଂ ଡିଜିଟାଲ ପ୍ଲାଟଫର୍ମରୁ ତଥ୍ୟ ଚୋରି କଥା ଶୁଣିବାକୁ ମିଳିଛି। ସରକାର ବାରମ୍ବାର ଜୋର ଦେବା ଯୋଗୁ ପ୍ରାୟ ସବୁ ନାଗରିକ ନିଜ ଆଧାର ସହ ବ୍ୟାଙ୍କ, ପାନ୍‌କାର୍ଡ ଏବଂ ଅନ୍ୟସବୁ ସମ୍ବେଦନଶୀଳ ତଥ୍ୟ ଯୋଡ଼ି ସାରିଲେଣି। ବିଡ଼ମ୍ବନାର ବିଷୟ ହେଲା, ଆଧାର ତଥ୍ୟ ଲିକ୍ ହେବା ଘଟଣା ନୂଆ ନୁହେଁ। ଥରକୁ ଥର ଆଧାର ତଥ୍ୟ ଲିକ୍ ହେଉଛି ଓ ଲୋକଙ୍କ ପ୍ରିଭେସି ଉପରେ ଆଞ୍ଚ୍ ଆସୁଛି। ଏହା ଉପରେ ମଧ୍ୟ ସୁପ୍ରିମକୋର୍ଟ ନିଜଆଡ଼ୁ ଟିପ୍ପଣୀ ଦେବା ଦରକାର। ନିକଟରେ ଭାରତ ସରକାର ପ୍ରତି ମୋବାଇଲରେ 'ସଞ୍ଚାର ସାଥୀ' ନାମକ ଏକ ଆପ୍ ବିକ୍ରି ପୂର୍ବରୁ ଇନ୍‌ଷ୍ଟଲ କରିବାକୁ ମୋବାଇଲ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଆପଲ୍ ସମେତ ଅଧିକାଂଶ କମ୍ପାନୀ ସରକାରଙ୍କ ଏଭଳି ନିର୍ଦ୍ଦେଶ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟକୁ ବିପଦରେ ପକାଇବ ବୋଲି ଦର୍ଶାଇ ବିରୋଧ କରିଥିଲେ। ଏହି ବିରୋଧ ଯୋଗୁ କଥାଟି ଲୋକଲୋଚନକୁ ଆସିଲା ଓ ସାଧାରଣ ନାଗରିକଙ୍କ ଘୋର ସମାଲୋଚନା ଏବଂ ଚାପ ପଡ଼ିବା ପରେ ସରକାର ପଛଘୁଞ୍ଚା ଦେଇଥିଲେ। ଏଭଳି ସ୍ଥଳେ ଅନ୍ତର୍ଜାତୀୟ କମ୍ପାନୀ ଉପରେ କଟକଣା ଲଗାଇବା ସହଜ ହେଉ ନାହିଁ। ଅଷ୍ଟ୍ରେଲିଆ ସମେତ କେତେକ ୟୁରୋପୀୟ ଦେଶରେ ପିଲାମାନଙ୍କୁ ସୋସିଆଲ ମିଡିଆରୁ ବାରଣ କରିବା ଲାଗି ପଦକ୍ଷେପ ନିଆଯାଉଛି। ସେଥିପାଇଁ ଭାରତରେ ଅନୁରୂପ ବ୍ୟବସ୍ଥା କରାଯିବା ଉପରେ ଅନେକେ ଗୁରୁତ୍ୱ ଦେଉଛନ୍ତି। ହେଲେ ସାମାଜିକ ଗଣମାଧ୍ୟମର ପରିସର ଏତେ ବ୍ୟାପକ ହୋଇଛି ଯେ, ତାହାକୁ ଅତି ସହଜରେ ନିୟନ୍ତ୍ରଣ କରାଯାଇପାରୁ ନାହିଁ। ଦିନ ଥିଲା ସୋସିଆଲ ମିଡିଆ ବ୍ୟବହାର କରି ରାଜନୈତିକ ଦଳଗୁଡ଼ିକ ଅନେକ ଫାଇଦା ପାଉଥିଲେ। ଏବେ ଏହାର ପରିସର ବୃଦ୍ଧି ପାଉଥିବାରୁ ପ୍ରଶଂସା ସହ ସମାଲୋଚନା ମଧ୍ୟ ଘୋର ହେଉଛି। ସେଥିପାଇଁ ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇବା ଯେକୌଣସି ସରକାର ପାଇଁ କ୍ରମାଗତ କଷ୍ଟକର ହୋଇପଡ଼ିଲାଣି। ଚାଇନା ଭଳି ଭାରତର ନିଜସ୍ୱ ସୋସିଆଲ ମିଡିଆ ପ୍ଲାଟଫର୍ମ ନ ଥିବାରୁ ଆମେରିକାର ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, 'X' ଏବଂ ରୁଷିଆର ଟେଲିଗ୍ରାମ୍ ଉପରେ ନିର୍ଭର କରିବାକୁ ପଡୁଛି।

ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଯୁଗରେ କେବଳ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନୁହେଁ, କପିରାଇଟ୍ ଓ ପରିଚୟ ଚୋରି କଥା ମଧ୍ୟ ଆଲୋଚନାକୁ ଆସିଲାଣି। କୋର୍ଟ କିମ୍ବା ସରକାରଙ୍କୁ ଆଗକୁ ଏ ସବୁ ଉପରେ ନିୟନ୍ତ୍ରଣ କରିବା ଆହୁରି କଷ୍ଟକର ହୋଇପଡ଼ିବ।

**ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଯୁଗରେ କେବଳ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନୁହେଁ, କପିରାଇଟ୍ ଓ ପରିଚୟ ଚୋରି କଥା ମଧ୍ୟ ଆଲୋଚନାକୁ ଆସିଲାଣି। କୋର୍ଟ କିମ୍ବା ସରକାରଙ୍କୁ ଆଗକୁ ଏ ସବୁ ଉପରେ ନିୟନ୍ତ୍ରଣ କରିବା ଆହୁରି କଷ୍ଟକର ହୋଇପଡ଼ିବ।**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 6 | 1 | | | 5 | | 3 |
| 2 | | | | | 5 | | 7 | |
| 9 | | 3 | | 7 | | | 1 | |
| 5 | | 7 | | | 1 | 3 | | |
| 3 | | | | | 9 | | 6 | 4 |
| | 9 | 2 | | | 8 | 7 | 5 | |
| | | | | | 7 | | 4 | |
| | | 9 | 5 | 8 | | 6 | 3 | 7 |
| | | 5 | 6 | | 3 | 1 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 9 | 2 | 8 | 6 | 5 | 3 |
| 9 | 6 | 8 | 5 | 3 | 1 | 2 | 4 | 7 |
| 3 | 5 | 2 | 6 | 4 | 7 | 8 | 1 | 9 |
| 5 | 1 | 4 | 7 | 8 | 6 | 3 | 9 | 2 |
| 8 | 2 | 9 | 4 | 5 | 3 | 1 | 7 | 6 |
| 7 | 3 | 6 | 1 | 9 | 2 | 4 | 8 | 5 |
| 2 | 8 | 5 | 3 | 7 | 4 | 9 | 6 | 1 |
| 1 | 4 | 7 | 2 | 6 | 9 | 5 | 3 | 8 |
| 6 | 9 | 3 | 8 | 1 | 5 | 7 | 2 | 4 |

ଗତକାଲିର ଉତ୍ତର

# ମଣିଷର ବିସର୍ଜନ



ସହଦେବ ସାହୁ

ତୁମେ ଭାବୁଛ ତୁମେ ଗୋଟିଏ ସ୍ୱଚ୍ଛ ପରିଷ୍କୃତ ବସ୍ତୁ ଉଚ୍ଚ ସ୍ତରର ସୃଷ୍ଟି।ଭୁଲିଯାଅନି ମଣିଷ ଗୋଟିଏ ଛାଞ୍ଚ ଯହିଁରେ ଅନ୍ୟତ୍ର ବର୍ଜ୍ୟ ହୋଇଥିବା ବସ୍ତୁ (ମଇଳା) ବା ପୁନର୍ବାର ବ୍ୟବହାର ହେଉଥିବା (ରିସାଇକ୍ଲଡ୍) ଏଲିମେଣ୍ଟ(ମୌଳିକ ପଦାର୍ଥ) ଭର୍ତ୍ତି ହୋଇଛି। ଦୁନିଆର ସବୁ ଜିନିଷ ଏଇମିତି ହେଲେ ବି ମଣିଷ କଥା ନିଆରା, କାରଣ ମଣିଷ ହିଁ ମଇଳାକୁ କଣ୍ଟ୍ରୋଲ କରିପାରିବ।

ନଖଗୁଡ଼ିକୁ ଚାହିଁ କେଡ଼େ ସୁନ୍ଦର ବୋଲି କହୁଥିଲା ବେଳେ ଭାବିଛ କି ଏହାର ଅଧାଅଧି ଅଙ୍ଗାର, ଯାହା ରୋଷେଇଘର ଧୂଆଁରୁ ବା ଗାଡ଼ିର ଧୂଆଁନଳୀରୁ ବାହାରୁଥିବା ପ୍ରତି ଆଠ ଅଙ୍ଗାର ଅଣୁରୁ ଗୋଟିଏ ଲେଖାଏ ଆସିଛି! ତା' ସାଙ୍ଗରେ ଅଛି ଦୁଇଟି ଲେଖାଏ ଅମ୍ଳଜାନ ଅଣୁ! ଜୀବାଶ୍ମ (ଫସିଲ୍)ରୁ ବାହାରୁଥିବା ଅଙ୍ଗାରକାମ୍ଳ ଅଣୁରୁ ଯାହା କିଛି ସମୁଦ୍ର ବା ବାୟୁମଣ୍ଡଳ ଶୋଷିନେଇନାହିଁ ତାହା ଗଛଲତାମାନେ ଶୋଷିନିଅନ୍ତି, ଶର୍କରା ଓ ମଣ୍ଡ ତିଆରିରେ ଲଗାଇଦିଅନ୍ତି, ଯହିଁରୁ ମଣିଷ ରୁଟି, ପାଉରୁଟି, ମିଠେଇ ଆଦି କରିଥାଏ ବା ପରିବାପତ୍ର ଭାବେ ବ୍ୟଞ୍ଜନ କରିଥାଏ।ବହୁତ ଅଙ୍ଗାର ଅଣୁରୁ କିଛି କିଛି ପ୍ରାଣୀଙ୍କର ତନ୍ତୁ ହୁଏ ତ ଆଉ କିଛି ମାଂସ ଓ ଦୁଧ ଜାତୀୟ ଉପାଦାନ ତିଆରି କରେ।ଆଗ୍ନେୟଗିରି ଉଦ୍‌ଗିରଣ, ବନାଗ୍ନିର ପ୍ରଶସ୍ତି ଓ ପ୍ରାଣୀମାନଙ୍କ ଶ୍ୱାସକ୍ରିୟା ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭର୍ତ୍ତି ହୁଏ।ଆଜିକାଲି ବାୟୁମଣ୍ଡଳରେ ଥିବା ଅଙ୍ଗାରକାମ୍ଳ ପରିମାଣର ଏକ ଚତୁର୍ଥାଂଶ କେବଳ ଖଣିଜ ତୈଳ ଜାଳେଣିରୁ ଆସୁଛି। ସମୁଦ୍ରଗର୍ଭରୁ ଉତ୍ତୋଳନ ବେଳେ ବି ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଆସିଥାଏ।କିଛି କିଛି ସମୁଦ୍ର ଜଳରେ ଦ୍ରବୀଭୂତ ହୋଇଯାଏ ତ ତାହା ପ୍ରାକୃତିକ ଉପାୟରେ ଦ୍ରବୀଭୂତ ହୋଇଥିବା ଅଙ୍ଗାରକାମ୍ଳକୁ ତଡ଼ିଦିଏ।ତୁମ ଦେହର ସବୁ ଅଙ୍ଗାର ଜୈବିକ ଖାଦ୍ୟରୁ ଆସିଥାଏ, ଭୋଜ୍ୟ ପ୍ରାଣୀ ଯେଉଁ ଉଦ୍ଭିଜ ପଦାର୍ଥ ଉପରେ ନିର୍ଭର କରନ୍ତି ସେସବୁ ବାୟୁମଣ୍ଡଳରୁ ଅଙ୍ଗାର ନେଇ ସୂର୍ଯ୍ୟରଶ୍ମିରେ ରାନ୍ଧି ତିଆରି କରିଥାନ୍ତି।ସେଠୁ ଗଛଲତାମାନେ ଅମ୍ଳଜାନକୁ ଛାଡ଼ିଦେଇ କେବଳ ଅଙ୍ଗାରକୁ ଶୋଷିନିଅନ୍ତି, ତହିଁରୁ ଶର୍କରା, ମଣ୍ଡ ଆଦି ତିଆରି କରନ୍ତି, ଯହିଁରୁ ଆମେ ରୁଟି, ବ୍ରେଡ୍, ଭାତ, ତରକାରି ଆଉ ମିଠା ପିଠା ଆଦି ତିଆରି କରୁ।ଆମେ ଆମିଷ ବୋଲି ଖାଉଥିବା ପ୍ରାଣୀମାନଙ୍କ (ଆମର ବି) ମାଂସ ଚମ ଆଦି ଅଙ୍ଗାରରେ ତିଆରି।ନିରାମିଷରେ ଗଣା କ୍ଷୀର ବି।ଏବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ପ୍ରତି ଲକ୍ଷେ ଭାଗରେ ୪୨ରୁ ୪୩ ଭାଗ (ପିପିଏମ୍ ୪୨୦ରୁ ୪୩୦)। ବାୟୁମଣ୍ଡଳର ଅଙ୍ଗାରକାମ୍ଳ ମୁଖ୍ୟତଃ ଆଗ୍ନେୟଗିରି ଉଦ୍‌ଗିରଣରୁ, ବନାଗ୍ନିରୁ ଓ ପ୍ରାଣିଜଗତର ଶ୍ୱାସକ୍ରିୟାରୁ ଆସେ।ଆମେ ଖାଉଥିବା ଜୈବିକ ପଦାର୍ଥରୁ ଆମ ଦେହର ସବୁ ଅଙ୍ଗାର ତିଆରି।ସବୁର ମୂଳ ବାୟୁ ନିର୍ଗମନ ବା ଏମିସନ୍।

ତୁମ ମୁକ୍ତା ଭଳି ଚିକ୍ ଚିକ୍ ମାରୁଥିବା ଦାନ୍ତ ତ ତେଜସ୍କ୍ରିୟ ଫୋପଡ଼ା ଜିନିଷରୁ



ତିଆରି ହୋଇଛି।୧୯୫୦ରୁ ୧୯୭୦ ଭିତରେ ବାୟୁମଣ୍ଡଳରେ ତାପଜ ପରମାଣବିକ ଅସ୍ତ୍ରର ପରୀକ୍ଷା ଏତେ ବେଶି ହେଲା ଯେ ବହୁ ପରିମାଣରେ ଅଙ୍ଗାର-୧୪ ବାୟୁମଣ୍ଡଳରେ ପଶିଲା, ପ୍ରାୟ ସବୁ ପ୍ରକାର ପରିବେଶକୁ ମାଡିଗଲା, ମଣିଷର ପରିବେଶକୁ ବି।ଏ ଗୁଡ଼ିକ ଅସ୍ଥିର ତେଜସ୍କ୍ରିୟ ଅଙ୍ଗାର (ରେଡିଓ କାର୍ବନ) ଅଣୁ: ଆମ କୋଷଗୁଡ଼ିକରେ ପ୍ରତି ସେକେଣ୍ଡରେ ହଜାର ହଜାର ସଂଖ୍ୟାରେ ରେଡିଓ କାର୍ବନ ପରମାଣୁ ପିଟିହେଉଛି।ଉଦ୍ଭିଦ ଓ ଅଣୁଜୀବମାନେ ଯେଉଁ ଆବର୍ଜନା ଛାଡ଼ନ୍ତି, ତାହା ବହୁ ପରିମାଣରେ ପ୍ରତିକ୍ରିୟାଶୀଳ (ରିଆକ୍ଟିଭ୍) ଅମ୍ଳଜାନ।ଗଛଲତା, ଗୁଳ୍ମ, ଶିଉଳି(ଆଲ୍‌ଜି) ଆଉ ନୀଳ-ସବୁଜ ବାକ୍ଟେରିଆ ଭାଷ୍ଲେଷଣ (ଫଟୋସିନ୍ଥେସିସ୍) ପ୍ରକ୍ରିୟାରେ ଜଳକଣିକାରୁ ଅମ୍ଳଜାନ କାଢ଼ିଦିଅନ୍ତି; ରହିଯାଉଥିବା ଗ୍ୟାସ୍‌ରୁ ଅଧିକ ଅଂଶ ସେମାନେ ନିଜ କାମରେ ଲଗାନ୍ତି।ସୁଖର କଥା ଲିକ୍ କରିଥିବା (ଗଳି ପଡ଼ିଥିବା) ଅମ୍ଳଜାନ ମଣିଷକୁ ବଞ୍ଚାଇ ରଖିଛି।ଆମ ଶ୍ୱାସରେ ଯାଉଥିବା ପବନର ମାତ୍ର ୨୦% ଅମ୍ଳଜାନ।ଆମ ଦେହର କୋଷଗୁଡ଼ିକ ଅମ୍ଳଜାନ ବ୍ୟବହାରକରି ଖାଦ୍ୟକଣିକାରେ ଥିବା ରାସାୟନିକ ବନ୍ଧନକୁ ଛିନ୍ନକରି ଅମ୍ଳଜାନ ଇଲେକ୍ଟ୍ରନ୍ ବାହାରକରନ୍ତି ଯାହା ଉଦ୍‌ଜାନ ଆୟନ୍ ସହ ମିଶି ଜଳକଣିକା ତିଆରିକରେ - ଏ ଜଳ ମଣିଷ ଦେହର ବର୍ଜ୍ୟବସ୍ତୁ: ଦେହର ଯେତେ ତରଳ ପଦାର୍ଥ ଅଛି ତାହାର ୧୦%।ସାଧାରଣ ମଣିଷ ଦେହରେ ୩.୬ କିଲୋରୁ ୪ କିଲୋ ଜଳ ଥାଏ।ଶ୍ୱାସକ୍ରିୟା ଓ ପାଚନକ୍ରିୟାରୁ ମେଟାବୋଲିକ୍ ଜଳ ଆସିଥାଏ।ଆଖିଲୁହର ୧୦% ଟୋପା ବି ମେଟାବୋଲିକ୍ ଜଳ।

ଆମ କେଶ କେଡ଼େ କୁଞ୍ଚୁକୁଞ୍ଚିଆ! ତା' ଯବକ୍ଷାରଜାନର କାମ। ବାୟୁରେ ଯବକ୍ଷାରଜାନ ତ ନିଷ୍କ୍ରିୟ, ତେବେ କେଶର କେରାଟିନ୍ କିପରି ତିଆରି କଲା, ତାକୁ ବଢ଼େଇଲା ? ଶିମ୍ବ, ମଟର ତଥା ଡାଲିଜାତୀୟ ଫସଲରେ ବୁଦାମୂଳ ଗଣ୍ଠିରେ ଥିବା ଏକ ପ୍ରକାର ବାକ୍ଟେରିଆ ଯବକ୍ଷାରଜାନକୁ ସକ୍ରିୟକରେ, ସେମାନେ ବାୟୁର ଯବକ୍ଷାରଜାନକୁ ହଜମକରି ମଳ ଭାବେ ଆମୋନିଆ (ଆମ ଖତ) ଛାଡ଼ନ୍ତି।ବିଜୁଳି ମାରିଲେ ବା କାର୍ ଏଗ୍‌ଝଷ୍ଟ ନଳୀରୁ ବାୟୁ ବାହାରିଲେ ତାତିରେ ଯବକ୍ଷାରଜାନ ଅମ୍ଳ (ନାଇଟ୍ରିକ୍ ଅକ୍ସାଇଡ୍) ତିଆରି ହୁଏ, ବୃଷ୍ଟିଜଳରେ ମିଳେଇଯାଇ ଭୂଇଁରେ ସାର ରୂପରେ ପଡ଼େ।ସାର କାରଖାନାରେ ଯବକ୍ଷାରଜାନ ବାଷ୍ପରୁ ୟୁରିଆ, ଆମୋନିଅମ୍ ନାଇଟ୍ରେଟ୍ ଆଦି ତିଆରିକଲା ପରେ ସକ୍ରିୟ ଯବକ୍ଷାରଜାନ ମିଳିଲା।

ଆମ ରକ୍ତରେ ଯେଉଁ ଲୌହ ଅଣୁ ଅଛି ତାହା ଏକ ଧ୍ୱଂସପ୍ରାପ୍ତ ତାରକାରୁ ଆସିଛି।ଭୟଙ୍କର ବିସ୍ଫୋରଣ ସହ ଜଳିଯାଉଥିବା ତାରକା ତା'ପରେ କ୍ଷୁଦ୍ର କ୍ଷୁଦ୍ର ଏଲିମେଣ୍ଟକୁ ମିଶାଇ ବଡ଼ ବଡ଼ ଏଲିମେଣ୍ଟ ତିଆରିକରେ।ତାରକାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ବୃହତ୍ତର ଏଲିମେଣ୍ଟ ତିଆରି ହୁଏ, ଯଥା ସିଲିକନ୍, ସଲ୍‌ଫର ଆଉ କାଲ୍‌ସିଅମ୍।ଶେଷରେ ଲୌହ।ଲୁହା ଅଣୁ ତିଆରିର ମିଶ୍ରଣ-ପ୍ରକ୍ରିୟାରେ ଯେତିକି ଶକ୍ତି ବ୍ୟୟ ହୁଏ ଲୌହ ଅଣୁ ସେତିକି ଶକ୍ତି ହିଁ ତିଆରି କରେ - ଅର୍ଥାତ୍ ତାରକାଟି ଦୁର୍ବଳ ହୋଇଯାଏ।ତାରକାଟି ବହୁ ବଡ଼ ହୋଇଥିଲେ ନିଜ କେନ୍ଦ୍ର ଉପରେ ଲଦିହୋଇଯାଏ, ଭୁଶୁଡ଼ି ପଡ଼େ - ଏକ ସୁପରନୋଭା ବିସ୍ଫୋରଣ ହୁଏ, ସୁପରସୋନିକ୍ ଗତିରେ ଲୌହ ଅଣୁଗୁଡିକ ବିଛୁଡ଼ିହୋଇଯାଏ, ଯାହା ନୂଆ ସୌରମଣ୍ଡଳ (ସୋଲାର ସିଷ୍ଟମ) ତିଆରିକରେ।ତୁମ କଡ଼େଇରେ, ତୁମ ତାଉଆରେ, ତୁମ ଚାବିକାଠିରେ ଆଉ ତୁମ ରକ୍ତରେ ଯେଉଁ ଲୁହା ଅଛି ସେସବୁ ଏହି ମହାକାଶୀୟ ସ୍ଫୋଟକର ଟିକି ଟିକି ଟୁକୁରା।ସେହି ସ୍ଫୋଟକ ବି ଅଙ୍ଗାର, ଯବକ୍ଷାରଜାନ, ଅମ୍ଳଜାନ ଆଦି ଜୀବନର ବିଭିନ୍ନ ଉପାଦାନ ତିଆରିକରେ, ଯାହା ସୂର୍ଯ୍ୟ, ପୃଥିବୀ ଓ ପରିଶେଷରେ ତୁମକୁ ତିଆରିକରେ।

ଏବେ ତୁମର ସୌଖୀନ ଜୀବନ ତୁମକୁ ଧ୍ୱଂସକରିପାରେ।କାମ ଗୋଟିଏ ଦିଗରେ ଭଲ ଫଳ ଦେଖାଉଥିଲେ ବି ଅନ୍ୟ କୌଣସି ଅଜଣା ଦିଗରେ ଖରାପ ହୋଇପାରେ- ଏହାକୁ ଅନିଚ୍ଛାକୃତ ପରିଣାମ କୁହାଯାଏ।ରଙ୍ଗ, ନମନୀୟତା, ଟାଣପଣିଆ ଆଉ ସୂର୍ଯ୍ୟାଲୋକରେ ନଷ୍ଟ ନ ହେବାର ଗୁଣ ମଣିଷକୁ ପ୍ଲାଷ୍ଟିକ୍‌ପ୍ରିୟ କରିଦେଇଛି।ପ୍ଲାଷ୍ଟିକ୍ ପ୍ରାୟ ୧୬୦୦୦ କେମିକାଲରେ ତିଆରି - ତହିଁରୁ ୪୨୦୦ କେମିକାଲ କର୍କଟ, ହୃଦ୍‌ରୋଗ, ହର୍‌ମୋନ୍ କ୍ଷରଣରେ ବ୍ୟତିକ୍ରମ ଆଣେ।କାଚ ଆଉ ଆଲୁମିନିୟମ ଯେପରି ନୂଆ ନୂଆ ରୂପରେ ବ୍ୟବହାର ହୋଇପାରେ, ପ୍ଲାଷ୍ଟିକ୍ ସେପରି ହୋଇପାରେନାହିଁ, ପ୍ଲାଷ୍ଟିକ୍ ହୋଇରହେ।ପ୍ଲାଷ୍ଟିକ୍‌ର ପରିମାଣ ବଢ଼ିଚାଲେ - ଦୁଇ ତିନି ଥର ବ୍ୟବହାର ପରେ କନା ପରି ହୋଇଯାଏ, ଶେଷରେ ପୋଡ଼ାଯାଏ ବା ଖାଲରେ ପୋତାଯାଏ, ହେଲେ ବି ପ୍ଲାଷ୍ଟିକ୍ ନଷ୍ଟ ହୁଏ ନାହିଁ, ବରଂ ପରିବେଶରେ ମିଶେ।ପ୍ଲାଷ୍ଟିକ୍ ଜିନିଷରୁ ଟିକି ଟିକି ଝଡୁଥିବା ପ୍ଲାଷ୍ଟିକ୍, ମାଇକ୍ରୋପ୍ଲାଷ୍ଟିକ୍ ଅଦୃଶ୍ୟ କଣିକା ରୂପେ ମଣିଷର ସବୁ ଅଙ୍ଗରେ ପଶିଲାଣି, କେବଳ ଫୁସ୍‌ଫୁସ୍, ରକ୍ତ, ମସ୍ତିଷ୍କ ନୁହେଁ, ପୁରୁଷର ଶୁକ୍ର ଓ ନାରୀର ଅଣ୍ଡକୋଷରେ ପଶିଲାଣି, ମାଆର ସ୍ତନ-କ୍ଷୀରରେ ବି।ଦ୍ୱାରକାରେ ଯଦୁବଂଶକୁ ଧ୍ୱଂସ କରିଥିବା ମୂଷଳ ଭଳି ଏ ପ୍ଲାଷ୍ଟିକ୍ ନୁହେଁ ତ! ଆମେ ଯେଉଁ ଲୋକଙ୍କୁ ନିର୍ବାଚିତ କରିଛୁ ସେହିମାନଙ୍କ ହାତରେ ଅଛି ଏ ମୂଷଳକୁ ନଷ୍ଟ କରିବାର କ୍ଷମତା, ସେମାନେ ହିଁ ଆଇନ ପ୍ରଣୟନକରି ପ୍ଲାଷ୍ଟିକ୍ ତିଆରି ବନ୍ଦ କରିପାରିବେ, ମହଜୁଦ ଥିବା ପ୍ଲାଷ୍ଟିକ୍‌କୁ ଗଭୀର ଗର୍ତ୍ତରେ ପୋତିଦେବାର ବନ୍ଦୋବସ୍ତ କରିପାରିବେ।ନ ହେଲେ ମଣିଷ ବଂଶ ବିକଳାଙ୍ଗ ହୋଇ ଏକ ନୂତନ ପ୍ରଜାତି ହୋଇଯିବନି ତ!

sahadevas@yahoo.com

# ଚାଷଜମିରେ ନଡ଼ାପୋଡ଼ି



ଡି. ଶୁଭମ୍

ସମୟ ଥିଲା ନଡ଼ା ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହେଉଥିଲା। ସମୟକ୍ରମେ ଏହା ଅଦରକାରୀ ହୋଇଗଲା ଏବଂ ଲୋକେ ନଡ଼ାପୋଡ଼ିବା ଆରମ୍ଭକଲେ। ପ୍ରଦୂଷଣର ମାୟାଜାଲରେ ନଡ଼ାପୋଡ଼ି ଏକ ପ୍ରମୁଖ ଅଙ୍ଗ। ଖାଦ୍ୟ ଓ କୃଷିସଂସ୍ଥାର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ବାର୍ଷିକ ୪୫୦ ମିଲିୟନ ଟନ୍‌ର ଫସଲ ଅବଶେଷ ପୋଡ଼ାଯାଉଛି, ଯାହାର ୪୦-୫୦ ପ୍ରତିଶତ କେବଳ ଧାନ ଫସଲ; ଯାହାକି ୧.୨ ମିଲିୟନ ଟନ ମିଥେନ ଗ୍ୟାସ ନିର୍ଗତକରି ବାୟୁମଣ୍ଡଳରେ ମିଶାଉଛି।

ସବୁଜ ବିପ୍ଳବର ପରେ ପରେ ଯେବେ ଯନ୍ତ୍ର ସଭ୍ୟତା ଆମ ଅର୍ଥନୀତିରେ ମୁଣ୍ଡଟେକିଲା ସେବେ ଖାଦ୍ୟ ଖାଇବାର ଆବଶ୍ୟକତା ସେତିକି ବଢ଼ିଚାଲିଲା। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ୯ ବିଲିୟନ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପାଖପାଖି ୭୦ ପ୍ରତିଶତରୁ ଅଧିକ ଉତ୍ପାଦନ କରିବାର ଆବଶ୍ୟକତା ରହିଛି। ଓଡ଼ିଶାରେ ଧାନଚାଷ ମୋଟ ଖରିଫ କ୍ଷେତ୍ରର ପ୍ରାୟ ୬୦ ପ୍ରତିଶତ । ୨୦୧୯ -୨୦ ରେ ଧାନର ମୋଟ କ୍ଷେତ୍ର ୩୯.୪ ଲକ୍ଷ ହେକ୍ଟର ଥିବାବେଳେ ୨୦୨୩-୨୪ରେ ଏହା ୪୦.୯ ଲକ୍ଷ ହେକ୍ଟରରେ ପହଞ୍ଚିଛି। ଆମ ରାଜ୍ୟର ପ୍ରମୁଖ ଫସଲ ଭାବରେ ଧାନ ଯେତିକି ଆଦୃତ ହୋଇଛି , ଧାନ ଅମଳ ପରେ ନଡ଼ା ସେତିକି ପରିମାଣରେ ଆଦୃତି ଲାଭ କରିପାରୁନାହିଁ। ଭାରତରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ଓଡ଼ିଶା ତଥା ପୂର୍ବଭାରତର ଅନେକ ରାଜ୍ୟରେ ଏମିତି ନଡ଼ାପୋଡ଼ି ଅଧିକ ଦେଖାଯାଏ। ବର୍ତ୍ତମାନ ସମୟରେ ଚାଷକରିବା ଯେତିକି କଷ୍ଟ ଚାଷ ପରେ ବିକିଲାବେଳକୁ ଦି ଗୁଣା କଷ୍ଟ। ବୋଝ ଉପରେ ନଳିତାବିଡ଼ା। ଚାଷ ବେଳେ ସାର, କୀଟନାଶକ ଆଉ ଫସଲ ଅମଳ ପରେ ଅଧିକ ମଜୁରି, ପରବର୍ତ୍ତୀ ଫସଲ ପାଇଁ ସମୟ କମ୍ ତଥା ସଚେତନତା ଅଭାବରୁ ଚାଷୀମାନେ ବିକଳ୍ପ ସ୍ୱରୂପ ନଡ଼ାପୋଡ଼ିକୁ ଗ୍ରହଣ କରିଥାନ୍ତି । କିନ୍ତୁ ଏହା ପ୍ରଭାବରେ ଭାରତର ବାର୍ଷିକ ବାୟୁ ପ୍ରଦୂଷଣର ମାତ୍ରା ୧୫-୨୦ ପ୍ରତିଶତ ବଢ଼ିଥାଏ। ମାଟିର ଉପରଭାଗରେ ଉପକାରୀ ଅଣୁଜୀବମାନେ ରହି ମାଟିକୁ ହାଲୁକା କରନ୍ତି , ମାନ ବଢ଼ାନ୍ତି । କିନ୍ତୁ ନଡ଼ାପୋଡ଼ି ପ୍ରଭାବରେ ଯେଉଁ ଉତ୍ତପ୍ତ ତାପମାତ୍ରା ସୃଷ୍ଟିହୁଏ, ତାହା ଏହି ଅଣୁଜୀବଙ୍କ ବିନାଶର କାରଣ ସାଜେ। ଏହାର ପ୍ରଭାବରେ ଅଙ୍ଗାରକାମ୍ଳ ,ମିଥେନ୍, ନାଇଟ୍ରସ୍ ଅକ୍ସାଇଡ୍ ପ୍ରଭୃତି ଗ୍ୟାସ ନିର୍ଗତହୁଏ ଯାହାକି ସବୁଜଗୃହ ଗ୍ୟାସ ଭାବେ ପରିଚିତ। ଏହା ପୃଥିବୀ ପୃଷ୍ଠର ତାପମାତ୍ରା ବୃଦ୍ଧିକରେ। ଏବେ ଋତୁଚକ୍ରରେ ଜଳବାୟୁ ପରିବର୍ତ୍ତନର ସଙ୍କଟ ଅନୁଭବ କରୁଛେ। ଜୈବ ବିବିଧତା ଆଜି ବିପର୍ଯ୍ୟସ୍ତ। ଏହି ନଡ଼ାପୋଡ଼ି ମାଟିର ପୋଷକତତ୍ତ୍ୱ ସନ୍ତୁଳନକୁ ବିଗାଡ଼ିଦିଏ। ଫଳସ୍ୱରୂପ ନାଇଟ୍ରୋଜେନ୍ ୮୦-୮୫ ପ୍ରତିଶତ ,ଫସ୍‌ଫରସ୍ ୨୫-୩୦ ପ୍ରତିଶତ, ପୋଟାସିୟମ ୨୦-୨୫ ପ୍ରତିଶତ ତଥା ସଲ୍‌ଫର ୫୦ ପ୍ରତିଶତ ପାଖାପାଖି ନଷ୍ଟହୁଏ। ମାଟିର ଜୈବିକ ଅଙ୍ଗାରକର ମାତ୍ରା ମଧ୍ୟ ହ୍ରାସହୁଏ। ଏହା ପ୍ରଭାବରେ ନିର୍ଗତ ହେଉଥିବା ମିଥେନ ଓ ନାଇଟ୍ରସ୍ ଅକ୍ସାଇଡ୍ ଅଙ୍ଗାରକାମ୍ଳଠାରୁ ୨୫-୨୫୦ ଗୁଣ ଅଧିକ କ୍ଷତିକାରକ । ଜୈବିକଚାଷ



ଓ ଜୈବିକ ପ୍ରମାଣନ ଦିଗରେ ଏ ନଡ଼ା ପୋଡ଼ିକୁ କୌଣସି ପ୍ରକାରରେ ଅନୁମତି ଦିଆଯାଏ ନାହିଁ।

ମାଟିର ସ୍ୱାସ୍ଥ୍ୟର ଅବନତିଠାରୁ ଆରମ୍ଭକରି ମଣିଷର ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ମଧ୍ୟ ପଡ଼ିଥାଏ। ସମ୍ପ୍ରତି ଆପଣମାନେ ଦେଖୁଥିବେ ଗଣମାଧ୍ୟମରେ ପ୍ରତିଦିନ ବାୟୁ ଗୁଣବତ୍ତାର ମାତ୍ରା ଉପରେ ଅନେକ ଖବର ପରିବେଷଣ ହେଉଛି। କେବଳ ଦିଲ୍ଲୀ ନୁହେଁ, ଆମ ରାଜ୍ୟର ଭୁବନେଶ୍ୱର, ତାଳଚେର,ଅନୁଗୋଳ ପରି ଅଞ୍ଚଳରେ ମଧ୍ୟ ବାୟୁର ଗୁଣବତ୍ତା ଖରାପ ହେବାରେ ଲାଗିଲାଣି। ଏହି ପ୍ରଦୂଷଣର ପ୍ରଭାବରେ ସହରାଞ୍ଚଳରେ ଘନ କୁହୁଡ଼ି ଅନୁଭୂତ ହେଉଛି ଯାହା ମଧ୍ୟରେ କ୍ଷତିକାରକ ଗ୍ୟାସ୍ ମଧ୍ୟ ରହିଥାଏ। ଯେହେତୁ ଅଧିକ ମାତ୍ରାରେ ନଡ଼ାପୋଡ଼ି ହେଉଛି , ମାଟିର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି , ମାଟି ଅଧିକ ଖାଦ୍ୟ ଆବଶ୍ୟକ କରୁଛି। ଏଥିପାଇଁ ଫସଲ ଉତ୍ପାଦନ ସମୟରେ ଅଧିକ ସାରର ପ୍ରୟୋଗ ହେଉଛି। ଚାଷୀମାନେ ଏବେ ଧାନକଟା ମେଶିନ ପାଇଁ ଘଣ୍ଟାକୁ ୨୫୦୦ ରୁ ୨୬୦୦ ଟଙ୍କା ଦେଉଛନ୍ତି। ମେଶିନରେ ଧାନ କଟା କମ୍ ସମୟ ଲାଗୁଛି , କିନ୍ତୁ ନଡ଼ା ଅଧିକ ରହୁଛି। ସମୟ କମ୍ ଲାଗିବା ପାଇଁ ଏହାକୁ ଅନେକ ଚାଷୀ ଆପଣାଉଛନ୍ତି । ଫଳସ୍ୱରୂପ ନଡ଼ା ଅବ୍ୟବହୃତ ହୋଇ ପଡ଼ିରହୁଛି। ଆଉ ଏହି ମେଶିନ ପ୍ରଭାବରେ ସେହି ନଡ଼ାଗୁଡ଼ିକରୁ ଆସୁଥିବା ଡିଜେଲ ବାସ୍ନା ପାଇଁ ଗୋରୁ ମଧ୍ୟ ଖାଇବାକୁ ପସନ୍ଦ କରୁନାହାନ୍ତି ।

ଏହାର ବିକଳ୍ପ ସ୍ୱରୂପ ପ୍ରଥମରେ ଚାଷୀମାନେ ଏ ଦିଗରେ ସଚେତନ ହେବା ଆବଶ୍ୟକ। ଜମିରେ ରହୁଥିବା ନଡ଼ାକୁ ଆଚ୍ଛାଦନ ଭାବରେ ବ୍ୟବହାର କରିବା ଓ ରୋଟାଭୋଟର ମାଧ୍ୟମରେ ତାହାକୁ ମାଟିରେ ମିଶାଇ ଦେଇପାରିବେ। ଯାହା ମାଟିର ଜଳୀୟ ଅଂଶ ବଢ଼ାଇବା ସହ ଜୈବିକ ଅଙ୍ଗାରକ ନିୟନ୍ତ୍ରଣରେ ସାହାଯ୍ୟ କରିବ। ଦ୍ୱିତୀୟରେ ହାପିସିଡର ବ୍ୟବହାର ଦିଗରେ ଯତ୍ନବାନ୍ ହେବା ସହ ଶୂନ୍ୟକର୍ଷଣ ବା ଜିରୋଟିଲେଜ ଉପରେ ଚାଷୀମାନେ ଗୁରୁତ୍ୱ ଦେଇପାରିବେ। ଏକକ ଫସଲ ଉପରେ ଗୁରୁତ୍ୱ ନ ଦେଇ ଆମେ ଫସଲ ବିବିଧିକରଣକୁ ପ୍ରାଧାନ୍ୟ ଦେବା। ଅତ୍ୟଧିକ ଧାନ ପଛରେ ପାଗଳ ନ ହେଇ ଅନ୍ୟ ତୈଳବୀଜ ଓ ଡାଲିଜାତୀୟ ଫସଲ ଉପରେ ମଧ୍ୟ ଧ୍ୟାନ ଦେଇପାରିବା। ତୃତୀୟରେ ନଡ଼ାକୁ ଛତୁଭିତ୍ତିକ ଉଦ୍ୟୋଗରେ ବ୍ୟବହାର କରିପାରିବେ। ଚତୁର୍ଥରେ ଏ ନଡ଼ାଗୁଡ଼ିକୁ କମ୍ପୋଷ୍ଟ ତଥା ଅନ୍ୟ ଜୈବିକ ଖତ ତିଆରିରେ ବ୍ୟବହାର କରାଯାଇପାରିବ। ଚାଷୀମାନେ ନିଜେ ପ୍ୟାକେଜିଂକରି ଏହାକୁ ବିପଣନ କରିପାରିବେ। ପଞ୍ଚମରେ ଗୋରୁଙ୍କ ଖାଦ୍ୟ ଭାବରେ ଏହାକୁ ଆମେ ବ୍ୟବହାର କରିପାରିବା ସହ ବାୟୋଗ୍ୟାସ୍‌ରେ ମଧ୍ୟ ଏହାକୁ ଭାଗୀଦାରି କରିପାରିବା। ଷଷ୍ଠରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଏ ଦିଗରେ କର୍ମଶାଳା ଆୟୋଜନକରି ନଡ଼ାପୋଡ଼ିର କୁପ୍ରଭାବ ଉପରେ ଚାଷୀମାନଙ୍କୁ ଭିଡିଓଭିତ୍ତିକ ତଥ୍ୟ ଉପସ୍ଥାପନ କରିପାରିବେ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ: ୯୪୩୮୪୬୭୦୭୯**

## ଏଇ ଭାରତରେ

ଅରୁଣାଚଳ ପ୍ରଦେଶ ପାକ୍କେ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲରେ ରହୁଥିବା ବିଭିନ୍ନ ରଙ୍ଗ ତଥା ପ୍ରଜାତିର ହର୍ନବିଲ ପକ୍ଷୀର ବ୍ୟାପକ ଶିକାର ହେତୁ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲା। ବିଶେଷକରି ମାଂସ ଓ ଅଣ୍ଡା ପାଇଁ ସ୍ଥାନୀୟ ଅଞ୍ଚଳର ନାଇଶି ସମ୍ପ୍ରଦାୟର ଆଦିବାସୀ ଏହି ଜାତୀୟ ପକ୍ଷୀଙ୍କୁ ଶିକାର କରିଥାନ୍ତି। ତେବେ ଏହି ପକ୍ଷୀଙ୍କ ଜୀବନ ରକ୍ଷା ଲାଗି ଘୋରା ଆଭେ ସୋସାଇଟି ଏନ୍‌ଜିଓ, ନେଚର କଞ୍ଜରଭେଶନ ଫାଉଣ୍ଡେଶନ ତଥା ଅରୁଣାଚଳପ୍ରଦେଶ ଜଙ୍ଗଲ ବିଭାଗ ପ୍ରଥମେ ହର୍ନବିଲଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେଇଥିଲେ। ପରେ ଏମାନଙ୍କ ସହ ପାକ୍କେ ପଗା ହର୍ନବିଲ ଫେଷ୍ଟିଭାଲ କମିଟି ସାମିଲ ହୋଇଛନ୍ତି। ଏହା ସହ ସ୍ଥାନୀୟ ଆଦିବାସୀମାନେ ପକ୍ଷୀ ବାସସ୍ଥଳୀ ସଂରକ୍ଷକ ଭାବେ କାମ କରୁଛନ୍ତି। ଏମାନେ ହର୍ନବିଲ ଶିକାର ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସେମାନଙ୍କ ଛୁଆଙ୍କୁ ବସାରୁ ଉଦ୍ଧାର କରି ଯତ୍ନ ନେଉଛନ୍ତି। ଏବେ ସୁଦ୍ଧା ୨୩୮ଟି ହର୍ନବିଲ ଛୁଆଙ୍କୁ ବଡ଼ କରି ଜଙ୍ଗଲରେ ଛାଡ଼ି ସାରିଲେଣି। କେବଳ ଏତିକି ନୁହେଁ ଏହି ପକ୍ଷୀଙ୍କ ସୁରକ୍ଷିତ ବାସସ୍ଥଳୀ ସକାଶେ ବନ ବିଭାଗ ଓ ଆଦିବାସୀମାନେ ଗଛ ଲଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୪ ଫେବୃଆରୀ ୧୯୭୭

- ଭାରତ ସରକାର ୯୧ କୋଟି ଟଙ୍କା ଖର୍ଚ୍ଚରେ ସ୍ଥାପନ ହେବାକୁ ଯାଉଥିବା ମାଲାଞ୍ଜଖଣ୍ଡ ତମ୍ବା ପରିକଳ୍ପନାକୁ ମଞ୍ଜୁରୀ ଦେଇଛନ୍ତି।
- ଦୁର୍ନୀତି ଅଭିଯୋଗରେ ଦଣ୍ଡିତ ବ୍ୟକ୍ତିମାନେ ୬ ବର୍ଷ ପାଇଁ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ରାଷ୍ଟ୍ରପତି ଏକ ଅର୍ଡିନାନ୍ସ ଜାରି କରିଛନ୍ତି।

## ଚିରନ୍ତନୀ

ଚିରନ୍ତନ କୁହୁ ଆଜି
ଜାଗେ ମମ ପ୍ରାଣେ
ମୂକର ଫିଟାଇ ମୁଖ
ନବ ନବ ଗାନେ ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବୁଲା କୁକୁରଙ୍କୁ ପୋଷ୍ୟ ଗ୍ରହଣ

ମହାଶୟ,

ଏବେ ଲୋକମାନେ ରାସ୍ତାଘାଟରେ ବୁଲା କୁକୁରଙ୍କୁ ଖାଦ୍ୟ ଦେଉଛନ୍ତି । ସେମାନେ ଏବଂ ଅନ୍ୟମାନେ ସ୍ୱେଚ୍ଛାକୃତ ଭାବେ ବୁଲା କୁକୁରମାନଙ୍କୁ ପୋଷ୍ୟ ଗ୍ରହଣ କରିବାକୁ ଅଦାଲତଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏଥିରେ ଦାୟିତ୍ୱ ରହିଛି। ଦ୍ୱିତୀୟତଃ ବୁଲା କୁକୁରଙ୍କୁ ଯେଉଁମାନେ ପୋଷ୍ୟ କରନ୍ତି ସେମାନେ ଛୁଆ କୁକୁର ପ୍ରତି ଆଗ୍ରହ ରଖି ତାକୁ ପୋଷନ୍ତି । ତେବେ ବନ୍ଧ୍ୟାକରଣ ବ୍ୟବସ୍ଥା ହେଲେ ଆଉ କୁକୁର ବଂଶ ରହିବ ତ ? ଗୋଶାଳା ଭଳି ପଞ୍ଜୀକୃତ ବୁଲା କୁକୁର ଆଶ୍ରୟସ୍ଥଳ ପାଇଁ ଆର୍ଥିକ ପ୍ରୋତ୍ସାହନ ଅଛି ବୋଲି କୁହାଗଲା ବେଳେ ଗୋଟିକିଆ ବୁଲାକୁକୁର ରଖିବା ଲୋକଙ୍କୁ ଅର୍ଥ ମିଳିବ କି ? ତୃତୀୟତଃ ରୋବୋଟିକ୍ କୁକୁର ଆଧୁନିକ ଜ୍ଞାନକୌଶଳ ଉପଯୋଗୀ ହେବା ବେଳେ ବୁଲା କୁକୁର ପାଳି ତା'ର ମଳମୂତ୍ରରେ ଘାଣ୍ଟିହେବାକୁ କେତେ ଜଣ ବା ପସନ୍ଦ କରିବେ । ଉପଦେଶ ଓ ପ୍ରସ୍ତାବ ଉପସ୍ଥାପନ ସହଜ, କିନ୍ତୁ ତା'ର ପରିପାଳନ ଭାରି କଷ୍ଟ।

**-ଡି. ପି. ତ୍ରିପାଠୀ, ଶ୍ରୀନିବାସ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନଦୀରୁ ମିଳିଲା ଯୁବକଙ୍କ ମୃତଦେହ

## ସନ୍ଦେହଘେରରେ ମୃତ୍ୟୁ

ବରୀ,୩।୨(ମହେନ୍ଦ୍ର ସ୍ୱାଇଁ):



ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ଦୁଧେଇ ନଦୀରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହଲେ ଅଙ୍ଗାଲୋ ପଞ୍ଚାୟତ ଝିଅବାରିଙ୍ଗି ଗ୍ରାମର ସତ୍ୟଜିତ ରାଉତ(୨୪। ସେ ସକାଳେ ବରୀ ବଜାରକୁ ଆସିଥିଲେ। ମାତ୍ର ବରୀ ମାଉଣ୍ଡଠାରୁ ୩କି.ମି. ଦୂର ଚତରଠାରେ ଦୁଧେଇ ନଦୀରେ ବୁଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ଯୁବକଙ୍କ ମୃତଦେହ ଠାବ କରିଥିଲେ। ମୃତ ଯୁବକ ଏକ ଜିନ୍ସପ୍ୟାଣ୍ଟ ଓ ବ୍ଲୁ ସାର୍ଟ ପିନ୍ଧିଥିଲେ। ତାଙ୍କ ପକେଟରେ ମୋବାଇଲ ଫୋନ ରହିଥିଲା। ତେବେ କେଉଁ ପରିସ୍ଥିତିରେ ଯୁବକ ଜଣଙ୍କ ନଦୀରେ ବୁଡ଼ିଗଲେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ପୋଲିସ ମୃତଦେହ ଜବତ କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖି ଘଟଣାର ତଦନ୍ତ ଜାରି ରଖିଛି। ମୃତ ଯୁବକଙ୍କ ପରିବାର ଏ ସମ୍ପର୍କରେ କିଛି କହି ପାରୁନାହାନ୍ତି। ବରୀଅଗ୍ନିଶମ କେନ୍ଦ୍ରର ସୁଧାଂଶୁ ଶେଖରଙ୍କ ନେତୃତ୍ୱରେ ହିମାଂଶୁ ଭୁଷଣ ସାମଲ, ରଶ୍ମିରଞ୍ଜନ ଲେଙ୍କା, ଚନ୍ଦନ କୁମାର ଦଳେଇ ଓ ସେବକ ପ୍ରସାଦ ସାହୁ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ।

# ମା' ହେଲେ ୭ମ ଶ୍ରେଣୀ ଛାତ୍ରୀ

## ଘଟଣା ଚପାଇଦେବାକୁ ଉଦ୍ୟମ

ରସୁଲପୁର,୩।୨(ରଞ୍ଜିତ ରାଉତ):

କୁଆଖିଆ ଥାନା ଅଞ୍ଚଳରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ମାତୃତ୍ୱଲାଭ କରିଛନ୍ତି। ଏହିଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାକୁ ନେଇ ଛକବଜାରରେ ଲୋକେ ଚୁପୁରୁଚାପର ହେଉଛନ୍ତି। ଘଟଣାକୁ ଦୁଇଦିନ ବିତିବାକୁ ବସିଲାଣି, ହେଲେ ଏଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାଯାଇଛି। ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଆଲୋଚନା ହେଉଛି। ଛାତ୍ରୀଙ୍କ ପରିବାର ଲୋକ ଲଜ୍ଜା ଯୋଗୁ ଘଟଣା ପ୍ରଘଟ କରିବାକୁ ଚାହୁଁନାହାନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଏହାକୁ ଚାପାଇ ଦେବାକୁ ଉଦ୍ୟମ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଦୁଇଦିନ ତଳେ ଛାତ୍ରୀ ପେଟ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଅଞ୍ଚଳର ଏକ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିବାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ଜନ୍ମ କରାଇବା ସୁବିଧା ନ ଥିବା, ଗର୍ଭବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଯାଜପୁର ଜିଲାର ଏକ ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ସେଠାରେ ଛାତ୍ରୀ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଛାତ୍ରୀ ଜଣକ ଡାକ୍ତରଖାନା ଚିକିତ୍ସିତ ହେଉଥିବା ସମୟରେ ଅନ୍ୟ ରୋଗୀ ଏ ସଂପର୍କରେ ଅବଗତ ହୋଇଯିବାରୁ ଘଟଣାଟି ପ୍ରଘଟ ହୋଇଯାଇଥିଲା। ଘଟଣାକୁ ନେଇ ପ୍ରଶାସନ ଅଡୁଆରେ ପଡି ଯାଇଥିବାବେଳେ ପୋଲିସ ପ୍ରଶାସନ ପକ୍ଷରୁ ନୀରବତା ଅବଲମ୍ବନ କରାଯାଇଛି। ଘଟଣା ସମ୍ପର୍କରେ କୁଆଖିଆ ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କୁ ପଚାରିବାରୁ ସେ ଉକ୍ତ ଘଟଣା ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇ ପାରିବେ ନାହିଁ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ୨୦୨୫ରେ ଏହି ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକା ମାତୃତ୍ୱ ଲାଭ କରିଥିଲେ। ସେ ଘଟଣାକୁ ମାସ କେଇଟା ପରେ ଅନୁରୂପ ଘଟଣା ଘଟିବା ପ୍ରଶାସନ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ସରକାରଙ୍କ ପକ୍ଷରୁ ସମାଜରେ ନାବାଳିକା ବିବାହ ବନ୍ଦ କରିବା, କୁମାରୀ ମାତୃତ୍ୱ ରୋକିବା, କିଶୋରୀ ବାଳିକା/ବାଳକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଭଳି ବହୁ ସ୍ୱାସ୍ଥ୍ୟ ସଚେତନତା ପଦକ୍ଷେପ ନିଆଯାଉଛି। ମାତ୍ର ଏସବୁ କାର୍ଯ୍ୟକ୍ରମ କୁଆଖିଆ ଥାନା ଅଞ୍ଚଳରେ ଫେଲ ମାରିଛି ବୋଲି କୁହାଯାଉଛି।

## ସମିଆଁ ସେବା ସମବାୟ ସମିତି

# ୮୪ ଚାଷୀଙ୍କୁ ମିଳିନି ଧାନବିକ୍ରି ଟୋକନ

ବଡ଼ଚଣା,୩।୨(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ୍ ଅଧୀନ ସମିଆଁ ସେବା ସମବାୟ ସମିତିରେ ଚାଷୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ଏହି ସମିତିରେ ମୋଟ ୨୮୫୦୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଅନୁମତି ଥିବା ସମ୍ପାଦକ କହିଛନ୍ତି। ସମିତିରେ ସରକାରୀ ଭାବେ ମୋଟ ୯୪୬ ଚାଷୀଙ୍କ ରେଜିଷ୍ଟ୍ରେଶନ କରାଯାଇଛି। ୮୫୪ ଚାଷୀ ଧାନବିକ୍ରି ପାଇଁ ଟୋକନ ପାଇଛନ୍ତି। ମାତ୍ର ୮୪ ଚାଷୀଙ୍କୁ ଏ ପର୍ଯ୍ୟନ୍ତ ଟୋକନ ମିଳିପାରିନାହିଁ। ତେବେ ଯେଉଁ ଚାଷୀଙ୍କ ଟୋକ ଆସିନାହିଁ ସେ ବିଷୟରେ ସମ୍ପାଦକଙ୍କୁ ପଚାରିବାରୁ ସେ ନିଜ ଆଡୁ ଦୋଷ ଖସାଇ ଦେଇଛନ୍ତି। ସେ କହିଛନ୍ତି, ଏଥିରେ ତାଙ୍କର କିଛି ଭୁଲନାହିଁ। ରାଜ୍ୟସ୍ତରରୁ କ'ଣ ଭୁଲ ହୋଇଥିବ। ଅନ୍ୟପକ୍ଷରେ ତୁରନ୍ତ ଟୋକନ ପ୍ରଦାନ କରିବାକୁ ଚାଷୀ ଜିତେନ୍ଦ୍ର ସେଠ, ରାମଚାନ୍ଦ୍ର ପାତ୍ର, କ୍ଷୀରୋଦ ସୁବୁଦ୍ଧି, ଭାଗ୍ୟଧର ଜେନା ପ୍ରମୁଖ ଦାବି କରିଛନ୍ତି। ଏଥିପ୍ରତି ଜିଲାପାଳ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି। ସମିଆଁଠାରେ ଶିବବାବା ଚାଉଳ କଳ ସମେତ, ଇଷ୍ଟର୍ନ, ସାଇ, ଚଣ୍ଡୀ, ମହାବଳି ରହିଛି, ଯେଉଁଠି ଚାଷୀ ଧାନ ବିକ୍ରିକରିବାକୁ ଟୋକନ ପାଇଥିଲେ ବି ପାଖାପାଖି ୪ ଦିନ ହେଲା ଧାନବିକ୍ରି ହୋଇ ପାରିନାହିଁ। ଧାନ ବିକ୍ରି କରିବାକୁ ଆସିଥିବା ଚାଷୀଙ୍କ ଧାନଗାଡ଼ି ରାସ୍ତା କଡରେ ଲମ୍ବା ଲାଇନରେ ଛିଡ଼ା ହୋଇଛି।

# ରଘୁନାଥପୁରରେ ଅଷ୍ଟପ୍ରହର ନାମଯଜ୍ଞ



ଚଢ଼େଇଧରା,୩।୨(ଦିଲୀପ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ରଘୁନାଥପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଶୁଭାଧୀଭାସ କରାଯାଇଥିଲା। ସୋମବାର ନାମଯଜ୍ଞ ଓ ମଙ୍ଗଳବାର ନଗର ଭ୍ରମଣ କରାଯାଇଥିଲା। ଗ୍ରାମ ପୋଖରୀରୁ କଳସୀରେ ଜଳ ଅଣାଯାଇ ଶୋଭାଯାତ୍ରା କରାଯାଇଥିଲା। ପରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନାମଯଜ୍ଞ ଆରମ୍ଭ ହୋଇଥିଲା। ସଂକୀର୍ତ୍ତନ ମଣ୍ଡଳୀ ଭାବେ କବାଟବନ୍ଧ, ବେଗା ନାଉନୟୀ, ପାଟଣା, ଥାନୁଆଳ, ଭାକୁଡ଼, ଅରଖପୁର, ତେଲି ପୋଖରୀ ଓ ନୂଆହାଟ ପ୍ରମୁଖ କୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଅଷ୍ଟପ୍ରହର ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଜନସମାଗମ ହୋଇଥିଲା।

# ମହିଳାଙ୍କ ହାତରେ ସଂଗଠନ ପରିଚାଳନା ଦାୟିତ୍ୱ

## କୃଷକ ଉତ୍ପାଦକ ସଂଗଠନର ସାଧାରଣ ପରିଷଦ ବୈଠକ

ରସୁଲପୁର,୩।୨(ରଞ୍ଜିତ ରାଉତ):



ବୈଠକରେ ଯୋଗଦେଇଥିବା କୃଷକ ଉତ୍ପାଦନ ସଂଗଠନର କର୍ମକର୍ତ୍ତା।

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ବାଲାଙ୍ଗି ହିଙ୍ଗୁଳା ମନ୍ଦିର ପରିସରରେ କୃଷକ ଉତ୍ପାଦକ ସଂଗଠନର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନର ପରିଚାଳନା ନିର୍ଦ୍ଦେଶିକା ଅନୁସୂୟା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୃହତ ଉଠାଜଳସେଚନ ଅଧୀନରେ ଫସଲ ବିବିଧିକରଣ ଯୋଜନା ଅନ୍ତର୍ଭୁକ୍ତ ବ୍ଲକର ୨୮ ପଞ୍ଚାୟତରୁ ୧୧ ପଞ୍ଚାୟତର ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ଜଣେ ଲେଖାଏ ମହିଳାଙ୍କୁ ସଂଗଠନର ସଦସ୍ୟ ଭାବରେ ଚୟନ କରାଯାଇଛି। ସଂଗଠନର ସଦସ୍ୟଙ୍କ ହାତରେ ସଂଗଠନ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହି ଅନୁସାରେ ସଦସ୍ୟ ନିଜ ପଞ୍ଚାୟତରେ ଗୋଟିଏ ଉତ୍ପାଦକ ଗୋଷ୍ଠୀ ଗଠନ କରି ସଦସ୍ୟ ଚୟନ କରିବେ। ଉକ୍ତ ଗୋଷ୍ଠୀ କୃଷକଙ୍କ ଉତ୍ପାଦିତ ଦ୍ରବ୍ୟ କ୍ରୟ ଓ ବିକ୍ରୟ କରିବା ସହ ଚାଷୀଙ୍କୁ ସୁଲଭ ମୂଲ୍ୟରେ ରାସାୟନିକ ସାର, କୀଟନାଶକ ଓ କୃଷି ଉପକରଣ ଆଦି ପ୍ରଦାନ କରିବା ଦାୟିତ୍ୱ ପ୍ରଦାନ କରାଯିବ। ଉକ୍ତ କାରବାରେ ସଂପୃକ୍ତ ଥିବା ଗୋଷ୍ଠୀର ସଦସ୍ୟଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ବ୍ୟବସ୍ଥା ରହିଥିବାନେଇ ସଂଗଠନ ସମ୍ପାଦକ ରବି ନାରାୟଣ ସାହୁ ସୂଚନା ପ୍ରଦାନ କରିଛନ୍ତି।

ଏହାଛଡ଼ା ଗୋଷ୍ଠୀ ପରିଚାଳନାକୁ ନେଇ ରହିଥିବା ସରକାରୀ ନୀତିନିୟମକୁ ପାଳନ କରାଯିବାକୁ ଗୁରୁତ୍ୱ ଦିଆଯିବ। ମହିଳା ନିଜ ଅଞ୍ଚଳର ଚାଷୀଙ୍କ ତାଲିକା ପ୍ରସ୍ତୁତ କରିବା ସହ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ କ୍ରୟ କରିବା ସମ୍ପର୍କରେ ଚାଷୀଙ୍କୁ ବୁଝାଇବେ। ଚାଷୀ ଗୋଷ୍ଠୀ ଜରିଆରେ କାରବାର କଲେ କ'ଣ ସବୁ ସୁବିଧା ମିଳିବ ସେ ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦିଆଯାଇଛି।

ବୈଠକରେ ୱାର୍ଡସଭ୍ୟା କବିତା ବିଶ୍ୱାଳ, କୃଷକ ସାଥୀ ଅଭିମନ୍ୟୁ ସାମଲ ଯୋଗଦେଇ କୃଷକ ସଂଗଠନ କିଭଳି ସୂଚାରୁରୂପେ କାର୍ଯ୍ୟ କରିବ ସେ ଦିଗରେ ବୁଝାଇ କହିଥିଲେ। ଏଲଥିସହିତ ବିଭିନ୍ନ ପଞ୍ଚାୟତରେ କିଭଳି ଉତ୍ପାଦକ ଗୋଷ୍ଠୀ ଗଠନ କରାଯିବ ସେ ଦିଗରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କୃଷକ ଉତ୍ପାଦକ ସଂଗଠନର ୧୧ଜଣ ପରିଚାଳିକାଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ କୃଷକ ଉତ୍ପାଦକ ସଂଗଠନର ଏକ ପୁସ୍ତିକା ପ୍ରଦାନ କରାଯାଇଥିଲା। ସଂଗଠନ ପକ୍ଷରୁ ୧୧ ପଞ୍ଚାତୟତରୁ ୬୦୦୦ରୁ ଊର୍ଦ୍ଧ୍ୱ ଚାଷୀ ଫସଲ ବିବିଧିକରଣ ଯୋଜନାରେ ସାମିଲ ହୋଇ ଶେଷ ତିନି ବର୍ଷ ଧରି ସରକାରୀ ପ୍ରୋତ୍ସାହନ ରାଶିରେ ଉପକୃତ ହୋଇଆସୁଛନ୍ତି ବୋଲି ସୂଚନା ଦିଆଯାଇଥିଲା। ଦେବାଶିଷ ନାୟକ, ଅଶୋକ କୁମାର ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂଗଠନ ପକ୍ଷରୁ ମାନସ ରାଉତ ଧନ୍ୟବାଦ ଦେଇଥିଲେ।

# କାଳୀମେଳଣ ପଡ଼ିଆରେ ଲାଗିଲା ହାଇମାଷ୍ଟ ଲାଇଟ୍

ଯାଜପୁରରୋଡ୍,୩।୨ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌରପରିଷଦ ସ୍ଥିତ ୯ନଂ. ୱାର୍ଡରେ ଥିବା ଚୋରଦା ମା'କାଳୀ ମେଳଣ ପଡ଼ିଆରେ ହାଇମାଷ୍ଟ ଲାଇଟ ଲାଗଯାଇଛି। ଏହି ଲାଇଟକୁ ଦୁର୍ଗା ମନ୍ଦିର ପୂଜକ ଅଭିନାଷ ପଣ୍ଡା ସୁଇଚ୍ ଟିପି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଚଣ୍ଡିକ୍ଲବ ସଭାପତି ପ୍ରମୋଦ କୁମାର ରାଉତ, ସମ୍ପାଦକ ଶିଶିର କୁମାର ରାଉତ, କୋଷାଧ୍ୟକ୍ଷ ଅଜୟ କୁମାର ରାଉତ, ଖବରଦାତା ପ୍ରଦ୍ୟୁମ୍ନ କୁମାର ବୋଇତାଇ, ଶ୍ରୀକାନ୍ତ ମହାନ୍ତି, କାଉନସିଲର ମଣିନ୍ଦ୍ର ସାହୁ, କାଉନସିଲର ଅଶୋକ କୁମାର ରାଉତ, କାଉନସିଲର ଭରତ ଓଝା, କାଉନସିଲଙ୍କ ପ୍ରତିନିଧି ବିଶ୍ୱମ୍ଭର ସେଠୀ, ବିବେକାନନ୍ଦ ମହାନ୍ତି, ଜିତେନ୍ଦ୍ର ବେହୁରା, ବଳରାମ ମହାନ୍ତି, କେଶବ ସାହୁ, ଜନ୍ମେଜୟ ରାଉତ, ନରହରି ରାଉତଙ୍କ ସମେତ ଚଣ୍ଡିକ୍ଲବର ବହୁ ସଦସ୍ୟ ଉପସ୍ଥିତଥିଲେ।

# ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

କାଏମା,୩।୨(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଓ ରସୁଲପୁର ଅବକାରୀ ବିଭିଗ ପକ୍ଷରୁ ମଙ୍ଗଳବାର ମିଳିତଭାବେ ଚଢ଼ାଉ କରାଯାଇ ୫୭ ଗ୍ରାମ ବ୍ରାଉନସୁଗାର ଓ ଏକ ବାଇକ୍ ଜବତ କରାଯାଇଛି। ଏଥିସହିତ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟଚାଲଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡ଼ି ଜେଲ ପଠାଇ ଦିଆଯାଇଛି। ଗିରଫ ବ୍ୟବସାୟୀ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ଚହଟା ଅଞ୍ଚଳର ମସମ ଖାନ୍। ଗୋକର୍ଣ୍ଣେଶ୍ୱରଠାରୁ ରମାପୁରକୁ ସଂଯୋଗ କରୁଥିବା ବନ୍ଧ ରାସ୍ତାରେ ଏକ ବାଇକରେ ବ୍ୟବସାୟୀ ଜଣକ ବ୍ରାଉନସୁଗାର ବ୍ୟବସାୟ କରୁଥିବା ସମୟରେ ଧରାପଡ଼ିଥିଲେ ବୋଲି ଧର୍ମଶାଳା ଅବକାରୀ ବିଭାଗ ଅଧିକାରୀ ଶୁଭଶ୍ରୀ ଚକ୍ର ସୂଚନା ଦେଇଛନ୍ତି।

# ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ବଡ଼ଚଣା,୩।୨(ଦିଲ୍ଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅଧୀନ ଚଣ୍ଡିଖୋଲସ୍ଥିତି ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ନୂତନ ଭାବେ ନିର୍ମାଣ ହେଉଥିବା ଗୃହରେ ଜଣେ ଶ୍ରମିକଙ୍କ ମଙ୍ଗଳବାର ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ମୃତକ ହେଲେ ମୁରସିଦାବାଦ ଜିଲା ଭଗବାନଗୋଲା ଥାନା ଅନ୍ତର୍ଗତ ଜାଲିବଗିଚା ଗାଁର ଜମାଲ ଉଦ୍ଦିନ ସେକଙ୍କ ପୁଅ ଆସିକ ସେକ(୩୨)। ସେହି ଗାଁର ବବୁଲ ସେକ ଆସିକଙ୍କୁ ଶ୍ରମିକ ଭାବେ କାମ କରିବାକୁ ୨୦ ଦିନ ତଳେ ଆଣିଥିଲେ। ସୋମବାର ରାତିରେ ଆସିକ ଖାଇସାରି ଶୋଇଥିଲେ। ସକାଳେ ତାଙ୍କ ଦେହ ଅସୁସ୍ଥ ହେବାରୁ ବବୁଲ ତାଙ୍କୁ ବଡ଼ଚଣା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନେଇ ପୋଲିସ ଅଭିଯୋଗ ପାଇବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ବବୁଲଙ୍କୁ ହସ୍ତାନ୍ତର କରିଛି। ଯୁବକଙ୍କ ମୃତ୍ୟୁକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ।

# କେଲୁଅ ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ

## ମରାମତି ଅଭାବରୁ ରାସ୍ତାରେ ଖାଲଖମା

କାଏମା,୩।୨ (ଶିବପ୍ରସାଦ ମହାନ୍ତି):



ରାସ୍ତାରେ ଖାଲ ଖମା ସୃଷ୍ଟି ହୋଇଛି।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ କାଏମା ବ୍ରିଜଠାରୁ ମିର୍ଜାପୁର ପର୍ଯ୍ୟନ୍ତ କେଲୁଅ ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଖାଲ ଖମା ସୃଷ୍ଟି ହୋଇଛି। ଫଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ବାଇକ ଓ ସାଇକେଲ ଆରୋହୀଙ୍କ ସମେତ ଚାରିଚକିଆ ଗାଡ଼ି ଚଳାଚଳରେ ନାନା ସମସ୍ୟା ସୃଷ୍ଟି ହେଉଛି। ସ୍କୁଲ, କଲେଜ ପିଲା ଏହି ରାସ୍ତା ଦେଇ ଜାରକାକୁ ଯାଇଥାନ୍ତି। ସେହିପରି ମିର୍ଜାପୁର, ପାଟପୁର, କୋତପୁର, ଭାବିଲ, ମୁଣ୍ଡମାଳ, ଅରେଇକଣା, ରମାପୁର, କଦମପାଳ, ନୋଷ୍ଟା, ଭଗବାନପୁର ଗାଁ ଲୋକେ ଜାରକା ଅଭିମୁଖେ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ନିର୍ବାଚନ ପୂର୍ବରୁ ଏହି ରାସ୍ତା ମରାମତି ହୋଇଥିଲା। କିନ୍ତୁ ରାସ୍ତାରେ ଏବେ ସ୍ଥାନେସ୍ଥାନେ ସୃଷ୍ଟି ହୋଇଥିବା ଖାଲ ଖମାରୁ ସ୍ପଷ୍ଟ ବାରି ହେଉଛି ଯେ, ଏହାର ମରାମତି କାମ ଠିକ ଢଙ୍ଗରେ ହୋଇନାହିଁ। ଏହି ରାସ୍ତାର ସ୍ଥାନୀୟ ଗୋପନଗର, କାଳନ୍ଦୀସାହି, ମିର୍ଜାପୁର ଶନିଗଡ଼ା, ଭାବିଲ ଭଳି ଗାଁ ପାଖାପାଖି ସ୍ଥାନରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ଏହିରାସ୍ତା ୧୬ ନମ୍ବର ନମ୍ବର ଜାତୀୟ ରାଜପଥର ଗୋକର୍ଣ୍ଣେଶ୍ୱରଠାରୁ ରମାପୁର ଓ କୃଷ୍ଣଦାସପୁରଠାରେଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥ ସହ ସଂଯୋଗ କରୁଛି। ଏହାଉପରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ST. XAVIERS PUBLIC SCHOOL
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

ଆବଶ୍ୟକ
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

ଆବଶ୍ୟକ
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ।
ଦରମା ଟ.12,000+ ଇନସେଣ୍ଟିଭ୍।
ନିଜସ୍ୱ ବାଇକ୍ ଆବଶ୍ୟକ।
ଫୋନ୍: 9886365677

URBAN YATRA - TOUR COMPANY
BHUBANESWAR, ODISHA
Positions Open:
- SUPERVISOR
- COOK
- OFFICE BOY
Experience required: 2 years & above
9938012124 | 9439534567
www.urbanyatra.com

APPOINTMENT
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to: ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
TKIL Industries
WALK-IN-INTERVIEW
POSITIONS:
ENGINEERs to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
- Role: Contractual/Permanent
- Mechanical, Instrumentation & Electrical Maintenance of Aluminum Smelter
- Operations & Maintenance of CFBC-based Power Plants
- Mechanical Maintenance of Steel Plant RMHS
Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing:09:00am to 06:00pm
Interview Venue: Mehfil Marriage Palace, Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

15001/2/2526
ଓଡ଼ିଶା ସରକାର



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୬
ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସନ୍ଧ୍ୟା ୫ ଘଟିକା — ସ୍ଥାନ- ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"
ମୁଖ୍ୟ ବକ୍ତା :- ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର
ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'
ଅତିଥି ବକ୍ତା :- ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର
ସମ୍ମାନନୀୟ ବକ୍ତା :- ଡଃ ଭାରତୀ ପାଲ
ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/25-26/0002

## ହସିଣା ଚୋରି ମାମଲା: ମହିଳା ସମେତ ୪ ଗିରଫ

କୁଜଙ୍ଗ,(ମନୋଜ ପ୍ରଧାନ): କୁଜଙ୍ଗ ଥାନା ହସିଣା ଗ୍ରାମରେ ସେନା କର୍ମଚାରୀ ସମେତ ୨ଜଣଙ୍କ ଘରୁ ସୋମବାର ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ମହିଳା ଅନ୍ୟ ୩ ଜଣଙ୍କୁ ସହାୟତା କରିବା ସହ ସମସ୍ତ ଘଟଣାର ମାଷ୍ଟର ମାଇଣ୍ଡ ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ହେଲେ ରାକେଶ ମହାନ୍ତି, ସିଲୁ ଦଳାଇ, ବିଘ୍ନେଶ ସ୍ୱାଇଁ ଓ ବନ୍ଦନା ପାଣି । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ଡାକ୍ତରଙ୍କୁ ବିଧାୟକଙ୍କ ଗାଳି, ପ୍ରତିବାଦରେ ରାସ୍ତାରୋକୋ

ଜଗତ୍‌ସିଂହପୁର, ୩।୨ (ପ୍ରମୋଦ କୁମାର ନାୟକ)


ଟାୟାର ଜାଳି ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ତରିକୁଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବନୀୟ ଘଟଣା**
■ ବିଧାୟକ କ୍ଷମା ନ ମାଗିଲେ ଆନ୍ଦୋଳନ ତୀବ୍ର ଚେତାବନୀ

ତରିକୁଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିପ୍ଳବ କୁମାର ଜେନାଙ୍କୁ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଗାଳି କରିବାରୁ ଡାକ୍ତର ଜେନା କାନ୍ଦି ପକାଇଥିଲେ। ଏହି ପ୍ରସଙ୍ଗକୁ ନେଇ ସ୍ଥାନୀୟ ଲୋକେ ତାତିଥିଲେ। ଏପରି କି ତୁରନ୍ତ ବିଧାୟକ ଭୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ନ କଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇ ସ୍ଥାନୀୟ ଅଞ୍ଚଳର ସହସ୍ରାଧିକ ଲୋକ ରାସ୍ତାରୋକୋ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ କଟକ-ଜଗତ୍‌ସିଂହପୁର ନଂ.୫୫. ଜାତୀୟ ରାଜପଥରେ ଟାୟାର ଜାଳି ପ୍ରତିବାଦ କରିବାରୁ ଗମନାଗମନ ଏକପ୍ରକାର ଠପ୍ ହୋଇ ଯାଇଥିଲା। ଆନ୍ଦୋଳନସ୍ଥଳରେ ଜଗତ୍‌ସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ଓ ଜଗତ୍‌ସିଂହପୁର ଆଇଆଇସି ସରୋଜ କୁମାର ସାମଲ ପ୍ରମୁଖ ପହଞ୍ଚି ବୁଝାଶୁଝା କଲାପରେ ଆନ୍ଦୋଳନ ହଟିଥିଲା।

ଏ ସମ୍ପର୍କରେ ଆନ୍ଦୋଳନକାରୀମାନଙ୍କ ଯୁକ୍ତି ଥିଲା, ଡାକ୍ତର ଜେନା ଜଣେ ଅତ୍ୟନ୍ତ ଭଦ୍ର, ମେଳାପୀ ଏବଂ ଉତ୍ତମ ଚିକିତ୍ସକ। ତାଙ୍କ ସେବାରେ ୫ଟି ପଞ୍ଚାୟତର ପାଖାପାଖି ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସନ୍ତୁଷ୍ଟ। ସେ ମହିଳାମାନଙ୍କୁ ମା, ଭଉଣୀ ଭଳିବ୍ୟବହାର କରନ୍ତି। ପ୍ରତ୍ୟେକ ରୋଗୀଙ୍କୁ ନିଜର ସମ୍ପର୍କୀୟ ଭଳି ବ୍ୟବହାର କରିବା ସହ ଚିକିତ୍ସାରେ କୌଣସି ତ୍ରୁଟି କରନ୍ତି ନାହିଁ। ତାଙ୍କ ଆନ୍ତରିକତାପୂର୍ଣ୍ଣ ଚିକିତ୍ସା ପ୍ରତ୍ୟେକଙ୍କ ମନରେ ଛାପ ହୋଇ ରହିଯାଇଛି। ସେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପାଇଁ ଭଗବାନ ସଦୃଶ। ତେଣୁ ଏଭଳି ଜଣେ ସୁନାମଧନ୍ୟ ଡାକ୍ତରଙ୍କୁ ତିର୍ତ୍ତୋଲ ବିଧାୟକ ରୋଗୀ ଏବଂ ସାଧାରଣ ଲୋକଙ୍କ ସାମ୍ନାରେ ଯେଉଁଭଳି ଦୁର୍ବ୍ୟବହାର କଲେ ତାହା ଲଜ୍ଜାଜନକ। ସବୁଠାରୁ ଦୁଃଖର କଥା ହେଲା ଡାକ୍ତର ଜେନାଙ୍କୁ ବିଧାୟକ ଭୋଇ ହାତ ଉଠାଇବାକୁ ମଧ୍ୟ ଚେଷ୍ଟା କରିଥିବା କୁହାଯାଉଛି। ଏହା ଦୁର୍ଭାଗ୍ୟଜନକ। ଏହାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ବିଧାୟକ ଭୋଇ ପୂର୍ବାହ୍ନରେ ଡାକ୍ତରଖାନାରେ ପହଞ୍ଚି ବିନା କାରଣରେ ଚିକିତ୍ସା କି ଔଷଧ ଆଦି ଠିକ ଭାବେ ଦିଆଯାଉ ନ ଥିବା ଅଭିଯୋଗ କରି ନୀତି, ନୈତିକତା ଓ ଆଦର୍ଶକୁ ଭୁଲି ଗାଳି କରିଥିଲେ। ବିଧାୟକଙ୍କ ଏତାଦୃଶ ବ୍ୟବହାରରେ ଡାକ୍ତର କାନ୍ଦିବା ଖବରପାଇ ଲୋକେ ରୁଣ୍ଡ ହୋଇ ଯାଇଥିଲେ ଏବଂ ପରେ ଆନ୍ଦୋଳନ ରୂପ ନେଇଥିବା କୁହାଯାଇଛି। ଏ ସମ୍ପର୍କରେ ବିଧାୟକ ଭୋଇ କହିଛନ୍ତି, ସେ ଅଭିଯୋଗ ଆଧାରରେ ଡାକ୍ତରଙ୍କୁ ତାଗିଦ୍ କରିବା ଉଦ୍ଦେଶ୍ୟରେ କହିଥିଲେ। ଏହାକୁ ଭିନ୍ନ ମୋଡ ଦିଆଯାଉଛି ।

# ପୁଅ, ବୋହୂଙ୍କ ଘର ପୋଡ଼ି ଜୀବନରୁ ମାରିଦେବାକୁ ଉଦ୍ୟମ

## ପାରିବାରିକ କଳହର କରୁଣ ପରିଣତି


ପୋଡ଼ିଯାଇଥିବା ଚାଳଘର।

କୁଜଙ୍ଗ, ୩।୨(ମନୋଜ ପ୍ରଧାନ)

ପାରିବାରିକ କଳହରୁ ପୁଅ, ବୋହୂଙ୍କ ଘର ପୋଡ଼ି ଜୀବନରୁ ମାରିଦେବାକୁ ଉଦ୍ୟମ ହୋଇଛି। କୁଜଙ୍ଗ ଥାନା ବାମଦେଇପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟେଇନାଳି ଗ୍ରାମରେ ଏହି ଘଟଣା ଘଟିଛି। ଏନେଇ ଶାଶୁ ଓ ନଣନ୍ଦଙ୍କ ବିରୋଧରେ ବୋହୂ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୩୨/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ବୋହୂ ସରସ୍ୱତୀ ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଶ୍ୱଶୁର ରମେଶ ସାହୁଙ୍କର ଝିଅ ଓ ଗୋଟିଏ ପୁଅ ଅଛି। ଝିଅ ଓ ପୁଅ ସବୁ ବିବାହ କରିସାରିଥିବାବେଳେ କୌଣସି କାରଣରୁ ସରସ୍ୱତୀଙ୍କ ସହ ଶାଶୁ ବେଙ୍ଗଲତା ଓ ନଣନ୍ଦମାନଙ୍କର ପଡୁ ନ ଥିଲା। ଏନେଇ ଅନେକ ସମୟରେ ନଣନ୍ଦ ଓ ଶାଶୁ ମିଳିମିଶି ସରସ୍ୱତୀଙ୍କୁ ନିର୍ଯାତନା ଦେଉଥିଲେ।

ଏଥିଯୋଗୁ ସରସ୍ୱତୀ ଓ ତାଙ୍କ ସ୍ୱାମୀ ଅଲଗା ହୋଇଯାଇଥିଲେ। ଶାଶୁ ବେଙ୍ଗଲତା ତାଙ୍କର ଥିବା ଦୁଇ ବଖରା ପକ୍କା ଘରେ ରହୁଥିଲେ। ନିକଟରେ ଥିବା ଅନ୍ୟ ଦୁଇ ବଖରା ଚାଳ ଘରେ ପୃଥକ୍ ଭାବେ ସ୍ୱାମୀ ରମେଶ, ପୁଅ ସୌଭାଗ୍ୟ ଓ ବୋହୂ ସରସତୀ ରୁହନ୍ତି।

ସୋମବାର ରମେଶଙ୍କ ଦୁଇ ଝିଅ ଓ ନାତି ଆସିଥିଲେ। ୨ ଭଉଣୀ ଓ ଭଣଜା ଘରକୁ ଆସିଥିବାରୁ ସୌଭାଗ୍ୟ ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ରାତିରେ ରୋଷେଇ କରି ଖାଇବାକୁ ଡାକିଥିଲେ। ମାତ୍ର ସେମାନେ ନ ଖାଇ ବେଙ୍ଗଲତାଙ୍କ ସହ ଅଲଗା ରୋଷେଇ କରି ଖାଇ ଶୋଇଯାଇଥିଲେ। ରାତି ପ୍ରାୟ ୩ ଟା ବେଳେ ଚାଳ ଘରେ ନିଆଁ ଲାଗିଯାଇଥିବା ଦେଖି ସରସ୍ୱତୀ, ସ୍ୱାମୀ ଓ ପୁଅ ବାହାରକୁ ଆସିବାକୁ ଉଦ୍ୟମ କଲାବେଳେ ସମ୍ମୁଖ ପଟ କବାଟର ବାହୁର ପଟୁ ଜଞ୍ଜିର ଦିଆଯାଇଥିଲା। ଫଳରେ ସେମାନେ ଘରର ପଛ ଦ୍ୱାର ଦେଇ ବାହାରକୁ ଚାଲିଆସିବାରୁ ରକ୍ଷା ପାଇଯାଇଥିଲେ। ପାଟି ଶୁଣି ଗାଁ ଲୋକ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଅଗ୍ନିକାଣ୍ଡରେ ସରସ୍ୱତୀଙ୍କ ଘରର ସମସ୍ତ ଆସବାବପତ୍ର ଜଳିଯାଇଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ସ୍ୱଚ୍ଛତା ପକ୍ଷରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପାରାଦୀପ ବନ୍ଦରକୁ ପ୍ରଥମ ପୁରସ୍କାର

ପାରାଦୀପ,୩।୨(ଶରତ ରାଉତ)

ସ୍ୱଚ୍ଛତା ପକ୍ଷରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେନ୍ଦ୍ର ବନ୍ଦର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଦିଲ୍ଲୀଠାରେ ପାରାଦୀପ ବନ୍ଦରକୁ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ବିଭାଗୀୟ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଶାନ୍ତନୁ ଠାକୁର, ସଚିବ ବିଜୟ କୁମାରଙ୍କ ଉପସ୍ଥିତିରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହାରାନ୍ଧ ଏହି ଆୱାର୍ଡ ଗ୍ରହଣ କରିଥିଲେ। ଏକ ପେଡ୍ ମା' କି ନାମ, ସଫେଇ ମିତ୍ର, ସୁରକ୍ଷା, ଜନ ଭାଗୀଦାରୀ, ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ ସଚେତନତା ଅଭିଯାନ, ସ୍ୱଚ୍ଛ ଭାରତ ଅଭିଯାନ, ବ୍ୟାପକ ବନୀକରଣ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଦେଶର ବୃହତ ବନ୍ଦର କ୍ଷେତ୍ରରେ ପ୍ରଥମ ପୁରସ୍କାର ମିଳିଛି ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନ, ଜାହାଜ ଚଳାଚଳ ମନ୍ତ୍ରୀଙ୍କ ପ୍ରେରଣା ଯୋଗୁ ଏପରି ସଫଳତା ହାସଲ ହୋଇଛି ବୋଲି ବନ୍ଦର ଅଧ୍ୟକ୍ଷ ହାରାନ୍ଧ କହିଛନ୍ତି। ସ୍ୱଚ୍ଛତା କ୍ଷେତ୍ରରେ ପାରାଦୀପ ବନ୍ଦର ପାଇଁ କାର୍ଯ୍ୟ କରିଥିବା ସମସ୍ତ ଭାଗୀଦାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଆୱାର୍ଡ ଗ୍ରହଣ କରୁଛନ୍ତି।

# ନିରନ୍ତର ପ୍ରୟାସ ଶିକ୍ଷାର୍ଥୀଙ୍କୁ ସଫଳତାର ରାସ୍ତା ଦେଖାଏ



ରାଜ୍ୟସ୍ତରୀୟ ଜୁଡୋ ଶିକ୍ଷୟିତ୍ରୀ ଲୋପାମୁଦ୍ରା ପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରଘୁନାଥପୁର, ୩।୨(ରାଜେନ୍ଦ୍ର ନାରାୟଣ ସିଂହ)

**ଜୟପ୍ରକାଶ ଶିକ୍ଷାନିକେତନ, ଚର୍ଚ୍ଚିକାୟୀ ଉପ୍ରା ବିଦ୍ୟାଳୟ ବାର୍ଷିକୋତ୍ସବ**

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷା ନିକେତନ ଓ ଚର୍ଚ୍ଚିକାୟୀ ସରକାରୀ ଉପ୍ରା ବିଦ୍ୟାଳୟ ୩୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜୟପ୍ରକାଶ ଶିକ୍ଷାନିକେତନ ପରିଚାଳନା ସଭାପତି ଇଂ.ବାବାଜୀଚରଣ ଜେନା ପୌରୋହିତ୍ୟ କରିଥିଲେ। ଏଥିରେ ଅବସରପ୍ରାପ୍ତ ଜିଲା ବିଜ୍ଞାନ ପରିଦର୍ଶକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଭିତ୍ତିକ ଦିଗଦର୍ଶନ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ନିଜର ଦୃଢ଼ ଇଚ୍ଛାଶକ୍ତି ଜାଗ୍ରତ ରଖି ଜିଦ୍‌ରେ ଅଟଳ ରହିବା ସହ ନିରନ୍ତର ପ୍ରୟାସ ଶିକ୍ଷାର୍ଥୀଙ୍କୁ ସଫଳତାର ରାସ୍ତା ଦେଖାଏ ବୋଲି ମୁଖ୍ୟ ଅତିଥି ରାଉତ କହିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଯଦୁନାଥ ଜେନା, ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ୨ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ବେହେରା ଓ ଦୀପାଞ୍ଜଳୀ ନାୟକ, ପଞ୍ଚସଖା ଶିକ୍ଷା ସେତୁ କୋଷାଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର, କମିଟି ସଦସ୍ୟ ପାର୍ଥସଖା ପାଲଟା ସିଂ ଏବଂ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବନ୍ଦନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ରାଜ୍ୟସ୍ତରୀୟ ଜୁଡୋ ଶିକ୍ଷକ ଲୋପାମୁଦ୍ରା ପତି, ଅବସର ପରେ ବି ନିରନ୍ତର ଶିକ୍ଷାଦାନ କରିଆସୁଥିବା ଶିକ୍ଷକ ସୁବାସ ଚନ୍ଦ୍ର ନାୟକ ଓ ଗତବର୍ଷ ୧୦ମ ବୋର୍ଡ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରୀ ବନ୍ଦିତା ଜେନାଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୮୫ ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର ବିବରଣୀ ପାଠ କରିବା ସହ ବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଅତିଥି ପରିଚୟ ସହ ସଭା ସଞ୍ଚାଳନ ଓ ଶିକ୍ଷକ ନାୟକ ଧନ୍ୟବାଦ ଦେଇଥିଲେ। ପରେ ସୁରେନ୍ଦ୍ରନାଥ ଦ୍ୱିବେଦୀ, ସୁଧୀର କୁମାର ସାହାଣୀ ଓ ସୁଧୀର କୁମାର ନାୟକଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଧରଣୀଧର ଜେନା, ବିଷ୍ଣୁଚନ୍ଦ୍ର କର, ସାରଦା ପ୍ରସାଦ ନାୟକ ଓ ବୀଣାପାଣି ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆତ୍ମସୁରକ୍ଷା ହିଁ ନାରୀ ସଶକ୍ତୀକରଣର ଦୃଷ୍ଟାନ୍ତ

ଏରସମା, ୩।୨(ଦୀପ୍ତି ଖଣ୍ଡୁଆଳ)

**ବାଳିକା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ**

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ବାଳିକା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ୨୦୨୬ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜିକା ଅଧ୍ୟାପିକା ଶୁଭସ୍ମିତା ନାୟକଙ୍କ ପରିଚାଳନାରେ ଆୟୋଜିତ ସଭାକୁ କଲେଜର ଅଧ୍ୟକ୍ଷ ଡ. ଅଶୋକ କୁମାର ସାମଲ ଉଦ୍‌ଘାଟନ କରି କହିଥିଲେ, ବାଳିକାମାନଙ୍କ ସାମାଜିକ ନିରାପତ୍ତା ଓ ଆତ୍ମ ସୁରକ୍ଷା ହିଁ ନାରୀ ସଶକ୍ତିକରଣର ବାସ୍ତବ ଦୃଷ୍ଟାନ୍ତ। ଏଥିରେ ଯୁକ୍ତ ୨ ଶ୍ରେଣୀର ଅଧ୍ୟକ୍ଷ କାହ୍ନୁ ଚରଣ ନାୟକ ଯୋଗଦେଇ ନୈତିକତାର ଅବକ୍ଷୟ ସମୟରେ ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେବା ଜରୁରୀ ହୋଇପଡ଼ିଛି ବୋଲି କହିଥିଲେ। ପୂର୍ବତନ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ସସ୍ମିତା ସାହୁ ବାଳିକାମାନଙ୍କୁ ଏ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଧିରେନ କୁମାର ପାତ୍ର, ପ୍ରଶିକ୍ଷିକା ପୂଜା ସ୍ୱାଇଁ, ପ୍ରଦୀପ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଯୁକ୍ତ ୩ ପ୍ରଥମ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ବିଭାଗର ୧୨୮ ଛାତ୍ରୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ସହସଂଯୋଜିକା ଅଧ୍ୟାପିକା ସରିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଜମିବାଡ଼ିକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ନାଉଗାଁ,୩।୨(ସୁଧା ବେହୁରା): ନାଉଗାଁ ଥାନାର ଗଳଦାରୀ ଗ୍ରାମରେ ଏକ ଜମିବାଡ଼ିକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଗ୍ରାମର ଶିଶିର ଗୋଚ୍ଛାୟତଙ୍କ ଅଭିଯୋଗକ୍ରମେ ପୂର୍ବରୁ ଏକ ଜମି ଉପରେ ମାମଲା ରହିଛି। ସେହି ଜମିକୁ ନେଇ ମଙ୍ଗଳବାର ଅପରାହ୍ନରେ ଗ୍ରାମର ଚିକିନା ବେହୁରା,ବାବିଲା ବେହୁରା ଉଭୟ ମିଶି ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଶିଶିର ଏହାର ପ୍ରତିବାଦ କରିବାରୁ ତାଙ୍କୁ ତଳେ ପକାଇ ମାଡ ମାରିଥିଲେ। ଏହି ଆକ୍ରମଣରେ ଶିଶିରଙ୍କ ଓଠ ଫାଟି ରକ୍ତସ୍ରାବ ହୋଇଥିବା ଅଭିଯୋଗରେ ଦର୍ଶାଇଯାଇଛି। ଏହାକୁ ଭିତ୍ତିକରି ମାମଲା (ନଂ.୪୦/୨୬)ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ କହିଛନ୍ତି।

# ବିଶାଳ ଅଜଗର ଉଦ୍ଧାର

ଏରସମା,୩।୨(ଦୀପ୍ତି ଖଣ୍ଡୁଆଳ): ଏରସମା ବ୍ଲକ ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ ଖୁରାଣ୍ଟ ( ଦାଶମଠ) ଗ୍ରାମରେ ଏକ କାଜୁ ଜଙ୍ଗଲରୁ ବିଶାଳ ଅଜଗର ଉଦ୍ଧାର କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ଖବର ଅନୁସାରେ, ଚୈତନ୍ୟ ମହାପାତ୍ରଙ୍କ ଘର ପାଖରେ ଏକ କାଜୁ ଜଙ୍ଗଲ ଅଛି। ସେ ଉକ୍ତ ଜଙ୍ଗଲ ଦେଇ କୌଣସି କାମରେ ଯାଉଥିଲେ। କାଜୁ ଗଛ ତଳେ ଗଦା ହୋଇଥିବା ଶୁଖିଲା ପତ୍ର ମଧ୍ୟରେ ଏକ ବିଶାଳ ଅଜଗର ମୋଡି ହୋଇ ଶୋଇଥିବାର ଦେଖି ସେ ଭୟଭୀତ ହୋଇଯାଇଥିଲେ। ସେ ଦୌଡ଼ି ଆସି ଗାଁରେ ଜଣାଇବାପରେ ସାପ ଦେଖିବାକୁ ଲୋକଙ୍କ ଭିଡ଼ ହୋଇଥିଲା। ଖବରପାଇ କୁଜଙ୍ଗ ରେଞ୍ଜ ଅଧୀନ ନୂଆଗାଁ ସେକ୍ସନର କର୍ମକର୍ତ୍ତା ପ୍ରଦୀପ ଦାସ ଘଟଣା ସ୍ଥଳରେ ପହଞ୍ଚି ଅଜଗରକୁ ଉଦ୍ଧାର କରିଛନ୍ତି। ଏ ସମ୍ପର୍କରେ ନୂଆଗାଁ ସେକ୍ସନର ଫରେଷ୍ଟର ପଦ୍ମନାଭ ରାଉତ କହିଛନ୍ତି, ଅଜଗରର ଲମ୍ବ ୯ ଫୁଟ ୪ ଇଞ୍ଚ ହୋଇଥିବା ବେଳେ ତାକୁ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜଟାଧାର ତଣ୍ଡାରେ ଛାଡି ଦିଆଯାଇଛି।

# ଡିଜେ ଶବ୍ଦ: ଶ୍ରେଣୀଗୃହରେ ଛାତ୍ରୀ ଅଚେତ

**କୁଜଙ୍ଗ, ୩।୨(ମନୋଜ ପ୍ରଧାନ):** ଉକ୍ଟ ଡିଜେ ଶବ୍ଦରେ ଶ୍ରେଣୀ ଗୃହରେ ଜଣେ ଛାତ୍ରୀ ଅଚେତ ହେବା ଘଟଣା ଆଲୋଚନାର ବିଷୟ ପାଲଟିଛି। ପ୍ରକାଶ ଯେ, ମଙ୍ଗଳବାର ମଧ୍ୟାହ୍ନରେ କୁଜଙ୍ଗ ଥାନା ତଥା ଏରସମା ବ୍ଲକ ଚଟୁଆ ହରିଜନ ସାହିର ମା'ସରସ୍ୱତୀଙ୍କ ଭସାଣୀ ଶୋଭାଯାତ୍ରା ହେଉଥିଲା। ହରିଜନ ସାହିଟି ଚଟୁଆ ଉଚ୍ଚବିଦ୍ୟାଳୟ ନିକଟରେ ଥିବାରୁ ଭସାଣି ସମୟରେ ବ୍ୟବହୃତ ଡିଜେ ଶବ୍ଦରେ ଶ୍ରେଣୀ ଗୃହରେ ଅଧ୍ୟୟନରତା ଜଣେ ନବମ ଶ୍ରେଣୀର ଛାତ୍ରୀ ଅଚେତ ହୋଇ ଯାଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସିତ ହେବା ପରେ ସମ୍ପୃକ୍ତା ଛାତ୍ରୀ ଘରକୁ ଫେରିଛନ୍ତି। ଏ ସମ୍ପର୍କରେ ଛାତ୍ରୀଙ୍କ ନିକଟ ସମ୍ପର୍କୀୟ କୁଜଙ୍ଗ ଥାନାରେ ଅଭିଯୋଗ କରିବାରେ ପୋଲିସ ପହଞ୍ଚି ଡିଜେ ଗାଡ଼ିକୁ ଜବତ କରିଛି। ଏହାକୁ ହରିଜନ ସାହି ଲୋକେ ବିରୋଧ କରିଥିଲେ। ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ଏରସମା ପୋଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହାସତ୍ତ୍ୱେ ସାହି ଲୋକେ ପୋଲିସ କାର୍ଯ୍ୟରେ ବାଧା ଦେଇ ରାସ୍ତା ରୋକ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ପୋଲିସ ଏହାକୁ ସଫଳ କରାଇ ଦେଇନଥିଲା। ଏ ସମ୍ପର୍କରେ ପୋଲିସ ନିଜ ଆଡୁ ଏକ ମକଦ୍ଦମା ରୁଜୁ କରି ତଦନ୍ତ କରିବ ବୋଲି ଥାନା ଅଧିକାରୀ ବଂଶୀଧର ପ୍ରଧାନ କହିଛନ୍ତି। ସେ କହିଛନ୍ତି, ପ୍ରକୃତରେ ଯେଉଁ ସାଉଣ୍ଡ ବ୍ୟବହୃତ ହୋଇଥିଲା ତାହା ଡିଜେ ନୁହେଁ ଏକ ବକ୍ସ। ତାର ଶବ୍ଦ କେତେ ଥିଲା ପରୀକ୍ଷା କରାଗଲା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ପ୍ରଧାନ କହିଛନ୍ତି ।

**ଡିଜେ ଗାଡ଼ି ଜବତ**

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ST. XAVIERS PUBLIC SCHOOL
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

ଆବଶ୍ୟକ
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

ଆବଶ୍ୟକ
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ ।
ଦରମା ଟ.12,000+ ଇନସେଣ୍ଟିଭ୍ ।
ନିଜସ୍ୱ ବାଇକ୍ ଆବଶ୍ୟକ ।
ଫୋନ୍: 9886365677

URBAN YATRA - TOUR COMPANY
BHUBANESWAR, ODISHA
Positions Open:
• SUPERVISOR
• COOK
• OFFICE BOY
Experience required: 2 years & above
9938012124 | 9439534567
www.urbanyatra.com

APPOINTMENT
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to:
ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
TKIL Industries
WALK-IN-INTERVIEW
POSITIONS:
ENGINEERs to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
• Role: Contractual/Permanent
• Mechanical, Instrumentation & Electrical Maintenance of Aluminum Smelter
• Operations & Maintenance of CFBC-based Power Plants
• Mechanical Maintenance of Steel Plant RMHS
Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing:09:00am to 06:00pm
Interview Venue: Mehfil Marriage Palace, Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

15001/2/2526
ଓଡ଼ିଶା ସରକାର



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୬
ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସନ୍ଧ୍ୟା ୫ ଘଟିକା — ସ୍ଥାନ– ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"
ମୁଖ୍ୟ ବକ୍ତା :- ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର, ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'
ଅତିଥି ବକ୍ତା :- ଶ୍ରୀଯୁକ୍ତ ପ୍ରହ୍ଲାଦ କୁମାର ସିଂହ, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର
ସମ୍ମାନନୀୟ ବକ୍ତା :- ଡଃ ଭାରତୀ ପାଳ, ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/25-26/0002

# ଜିଲାସ୍ତରୀୟ ପିଏମ୍‌ଶ୍ରୀ ମେଳା ଉଦ୍‌ଯାପିତ


ଛାୟା ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳ ସଦସ୍ୟ ।


କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ ।

■ ମିଳିଲାନି ପାନୀୟ ଜଳ
■ ଚୌକି ପୂରଣ ପାଇଁ ଛାତ୍ରୀଛାତ୍ରଙ୍କୁ ଅଣାଗଲା

ନୟାଗଡ଼,୩।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ରଜେନ୍ଦ୍ର ହାଇସ୍କୁଲ ଖେଳ ପଡ଼ିଆରେ ସୋମବାର ଆରମ୍ଭ ହୋଇଥିବା ଜିଲାସ୍ତରୀୟ ପିଏମ୍‌ଶ୍ରୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମେଳାରେ ସଭା ହେଉଥିବା ବେଳେ ଚୌକି ଖାଲି ପଡ଼ିବାରୁ ଅତିଥିଙ୍କ କୋପରୁ ରକ୍ଷା ପାଇଁ କେତେକ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଖୋଜି କରି ଆଣି ଚୌକିରେ ବସାଇବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ସେହିପରି ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଶେଷ ହେଲା ପରେ ଜଳ ମିଳି ନ ଥିଲା। ଫଳରେ ଛାତ୍ରୀଛାତ୍ର ହଇରାଣ ହୋଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିବାବେଳେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ମଧୁମିତା ରଥ, ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ, ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦିନ ତମାମ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ନାଟକ ଓ ସଙ୍ଗୀତ ଆବୃତ୍ତି ଜାରି ରହିଥିଲା।

## ମଡେଲ ପାର୍ଲାମେଣ୍ଟ

ମଡେଲ୍ ପାର୍ଲାମେଣ୍ଟରେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନୀ ଭଲ ଥିବାବେଳେ ସ୍ଥାନାଭାବରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଟେଣ୍ଟ୍ ଠିକ୍‌ରେ କରାଯାଇ ନ ଥିବାବେଳେ ଭେଣ୍ଟିଲେଶନ ବ୍ୟବସ୍ଥା ନ ଥିବାରୁ ଗରମ ହେଉଥିଲା। ତେବେ ବିଶୃଙ୍ଖଳା ଭିତରେ ପାର୍ଲାମେଣ୍ଟ କାମ ହୋଇଥିଲା। ଅଧ ଘଣ୍ଟାଏ ଧରି ପାର୍ଲାମେଣ୍ଟ ଅଧିବେଶନ ଚାଲୁ ରହିଥିଲା। ଶୂନ୍ୟକାଳରେ ସରଗରମ ଆଲୋଚନା ହୋଇଥିଲା। ସରକାରୀ ଓ ବିରୋଧୀ ଦଳର ଇଂଲିଶ, ହିନ୍ଦୀ ଭାଷାରେ କଥା କଟାକଟି, ଯୁକ୍ତିତର୍କ ଓ ତର୍କ ବିତର୍କ ବେଶ୍ ଆମୋଦିତ ଥିଲା। ବିଲ୍ ବି ପାସ୍ ହୋଇଥିଲା। ପୁଣି ବାଚସ୍ପତିଙ୍କ ରୁଲିଂ ଅନୁରୂପ ଚିତ୍ତାକର୍ଷକ ଥିଲା। ସବୁ ସତ୍ତ୍ୱେ ପାର୍ଲାମେଣ୍ଟ ଅଧିବେଶନ ଅସଲି ନ ଥିଲା। ଜିଲାରେ ୨ୟ ଥର ପାଇଁ ଅନୁଷ୍ଠିତ ହୋଇଥିଲା ଜିଲାସ୍ତରୀୟ ଛାୟା ପାର୍ଲାମେଣ୍ଟ ଅଧିବେଶନ। ଜିଲା ସମଗ୍ର ଶିକ୍ଷା ବିଭାଗ ପିଏମ୍‌ଶ୍ରୀ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ଆଣି ଦେଇଥିଲା ସୁଯୋଗ। ଯେଉଁଥିରେ ଜିଲାର ୧୩ ପିଏମ୍‌ଶ୍ରୀ ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଦେଶ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଏମ୍‌ପି ମାନଙ୍କର ଭୂମିକାକୁ ଉପସ୍ଥାପନ କରି ନିଜର ପରାକାଷ୍ଠା ଦେଖାଇଥିଲେ। ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଆସିବା ପରେ ପାର୍ଲାମେଣ୍ଟ ଆରମ୍ଭ ହୋଇଥିଲା। ବାଚସ୍ପତିଙ୍କ ସହ ଜିଲା ପରିଷଦ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ, ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ, ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଉପସ୍ଥିତ ଥିଲେ। ପାର୍ଲାମେଣ୍ଟ ଅଧିବେଶନ ଶେଷ ପରେ ବାଚସ୍ପତି ପାଢ଼ୀ ଛାୟା ପାର୍ଲାମେଣ୍ଟର ବାଚସ୍ପତି, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଏମ୍‌ପିଙ୍କୁ ପ୍ରଶଂସା କରିଥିଲେ।

## ୨୫ ଲକ୍ଷ ବ୍ୟୟ ଅଟକଳ

ଜିଲାସ୍ତରୀୟ ପିଏମ୍‌ଶ୍ରୀ ମେଳାରେ ୨ଦିନର କାର୍ଯ୍ୟକ୍ରମ ପାଇଁ ୨୫ ଲକ୍ଷ ବ୍ୟୟ ଅଟକଳ ରହିଥିବା ଜଣାପଡ଼ିଛି। ବିଭିନ୍ନ ବିଶୃଙ୍ଖଳା ଓ ଅବ୍ୟବସ୍ଥାକୁ ଦେଖିଲେ ୪ରୁ ୫ ଲକ୍ଷ ଖର୍ଚ୍ଚ କରି କାମ ଚଳାଇ ନିଆଯାଇଥିବା ଅଭିଯୋଗ ଉଠିଛି। ପ୍ରଥମତଃ ଯେଉଁ ଖେଳ ପଡିଆରେ ମେଳା ହେଉଥିଲା ସମ୍ପୃକ୍ତ ପଡିଆ ସମତଳ ନ ଥିଲା। ଖାଲଖମା ପଡିଆରେ ତାରପୋଲିନ୍ ପଡ଼ିଯିବା ଦ୍ୱାରା ଖାଲ ଢିପ ଜାଣି ହେଉ ନ ଥିଲା। କେତେକ ଛାତ୍ରୀଛାତ୍ର ଓ ଶିକ୍ଷକ ଜାଣି ନ ପାରି ପଡି ଯାଇଥିଲେ।

ସେହିପରି ଅତିଥିମାନଙ୍କର ଟେଣ୍ଟ ଭଲରେ ହୋଇଥିବା ବେଳେ ଛାତ୍ରୀଛାତ୍ର ବସିଥିବା ସ୍ଥାନ ଟେଣ୍ଟ ଭଲରେ ହୋଇ ନ ଥିଲା। ଖରା ଅଧିକ ଯୋଗୁ ଗରମ ହୋଇଥିଲା। ପୁଣି ଖାଦ୍ୟର ମାନ ଠିକ୍ ନ ଥିବା ମଧ୍ୟ ଅନୁରୂପ ଅଭିଯୋଗ ଉଠିଛି।

ମଙ୍ଗଳବାର ପିଲାଙ୍କୁ ଦିଆଯାଇଥିବା ଖାଦ୍ୟରେ ଖଟା ଓ ଡାଲି ବି ପାଣିଆ ରହିଥିଲା। ଚିକେନ ଗୋଟିଏ ଖଣ୍ଡକୁ ଆଳୁ ଖଣ୍ଡିଏ ମିଳିଥିଲା। ୨ୟ ଥର ମାଗିଲେ ଚିକେନ ନ ଥିବା ଉତ୍ତର ମିଳିଥିଲା, ଯାହାକି ତଦନ୍ତସାପେକ୍ଷ।

ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ କୁହନ୍ତି, ପାନୀୟ ଜଳ ରଖାଯାଇଥିଲା। ହେଲେ ଛାତ୍ରୀଛାତ୍ର ପିଇ ଶେଷ କରି ଦେଇଛନ୍ତି। ଆବଶ୍ୟକ ପଡିଥିଲେ ପୁଣି ଲୋଡ କରାଯାଇଥାନ୍ତା। ଖାଦ୍ୟର ମାନ ଭଲଥିଲା, ଚିକେନ ଠିକ୍ ପରିମାଣ ଦିଆଯାଇଛି। ଟେଣ୍ଟ ହାଉସ୍ ପକ୍ଷରୁ ଭେଣ୍ଟିଲେଶନ୍‌କୁ ଗୁରୁତ୍ୱ ଦେବାର ଥିଲା କିନ୍ତୁ କିଛି ଅସୁବିଧା ହୋଇ ନାହିଁ। ବ୍ରଜେନ୍ଦ୍ର ହାଇସ୍କୁଲ ପଡିଆକୁ ସମାନ କରିବା ପାଇଁ ଚେଷ୍ଟା କରିଥିଲୁ, ହେଲେ ସମୟ ମିଳିଲା ନାହିଁ। ଏବେ କରାଯିବା ପାଇଁ ନୟାଗଡ଼ ବିଡିଓଙ୍କୁ କୁହାଯାଇଛି। ତେବେ ସବୁ କିଛି ଠିକ୍‌ଠାକ ଥିଲା ବୋଲି କହିଛନ୍ତି।

# ବ୍ଲକ୍, ସହରାଞ୍ଚଳ ପାଇଁ କଂଗ୍ରେସ ସଭାପତି ନିଯୁକ୍ତ

ନୟାଗଡ଼,୩।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ବ୍ଲକ ଓ ସହରାଞ୍ଚଳ ପାଇଁ କଂଗ୍ରେସ ପକ୍ଷରୁ ସଭାପତି ନିଯୁକ୍ତ କରାଯାଇଛି । ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏନେଇ ଏକ ଚିଠି ପ୍ରକାଶ ପାଇଛି । ନୟାଗଡ଼ ବ୍ଲକ ସଭାପତି ଭାବେ ହାସିମ ଖାନ, ଓଡଗାଁ ବ୍ଲକ ପାଇଁ ପୂର୍ଣ୍ଣଚନ୍ଦ୍ର ନାୟକ, ରଣପୁର ବ୍ଲକ ପାଇଁ ଶତ୍ରୁଘ୍ନ ପାଇକରାୟ, ନୂଆଗାଁ ବ୍ଲକ ପାଇଁ ଅଶୋକ କୁମାର ନାୟକ, ଦଶପଲ୍ଲା ବ୍ଲକ ପାଇଁ ବୁଲୁ ପରିଡା, ଗଣିଆ ବ୍ଲକ ପାଇଁ ହଲିମ ଖାନ, ଭାପୁର ବ୍ଲକ ପାଇଁ ବାଙ୍କ ବିହାରୀ ଧଳ, ଖଣ୍ଡପଡା ବ୍ଲକ ପାଇଁ ଲିଲିବାଳା ନାୟକ ନିଯୁକ୍ତି ହୋଇଛନ୍ତି । ସେହିପରି ନୟାଗଡ଼ ମ୍ୟୁନିସିପାଲିଟି ପାଇଁ ରାଜ କିଶୋର ଜେନା, ଓଡଗାଁ ଏନ୍‌ଏସି ପାଇଁ ବିଭୂତି ରାଉତ, ଖଣ୍ଡପଡା ଏନ୍‌ଏସି ପାଇଁ ସନ୍ତୋଷ କୁମାର ସାହୁ, ଦଶପଲ୍ଲା ଏନ୍‌ଏସି ପାଇଁ ବିନୋଦ ବିହାରି ମିଶ୍ର, ରଣପୁର ଏନ୍‌ଏସି ପାଇଁ ପ୍ରଭାତ କୁମାର ଦଳାଇ ଅନୁରୂପ ଭାବେ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି ।

# ମହାବୀର ବଣିକ ମହାସଂଘର ବାର୍ଷିକ ଉତ୍ସବ


ମଞ୍ଚାସୀନ ଥିବା ବଣିକ ସଂଘ କର୍ମକର୍ତ୍ତା ।

ଦଶପଲ୍ଲା,୩।୨(ପ୍ରକାଶ କୁମାର ପାଣି)

ଦଶପଲ୍ଲାର ୧୩ଟିବଜାରର ୯ଶହ ଦୋକାନୀଙ୍କୁ ନେଇ ଗଠିତ ମହାବୀର ବଣିକ ମହାସଂଘ ପଞ୍ଚଦଶ ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ମହାସଂଘ ସଭାପତି ଅଲେଖ ସାହୁଙ୍କ ସଭାପତିତ୍ୱରେ ଉପସଭାପତି ଉମାକାନ୍ତ ସାହୁ ଅତିଥି ପରିଚୟ ସାଙ୍ଗକୁ ସ୍ୱାଗତ ଭାଷଣ ଏବଂ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପାଠ, କୋଷାଧ୍ୟକ୍ଷ ସଜନ କୁମାର ଅଗ୍ରୱାଲ ବାର୍ଷିକ ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ତାରାକାନ୍ତ ସାହୁ, ସଜନ କୁମାର ରାୟ, ଦଣ୍ଡପାଣି ସାହୁ ଓ ନାରାୟଣ ମହାନ୍ତି ପ୍ରମୁଖ ବ୍ୟବସାୟଙ୍କ ଉନ୍ନତି ଉପରେ ଉଦ୍‌ବୋଧନ ଦେଇଥିଲେ। ବିଶ୍ୱକର୍ମା ବଜାରଠାରୁ ପୂଜାର୍ଚ୍ଚନା କରି ମହାସଂଘର ଶତାଧିକ ବ୍ୟବସାୟୀ ବାଇକ୍ ଶୋଭାଯାତ୍ରାରେ ବାହାରି ଥିଲେ। ସହର ମଧ୍ୟରେ ଥିବା ମହାପୁରୁଷ, ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମହାସଂଘ ପକ୍ଷରୁ ପୂଜ୍ୟ ପୂଜା କରାଯାଇଥିଲା।

ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା। ସଂଘ ନିଜସ୍ୱ ଗୃହରେ ଆୟୋଜିତ ଉତ୍ସବ ପ୍ରାରମ୍ଭରେ ବ୍ୟବସାୟୀଙ୍କ ଏକତା ପତାକାକୁ ସଭାପତି ଅଲେଖ ସାହୁ ଉତ୍ତୋଳନ କରିଥିଲେ। ପରେ ଅଧିବେଶନ ହୋଇଥିଲା। ଏହ ଅବସରରେ ବ୍ୟବସାୟୀ ଲକ୍ଷ୍ମୀ ବଜାରର ସୁଶାନ୍ତ କୁମାର ସାହୁ, ଗଣେଶ ବଜାରର ପ୍ରମୋଦ କୁମାର ସାହୁ ଏବଂ ଶୃଙ୍ଖଳିତ ବଜାର ଭାବେ ଗଣେଶ ବଜାର ବଣିକ ସଂଘକୁ ସମ୍ମାନିତ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ଉତ୍କଳ ସମ୍ମିଳନୀ ଦଶପଲ୍ଲା ଶାଖା ସଭାପତି ଡ. ବୈଦ୍ୟନାଥ ସାହୁ ଓ ସମ୍ପାଦକ ଗାଳ୍ପିକ ହାଡିବନ୍ଧୁ ମହାଖୁଡ଼ ଉପସ୍ଥିତ ବଣିକମାନଙ୍କୁ ଶୁଦ୍ଧ ଓଡ଼ିଆରେ ବ୍ୟବସାୟ ପ୍ରତିଷ୍ଠାନରେ ସାଇନ୍ ବୋର୍ଡ ଲେଖିବା ଏବଂ ଓଡ଼ିଆରେ ଚିଠିପତ୍ର ଆଦାନ ପ୍ରଦାନ କରିବା ସହ ମାତୃଭାଷାର ସୁରକ୍ଷା ପାଇଁ ପ୍ରବର୍ତ୍ତାଇ ଥିଲେ। ମଞ୍ଚରେ ବଣିକ ନେତା ସୁଶାନ୍ତ ମହାପାତ୍ର, ପୀତବାସ ପାତ୍ର, ପୀତବାସ ପଣ୍ଡା ଓ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ସଂଗଠନକୁ ସୁଦୃଢ଼ କରିବାକୁ ପ୍ରସ୍ତାବ ଦେଇଥିଲେ।

# ବିଧାନସଭା ଗୃହ କମିଟିର ଖଣ୍ଡପଡ଼ା ଗସ୍ତ


ବିଧାନସଭା ଗୃହ କମିଟି ସଦସ୍ୟଙ୍କ ସହ ଜିଲାପାଳ ।

ନୟାଗଡ଼,୩।୨(ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବିଧାନସଭା ଗୃହ କମିଟି ସଦସ୍ୟ ବିଧାୟକ ସତ୍ୟଜିତ ଗମାଙ୍ଗ ଓ ରୁପେଶ କୁମାର ପାଣିଗ୍ରାହୀ ପ୍ରମୁଖ ୩ ଜଣିଆ ଦଳ ମଙ୍ଗଳବାର ଖଣ୍ଡପଡା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। କମିଟି ସଦସ୍ୟମାନେ ସିଙ୍ଘାପଡା ପଞ୍ଚାୟତ ଅଧିନ ରୁପାପଲ୍ଲୀ ଓ ନୂଆଗାଁରେ ଅବସ୍ଥିତ ଏକ ଫାର୍ମ ହାଉସ୍ ପରିଦର୍ଶନ କରିବା ଅବସରରେ ମହିଳା କୃଷକ ପ୍ରଭାସିନୀ ଖୁଣ୍ଟିଆ ଚାଷବାସ କାର୍ଯ୍ୟକରି କିପରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ସେ ନେଇ ଅନୁଧ୍ୟାନ କରିଥିଲେ। ସେହିପରି ମତ୍ସ୍ୟଚାଷୀ ସୋନାଲି ମଲ୍ଲଙ୍କୁ ଭେଟିବା ସହ ୫ ଟି ପୋଖରୀରେ କରିଥିବା ମାଛଚାଷ ସମ୍ପର୍କରେ ବୁଝିଥିଲେ। ପରେ ସଦସ୍ୟମାନେ ଗୋଛାବାରୀ ଗ୍ରାମର ହନୁମାନଙ୍କ ମନ୍ଦିର, କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବଜୀଉଙ୍କ ମନ୍ଦିର ପରିଦର୍ଶନ କରିବା ସହ ବାଣପୁର ଗ୍ରାମ ପାର୍ଶ୍ୱ ମହାନଦୀ ଘାଟରେ ମାଛ ଚାଷ ସ୍ଥଳ ପରିଦର୍ଶନ କରିଥିଲେ। ଅନ୍ୟପକ୍ଷେ ବାଣପୁର ଗ୍ରାମର ମତ୍ସ୍ୟଜୀବୀ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ମଧୁମିତା ରଥଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀମାନେ ସହଯୋଗ କରିଥିଲେ।

# କାମ ଦେଉ ନ ଥିବାରୁ ଶ୍ରମିକଙ୍କ ଧାରଣା

## ରାଇସ୍ ମିଲ୍‌ରେ ଉତ୍ତେଜନା

ନୟାଗଡ଼,୩।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶରଣକୁଳର ଏକ ରାଇସ୍ ମିଲ୍‌ରେ ଶ୍ରମିକଙ୍କୁ ନିୟମିତ କାମ ନ ଦେବା ପ୍ରତିବାଦରେ ମଙ୍ଗଳବାର ଅଶାନ୍ତି ଦେଖା ଦେଇଥିଲା। ଖବର ପାଇ ଶ୍ରମିକ ନେତା ଶୂନ୍ୟଜୟୀ ମିଶ୍ର ମିଲ୍‌ରେ ପହଞ୍ଚିବା ପରେ ପରିଚାଳନା ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ସେ ଖରାପ ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ଚାପା ଉତ୍ତେଜନା ଦେଖା ଦେବା ସହ ଶ୍ରମିକମାନେ ଆନ୍ଦୋଳନ କରି ଧାରଣା ଦେଇଥିଲେ। ପରବର୍ତ୍ତୀ ସମୟରେ ଶରଣକୁଳ ଥାନା ପୋଲିସର ହସ୍ତକ୍ଷେପ ପରେ ବିବାଦ ହଟିଛି । ଏ ନେଇ ଶ୍ରମ ବିଭାଗ, ଜିଲା ଯୋଗାଣ ବିଭାଗ ଓ ଶ୍ରମିକ ନେତାଙ୍କ ସହ ଶ୍ରମିକଙ୍କ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷେ ମିଲରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଭବିଷ୍ୟନିଧି ପାଣ୍ଠି (ଇପିଏଫ) ଓ ଇଏସ୍‌ଆଇ(ରାଜ୍ୟ କର୍ମଚାରୀ ବୀମା) ପରିସରଭୁକ୍ତ କରାଯାଉ ନାହିଁ । ସମ୍ପୃକ୍ତ ବିଷୟ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡିଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଦର୍ଶ


@ ଦୁର୍ଯ୍ୟୋଧନ


@ ହିମାଂଶୁ


@ ସଙ୍କେତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ST. XAVIERS PUBLIC SCHOOL
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

ଆବଶ୍ୟକ
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

ଆବଶ୍ୟକ
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ ।
ଦରମା ଟ.12,000+ ଇନସେଣ୍ଟିଭ୍ ।
ନିଜସ୍ୱ ବାଇକ୍ ଆବଶ୍ୟକ ।
ଫୋନ୍: 9886365677

URBAN YATRA - TOUR COMPANY
BHUBANESWAR, ODISHA
Positions Open:
• SUPERVISOR
• COOK
• OFFICE BOY
Experience required: 2 years & above
9938012124 | 9439534567
www.urbanyatra.com

APPOINTMENT
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to: ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
WALK-IN-INTERVIEW
TKIL Industries
POSITIONS:
ENGINEERs to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
• Role: Contractual/Permanent
• Mechanical, Instrumentation & Electrical Maintenance of Aluminum Smelter
• Operations & Maintenance of CFBC-based Power Plants
• Mechanical Maintenance of Steel Plant RMHS
Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing:09:00am to 06:00pm
Interview Venue: Mehfil Marriage Palace Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

15001/2/2526
ଓଡ଼ିଶା ସରକାର

ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୬
ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସନ୍ଧ୍ୟା ୫ ଘଟିକା ସ୍ଥାନ– ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"
ମୁଖ୍ୟ ବକ୍ତା :- ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର
ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'
ଅତିଥି ବକ୍ତା :- ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର
ସମ୍ମାନନୀୟ ବକ୍ତା :- ଡଃ ଭାରତୀ ପାଲ
ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/25-26/0002

# ଆସୁନାହିଁ ଟୋକନ, ଧାନ ବିକ୍ରି ଚିନ୍ତାରେ ଚାଷୀ

**ଚଣ୍ଡିଖୋଲ,୩।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ଧାନ ବିକ୍ରି ପାଇଁ ଅପେକ୍ଷା କରିକରି ଚାଷୀ ହତାଶ ହେଲେଣି। ହେଲେ ସରକାରଙ୍କ ପକ୍ଷରୁ ଆସିବାକୁ ଥିବା ଟୋକନ ଆସୁନାହିଁ। ଜାନୁଆରୀ ୭ରୁ ମଣ୍ଡି ଖୋଲିଲାଣି। ଏପର୍ଯ୍ୟନ୍ତ ଯାଜପୁର ଜିଲାର ୨ ହଜାର ଚାଷୀଙ୍କ ମୋବାଇଲକୁ ମ୍ୟାସେଜ ଆସି ନ ଥିବାରୁ ସେମାନେ ଚିନ୍ତାରେ ପଡ଼ିଛନ୍ତି।

ବଡ଼ଚଣା ବ୍ଲକରେ ୧୬ ସମବାୟ ସମିତି ଓ ୧୦ ସ୍ୱୟଂସହାୟକ ଗୋଷ୍ଠୀକୁ ଧାନ କିଣିବା ପାଇଁ ଅନୁମତି ମିଳିଛି। ବଡ଼ମଣ୍ଡିକୁ ୨୫ ହଜାର ଓ ଛୋଟ ମଣ୍ଡିକୁ ୧୧ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଅନୁମତି ଦିଆଯାଇଛି। ମାତ୍ର ମଣ୍ଡି ଖୋଲିବାର ଏକ ମାସ ବିତି ଯାଉଥିଲେ ବି ଅଧାଅଧି ଧାନ କିଣା ଯାଇପାରିନାହିଁ। ମଣ୍ଡି ଖୋଲିବା ଦିନରୁ ସମସ୍ୟା ଲାଗି ରହିଛି। ପ୍ରଥମେ ମିଲର ଖୋଟ ଅଖାରେ ଧାନ ନେବେ ଓ ୫ରୁ୭ କିଲୋ କଟ୍‌ନୀ ଛଟ୍‌ନୀ କରିବେ


ମଣ୍ଡିରେ ଧାନବସ୍ତା ପଡ଼ିରହିଛି।

କହିବାରୁ ଚାଷୀ ଅସହମତି ପ୍ରକାଶ କରିଥିଲେ। ଏହାକୁ ନେଇ କିଛିଦିନ ଦ୍ୱନ୍ଦ୍ୱ ଉପୁଜିଥିଲା। ଜିଲାପାଳଙ୍କ ଅଧକ୍ଷତାରେ ମିଲରମାନଙ୍କ ସହ ବୈଠକ କରାଯାଇ ଏହାର ସମାଧାନ କରାଯାଇଥିଲା। ମାତ୍ର ସମାଧାନର ସୁଫଳ କିଛି ମିଳିନାହିଁ। ଏବେବି ମିଲର ୫ରୁ୭ କିଲୋ କଟ୍‌ନୀ ଛଟ୍‌ନୀ କରୁଛନ୍ତି। ଏଥି ସହିତ କେତେକ ମଣ୍ଡିରେ ମିଲର ନିଜେ ଖୋଟ ଅଖା ଆଣି ଜରି ଅଖା ବଦଳାଇ ନେଉଥିଲାବେଳେ ଆଉ କେତେକ ସ୍ଥାନରେ ଚାଷୀ ଖୋଟ ଅଖାରେ ଧାନ ପୁରାଇ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ସମୟ ଗଡ଼ିଯାଉଥିବାବେଳେ ଏବେବି ଚାଷୀଙ୍କ ଟୋକନ ଆସୁନାହିଁ। ସେମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ପୂର୍ବରୁ ଯେଉଁମାନଙ୍କ ୪୦ରୁ୬୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଆସୁଥିଲା, ସେମାନଙ୍କର ୫ରୁ୧୦ କିଣ୍ଟାଲ ପର୍ଯ୍ୟନ୍ତ ଧାନ ବିକ୍ରି ପାଇଁ ଟୋକନ ଆସିଛି। ଫଳରେ ସେହି ଚାଷୀ ହରଡ଼ ଘଣାରେ ପଡ଼ିଛନ୍ତି। ଏସମ୍ପର୍କରେ ଯାଜପୁର ଜିଲା ଯୋଗାଣ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି, ଚଳିତ ବର୍ଷ ଯାଜପୁର ଜିଲାର ୫୯ ହଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ଅଦ୍ୟାବଧି ୫୭ ହଜାର ଚାଷୀଙ୍କ ଟୋକନ ଆସିଛି। ଆଉ ୨ ହଜାର ଚାଷୀଙ୍କ ଟୋକନ ଆସିନାହିଁ। ସରକାରଙ୍କ ପକ୍ଷରୁ ସେମାନଙ୍କୁ ସିଧାସଳଖ ମ୍ୟାସେଜ ଆସୁଛି। ସେମାନଙ୍କ ଟୋକନ ଆସିବ କି ନାହିଁ ତାହା ଆମେ କହି ପାରିବୁନାହିଁ। ଆଶା କରୁଛୁ ସମସ୍ତଙ୍କ ଆସିପାରେ। ମିଲରଙ୍କୁ କୁହାଯାଇଛି, ଚଳିତ ବର୍ଷ ଜରି ଅଖା ଗ୍ରହଣ କରିବା ପାଇଁ। ଯେଉଁମାନଙ୍କ ଟୋକନ ଆସିଛି ସେମାନଙ୍କ ଧାନ କିଣାଯିବ।

# ଉନ୍ନତ ମୋବାଇଲ ନେଟ୍‌ୱର୍କ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ

**ଦୂରସଞ୍ଚାର ସେବା ସମ୍ପର୍କିତ କର୍ମଶାଳା**

**ରସୁଲପୁର,୩।୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତରେ ଶନିବାର ଦୂରସଞ୍ଚାର ସମ୍ପର୍କିତ କର୍ମଶାଳା ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟେଲିକମ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ସହଯୋଗରେ ଆୟୋଜିତ କର୍ମଶାଳାରେ ଉନ୍ନତ ମୋବାଇଲ ନେଟ୍‌ୱର୍କ ପାଇଁ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ଗ୍ରାହକମାନଙ୍କର ସମସ୍ୟା ଦୂରକରାଯିବ ବୋଲି ସୂଚନା ଦିଆଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ମୋବାଇଲ ବ୍ୟବହାରକାରୀ ଉପଭୋକ୍ତାମାନେ ଶିବିରାର୍ଥୀ ଭାବେ ଯୋଗଦେଇ ମତାମତ ରଖିଥିଲେ। କର୍ମଶାଳାରେ ମହିଳା, କୃଷକ ଓ ବୟୋଜ୍ୟେଷ୍ଠ ଉପଭୋକ୍ତାମାନଙ୍କୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ମୋବାଇଲ ନେଟ୍‌ୱର୍କ ସମ୍ପର୍କିତ ସମସ୍ୟା ସମ୍ପର୍କରେ ଉପଭୋକ୍ତାମାନଙ୍କର ମତାମତ ନିଆଯାଇଥିଲା। ନେଟ୍‌ୱର୍କ ସମସ୍ୟା, ଅବଚକାରୀ ମେସେଜ୍, ବ୍ୟବହୃତ ପାକେଜ୍‌ର ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ମୋବାଇଲ ସେବା ବନ୍ଦ ହୋଇଯିବା ଭଳି ନାନା ସମସ୍ୟା ସମ୍ପର୍କରେ ଉପଭୋକ୍ତାମାନେ ଅଭିଯୋଗ କରିଥିଲେ। ସମସ୍ତ ଉପଭୋକ୍ତାଙ୍କୁ ଉନ୍ନତ ଦୂରସଞ୍ଚାର ସେବା ପହଞ୍ଚାଇବା ଟ୍ରାଇର ଲକ୍ଷ୍ୟ ବୋଲି ଆୟୋଜକ ସଂସ୍ଥାର ସମ୍ପାଦକ ଗୋକୁଳାନନ୍ଦ ଦାସ ସୂଚନା ଦେଇଥିଲେ। ସମସ୍ତ ଗ୍ରାହକଙ୍କୁ ଦୂର ସଞ୍ଚାର ସୁବିଧା ଏବଂ ସୁରକ୍ଷାର ମାନଦଣ୍ଡକୁ କିପରି ସୁଦୃଢ଼ କରାଯାଇପାରିବ ସେ ଦିଗରେ ଅଧିକ ଧ୍ୟାନ ଦିଆଯିବ ବୋଲି କର୍ମଶାଳାରେ ଉପସ୍ଥିତ ଜିଓ, ଟେଲିଆନ୍ଟ୍, ବିଏସ୍‌ଏନ୍‌ଏଲର ପ୍ରତିନିଧିମାନେ ସୂଚନା ଦେଇଥିଲେ। ବିଭିନ୍ନ ସ୍ଥାନରେ କମ୍ପାନୀ ପକ୍ଷରୁ ସ୍ଥାପନ ହୋଇଥିବା ଟାୱାରର କ୍ଷମତା ବୃଦ୍ଧି କରାଯିବା ସହ ଗ୍ରାହକମାନଙ୍କର ଅଧିକାରକୁ ସୁନିଶ୍ଚିତ କରାଯିବ ବୋଲି କୁହାଯାଇଥିଲା। ସଙ୍ଗଠନ ପକ୍ଷରୁ ଅଶୋକ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହିଳା ଉପଭୋକ୍ତାମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଚଣ୍ଡିଖୋଲ/ବଡ଼ଚଣା,୩।୨(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ମଙ୍ଗଳବାର ବଡ଼ଚଣା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ନାବାଳିକାଙ୍କୁ ଉକ୍ତ ଥାନା ବଡ଼ଘୁମୁରୀ ପଞ୍ଚାୟତ ଅନ୍ତର୍ଗତ ଶକୁନ୍ତଳାପୁର ଗ୍ରାମର ଜଣେ ଯୁବକ କୌଶଳ କ୍ରମେ ସୋମବାର ରାତିରେ ଅପହରଣ କରି କେଉଁଆଡ଼େ ନେଇ ପଳାଇଛନ୍ତି। ପୋଲିସ ଅପହରଣକାରୀ ଯୁବକଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏନେଇ ଥାନାରେ ନଂ. ୩୭/୨୬ରେ ଏକ ମାମଲା ରୁଜୁ ହୋଇଛି।

# ମହାବିନାୟକ ସାଂସ୍କୃତିକ ପରିଷଦର ପ୍ରସ୍ତୁତି ବୈଠକ

**ଚଣ୍ଡିଖୋଲ,୩।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲସ୍ଥିତ ମହାବିନାୟକ ମନ୍ଦିରରେ ମହାଶିବରାତ୍ରି ପାଇଁ ମହାବିନାୟକ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିନାୟକ ମନ୍ଦିରଠାରେ ପରିଷଦର ସଭାପତି ପବିତ୍ର ରାଉତଙ୍କ ସଭାପତିତ୍ୱ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି ସାଂସ୍କୃତିକ ଉତ୍ସବ ତିନି ଦିନ ଧରି ଅନୁଷ୍ଠିତ ହେବ। ଏହା ୧୫ ତାରିଖରେ ଆରମ୍ଭ ହୋଇ ୧୭ ତାରିଖରେ ଉଦ୍‌ଯାପିତ ହେବ। ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ


ପ୍ରସ୍ତୁତି ବୈଠକରେ ମହାବିନାୟକ ସାଂସ୍କୃତିକ ପରିଷଦ କର୍ମକର୍ତ୍ତା।

କରାଯିବ। ଏଥିସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବା ପାଇଁ ସ୍ଥିର କରାଯାଇଛି। ଶାନ୍ତିଶୃଙ୍ଖଳା ସହ ଏହି କାର୍ଯ୍ୟକ୍ରମ ସମାପନ ନିମନ୍ତେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ବୈଠକରେ ନିରଞ୍ଜନ ସେନାପତି, ଶ୍ରୀଚରଣ ଦାଶ, ଅନନ୍ତ ମହାଲା, ବିଭାସ ଚନ୍ଦ୍ର ନନ୍ଦ, କାମିନି ନାୟକ, ନୃସିଂହ ନାରାୟଣ ଓତା, ପ୍ରମୋଦ କୁମାର ଜେନା, ପ୍ରଶାନ୍ତ ବେହେରା, ପ୍ରଫୁଲ୍ଲ ଦାଶ, ରଞ୍ଜନ କୁମାର ଦାଶ, ପ୍ରକାଶ ସାହୁ, ଯଯାତି କେଶରୀ ରାଉତ, ଯତିନ୍ଦ୍ର ନାୟକ, ଜଗନ୍ନାଗ ମୁଦୁଲୀ, ବୈକୁଣ୍ଠ ସାହୁ, ହେମନ୍ତ ମହାଲା, କ୍ଷମାନିଧି ସାହୁ, ଦିଲୀପ ରାଉତ, ଜ୍ୟୋସ୍ନାରାଣୀ ପ୍ରଧାନ ଓ ଜୟନ୍ତ ନାଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**କାଏମା,୩।୨(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନହଙ୍ଗାପାଟଣା ୟୁଜିପିଏଲଏନ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଶିକ୍ଷକ ପବିତ୍ର କର ଏବଂ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ପ୍ରଧାନଶିକ୍ଷୟିତ୍ରୀ ଭଞ୍ଜନା ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବିଜୟ ଶତପଥୀ, ସମ୍ମାନିତ ଅତିଥି ଭାବରେ ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନ, ସାମାଜିକ କର୍ମୀ ମିନତି ସାହୁ, ଖବରଦାତା ରମାକାନ୍ତ ଜେନା, ଧର୍ମଶାଳା ମଣ୍ଡଳ ଶିକ୍ଷା ଅଧିକାରୀ ଅଭୟ ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ମମିତା ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅନେକ ଶିକ୍ଷଣୀୟ କଥା କହିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଉଭୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସେହିପରି ଛାତ୍ରୀଛାତ୍ର ମଧ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦ୍ୟାଳୟର କମିଟି ସଭାପତି ହରିହର ମହାନ୍ତି, ପଞ୍ଚସଖା ଶିକ୍ଷା ସେତୁ ସଭାପତି କୈଳାଶ ଚନ୍ଦ୍ର ମହାନ୍ତି ଓ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ସଭା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପରେ ଏକ ଶୋଭାଯାତ୍ରା ମାଧ୍ୟମରେ ଛାତ୍ରୀଛାତ୍ର ଉଭୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସାଙ୍ଗରେ ନେଇ ସେମାନଙ୍କ ଘରେ ପହଞ୍ଚାଇଥିଲେ।




# ଚୋରମୁହାଁ, ଅଭୟପୁର ମଣ୍ଡିରେ ୭୩୧୮ କୁଇଣ୍ଟାଲ ଧାନ ବିକ୍ରି



**ଧର୍ମଶାଳା,୩।୨(ବଟକୃଷ୍ଣ ପରିଡ଼ା):**
ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ଓ ଅଭୟପୁର ପାକ୍ସ ଧାନ ମଣ୍ଡିରେ ଧାନ କ୍ରୟ ଆରମ୍ଭ ହୋଇଛି। ମଙ୍ଗଳବାର ସୁଦ୍ଧା ଉଭୟ ମଣ୍ଡିରେ ୧୭୨ ଚାଷୀ ୭୩୧୭.୭୫ କୁଇଣ୍ଟାଲ ଧାନ ବିକ୍ରି କରିଥିବା ସୂଚନା ମିଳିଛି। ଚୋରମୁହାଁ ପାକ୍ସ ଅଧୀନ ଚହଟା, କୁମାରୀ, ଜାରକା, ଚୋରମୁହାଁ, ଗଙ୍ଗାଧରପୁର ଆଦି ପାଞ୍ଚଟି ପଞ୍ଚାୟତର ୨୨୫ ଚାଷୀ ଚଳିତ ବର୍ଷ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣ କରିଥିଲେ। ସେଥି ମଧ୍ୟରୁ ୨୦୪ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ମୋଟ ୯ ହଜାର କୁଇଣ୍ଟାଲ ଧାନ କିଣା ନିମନ୍ତେ ପାକ୍ସର ଟାର୍ଗେଟ ରହିଛି। ଏଠାରେ ୬୨ ଚାଷୀ ୨୪୬୫.୭୫ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ମୋଟ ୬ ମିଲରକୁ ଏହି ପାକ୍ସ ସହିତ ଟ୍ୟାଗ କରାଯାଇଛି ବୋଲି ସମ୍ପାଦକ ଶମ୍ଭୁନାଥ ମହାନ୍ତି ସୂଚନା ଦେଇଛନ୍ତି।

ସେହିପରି ଅଭୟପୁର ପାକ୍ସ ଧାନ ମଣ୍ଡିରେ ଅଭୟପୁର, ଜାରକା, ସୁନ୍ଦରିଆ, ପାଟପୁର, କାଏମା ଓ ଭବାନୀପୁର ଆଦି ୬ଟି ପଞ୍ଚାୟତର ୪୯୩ ଚାଷୀ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୪୮୩ ଜଣଙ୍କୁ ଟୋକନ ପ୍ରଦାନ କରାଯାଇଛି। ଏଠାରେ ମୋଟ ୧୯ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ରହିଥିବାବେଳେ ୪୮୫୩ କୁଇଣ୍ଟାଲ ଧାନ ୧୧୧ ଜଣ ଚାଷୀଙ୍କଠାରୁ ସଂଗ୍ରହ ହୋଇଥିବା ଜଣାଯାଇଛି। ଏଠାରେ ୪ ମିଲର ସଂସ୍ଥା ଧାନ କ୍ରୟ ନିମନ୍ତେ ଚୁକ୍ତି କରିଥିବା ସମ୍ପାଦକ ସଞ୍ଜୟ କୁମାର ସେଠୀ ସୂଚନା ଦେଇଛନ୍ତି।

# ଲଣ୍ଡ୍ରି ଦୋକାନ ଭସ୍ମୀଭୂତ

**ପାଣିକୋଇଲି,୩।୨(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ସରସ୍ୱତୀ ମାର୍କେଟରେ ଥିବା ଏକ ଲଣ୍ଡ୍ରି ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଦୋକାନରେ ଥିବା ଲୁଗାପଟା ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହିତ ଉକ୍ତ ଦୋକାନ ନିକଟରେ ଥିବା ଏକ ନଡ଼ିଆ ଗୋଦାମର ବ୍ୟାଟେରି ଓ ଇନଭର୍ଟର ଜଳିଯାଇଛି। ଯାଜପୁର ସଦର ଥାନା ଅନ୍ତର୍ଗତ ଅଫସରପୁର ଗ୍ରାମର ଫକୀର ସେଠୀ ଏହି ଦୋକାନ କରିଥିଲେ। ସେସବୁଦିନ ପରି ସୋମବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ନଡ଼ିଆ ଗୋଦାମର ମାଲିକ ଅଜୟ ସ୍ୱାଇଁ ସକାଳ ୫ଟାରେ ଦୋକାନ ଖୋଲିବାବେଳକୁ ତାଙ୍କ ଇନଭର୍ଟର ଓ ବ୍ୟାଟେରି ଜଳି ଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ଲଣ୍ଡ୍ରି ଦୋକାନରୁ ଧୂଆଁ ବାହାରୁ ଥିବାର ଦେଖି ସେ ଦୋକାନ ମାଲିକ ଫକୀରଙ୍କୁ ଫୋନ ଯୋଗେ ଜଣାଇଥିଲେ। ଫକୀର ଆସି ଦୋକାନ ସଟର ଖୋଲିବା ବେଳକୁ ଗ୍ରାହକ ସଫା ଓ ଇସ୍ତ୍ରି ଲାଗି ଦେଇଥିବା ଲୁଗାପଟା ସମେତ ତାଙ୍କର ଏକ କାଠ ଆଲମାରି ଏବଂ ଇସ୍ତ୍ରି ଟେବୁଲ ଜଳୁଥିବା ଦେଖିଥିଲେ। ଏହାପରେ ସେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ପାଣି ଢାଳି ନିଆଁ ଲିଭାଇଥିଲେ। ହେଲେ ସେତେବେଳେକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ଏନେଇ ଫକୀର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# କରଦା ହରିହାଟ ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

**ପାଣିକୋଇଲି,୩।୨(ବିକାଶ ଚନ୍ଦ୍ର ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ କରଦା ହରିହାଟ ମହୋତ୍ସବ ସେମାବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱ ଓ ସୌମ୍ୟା ଚାର୍ଟାଜୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ କୋରେଇକୁ ବିକଶିତ କରିବାର ସମୟ ଆସିଛି ବାଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଯେନା, ଉପସଭାପତି ଗଣେଶ୍ୱର ବରାଳ, ଭାଜପା ପଞ୍ଚାୟତ ସଭାପତି କାର୍ତ୍ତିକ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଚଳଚ୍ଚିତ୍ର ତାରକା ତଥା ଯୁବନେତା ଅରିନ୍ଦମ ରାୟ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ସାଜିଥିଲେ। ସମ୍ପାଦକ ବିଶ୍ୱନାଥ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରାଇଥିଲେ। କୁମାର ମଣ୍ଟୁ ଓ ଉଷା କୁମାରୀଙ୍କ ଉପସ୍ଥାପନା ଦର୍ଶକଙ୍କୁ ବିଭୋର କରିଥିଲା। ଖୋର୍ଦ୍ଧାର କ୍ରିଷ୍ଣା ଡ୍ୟାନ୍ସ ଗ୍ରୁପ, ରାଜା ଡ୍ୟାନ୍ସ ଗ୍ରୁପ, ବ୍ରହ୍ମପୁରର ଲୋକକଳା କଳାକାର ଦର୍ଶକଙ୍କୁ ନୃତ୍ୟ ସଂଗୀତରେ ଝୁମାଇଥିଲେ। ଦୁର୍ଗା ଶଙ୍କର ପଣ୍ଡା, ଅଧ୍ୟାପକ ମାୟାଧର ଜେନା, ଅନିରୁଦ୍ଧ ମଲିକ, କାର୍ତ୍ତିକ ସ୍ୱାଇଁ, ଶୁଭ୍ରାଂଶୁ ପାତ୍ର, ରମେଶ ମଲିକ, ରାଜକିଶୋର ଦାସ, ସଚ୍ଚିଦାନନ୍ଦ ସାହୁ, ତ୍ରିଲୋଚନ ସାହୁ, ସୁଦର୍ଶନ କୁଣ୍ଡୁ, ପ୍ରଭାକର ସାହୁ, ଚିନ୍ତାମଣି ସାହୁ, ଅଶୋକ ସାହୁ, ତୁଷାର ବେହେରା, ଶରତ ସେନାପତି, ପ୍ରଫୁଲ୍ଲ ଖଣ୍ଡାଇ ପ୍ରମୁଖ ସହଯୋଗ କରିଥିଲେ। ସୁଧାଶଙ୍କର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


**GOVERNMENT OF ODISHA** No.O-2156
**OFFICE OF THE SUPERINTENDING ENGINEER, RURAL WORKS DIVISION, JAJPUR**
Letter No.682/ Date 02.02.2026
**1st Corrigendum** to Bid Identification No. Tender Online **17 JJPT** of 2025-26 invited this office **Letter No.310, Dtd.15.01.2026.**
**The change as detailed below are hereby made in the above N.I.T.**
**1. Corrigendum to Change Date & Time.**

| Procurement Officer | Bid Identification No. | Availability of Tender On-line for bidding | | | | Last date & time of seeking tender clarification | | Date & Time of opening of Technical Bid | |
|---|---|---|---|---|---|---|---|---|---|
| | | From | | To | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| | | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur | Tender Online 17 JJPT of 2025-26 | 27.01.2026 at 10.00 AM | 03.02.2026 at 10.00 AM | 06.02.2026 upto 05.00 PM | 09.02.2026 upto 05.00 PM | 05.02.2026 upto 5.00 PM | 07.02.2026 upto 5.00 PM | 07.02.2026 at 11.30 AM | 10.02.2026 at 11.30 AM |

**Note:- If situation arises the transparent lottery will be held on 12.02.2026, At 11.30 AM.**
OIPR- **Sd./- Superintending Engineer, R.W.Division, Jajpur**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E-Mail : rw_rourkela@yahoo.co.in
**No.25001/16/2526** **TENDER CALL NOTICE**
**BID IDENTIFICATION NO. ONLINE-EERKL-28 of 2025-26**
1. Name of the work : Road Work, 2. Total No. of work : 01 (One) No., 3. Estimated Cost : Rs.63.38 Lakhs, 4. Class of Contractor : 'B' Class, 5. Period of Completion : 01 (One) Calendar month, 6. Type of Tender : Double Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division-II, Sundargarh** | **Online - EERKL-28 of 2025-26** | **02.02.2026 from 10.00 AM** | **10.02.2026 upto 4.00 PM** |

Further details can be seen from the website : www.tendersorissa.gov.in.
**Sd./- Executive Engineer RW Division-II, Sundargarh**
**OIPR-25001/25193/1/25-26/0016**

**GOVERNMENT OF ODISHA** **No.25001/16/2526**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail : sencrwangul@yahoo.co.in, Ph. : 06764-236404
**SHORT TENDER CALL NOTICE FOR AMP ROAD WORKS IN ODISHA**
**Bid Identification No. AMP Road Online AGL-34/2025-26**
**No. 457//** **Dt. 30.1.2026//**
1. Name of the work : AMP Road works, 2. Total No. of work : 02 Nos., 3. Estimated cost : Rs.126.36 to Rs.149.98 Lakhs (Approx.), 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | AMP Road Online - AGL-35/25-26 | 04.02.2026 at 10.00 A.M. | 10.02.2026 up to 5.00 P.M. | 09.02.2026 up to 1.00 P.M. | 10.02.2026 at 5.30 P.M | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in
**Sd./- Chief Construction Engineer, Rural Works Circle, Angul**
**OIPR-25001/25180/1/25-26/0016**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୨୦ **ବିଜ୍ଞାପନ** ତା.୧୫.୦୧.୨୬
**No.CAD**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏଏମ୍-୪୨-(AM-42), ବାସନ୍ତୀ ହାଉସିଂ ସ୍କିମ୍, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀ ବିମଳ କୁମାର ଦାସ, ପିତା-୰ ବ୍ରଜ ବଲ୍ଲଭ ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, ସ୍ୱାମୀ-ଶ୍ରୀ ପଞ୍ଚାନନ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ, ପିତା-୰ ବ୍ରଜ ବଲ୍ଲଭ ଦାସ, ସା- କ୍ୟୁଏ-୩୯, ଶକ୍ତିନଗର, ପୋ-ଜଗଡ଼ା, ଥାନା-ରାଉରକେଲା-୧୪, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ଶ୍ରୀ ବିମଳ କୁମାର ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଅଜୟ କୁମାର ଅଗରୱାଲ, ପିତା-କନ୍ହେୟାଲାଲ ଅଗରୱାଲ, ସା/ପୋ- କନିନା ଖାସ୍, ଜିଲ୍ଲା- ମହେନ୍ଦ୍ରଗଡ଼ (ହରିୟାଣା)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
OIPR- ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION, BHUBANESWAR**
**E-Mail: eebbsrrwss@gmail.com**
**REQUEST FOR PROPOSAL (RFP)**
**BID No.05/2025-26**
No.25001/16/2526:Superintending Engineer, RWS&S Division, Bhubaneswar on behalf of the Governor of Odisha invites Request For Proposal (RFP) in sealed covers for Engagement of **2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard** through manpower service provider on outsourcing basis under the jurisdiction of RWS&S Division, Bhubaneswar from registered and established private manpower service provider under EPF & ESI Act.

| | | |
|---|---|---|
| 1 | Nature of Assignment | **Request for proposal (RFP) For Hiring of Agency for Engagement of 2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard through manpower service provider on outsourcing basis under the jurisdiction of RWS&S Division, Bhubaneswar.** |
| 2 | No. of Item | 01 (One) |
| 3 | Period of Contract | 12 (Twelve) Months |
| 4 | Availability of RFP | **04.02.2026 to 11.02.2026 upto 03.00 PM** |
| 5 | Last date & time for submission of RFP | 11.02.2026 upto 03.00 PM |
| 6 | Last date & time for seeking clarification | 09.02.2026 upto 5.00 PM |
| 7 | Bid Security (E.M.D.) | Rs.30,000.00 |
| 8 | Cost of Bid Document | Rs.6,000.00 |
| 9 | Mode of submission of RFP | Online through e-procurement portal only in website www.tendersorissa.gov.in |
| 10 | Date & Time of opening of RFP | Dt.12.02.2026 at 11.30 A.M. in Office of the Superintending Engineer, RWS&S Division, Bhubaneswar |

Further details can be seen from the website https://www.tendersorissa.gov.in.
**OIPR-25001/25011/1/25-26/0016** **Superintending Engineer, RWS&S Division, Bhubaneswar**

**ବାଲି ବୋଝେଇ ୩ ହାଇୱା ଜବତ**

ରାଜନଗର,( ଭାସ୍କର ରାଉତରାୟ): ରାଜନଗର ଥାନା ସାନବଡଗୋପାଳପୁର ବଜାରରେ ବାଲି ବୋଝେଇ କରି ୩ ହାଇୱା ଆସୁଥିବା ବେଳେ ପୋଲିସ ଜବତ କରିଛି। ବେଆଇନ ବାଲି ଚାଲାଣ କରୁଥିବା ହାଇୱା ନଂ. ଓଡି ୨୯ ଆର ୬୭୦୫, ନଂ. ଓଡି ୨୯ ଜେ ୦୯୧୭ ଏବଂ ଆର ୦୯୧୭ ନଂ. ଓଡି ୨୯ ଏହି ୩ ହାଇୱାକୁ ଜବତ କରିଛି। ସେମାନଙ୍କ ମାଲିକ ନାମରେ ପୋଲିସ ନଂ. ୨୭/୨୬, ୨୮/୨୬ ଓ ୨୯/୨୬ରେ ମାମଲା ରୁଜୁ କରିଛି।



# ଅତିରିକ୍ତ ଏସ୍‌ପିଙ୍କ ଘଟଣାର ତଦନ୍ତ

ରାଜନଗର, ୩।୨(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବନ ବିଭାଗର ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫ୍‌ଙ୍କ ଉପରେ ବର୍ଷିବା ଘଟଣାରେ ଓଡ଼ିଶା ବନସେବା ସଂଘ ଯାଏ ସମସ୍ତେ ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଡି ବସିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ କେନ୍ଦ୍ରୀୟ ରେଞ୍ଜ ଆଇଜି କଟକଙ୍କୁ ଚିଠି ଲେଖି ଘଟଣାର ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଜଣାଇଛନ୍ତି। ଆଇଜିଙ୍କ ନିର୍ଦ୍ଦେଶ ପରେ ମଙ୍ଗଳବାର କେନ୍ଦ୍ରାପଡ଼ା ଅତିରିକ୍ତ ଏସ୍‌ପି ସୁଧାକର ସାହୁ ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଜାନୁଆରୀ ୨୧ରେ କ'ଣ କ'ଣ ଘଟଣା ଘଟିଥିଲା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଏଠାରେ କ'ଣ କ'ଣ କହିଥିଲେ, କ'ଣ ଧମକ ଦେଇଥିଲେ ସେ ନେଇ ତଥ୍ୟ ସଂଗ୍ରହ କରିଛନ୍ତି। ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଫରେଷ୍ଟର ବିଜୟ କୁମାର ପାତ୍ର ଓ ଅନ୍ୟ ବନ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚରା ଉଚରା କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଓଡ଼ିଶା ବନ ସେବା ସଂଘ ମଙ୍ଗଳବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନୂତନ ପିସିସିଏଫ୍ ଡ. କେ. ମୁରୁଗେସନଙ୍କୁ ଭେଟି ରାଜନଗର ଏସିଏଫ୍‌ଙ୍କ ଉପରେ କିପରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଅଭିଯୁକ୍ତ ଆଗରେ ବର୍ଷିବା ସହ ମିଛ ମାମଲା କରିବାକୁ ଧମକ ଦେଇଛନ୍ତି ସେ ନେଇ ଜଣାଇଛନ୍ତି। ଘଟଣାର କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା ଦାବି କରିଛନ୍ତି। ଏସିଏଫ୍ ଗଗନ

- ରେଞ୍ଜ କାର୍ଯ୍ୟାଳୟରେ ଏସିଏଫ୍‌ଙ୍କୁ ଆଇଆଇସିଙ୍କ ଧମକ ଘଟଣା
- କେନ୍ଦ୍ରୀୟ ରେଞ୍ଜ ଆଇଜିଙ୍କୁ ତଦନ୍ତ, କାର୍ଯ୍ୟାନୁଷ୍ଠାନ ପାଇଁ ସଚିବଙ୍କ ଚିଠି

ବିହାରୀ ମଲ୍ଲିକ ପିସିସିଏଫ ବନ୍ୟଜନ୍ତୁଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଛନ୍ତି। ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ବିଶୃଙ୍ଖଳିତ ଆଚରଣ ଜିଲା ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବଙ୍କୁ ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଏକ ସମ୍ବେଦନଶୀଳ ବନ୍ୟପ୍ରାଣୀ ଅପରାଧର ଆଇନଗତ ତଦନ୍ତ ସମୟରେ, ସୂଚୀ-୧ ପ୍ରଜାତିର ବଜ୍ରକାପ୍ତା କାତି ବେଆଇନ ଭାବେ ରଖିବା, ବାଣିଜ୍ୟ ସହିତ ଜଡ଼ିତ ଘଟଣାରେ ତଦନ୍ତ ଓ ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ପାତ୍ର କୌଣସି ପୂର୍ବ ସୂଚନା ବିନା ରେଞ୍ଜ କାର୍ଯ୍ୟାଳୟରେ ପ୍ରବେଶ କରି ଆକ୍ରମଣାତ୍ମକ ଏବଂ ଅଣପେସାଦାର ଆଚରଣ କରିଥିଲେ। ସେ ସାଧାରଣରେ ବନ ଅଧିକାରୀମାନଙ୍କୁ ଚିତ୍କାର କରି ପଚରାଉଚରା କରିଥିଲେ। ମିଥ୍ୟା ମାଓବାଦୀ ଅଭିଯୋଗରେ ଏସିଏଫ୍ ଏବଂ କର୍ମଚାରୀମାନଙ୍କୁ ଫସାଇବାକୁ ଧମକ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଓ ସାକ୍ଷୀମାନଙ୍କ ଉପସ୍ଥିତିରେ ଆଇଆଇସିଙ୍କୁ ଏଭଳି ଭୟଭୀତ କରିବା ଘଟଣା ଘଟିଥିଲା ; ଯାହା ଆଇନଗତ ତଦନ୍ତରେ ଗମ୍ଭୀର ବ୍ୟାଘାତ ସୃଷ୍ଟି କରିଥିଲା। ବିଭାଗର ପ୍ରତିଷ୍ଠାକୁ କ୍ଷୁଣ୍ଣ କରିଥିଲା। ଏହା ଆସୋସିଏଶନର ଦୃଷ୍ଟିକୁ ଆସିଥିଲା ଯେ, ସେ ତଦନ୍ତକାରୀ ଅଧିକାରୀମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ଏବଂ ସେମାନଙ୍କୁ ମିଥ୍ୟା ଏବଂ ମନଗଢ଼ା ଆପରାଧିକ ମାମଲା ସହିତ ଧମକ ଦେଇଥିଲେ ; ଯାହା ଫଳରେ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ଅନୁଯାୟୀ ସେମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବାରେ ବାଧା ସୃଷ୍ଟି କରିଥିଲା। ଯଦି ଏପରି ଆଚରଣର ସମାଧାନ ନ କରାଯାଏ, ତେବେ ଏହା ଏକ ବିପଦପୂର୍ଣ୍ଣ ଉଦାହରଣ ସୃଷ୍ଟି କରିବ। ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ କାର୍ଯ୍ୟକାରୀ କରିବାରେ ନିୟୋଜିତ କ୍ଷେତ୍ର ଅଧିକାରୀଙ୍କ ବିଶ୍ୱାସକୁ ଗୁରୁତର ଭାବରେ ପ୍ରଭାବିତ କରିବ। ଘଟଣାର ନିରପେକ୍ଷ ତଦନ୍ତ ସହିତ ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶା ବନ ସେବା ସଂଘ(ସୁରକ୍ଷା) ପକ୍ଷରୁ ଦାବିପତ୍ର ଦିଆଯାଇଛି।

## ପିଲାଙ୍କୁ ଭଲ ମଣିଷ କରିବାକୁ ଉତ୍ତମ ଶିକ୍ଷା ଆବଶ୍ୟକ



ବାର୍ଷିକ ଉତ୍ସବରେ ଅତିଥି ଗହଣରେ କୃତୀ ଛାତ୍ରୀଛାତ୍ର।

### ଆୟୁଷୀ ସ୍ମାର୍ଟ ସ୍କୁଲ ବାର୍ଷିକ ଉତ୍ସବ

ଆଳି,୩।୨(ବନମାଳୀ ସେନାପତି)

ଆଳି ବ୍ଲକ ନିଆଳଠାରେ ଥିବା ଆୟୁଷୀ ସ୍ମାର୍ଟ ସ୍କୁଲ ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଅଶୋକ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଓଳାଭର ଆୟୁଷୀ ସ୍ମାର୍ଟସ୍କୁଲର ବରିଷ୍ଠ ଉପଦେଷ୍ଟା ଦିବ୍ୟଜ୍ୟୋତି ରାଉତ, ସମ୍ମାନୀୟ ଅତିଥି ଭାବେ ସ୍କୁଲ ସମ୍ପାଦକ ରଶ୍ମିରେଖା ବରାଳ ଓ ଓଳାଭର ଆୟୁଷୀ ସ୍ମାର୍ଟ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ଦାଶ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଭାବେ ଗଠନ କରିବା ନିମନ୍ତେ ଉତ୍ତମ ଶିକ୍ଷା ଆବଶ୍ୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପ୍ରଦର୍ଶନ କରିଥିଲେ। ହାସ୍ୟାଭିନେତା ସୁମନ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ରଶ୍ମିତା ଦାଶ, ସସ୍ମିତା ନନ୍ଦ, ସୁମିତ୍ରା ବାରିକ, ବାଦଲ ବେହେରା, ମମତା ସ୍ୱାଇଁ, ପ୍ରମୋଦିନୀ ପଡ଼ିହାରୀ, ମୋନାଲିସା ସେନାପତି, ଅଙ୍କିତା ସିଂ, ଅମିୟକାନ୍ତ ସ୍ୱାଇଁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କ ମୃତଦେହ ରାସ୍ତାକଡ଼ରୁ ଜବତ, ଦୁର୍ଘଟଣା ସନ୍ଦେହ

ଡେରାବିଶ, ୩।୨
(ବେବର୍ତ୍ତା ଅଜୟ ଦାସ)



କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ପଞ୍ଚାୟତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖ କେନାଲ ବନ୍ଧ ରାସ୍ତାକଡ଼ରୁ ଜଣେ ଯୁବକଙ୍କ ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ମୁକୁନ୍ଦପୁର ପଞ୍ଚାୟତ ଡାବଳ ଗ୍ରାମର ରଞ୍ଜନ ମଲିକଙ୍କ ପୁଅ ବିମଳ(୨୨)। ସକାଳୁ କେନାଲ ବନ୍ଧକୁ ଅଧିବାସୀ ଶୌଚ ହେବାକୁ ଯାଇଥିବା ଲୋକେ ମୃତଦେହ ରାସ୍ତାକଡ଼ରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ନିକଟସ୍ଥ କେନାଲ ଭିତରେ ବାଇକ୍ ପଡ଼ିଥିଲା। ପରେ ପରିବାର ଲୋକ ପହଞ୍ଚି ବିମଳଙ୍କ ମୃତଦେହକୁ ଚିହ୍ନଟ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଅନୁସାରେ ଏହା ଏକ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ପୋଲିସ ସନ୍ଦେହ କରିଛି। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ପୋଲିସ ନଂ. ୬୩/୨୬ରେ ମାମଲା ରୁଜୁ କରି ଅଧିକ ଅନୁସନ୍ଧାନ ଜାରି ରଖିଛି। ମୃତ ବିମଳ ସ୍ଥାନୀୟ ଚାନ୍ଦୋଳ ବଜାରର ଏକ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟ କରି ଆସୁଥିଲେ।

## ରାଜ୍ୟ ବଜେଟରେ କେନ୍ଦ୍ରାପଡ଼ା ଉନ୍ନୟନକୁ ଗୁରୁତ୍ୱ ଦିଆଯିବ


ସମ୍ମିଳନୀରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଅନ୍ୟମାନେ।

କେନ୍ଦ୍ରାପଡା, ୩।୨ (ଜଗନ୍ନାଥ ଧଳ)

### ବଜେଟ ପାଇଁ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଖବରଦାତା ସମ୍ମିଳନୀ

କେନ୍ଦ୍ରାପଡା ଜିଲାର ଉନ୍ନୟନ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ପାନୀୟ ଜଳ, ଦକ୍ଷତା ବିକାଶ ପାଇଁ ଶିଳ୍ପାନୁଷ୍ଠାନ, ବଳଦେବ ସ୍ପିନିଂ ମିଲ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ଆଦିପ୍ରସଙ୍ଗ ରହିବ। ଏଥିସହ ଜିଲାରେ କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ରହିବ। କେନ୍ଦ୍ର ସରକାରଙ୍କ ଚଳିତ ବଜେଟ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ ସମୟରେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ମଙ୍ଗଳବାର ମତ ରଖିଛନ୍ତି। କେନ୍ଦ୍ରାପଡା ବ୍ଲକ ତରାଣ୍ଡୋସ୍ଥିତ ସର୍କିଟ ହାଉସରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଭାଜପା ସଭାପତି ଶଶଙ୍କ ଶେଖର ସେଠୀ, ପୂର୍ବତନ ଜିଲା ସଭାପତି କିଶୋର କୁମାର ପଣ୍ଡା, ବରିଷ୍ଠ ନେତା ସଞ୍ଜୟ ରାଉତ, ଦୁର୍ଯ୍ୟୋଧନ ସାହୁ, ତେଜେଶ୍ୱର ପରିଡା, ଉମାକାନ୍ତ ପଟ୍ଟନାୟକ, ଡ. ପ୍ରଦୀପ ଦାସ, ମନୀସା ପଣ୍ଡା, ଗୀତାଞ୍ଜଳି ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

ମନ୍ତ୍ରୀ ସ୍ୱାଇଁ କହିଥିଲେ, କେନ୍ଦ୍ର ସରକାରଙ୍କ ଚଳିତ ବଜେଟ ଲୋକାଭିମୁଖୀ ହୋଇଛି। ଗ୍ରାମୀଣ ବିକାଶ ସହ ବିଦେଶ ନୀତିକୁ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ବଜେଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଗତ କରିବା ସହ ଦେଶର ଉନ୍ନତି ପାଇଁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଏହାର ପ୍ରତିଫଳନ ବଜେଟରେ ଦେଖିବାକୁ ମିଳିଛି। ଏହି ବଜେଟରେ ଯୁବବର୍ଗ, କୃଷକ, ମହିଳାଙ୍କ ସହ କ୍ଷୁଦ୍ରଠାରୁ ବୃହତ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇଛି। ବିଶ୍ୱରେ ଅର୍ଥନୈତିକ ଅସ୍ଥିରତା ମଧ୍ୟରେ ଭାରତର ଆର୍ଥିକ ଅଭିବୃଦ୍ଧି ହୋଇଛି। ଚଳିତ ବଜେଟରେ ସେମି କଣ୍ଡକ୍ଟର କ୍ଷେତ୍ରରେ ନୂତନ ପଦକ୍ଷେପ ନିଆଯାଇଛି। ଏଥିସହ ବାୟୋ ଫରମେଶନ, ରେୟାର ଆର୍ଥ, ଟେକ୍ସଟାଇଲ ଆଦି କ୍ଷେତ୍ର ପାଇଁ ପ୍ରସସ୍ତ ମାର୍ଗ ସୃଷ୍ଟି କରାଯାଇଛି। ଏଥିସହ ଜାତୀୟ ଜଳପଥ-୫, ଗହୀରମଥାର ବିକାଶ ଆଦି ଓଡ଼ିଶାକୁ ଲାଭ ପହଞ୍ଚାଇବ ବୋଲି ମନ୍ତ୍ରୀ ସ୍ୱାଇଁ ଏଠାରେ ପ୍ରକାଶ କରିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, କେନ୍ଦ୍ରାପଡ଼ା ଜିଲା ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଆସନ୍ତା ବଜେଟରେ ଜିଲା ବିକାଶକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଏହି ଜିଲାର ମୌଳିକ ସମସ୍ୟାର ସମାଧାନ ସହ ଅର୍ଥନୈତିକ ବିକାଶ ପାଇଁ ବହୁତ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ସେ ମତ ରଖିଥିଲେ।

## ରାଜନଗର ସାତଭାୟା ରାସ୍ତା ଶିଳାନ୍ୟାସ

ରାଜନଗର, ୩।୨(ଭାସ୍କର ରାଉତରାୟ)

ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଜନ -୨ କେନ୍ଦ୍ରାପଡ଼ାର ରାଜନଗର ସବ୍‌ଡିଭିଜନ ପକ୍ଷରୁ ରାଜନଗର ସାତଭାୟା ରାସ୍ତା ଉନ୍ନତୀକରଣ କାର୍ଯ୍ୟ କରାଯାଉଛି। ମଙ୍ଗଳବାର ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୬ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ୫ କିମି ୬୦୦ ମିଟର ରାସ୍ତା ଉନ୍ନତୀକରଣ କରାଯିବ। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ରାସ୍ତାର ଦୁଇପାର୍ଶ୍ୱ ଚଉଡା କରାଯିବା ସହ ମେଷ୍ଟାଲିଂ କରି ପିଚୁ କରାଯିବ। ରାସ୍ତାକୁ ୫.୫ ମିଟର ଚଉଡା କରାଯିବ। ଭିତ୍ତି ପ୍ରସ୍ତର କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ସମୀର କୁମାର ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ନିରଞ୍ଜନ ରାଉତ, ଅଶୋକ କୁମାର ମହାନ୍ତି, ସସ୍ମିତ ମହାନ୍ତି, ବୀଣାପାଣି ପ୍ରଧାନ, ଶୈଳେନ୍ଦ୍ର କୁମାର ମିଶ୍ର, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ଉତ୍ତମା ସେଠୀ, ରବୀନ ମଲ୍ଲିକ, ସମବାୟ ସମିତି ସଭାପତି ଶ୍ରୀକାନ୍ତ କୁମାର ପ୍ରଧାନ, କଳ୍ପତରୁ ଜେନା, ବରିଷ୍ଠ ନେତା କୈଳାସ ଚନ୍ଦ୍ର ପରିଡା, ଦିଲୀପ କୁମାର ପାତ୍ର, ବିଜୟ କୁମାର ନାୟକ, ନାରାୟଣ ଦାସ, ରଞ୍ଜନ କୁମାର ମହାନ୍ତି, ମନୋଜ କୁମାର ସ୍ୱାଇଁ, ଯୁବନେତା ରମଣୀ ରଞ୍ଜନ ମହାପାତ୍ର, ପୃଥ୍ୱୀରାଜ ପାତ୍ର, ବାଇଧର ସେଠୀ, କ୍ଷୀରୋଦ କୁମାର ରାଉତ, ଅନାଥ କୁମାର ପ୍ରଧାନ, ସରୋଜ କୁମାର ରାଉତ, ରାକେଶ କୁମାର ନାୟକ, ପରମେଶ୍ୱର ଦାସ, ରଶ୍ମିରଞ୍ଜନ ସାହାଣି, ବସନ୍ତ କୁମାର ସେଠୀ, ସିଦ୍ଧେଶ୍ୱର ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ଥିଲେ।


ରାସ୍ତାର ଶିଳାନ୍ୟାସ ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

## ଷ୍ଟ୍ରକ୍ଚର ଛକରୁ ଥାନା ଛକ ଯାଏ ରାସ୍ତା ମରାମତି ଦାବି

ରାଜକନିକା,୩।୨(ସଞ୍ଜୟ କୁମାର ଦାଶ)



ରାଜକନିକା ବ୍ଲକ ସଦର ମହକୁମା କଣ୍ଟପଡ଼ା ବଜାର ଷ୍ଟ୍ରକ୍ଚର ଛକଠାରୁ ଥାନା ଛକ ଯାଏ ଥିବା ରାସ୍ତାଟି ଦୀର୍ଘଦିନ ହେବ ଶୋଚନୀୟ ହୋଇପଡିଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାଜପା ଯୁବନେତା ତଥରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସ ମଙ୍ଗଳବାର ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ରାସ୍ତାଟିର ତୁରନ୍ତ ମରାମତି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ରାସ୍ତାଟି ଉପରେ ରାଜକନିକାର ବହୁ ହଜାର ଲୋକ ପ୍ରତ୍ୟେକ ଦିନ ଯାତାୟାତ କରିଥାନ୍ତି। କାରଣ ଏହି ରାସ୍ତାଟି ସିଧା ଥାନା, ଡାକ୍ତରଖାନା, ବ୍ଲକ , ତହସିଲ କାର୍ଯ୍ୟାଳୟ, ହାଇସ୍କୁଲ, ଗାର୍ଲସ ହାଇସ୍କୁଲ, ବ୍ୟାଙ୍କ, ପୋଷ୍ଟ ଅଫିସ, ଟ୍ରେଜେରୀ ଭଳି ସରକାରୀ କାର୍ଯ୍ୟାଳୟକୁ ସଂଯୋଗ କରୁଛି। ତେଣୁ ରାସ୍ତାର ମରାମତିର ନିହାତି ଆବଶ୍ୟକତା ରହିଛି। ବିଭାଗୀୟ ଅଧିକାରୀ ଉକ୍ତ ରାସ୍ତାଟିର ମରାମତି ତୁରନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ରାସ୍ତାରୋକୋ

ପଟ୍ଟାମୁଣ୍ଡାଇ, ୩।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଅରୁଆ ନିକଟରେ ସୋମବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ମୃତକ ଜଣଙ୍କ ହେଲେ ଅରୁଆ ଗ୍ରାମର ଗିରିଧାରୀ କର (୫୫)। ସ୍ଥାନୀୟ ଲୋକେ ତାଙ୍କୁ ପଟ୍ଟାମୁଣ୍ଡାଇ ଡାକ୍ତରଖାନା ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚଉଦକୁଳାଟ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରି କ୍ଷତିପୂରଣ ପାଇଁ ଦାବି କରିବା ସହିତ ଅଜଣା ଗାଡିକୁ ଧରିବାକୁ ଜିଦ୍ ଧରିଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଓ ଫାଣ୍ଡି ଅଧିକାରୀ ନୃସିଂହ ମହାନ୍ତି ପହଞ୍ଚି ବୁଝାଶୁଝା କଲା ପରେ ରାସ୍ତାରୋକୋ ହଟିଥିଲା। ଗିରିଧାରୀ କୌଣସି କାମରେ ପଟ୍ଟାମୁଣ୍ଡାଇ ସହର ଯାଇ ପଟ୍ଟାମୁଣ୍ଡାଇ-ଇନ୍ଦୁପୁର ରାସ୍ତା ଦେଇ ନିଜ ଘର ଅରୁଆ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଚାଳକ ଗାଡ଼ିକୁ ନେଇ ପଳାଇଥିଲେ।

## ଶିରିଡ଼ି ସାଇ ମନ୍ଦିରର ୫ମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡା, ୩।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ବଡନାଇଁପୁରସ୍ଥିତ ସିରିଡିସାଇ ମନ୍ଦିରର ୫ମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାରମ୍ପାରିକ ରୀତିନୀତି ଅନୁଯାୟୀ, ପ୍ରତ୍ୟୁଷରେ ମନ୍ଦିର ସୌଧ ପରେ କାକଡ ଆଳତି ହୋଇଥିଲା। ଏଥିସହ ପୂଜା, ହୋମଯଜ୍ଞ କରାଯାଇଥିଲା। ଉତ୍ସବକୁ ଶିକ୍ଷାବିତ୍ ପ୍ରତାପ ନାୟକ, ସମୀର ଟିଭିଏସ ନିର୍ଦ୍ଦେଶକ ସମୀର କୁମାର ଚାନ୍ଦ, ହେମନ୍ତ ସାହୁ, ଲକ୍ଷ୍ମୀକାନ୍ତ ବେହେରା, କ୍ଷିତିଶ କର ପ୍ରମୁଖ ପରିଚାଳନା କରିଥିଲେ।

## କେନ୍ଦ୍ର ସରକାର ଗ୍ରାମୀଣ ଲୋକଙ୍କ ଅଧିକାର ଛଡ଼ାଉଛନ୍ତି



କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବନାମ ବି ଭି ଜି ରାମ ଜି ବିବାଦ

କେନ୍ଦ୍ରାପଡ଼ା, ୩।୨ (ଜଗନ୍ନାଥ ଧଳ):ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକ (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଗ୍ରାମୀଣ ଲୋକଙ୍କୁ କର୍ମନିଯୁକ୍ତି ଅଧିକାର ଦେଉଥିଲା। ଏହାକୁ କେନ୍ଦ୍ର ସରକାର ପରିବର୍ତ୍ତନ କରି ବିକଷିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ ଗ୍ରାମୀଣ (ବିଭି ଯଜି ରାମ ଜି)ରେ ପରିବର୍ତ୍ତନ କରିଛନ୍ତି। ପରିବର୍ତ୍ତିତ ଏହି ଆଇନରେ ଗ୍ରାମୀଣ ଲୋକଙ୍କ ନିଶ୍ଚିତ କର୍ମନିଯୁକ୍ତି ଅଧିକାରକୁ ଛଡାଇ ନିଆଯାଇଛି। କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ଏପରି ଅଭିଯୋଗ ଆଣି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବନାମ ବି ଭି ଜି ରାମ ଜି ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କୁ ଜଣାଇବା ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ଜିଲା ସଭାପତି ଡ. ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ହୋଇଥିବା ବିକ୍ଷୋଭ ସହ ଦାବିପତ୍ରକୁ ଜିଲାପାଳ ରଘୁରାମ ଆର. ଆୟାରଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ଡ. ଶର୍ମା କହିଛନ୍ତି, ୨୦୦୫ରେ ଗ୍ରାମୀଣ ଲୋକଙ୍କ ନିଶ୍ଚିନ୍ତ କର୍ମ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇ ତତ୍କାଳୀନ କଂଗ୍ରେସ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲାଗୁ କରିଥିଲେ। ଏଥିରେ ଶ୍ରମିକଙ୍କୁ ଆବେଦନର ୧୫ ଦିନ ମଧ୍ୟରେ କର୍ମନିଯୁକ୍ତି ନ ମିଳିଲେ ଭତ୍ତା ଦିଆଯିବାକୁ ବ୍ୟବସ୍ଥା ଥିଲା। ସେହିପରି କେନ୍ଦ୍ର ସରକାର ଏଥିପାଇଁ ୯୦ ପ୍ରତିଶତ ଅର୍ଥ ଦେଉଥିବାରୁ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାର ପଛଘୁଞ୍ଚା ଦେଉ ନ ଥିଲେ। ମାତ୍ର ବି ଭି ଜି ରାମ ଜିରେ ରାଜ୍ୟରେ ପ୍ରକଳ୍ପ ପାଇଁ ୪୦ ପ୍ରତିଶତ ଦେବାକୁ ପଡ଼ିବ। ଯାହା ଫଳରେ ରାଜ୍ୟ ସରକାର ଏଥିପ୍ରତି ବୀତସ୍ପୃହ ହେବା ସ୍ୱାଭାବିକ। ଏହି କାରଣରୁ ଶ୍ରମିକ ନିଜ ଅଞ୍ଚଳରେ କାମ ନ ପାଇ ଜିଲା ବାହାରକୁ ଦାଦନ ପାଇଁ ଯାଉଛନ୍ତି। ଏହାଦ୍ୱାରା ସମ୍ବିଧାନର ୩୯ ଏ ଓ ୪୧ କାର୍ଯ୍ୟକାରୀ ହୋଇପାରୁନାହିଁ। ମହାତ୍ମା ଗାନ୍ଧୀଙ୍କ ନୀତି ଅନୁଯାୟୀ ଗ୍ରାମୀଣ ଲୋକଙ୍କ ହାତକୁ କାମ ଯୋଗାଇଲେ ଦେଶର ଆର୍ଥିକ ସ୍ଥିତି ବଦଳିଯିବ। ମାତ୍ର କେନ୍ଦ୍ର ସରକାର ଏହି ନୀତି କଥା ମୁହଁରେ କହୁଥିବା ବେଳେ ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନ କରାଯାଇ ଯୋଜନାରୁ ନାମ ହଟାଯାଇଛି। କେନ୍ଦ୍ର ସରକାର ପୁନର୍ବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରଚଳନ ନ କଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଜିଲା ସଭାପତି ଡ. ଶର୍ମା କହିଛନ୍ତି। ଏହି ବିକ୍ଷୋଭରେ ଜିଲା କଂଗ୍ରେସର କର୍ମକର୍ତ୍ତା ବିଭ୍ରାଂଶୁ ଶେଖର ଲେଙ୍କା, ସିପ୍ରା ମଲ୍ଲିକ, ବିଧୁ ଭୂଷଣ ମହାପାତ୍ର, ସତ୍ୟପ୍ରିୟ ସାମଲ, ଫକୀର ଚରଣ ଖଟୁଆ, ସନ୍ତୋଷ କୁମାର ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

**GOVERNMENT OF ODISHA** No.O-2156
**OFFICE OF THE SUPERINTENDING ENGINEER, RURAL WORKS DIVISION, JAJPUR**
Letter No.682/ Date 02.02.2026
**1st Corrigendum** to Bid Identification No. Tender Online **17 JJPT** of 2025-26 invited this office **Letter No.310, Dtd.15.01.2026.**
**The change as detailed below are hereby made in the above N.I.T.**
**1. Corrigendum to Change Date & Time.**

| Procurement Officer | Bid Identification No. | Availability of Tender On-line for bidding | | | | Last date & time of seeking tender clarification | | Date & Time of opening of Technical Bid | |
|---|---|---|---|---|---|---|---|---|---|
| | | From | | To | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| | | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur | Tender Online 17 JJPT of 2025-26 | 27.01.2026 at 10.00 AM | 03.02.2026 at 10.00 AM | 06.02.2026 upto 05.00 PM | 09.02.2026 upto 05.00 PM | 05.02.2026 upto 5.00 PM | 07.02.2026 upto 5.00 PM | 07.02.2026 at 11.30 AM | 10.02.2026 at 11.30 AM |

**Note:- If situation arises the transparent lottery will be held on 12.02.2026, At 11.30 AM.**
OIPR- **Sd./- Superintending Engineer, R.W.Division, Jajpur**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E-Mail : rw_rourkela@yahoo.co.in
**No.25001/16/2526** **TENDER CALL NOTICE**
**BID IDENTIFICATION NO. ONLINE-EERKL-28 of 2025-26**
1. Name of the work : Road Work, 2. Total No. of work : 01 (One) No., 3. Estimated Cost : Rs.63.38 Lakhs, 4. Class of Contractor : 'B' Class, 5. Period of Completion : 01 (One) Calendar month, 6. Type of Tender : Double Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division-II, Sundargarh** | **Online - EERKL-28 of 2025-26** | **02.02.2026 from 10.00 AM** | **10.02.2026 upto 4.00 PM** |

Further details can be seen from the website : www.tendersorissa.gov.in.
**Sd./- Executive Engineer**
**RW Division-II, Sundargarh**
**OIPR-25001/25193/1/25-26/0016**

**GOVERNMENT OF ODISHA** **No.25001/16/2526**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail : sencrwangul@yahoo.co.in, Ph. : 06764-236404
**SHORT TENDER CALL NOTICE FOR AMP ROAD WORKS IN ODISHA**
**Bid Identification No. AMP Road Online AGL-34/2025-26**
**No. 457//** **Dt. 30.1.2026//**
1. Name of the work : AMP Road works, 2. Total No. of work : 02 Nos., 3. Estimated cost : Rs.126.36 to Rs.149.98 Lakhs (Approx.), 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | AMP Road Online - AGL-35/25-26 | 04.02.2026 at 10.00 A.M. | 10.02.2026 up to 5.00 P.M. | 09.02.2026 up to 1.00 P.M. | 10.02.2026 at 5.30 P.M | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in
**Sd./- Chief Construction Engineer,**
**Rural Works Circle, Angul**
**OIPR-25001/25180/1/25-26/0016**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୨୦ **ବିଜ୍ଞାପନ** ତା.୧୫.୦୧.୨୬

**No.CAD:**ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏଏମ୍-୪୨-(AM-42), ବାସନ୍ତୀ ହାଉସିଂ ସ୍କିମ୍, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀ ବିମଳ କୁମାର ଦାସ, ପିତା-ଐ ବ୍ରଜ ବଲ୍ଲଭ ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, ସ୍ୱାମୀ-ଶ୍ରୀ ପଞ୍ଚାନନ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ, ପିତା-ଐ ବ୍ରଜ ବଲ୍ଲଭ ଦାସ, ସା-ଜେଏ-୩୯, ଶକ୍ତିନଗର, ପୋ-ଜଗଦା, ଥାନା-ରାଉରକେଲା-୧୪, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ଶ୍ରୀ ବିମଳ କୁମାର ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଅଜୟ କୁମାର ଅଗରୱାଲ, ପିତା-କନ୍ହେୟାଲାଲ ଅଗରୱାଲ, ସା/ପୋ- କନିନା ଖାସ୍, ଜିଲ୍ଲା- ମହେନ୍ଦ୍ରଗଡ଼ (ହରିୟାଣା)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
OIPR- ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION, BHUBANESWAR**
E-Mail: eebbsrrwss@gmail.com
**REQUEST FOR PROPOSAL (RFP)**
**BID No.05/2025-26**
No.25001/16/2526:Superintending Engineer, RWS&S Division, Bhubaneswar on behalf of the Governor of Odisha invites Request For Proposal (RFP) in sealed covers for Engagement of **2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard** through manpower service provider on outsourcing basis under the jurisdiction of RWS&S Division, Bhubaneswar from registered and established private manpower service provider under EPF & ESI Act.

| | | |
|---|---|---|
| 1 | Nature of Assignment | **Request for proposal (RFP) For Hiring of Agency for Engagement of 2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard through manpower service provider on outsourcing basis under the jurisdiction of RWS&S Division, Bhubaneswar.** |
| 2 | No. of Item | 01 (One) |
| 3 | Period of Contract | 12 (Twelve) Months |
| 4 | Availability of RFP | **04.02.2026 to 11.02.2026 upto 03.00 PM** |
| 5 | Last date & time for submission of RFP | 11.02.2026 upto 03.00 PM |
| 6 | Last date & time for seeking clarification | 09.02.2026 upto 5.00 PM |
| 7 | Bid Security (E.M.D.) | Rs.30,000.00 |
| 8 | Cost of Bid Document | Rs.6,000.00 |
| 9 | Mode of submission of RFP | Online through e-procurement portal only in website www.tendersorissa.gov.in |
| 10 | Date & Time of opening of RFP | Dt.12.02.2026 at 11.30 A.M. in Office of the Superintending Engineer, RWS&S Division, Bhubaneswar |

Further details can be seen from the website https://www.tendersorissa.gov.in.
**Superintending Engineer,**
**OIPR-25001/25011/1/25-26/0016** **RWS&S Division, Bhubaneswar**

## ସଂକ୍ଷେପରେ

# ତାଳା ବନ୍ଦ ଅବସ୍ଥାରେ ପିପୁଲ୍ସ କଲେଜ ବଏଜ୍ କମନ୍ ରୁମ୍

### ଛାତ୍ରଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ବୁଗୁଡ଼ା,୩।୨(କାଳିଚରଣ ଦାଶ)

ବୁଗୁଡା ପିପୁଲ୍ସ କଲେଜରେ ବଏଜ୍ କମନ୍ ରୁମ୍ ତାଲା ବନ୍ଦ ଅବସ୍ଥାରେ ଦୀର୍ଘଦିନ ହେଲା ରହିଥିବାରୁ ଅବସର ସମୟରେ ଛାତ୍ରମାନେ କ୍ୟାମ୍ପସରେ ଏଣେ ତେଣେ ବୁଲୁଛନ୍ତି। ଗତ କିଛି ବର୍ଷ ହେବ ଏଭଳି ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ ଏହାକୁ ସୁଧାରିବାରେ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୁଇଦିନ ତଳେ ସେମାନେ ହାତରେ ପ୍ଲାକାର୍ଡ଼ ଧରି କଲେଜ ଫାଟକ ସମ୍ମୁଖରେ ପ୍ରତିବାଦ କରିଥିଲେ। ସେଠାରେ କଲେଜ କର୍ତ୍ତୃପକ୍ଷ ଏବଂ ପୋଲିସ ପହଞ୍ଚି ଛାତ୍ରମାନଙ୍କୁ ବୁଝାଶୁଝା କରି ଶୀଘ୍ର ବଏଜ୍ କମନ୍ ରୁମ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ। ସୂଚନାଯୋଗ୍ୟ, କଲେଜ ବଏଜ୍ କମନ୍ ରୁମ୍ ଦୀର୍ଘଦିନ ହେଲା ତାଲାବନ୍ଦ ଅବସ୍ଥାରେ ରହିଛି। ସେଥିରେ ଜିମ୍ ସାମଗ୍ରୀ ହୋଇଥିବାରୁ ତାହା ଛାତ୍ରଙ୍କ କାମରେ ଆସିପାରୁନାହିଁ।

## ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି,୩।୨ (ଗିରିଧାରୀ ପରିଚ୍ଛା):

ଗୋଷାଣି ବ୍ଲକ ଗାରାବନ୍ଧ ଶ୍ରୀଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋଷାଣି ଅତିରିକ୍ତ ଶିକ୍ଷା ଅଧିକାରୀ କେ. ସୋମେଶ ରାଓ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ପ୍ରସାଦ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସବିତା ବାରିକ, ସମ୍ମାନିତ ଅତିଥି ଭାବେ ଗାରାବନ୍ଧ ସରପଞ୍ଚ ପି. ଅଶୋକ କୁମାର, ଦେଉଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପାଣି, ରମ୍ଭା ସିଆରସିସି ତାରକେଶ୍ୱର ଜେନା, ଲିଙ୍ଗିପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଡି. ଯାଦବ ରାଓ ମଞ୍ଚାସୀନ ଥିଲେ। ଅତିଥିମାନେ ବିଦ୍ୟାଳୟର ଅତୀତ ଓ ବର୍ତ୍ତମାନ ସମ୍ପର୍କରେ ବକ୍ତବ୍ୟ ରଖି ଆଗାମୀ ଦିନରେ ଏହି ବିଦ୍ୟାଳୟର ଉନ୍ନତି ସହ ଶିକ୍ଷା ଓ କ୍ରୀଡାର ବିକାଶ ପାଇଁ ଅନେକ ପଦକ୍ଷେପ ନେବାର ଅଛି ବୋଲି କହିଥିଲେ। ସମସ୍ତ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ବି.ଗଙ୍ଗାଧରଙ୍କ ସଭାପତିତ୍ୱରେ ହୋଇଥିଲା। ମାଉଡି ଇନ୍ଦ୍ରସେନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଗଞ୍ଜାମରେ ବଢ଼ିଛନ୍ତି ୪୯୮ କୃଷ୍ଣସାର ମୃଗ

ଭୁବନେଶ୍ୱର, ୩।୨(ବନ୍ଦନା ସେଠୀ)

ଗଞ୍ଜାମରେ ବୃଦ୍ଧି ପାଇଛି କୃଷ୍ଣସାର ମୃଗଙ୍କ ସଂଖ୍ୟା। ୨୦୨୦ରେ ଗଞ୍ଜାମରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ୬୮୭୫ ଏବଂ ୨୦୨୫ରେ ୮୭୮୯ ଥିବାବେଳେ ଚଳିତ ବର୍ଷ ଏହା ବୃଦ୍ଧି ପାଇ ୯୨୮୭ରେ ପହଞ୍ଚିଛି। ବର୍ଷକରେ ୪୯୮ କୃଷ୍ଣସାର ମୃଗଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା ମଙ୍ଗଳବାର ତାଙ୍କ ଏକ୍ସରେ ସୂଚନା ଦେଇଛନ୍ତି। ପ୍ରଶିକ୍ଷିତ ଟିମ୍, ଡ୍ରୋନ ଏବଂ ଏଆଇ ସହାୟତାରେ ଗଣନା ପରେ ଏହି ସୂଚନା ଦିଆଯାଇଛି।

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗତ ଜାନୁଆରୀ ୨୯ରେ କୃଷ୍ଣସାର ମୃଗଙ୍କ ଗଣନା କରାଯାଇଥିଲା। ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମର ତିନୋଟି ଫରେଷ୍ଟ ଡିଭିଜନ୍ ଯଥା ବ୍ରହ୍ମପୁର ଫରେଷ୍ଟ ଡିଭିଜନ୍, ଘୁମୁସର ଉତ୍ତର ଫରେଷ୍ଟ ଡିଭିଜନ୍ ଏବଂ ଘୁମୁସର ଦକ୍ଷିଣ ଫରେଷ୍ଟ ଡିଭିଜନ୍‌ରେ ଏହି ଗଣନା କରାଯାଇଥିଲା। ବ୍ରହ୍ମପୁର ଫରେଷ୍ଟ ଡିଭିଜନରେ ୨୮୫୬, ଘୁମୁସର ଉତ୍ତର ଫରେଷ୍ଟ ଡିଭିଜନରେ ୪୫୯ ଏବଂ ଘୁମୁସର ଦକ୍ଷିଣ ଫରେଷ୍ଟ ଡିଭିଜନରେ ୫୯୭୨ କୃଷ୍ଣସାର ମୃଗ ରହିଥିବା ଗଣନାରୁ ଜଣାପଡ଼ିଛି। ଏଥିରେ ମୋଟ୍ ୧୨୩ଟି ସେନ୍‌ସସ୍ ଟିମ୍ ନିୟୋଜିତ ହୋଇଥିଲେ।

# ବସ୍‌ରେ ଯାତ୍ରୀଙ୍କ ମଧ୍ୟରେ ମାରପିଟ୍

## ଦୁର୍ଗମ ଅଞ୍ଚଳରେ ଯାତ୍ରୀ ପରିବହନ ବ୍ୟବସ୍ଥା ଦୁର୍ବଳ

ପାରଳାଖେମୁଣ୍ଡି, ୩।୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ପରିବହନ ବ୍ୟବସ୍ଥା ସୀମିତ ପରିମାଣରେ ରହିଛି। ଫଳରେ ବିଭିନ୍ନ ସ୍ଥାନକୁ ଯାତାୟାତ ଲାଗି ଚାଲୁଥିବା ବସ୍‌ଗୁଡିକରେ ନାହିଁ ନ ଥିବା ଭିଡ ହେଉଛି। ଏଥିପାଇଁ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଜିଲାର ଗୋଷାଣି ବ୍ଲକ ବାଘଶାଳାଠାରେ ମୁଖ୍ୟମନ୍ତ୍ରୀଙ୍କ ବସ୍ ସେବା ବସ୍‌ରେ ସୋମବାର ଯାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବରପାଇ ଗୁରାଣ୍ଡି ପୋଲିସ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରି ପରିସ୍ଥିତି ଶାନ୍ତ କରିଥିଲା। ତେବେ ମଙ୍ଗଳବାର ଜିଲାର ଗୋଷାଣି ବ୍ଲକର ବାଘଶାଳା ଗ୍ରାମରେ କେତେ ଜଣ ଏହି ବସ୍‌କୁ ଅଟକାଇ ପଚରାଉଚରା କରିଥିଲେ। ଗଣ୍ଡଗୋଳରେ ବସ୍ କର୍ମଚାରୀଙ୍କ କିଛି ଭୂମିକା ନ ଥିବାରୁ ସେମାନେ ବସ୍ ଛାଡି ଦେଇଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହୋଇଛି।

ଖବରରୁ ଜଣାପଡିଛି, ସୋମବାର ଗୋଷାଣି ବ୍ଲକରେ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାର ଏକ ବସ୍‌ରେ ଭିଡ ଯୋଗୁ ବସ୍ କର୍ମଚାରୀ କେତେକ ଗ୍ରାମରେ ବସ୍ ରଖି ନ ଥିଲେ । ତେବେ ବାଘଶାଳା ଗ୍ରାମଠାରେ ବସ୍ ରହିବାରୁ କେତେ ଜଣ ଲୋକ ଭିଡ ଦେଖି ମଧ୍ୟ ବସ୍‌କୁ ଚଢିଥିଲେ। ବସ୍ ଚଢିଥିବା ଦମ୍ପତି ଏବଂ କେତେ ଜଣ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ବସ୍‌ରେ ଯାତ୍ରା କରୁଥିବା କଲେଜ ଛାତ୍ରୀଛାତ୍ରଙ୍କୁ ସେମାନେ ଆକ୍ରମଣ କରିଥିଲେ। ଖବର ପାଇ ଗୁରାଣ୍ଡି ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ସମ୍ପର୍କରେ ବସ କର୍ମଚାରୀ କହନ୍ତି, ଯାତ୍ରୀଙ୍କ ଭିଡ ଥିଲେ ଆମେ ବସ୍‌ରେ ନ ଚଢିବାକୁ ଲୋକଙ୍କୁ ବାରଣ କଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। ଜୋର ଜବରଦସ୍ତ ବସ୍ ଭିତରକୁ ପଶୁଛନ୍ତି। ବସ୍ ଭିତରେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ, ଗଣ୍ଡଗୋଳ ହେଉଛି। ପାରଳାଖେମୁଣ୍ଡି, ସାତମାଇଲ, ବାଘଶାଳା, ଶରଧାପୁର, ଜଙ୍ଗଲପାଡୁ, ଗାରାବନ୍ଧ ଓ ରମ୍ଭା ରୁଟ୍‌ରେ ଆଉ ଗୋଟିଏ ବସ୍ ଚଳାଚଳ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପୃଥକ୍ ସ୍ଥାନରୁ ୨ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଛତ୍ରପୁର,୩।୨(ଦିଲୀପ ସାମଲ)

ଛତ୍ରପୁର ଓ ଚମାଖଣ୍ଡି ଥାନା ଅଞ୍ଚଳରୁ ୨ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଛତ୍ରପୁର ଥାନା ବାଲିବଗଡ କେନାଲ ରାସ୍ତାରେ ଥିବା ଏକ ବରଗଛରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖାଯାଇଥିଲା। ମୃତଦେହଟି ପଚିଶଢି ନଷ୍ଟ ହୋଇଯାଇଥିବାରୁ ପରିଚୟ ଜଣାପଡିନାହିଁ। ୭/୮ ଦିନ ତଳୁ ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏ ନେଇ ଅପମୃତ୍ୟୁ ମାମଲା (ନଂ.୩/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଥିବା ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚମାଖଣ୍ଡି ଥାନା ଅନ୍ତର୍ଗତ ଉପୁଲାପୁଟି ଗ୍ରାମର ରାଜେଶ କୁମାର ବେହେରା(୨୫)ଙ୍କ ମୃତଦେହ ତାଙ୍କ ଘରେ ଝୁଲନ୍ତା ଅବସ୍ଥାରେ ଥିବା ବେଳେ ପୋଲିସ ତାହାକୁ ଜବତ କରିଛି। ସୋମବାର ରାତିରେ ଘରେ ସମସ୍ତେ ଶୋଇପଡିଥିବା ବେଳେ ରାଜେଶ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଚମାଖଣ୍ଡି ପୋଲିସକୁ ଅବଗତ କରାଇଥିଲେ । ପୋଲିସ ମୃତଦେହକୁ ଜବତ କରିବା ସହ ନଂ.୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଅଖିଳ ଭାରତ କୃଷକ ସଭାର ଗଣଧାରଣା



ଗଣଧାରଣାରେ ସାମିଲ ଚାଷୀ ଏବଂ ସଂଗଠନର କାର୍ଯ୍ୟକର୍ତ୍ତା।

ଦିଗପହଣ୍ଡି,୩।୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଭୀଷ୍ମଗିରି ଗ୍ରାମ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ସଙ୍ଗଠନ ଅଖିଳ ଭାରତ କୃଷକ ସଭାର ସ୍ଥାନୀୟ ଶାଖା କମିଟି ପକ୍ଷରୁ ମଙ୍ଗଳବାର ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଶାଖା କମିଟି ସଭାପତି ବି. ସୁକୁଟା ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ଚାଷୀ ସଙ୍ଗଠକ ବୃନ୍ଦାବନ ପଣ୍ଡା, ନିରଞ୍ଜନ ମହାନ୍ତି, ସିପିଆଇ ଗଞ୍ଜାମ ଜିଲା କମିଟି ସଦସ୍ୟ ଅଳକନାଥ ମିଶ୍ର,ଭୀଷ୍ମଗିରି ଶାଖା ସମ୍ପାଦକ ପ୍ରକାଶ ଚନ୍ଦ୍ର ସେଠୀ, ସହସମ୍ପାଦକ ଅଶୋକ ସେଠୀ, ଅଖିଳ ଭାରତ ଯୁବ ସଂଘର ଜିଲା କାର୍ଯ୍ୟକର୍ତ୍ତା ଦୈତାରି ରେଡ୍ଡୀ, ଚାଷୀ ଏସ.ବିଚିତ୍ର, ରଘୁନାଥ ପାତ୍ର, ପ୍ରକାଶ ଗୌଡ଼ଙ୍କ ସହ ବହୁସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। ସମବାୟ ସମିତିର ଧାନମଣ୍ଡିରେ କଟନି ଛଟନି ନାଁରେ ଚାଷୀମାନଙ୍କଠାରୁ କ୍ୱିଣ୍ଟାଲ ପ୍ରତି ୪ କେଜି ଧାନ କାଟି ନେବା, ଗତ ତିନିବର୍ଷ ଧରି ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଅଖା କିଣିବା ପାଇଁ ଅର୍ଥ ମଞ୍ଜୁର ହେଉଥିଲେ ମଧ୍ୟ ତାହା ଚାଷୀଙ୍କୁ ନ ଦେବା, ସମବାୟ ସମିତିର କୃଷକ ମାରଣ ନୀତି ଓ ମିଲ ମାଲିକଙ୍କ ସଲାସୁତରା ବନ୍ଦ କରିବା ସହ ଅନ୍ୟାନ୍ୟ ଦାବି ପୂରଣ ନ ହେବାରୁ ଏହାର ପ୍ରତିବାଦରେ ଚାଷୀ ଧାରଣା ଦେଇଛନ୍ତି। ଭୀଷ୍ମଗିରି ସମବାୟ ସମିତିରେ ପଞ୍ଜୀକୃତ ୫୪୦ ଚାଷୀଙ୍କଠାରୁ ଅନ୍ୟୁନ ୧୧ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଉଛି। ପ୍ରତି କ୍ୱିଣ୍ଟାଲ ପିଛା ୨ଟି ଖୋଟ ଅଖାର ବଜାର ମୂଲ୍ୟ ୫୪ ଟଙ୍କା ଏବଂ ଅଖାର ଓଜନ ଭରଣା ପାଇଁ ୧ କେଜି ଧାନ ଓ କଟନି ଛଟନି ନାଁରେ ୪ କେଜି ଧାନର ମୂଲ୍ୟ ଓ ଅଖା କ୍ରୟ ମୂଲ୍ୟ ଏସବୁ ମିଶାଇ ପ୍ରାୟ ୨୦ ଲକ୍ଷ ଟଙ୍କା ହଡପ କରାଯାଇଥିବା ଉପସ୍ଥିତ ବକ୍ତାମାନେ ଅଭିଯୋଗ କରି ଏହି ଟଙ୍କା ତୁରନ୍ତ ଫେରସ୍ତ କରିବାକୁ ଦାବି କରାଯାଇଥିଲା।

## ୭୬ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଅର୍ଥରାଶି ପ୍ରଦାନ

### ଭୀଷ୍ମଗିରି ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ସହଭାଗିତା କାର୍ଯ୍ୟକ୍ରମ

ଦିଗପହଣ୍ଡି,୩।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଫ୍ୟୁଜନ ଫାଇନାନ୍ସ ଲିମିଟେଡ ପକ୍ଷରୁ ସାମାଜିକ ସହଭାଗିତା କାର୍ଯ୍ୟକ୍ରମ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଜେନାମଣି ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅମୂଲ୍ୟ କୁମାର ମହାପାତ୍ର,ସମ୍ମାନିତ ଅତିଥି ରୂପେ ଫ୍ୟୁଜନ୍ କମ୍ପାନୀର ବରିଷ୍ଠ ଅଧିକାରୀ ଅମ୍ରିତରାମ ଲାଲ, ମହମ୍ମଦ ଇର୍ଫାନ, ଆଞ୍ଚଳିକ ମ୍ୟାନେଜର ଇପ୍ସିତ ବିଶ୍ୱଜିତ ହରିଚନ୍ଦନ, ମଣ୍ଡଳ ପ୍ରବନ୍ଧକ ଗୁକୁନା ପାତ୍ର, ରାମଜୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କର ଉପସ୍ଥିତ ଥିଲେ। ଶିକ୍ଷକ କୁନା ବିବାର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମହତ୍ତ୍ୱ ବୁଝିବା ସହ କଠିନ ପରିଶ୍ରମ କରି ବିଦ୍ୟାଧ୍ୟୟନରେ ବ୍ରତୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପୂର୍ବରୁ ମନୋନୀତ ହୋଇଥିବା ବିଦ୍ୟାଳୟର ୭୬ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଜମାଖାତାକୁ ଏହି ଅବସରରେ ଫ୍ୟୁଜନ କମ୍ପାନୀ ପକ୍ଷରୁ ମେଧାବୃତ୍ତି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେମାନଙ୍କୁ ପ୍ରମାଣପତ୍ର ଓ ସ୍କୁଲ ବ୍ୟାଗ ଅତିଥିମାନେ ପ୍ରଦାନ କରିଥିଲେ। ଶିକ୍ଷକ ସଚ୍ଚିନ ସେଠ୍ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ପଣ୍ଡା, ଶୁଭସ୍ମିତା ପଣ୍ଡା, ସ୍ନିଗ୍ଧାମୟୀ ଶତପଥୀ ଓ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସରୁନି ବସ୍‌ଷ୍ଟାଣ୍ଡ ପ୍ରବେଶପଥ ସମ୍ମୁଖ କାର୍ଯ୍ୟ



ଫୁଲବାଣୀ, ୩।୨ (ରାକେଶ କୁମାର ରାଉତ)

ଫୁଲବାଣୀ ବାପୁଜୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁନି । କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ବସ୍‌ଷ୍ଟାଣ୍ଡ ଠିକ ଭାବେ କାର୍ଯ୍ୟକ୍ଷମ ହୋଇପାରୁନି। ଗତ ମାସେରୁ ଊର୍ଦ୍ଧ୍ୱ ହେବ ବସଷ୍ଟାଣ୍ଡର ସମ୍ମୁଖ ଭାଗ ତଥା ମୁଖ୍ୟ ଫାଟକ କାମ ଶେଷ ହେଉନି । ଫଳରେ ଯାତ୍ରୀମାନେ ହଇରାଣ ହେଉଥିବା ବେଳେ ବସ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଛି ।

ଦୀର୍ଘଦିନ ହେବ ଏହି ବସ୍‌ଷ୍ଟାଣ୍ଡର ନବ କଳେବର ପାଇଁ ଟେଣ୍ଡର ଡକାଯିବା ପରେ କାମ ଆରମ୍ଭ ହୋଇଥିଲା । ପୂର୍ବରୁ ଏହା ଯେପରି ଥିଲା, ବର୍ତ୍ତମାନ ତାହା ସେହି ଅବସ୍ଥାକୁ ଚାଲି ଆସିଲାଣି । ଖାଲି ଗେଟ କରାଯାଇ ବାପୁଜୀ ବସ୍‌ଷ୍ଟାଣ୍ଡ ଲେଖାଯାଇଛି। ଅନ୍ୟ କ'ଣ କାମ ସେଠାରେ ହୋଇଛି ତାହା ଜଣାପଡୁନାହିଁ । ବସ୍‌ଷ୍ଟାଣ୍ଡ ସବୁବେଳେ ଆବର୍ଜନାମୟ ହୋଇ ରହୁଛି । ନିର୍ମାଣ ହୋଇଥିବା ବସ୍‌ଷ୍ଟାଣ୍ଡର ଦ୍ୱିତୀୟ ମହଲା ତାଲା ପକାଇ ରଖାଯାଇଛି । କେଉଁଦିନ ତାହା ଖୋଲା ଯାଉନାହିଁ । ଯାତ୍ରୀମାନେ ତଳେ ବସି ବହୁ ହଇରାଣ ହେଉଛନ୍ତି। ପ୍ରାୟ ମାସେରୁ ଊର୍ଦ୍ଧ୍ୱ ହେବ ମୁଖ୍ୟ ଫାଟକ ସମ୍ମୁଖ ରାସ୍ତା ଖୋଳାଯାଇ ଡ୍ରେନ ହେଉଛି। ସମ୍ମୁଖରେ କାଓ କ୍ୟାଚର ଲାଗିବା ପାଇଁ ବ୍ୟବସ୍ଥା କରାଯାଉଛି । କିନ୍ତୁ ଖାଲି ଖୋଳି ଦିଆଯାଇ ଛାଡି ଦିଆଯାଇଛି । ଯଦି କେହି ଅଜାଣତରେ ମୁଖ୍ୟ ଫାଟକ ଭାବି ଗାଡି ଚଲେଇ ଆଣିବେ ଦୁର୍ଘଟଣାରେ ଜୀବନ ହାନୀ ହେବାର ସମ୍ଭାବନା ରହିଛି । ତୁରନ୍ତ କାର୍ଯ୍ୟ ଶେଷ କରି ଯାତ୍ରୀଙ୍କ ସୁବିଧା କରାଯାଉ ବୋଲି ବହୁ ଯାତ୍ରୀ ଏବଂ ସହରବାସୀ ଦାବି କରିଛନ୍ତି।

# ନୂତନ ପାଠ୍ୟ ପୁସ୍ତକ ସମ୍ବନ୍ଧୀୟ ପ୍ରଶିକ୍ଷଣ

ଆସିକା,୩।୨(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ଅନ୍ତର୍ଗତ ଗୁଣ୍ଡପଡାସ୍ଥିତ ଜଗଦଳପୁର ହାଇସ୍କୁଲ ଓ ଚିନିଶିଳ୍ପ ନୂଆଗାଁସ୍ଥିତ ଚିନିଶିଳ୍ପ ହାଇସ୍କୁଲରେ ମଙ୍ଗଳବାରଠାରୁ ନୂତନ ପାଠ୍ୟ ପୁସ୍ତକ ସମ୍ବନ୍ଧୀୟ ୫ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଜଗଦଳପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଞ୍ଜ ବେହେରା, ମାଷ୍ଟର ଟ୍ରେନର ଶୁଭେନ୍ଦୁ ଶେଖର ଜେନା, ପ୍ରଶିକ୍ଷକ ଶିବ ଶଙ୍କର ସ୍ୱାଇଁ, ମନୋଜ ତ୍ରିପାଠୀ, ରଂଜିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟରେ ନିମିନା, କେନ୍ଦୁପଦର, କେ.ନୂଆପଲ୍ଲୀ ଓ ଗଙ୍ଗାପୁର କ୍ଲଷ୍ଟରର ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଲାଗି ଯୋଗ ଦେଇଥିଲେ । ସେହିଭଳି ଚିନିଶିଳ୍ପ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂନନ୍ଦନ ପଣ୍ଡା, ମାଷ୍ଟର ଟ୍ରେନର ଅର୍ଚ୍ଚନା ବେହେରା, ପ୍ରଶିକ୍ଷକ ସନ୍ତୋଷିନୀ ମୁନି, ସମୀର ନାୟକ, ପବିତ୍ର ମୋହନ ଉଦଗାତା ପ୍ରମୁଖ ଯୋଗ ଦେଇଥିଲେ ।

ଏହି ଶିବିରରେ ଭେଟନଈ, କାଳଷଣ୍ଢପୁର, ଆସିକା ଏନଏସି, ହରିଡାପଦର ଓ ନଳବଣ୍ଟା କ୍ଲଷ୍ଟରର ୬୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଛନ୍ତି । ୨୦୨୬-୨୭ ଶିକ୍ଷା ବର୍ଷରେ ଅଷ୍ଟମରୁ ଦଶମ ଶ୍ରେଣୀ ଯାଏଁ ୫୫ଟି ପୁସ୍ତକକୁ ସାମିଲ କରାଯାଇଛି । ପୂର୍ବରୁ ୬ଟି ବିଷୟରେ ଶିକ୍ଷାଦାନ ହେଉଥିଲା ବେଳେ ବର୍ତ୍ତମାନ ୯ଟି ବିଷୟ ଉପରେ ଶିକ୍ଷାଦାନ ହେବ । ଏହି ସମସ୍ତ ବିଷୟ ଉପରେ ବିସ୍ତୃତ ଆଲୋଚନା ସହ ଜାତୀୟ ଶିକ୍ଷାନିତି ୨୦୨୦, ଭାରତୀୟ ଜ୍ଞାନ ପରମ୍ପରା, ବିଷୟ ଭିତ୍ତିକ ଭାଷାର ଶିକ୍ଷାଦାନ ଶୈଳି, ବୃତ୍ତିଗତ ଏବଂ ଶାରିରୀକ ଶିକ୍ଷା ଓ ସ୍ୱଚ୍ଛତା ଉପରେ ମଧ୍ୟ ଏହି ଶିବିରରେ ତାଲିମ ପ୍ରଦାନ କରାଯିବ ।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, JAJPUR**
No.O-2156
Letter No.682/ Date 02.02.2026
**1st Corrigendum** to Bid Identification No. Tender Online **17 JJPT** of 2025-26 invited this office **Letter No.310, Dtd.15.01.2026.**
**The change as detailed below are hereby made in the above N.I.T.**
**1. Corrigendum to Change Date & Time.**

| Procurement Officer | Bid Identification No. | Availability of Tender On-line for bidding: From | | To | | Last date & time of seeking tender clarification | | Date & Time of opening of Technical Bid | |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| | | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur | Tender Online 17 JJPT of 2025-26 | 27.01.2026 at 10.00 AM | 03.02.2026 at 10.00 AM | 06.02.2026 upto 05.00 PM | 09.02.2026 upto 05.00 PM | 05.02.2026 upto 5.00 PM | 07.02.2026 upto 5.00 PM | 07.02.2026 at 11.30 AM | 10.02.2026 at 11.30 AM |

**Note:- If situation arises the transparent lottery will be held on 12.02.2026, At 11.30 AM.**
OIPR-
**Sd./- Superintending Engineer, R.W.Division, Jajpur**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E-Mail : rw_rourkela@yahoo.co.in
**No.25001/16/2526**
**TENDER CALL NOTICE**
**BID IDENTIFICATION NO. ONLINE-EERKL-28 of 2025-26**
1. Name of the work : Road Work, 2. Total No. of work : 01 (One) No., 3. Estimated Cost : Rs.63.38 Lakhs, 4. Class of Contractor : 'B' Class, 5. Period of Completion : 01 (One) Calendar month, 6. Type of Tender : Double Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding: From | To |
|---|---|---|---|
| 1 | 2 | 3 | 4 |
| **Executive Engineer, Rural Works Division-II, Sundargarh** | **Online - EERKL-28 of 2025-26** | **02.02.2026 from 10.00 AM** | **10.02.2026 upto 4.00 PM** |

Further details can be seen from the website : www.tendersorissa.gov.in.
**Sd./- Executive Engineer**
**RW Division-II, Sundargarh**
**OIPR-25001/25193/1/25-26/0016**

**GOVERNMENT OF ODISHA**
No.25001/16/2526
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail : sencrwangul@yahoo.co.in, Ph. : 06764-236404
**SHORT TENDER CALL NOTICE FOR AMP ROAD WORKS IN ODISHA**
**Bid Identification No. AMP Road Online AGL-34/2025-26**
**No. 457//** **Dt. 30.1.2026//**
1. Name of the work : AMP Road works, 2. Total No. of work : 02 Nos., 3. Estimated cost : Rs.126.36 to Rs.149.98 Lakhs (Approx.), 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding: From | To | Last Date & Time of seeking tender clarification | Date & Time of opening of Tender: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | AMP Road Online - AGL-35/25-26 | 04.02.2026 at 10.00 A.M. | 10.02.2026 up to 5.00 P.M. | 09.02.2026 up to 1.00 P.M. | 10.02.2026 at 5.30 P.M | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in
**Sd./- Chief Construction Engineer,**
**Rural Works Circle, Angul**
**OIPR-25001/25180/1/25-26/0016**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୨୦ **ବିଜ୍ଞାପନ** ତା.୧୫.୦୧.୨୬
**No.CAD**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏଏମ୍-୪୨-(AM-42), ବାସନ୍ତୀ ହାଉସିଂ ସ୍କିମ୍, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀ ବିମଳ କୁମାର ଦାସ, ପିତା-ବ୍ରଜ ବଲ୍ଲଭ ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, ସ୍ୱାମୀ-ଶ୍ରୀ ପଞ୍ଚାନନ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ, ପିତା-ବ୍ରଜ ବଲ୍ଲଭ ଦାସ, ସା-ଜେଏ-୩୯, ଶକ୍ତିନଗର, ପୋ-ଜଗଡ଼ା, ଥାନା-ରାଉରକେଲା-୧୪, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ଶ୍ରୀ ବିମଳ କୁମାର ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଅଜୟ କୁମାର ଅଗରୱାଲ, ପିତା-କହ୍ନେୟାଲାଲ ଅଗରୱାଲ, ସା/ପୋ- କନିନା ଖାସ୍, ଜିଲ୍ଲା- ମହେନ୍ଦ୍ରଗଡ଼ (ହରିୟାଣା)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION, BHUBANESWAR**
E-Mail: eebbsrrwss@gmail.com
**REQUEST FOR PROPOSAL (RFP)**
**BID No.05/2025-26**
No.25001/16/2526:Superintending Engineer, RWS&S Division, Bhubaneswar on behalf of the Governor of Odisha invites Request For Proposal (RFP) in sealed covers for Engagement of **2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard** through manpower service provider on outsourcing basis under the jurisdiction of RWS&S Division, Bhubaneswar from registered and established private manpower service provider under EPF & ESI Act.

| | | |
|---|---|---|
| 1 | Nature of Assignment | **Request for proposal (RFP) For Hiring of Agency for Engagement of 2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard through manpower service provider on outsourcing basis under the jurisdiction of RWS&S Division, Bhubaneswar.** |
| 2 | No. of Item | 01 (One) |
| 3 | Period of Contract | 12 (Twelve) Months |
| 4 | Availability of RFP | **04.02.2026 to 11.02.2026 upto 03.00 PM** |
| 5 | Last date & time for submission of RFP | 11.02.2026 upto 03.00 PM |
| 6 | Last date & time for seeking clarification | 09.02.2026 upto 5.00 PM |
| 7 | Bid Security (E.M.D.) | Rs.30,000.00 |
| 8 | Cost of Bid Document | Rs.6,000.00 |
| 9 | Mode of submission of RFP | Online through e-procurement portal only in website www.tendersorissa.gov.in |
| 10 | Date & Time of opening of RFP | Dt.12.02.2026 at 11.30 A.M. in Office of the Superintending Engineer, RWS&S Division, Bhubaneswar |

Further details can be seen from the website https://www.tendersorissa.gov.in.
**Superintending Engineer,**
**RWS&S Division, Bhubaneswar**
**OIPR-25001/25011/1/25-26/0016**


ମା' ବିରଜାଙ୍କ ଦର୍ଶନସାରି ଫେରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।



ମୁକ୍ତିମଣ୍ଡପ ପଣ୍ଡିତଙ୍କଠାରୁ ଆଶୀର୍ବାଦ ନେଉଛନ୍ତି ରାଷ୍ଟ୍ରପତି।


ରାଷ୍ଟ୍ରପତିଙ୍କୁ ଅପେକ୍ଷା କରିଥିବା ଯାଜପୁର ଜିଲାର ଜନପ୍ରତିନିଧି।


ସାଧାରଣ ଜନତାଙ୍କୁ ଭେଟୁଛନ୍ତି ରାଷ୍ଟ୍ରପତି।

# ରାଷ୍ଟ୍ରପତିଙ୍କୁ ଟସର ଶାଢ଼ି, ବୁଦ୍ଧମୂର୍ତ୍ତି ଉପହାର

## କୁଶଳୀ ଶିଳ୍ପୀ, କାରିଗରଙ୍କ ପାଇଁ ଏକ ପ୍ରେରଣାଦାୟୀ ସମ୍ମାନ

**ଯାଜପୁର,୩।୨(ହର୍ଷବର୍ଦ୍ଧନ ବେହେରା):** ଯାଜପୁର ଜିଲାର ବିରଜା ମନ୍ଦିର ଦର୍ଶନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଶାସନ ପକ୍ଷରୁ ଜିଲାର ସମୃଦ୍ଧ ହସ୍ତଶିଳ୍ପ ନିର୍ମିତ ଏବଂ ସଂସ୍କୃତି-ଐତିହ୍ୟ ଜଡ଼ିତ ଉପହାର ପ୍ରଦାନ କରାଯାଇଛି। ଜିଲାର ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ରତ୍ନଗିରି ଓ ଉଦୟଗିରି ହେଉଛି ପ୍ରାଚୀନ ବୌଦ୍ଧ ସଂସ୍କୃତି ଓ ସଭ୍ୟତାର ମନୋରମ କୀର୍ତ୍ତିସ୍ଥଳ। ନିକଟରେ ଉଦୟଗିରି-ରତ୍ନଗିରି-ଲଳିତଗିରିର ବୌଦ୍ଧ ଐତିହ୍ୟ ସର୍କିଟ୍ ପ୍ରାରମ୍ଭିକ ପର୍ଯ୍ୟାୟରେ ବିଶ୍ୱଐତିହ୍ୟ ତାଲିକାଭୁକ୍ତ ହୋଇଥିଲାବେଳେ ଏଠାରେ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ସ୍ମୃତିରେ ଆନ୍ତର୍ଜାତିକ ବୁଦ୍ଧ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାର ଏହି ସମୃଦ୍ଧ ବୌଦ୍ଧକୀର୍ତ୍ତିର ସ୍ମୃତିବିଜଡ଼ିତ ଏକ କମନୀୟ ବୁଦ୍ଧମୂର୍ତ୍ତି ରାଷ୍ଟ୍ରପତିଙ୍କୁ ଉପହାର ଆକାରରେ ପ୍ରଦାନ କରାଯାଇଛି। ୧୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ଧ୍ୟାନୀମୂର୍ତ୍ତିଟି ବଉଳମାଳ ପଥରରେ ନିର୍ମିତ। ଏହାକୁ ବଡ଼ଚଣା ବ୍ଲକ ପଲାଇ ଗ୍ରାମର ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ସୁଶାନ୍ତ କୁମାର ଦାସ ଗଢ଼ିଛନ୍ତି। ଏହି ମୂର୍ତ୍ତିକୁ ବିରଜା ମନ୍ଦିରରେ ପୂଜାର୍ଚ୍ଚନା ପରେ ଜିଲାପାଳ ଅମ୍ବର କୁମାର କର ଏବଂ ବିରଜା ମନ୍ଦିରର ଟ୍ରଷ୍ଟି ତଥା ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ।


ରାଷ୍ଟ୍ରପତିଙ୍କୁ ଯାଜପୁର ଜିଲାପାଳ ଉପହାର ପ୍ରଦାନ କରୁଛନ୍ତି।

ସେହିପରି ରାଷ୍ଟ୍ରପତିଙ୍କୁ ରସୁଲପୁର ବ୍ଲକ ଅନ୍ତର୍ଗତ ଚକ-ଗୋପାଳପୁର ଗ୍ରାମର ମହିଳା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଏକ ସୁନ୍ଦର ଟସର ଶାଢ଼ି ଉପହାର ଆକାରରେ ଦିଆଯାଇଛି। ଗ୍ରାମର ମା' ସିଂହବାହିନୀ ଟସର ହସ୍ତତନ୍ତ୍ର ଉତ୍ପାଦିକା ଗୋଷ୍ଠୀର ମହିଳା କାରିଗର ଲିଲି ଚାନ୍ଦ ଓ ତାଙ୍କ ସହଯୋଗୀ ସାଢ଼େ ୬ ମିଟର ଲମ୍ବର ଟସର ନିର୍ମିତ କୋଣାର୍କମନ୍ଦିର ଶୈଳୀରେ ଏହି ସୁନ୍ଦର ଶାଢ଼ି ବୁଣିଥିଲେ। ଏହାର ଆଞ୍ଚଳରେ କୋଣାର୍କ ମନ୍ଦିରର ମୁଖଶାଳା ଚିତ୍ରଥିବାବେଳେ ଭିତରେ ଅଛି ଫୁଲ ଏବଂ କୁଂଚର ଡିଜାଇନ ଓ ବୁଟିରେ ରହିଛି କୋଣାର୍କ ଚକ୍ରର ଛବି। ଶାଢ଼ିର ଆଞ୍ଚଲ୍‌ରେ ବି ସୂର୍ଯ୍ୟ ଦେବତାଙ୍କ ଛବି ଅଛି। ଏହି ଶାଢ଼ି ତିଆରି କରିବାକୁ କାରିଗରଙ୍କୁ ଗୋଟିଏ ମାସ ଲାଗିଥିଲା। ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ ପାଇଲା ପରେ କୋଣାର୍କ ମୁଖଶାଳା, ଶ୍ରୀମନ୍ଦିର ଓ ରଥଯାତ୍ରା ଡିଜାଇନର ୪ଟି ଶାଢ଼ି ସେମାନେ ଦେଖାଇଥିଲେ। ଶେଷରେ ସେଥିରୁ କୋଣାର୍କ ମୁଖଶାଳା ଡିଜାଇନ ଶାଢ଼ି ସମସ୍ତଙ୍କର ପସନ୍ଦ ହୋଇଥିଲା ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଏହି ଶାଢ଼ିକୁ ରାଷ୍ଟ୍ରପତିଙ୍କୁ ଉପହାର ଦେବାକୁ ନିଷ୍ପତ୍ତି ନେଇଥିଲେ।

ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତକର୍ମ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବା ଯାଜପୁର ଜିଲାର ରହିଛି ଏକ ଗୌରବମୟ ପରିଚୟ। ଜିଲର ପଥର କାରିଗରୀ, ମେଟାଲ କ୍ରାଫ୍ଟ, ପାରମ୍ପରିକ ଟେକ୍ସଟାଇଲ୍ ହାଣ୍ଡଲୁମ୍, ସଂସ୍କୃତି, ପରମ୍ପରା ଓ କଳାତ୍ମକ ସୃଜନଶୀଳତା ପାଇଁ ପ୍ରସିଦ୍ଧି ଅର୍ଜନ କରିଛି। ଯାଜପୁର ଜିଲାର ପଥର ଶିଳ୍ପୀ କାରିଗରୀ ଧାର୍ମିକ ବିଶ୍ୱାସ ଓ ପୌରାଣିକ କିମ୍ବଦନ୍ତୀ ଆଧାରିତ କାହାଣୀ ସବୁକୁ ନେଇ ସମୃଦ୍ଧ। ବିଶେଷକରି ରତ୍ନଗିରି ଓ ଉଦୟଗିରିର ବହୁ ପ୍ରାଚୀନ ବୌଦ୍ଧ ମହାବିହାରରେ ସ୍ଥାନୀୟ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ସହସ୍ରାଧିକ କମନୀୟ ବୌଦ୍ଧ ବିଗ୍ରହ, ମହାସ୍ତୂପ ଏବଂ ପୁରାତନ ବୌଦ୍ଧ ବିଶ୍ୱବିଦ୍ୟାଳୟ ଦେଶବିଦେଶରେ ଏକ ବିକଶିତ ସାଂସ୍କୃତିକ ସଭ୍ୟତାର ନିଦର୍ଶନ ଦେଇଛି। ଜିଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଶୁଖୁଆପଡ଼ା ଗ୍ରାମରେ ରହିଛି ପାରମ୍ପରିକ ପଥରଶିଳ୍ପୀଙ୍କ ଗ୍ରାମ। ପଲାଇ ପଞ୍ଚାୟତ ଅନ୍ତର୍ଗତ ଶୁଖୁଆପଡ଼ା ଓ ନିକଟସ୍ଥ ପଲାଇ ଗ୍ରାମର ଦୁଇ ଯୁବଶିଳ୍ପୀ ଭାରତ ସରକାରଙ୍କ ଦ୍ୱାରା ଜାତୀୟ ପୁରସ୍କାର ଲାଭ କରିଛନ୍ତି।

ସେହିଭଳି ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଚକ-ଗୋପାଳପୁର ଗ୍ରାମ ଟସର ବସ୍ତ୍ର ପ୍ରସ୍ତୁତି ପାଇଁ ବିଶେଷ ସୁନାମ ଅର୍ଜନ କରିଛି। ପାରମ୍ପରିକ ଟସର ନିର୍ମିତ ଶାଢ଼ି, ଶାଲ୍, ଯୋଡ଼ ଓ ଉତ୍ତରୀୟ ଭଳି ସୁନ୍ଦର ସୁନ୍ଦର ବସ୍ତ୍ର ପ୍ରସ୍ତୁତି କରୁଥିବା ଏହି ଉତ୍ପାଦନ ସାମଗ୍ରୀ ଭାରତ ସରକାରଙ୍କ ଦ୍ୱାରା ଜିଆଇ ଟ୍ୟାଗ୍ ଅନ୍ତର୍ଭୁକ୍ତ ହୋଇପାରିଛି। ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅନ୍ତିଆ ଗ୍ରାମର ମା' କୋହ୍ଲେଇଶୁଣୀ କାଇଁଚ ଉତ୍ପାଦିକା ସଂଘର ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କାଇଁଚ ସାମଗ୍ରୀରୁ ତିଆରି ହେଉଛି ସୁନ୍ଦର ସୁନ୍ଦର ବାସ୍କେଟର ପେଡ଼ି, ମ୍ୟାଟ୍ ଓ ଅଫିସ ଏବଂ ଘରସଜ୍ଜାରେ ଲାଗୁଥିବା ବିଭିନ୍ନ ଗୃହୋପକରଣ ସାମଗ୍ରୀ। ପରିବେଶ ଉପଯୋଗୀ ଏହି ସାମଗ୍ରୀର ସାଂସ୍କୃତିକ ପରିଚୟ ପାଇଁ ଏହାକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି। ମା' କୋହ୍ଲେଇଶୁଣୀ କାଇଁଚ ଶିଳ୍ପ ଉତ୍ପାଦିକା ଗୋଷ୍ଠୀ ପକ୍ଷରୁ ସରସ୍ୱତୀ ଓଝା ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ସୁନ୍ଦର ପେଡ଼ିରେ ଟସର ଶାଢ଼ି ରାଷ୍ଟ୍ରପତିଙ୍କୁ ଉପହାର ଦିଆଯାଇଛି ବୋଲି ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ସିତାଂଶୁ ଶେଖର ସାହୁ କହିଛନ୍ତି। ଏହା ସହିତ ଯାଜପୁର ଜିଲାର ସୁଭଦ୍ରା ଶକ୍ତି ଶୀର୍ଷକ ପାରମ୍ପରିକ ହସ୍ତଶିଳ୍ପର ସଂକ୍ଷିପ୍ତ ଆଲେଖ୍ୟ ଓ ଫଟୋଚିତ୍ର ସଂଲଗ୍ନ ଏକ ରଙ୍ଗିନ ବିବରଣୀ ସଂଲଗ୍ନ କରାଯାଇଛି। ସଂସ୍କୃତି ଗବେଷକ ଶୁଭେନ୍ଦୁ କୁମାର ଭୂୟାଁ କହିଛନ୍ତି, ରାଷ୍ଟ୍ରପତିଙ୍କୁ ଜିଲାର ସଂସ୍କୃତି-ଐତିହ୍ୟ ଓ ପରମ୍ପରା ବିଜଡ଼ିତ ଉପହାର ପ୍ରଦାନ ଆମର କୁଶଳୀ ଶିଳ୍ପୀ ଓ କାରିଗରମଙ୍କ ପାଇଁ ଏକ ପ୍ରେରଣାଦାୟୀ ସମ୍ମାନ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଦର୍ଶ


@ ଦୁର୍ଯ୍ୟୋଧନ


@ ହିମାଂଶୁ


@ ସଙ୍କେତିକା


@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୋଷ୍ଟଗାର୍ଡର ନୂତନ ଜାହାଜ 'ଅମୂଲ୍ୟ'ର ପାଟ୍ରୋଲିଂ ସେବା ଆରମ୍ଭ

- ଉପକୂଳ ସମୁଦ୍ରରେ ପାଟ୍ରୋଲିଂ କରିବ
- ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ରହିଛି

**ପାରାଦୀପ,୩।୨(ଶରତ ରାଉତ)**

ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ-୭ ପାରାଦୀପ ବନ୍ଦରଠାରେ ମଙ୍ଗଳବାର ନୂତନ ପାଟ୍ରୋଲିଂ ଜାହାଜ 'ଅମୂଲ୍ୟ' ସେବା ଆରମ୍ଭ କରିଛି। ଉକ୍ତ ଜାହାଜ ୨୦୨୫ ଡିସେମ୍ବର ୧୯ରେ ଗୋଆଠାରେ ଲୋକାର୍ପଣ କରାଯାଇଥିଲା। ଜାହାଜଟି ପାରାଦୀପରେ ପହଞ୍ଚିବା ପରେ କୋଷ୍ଟଗାର୍ଡର ଅଧିକାରୀ ଓ ଯବାନମାନେ ସ୍ୱାଗତ କରିଛନ୍ତି। ଏହି ପାଟ୍ରୋଲିଂ ଜାହାଜ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ। ୫୧ ମିଟର ଲମ୍ବ ଓ ୩୨୦ ଟନ ବିଶିଷ୍ଟ ଉକ୍ତ ଜାହାଜରେ ଡବଲ ଇଞ୍ଜିନ ରହିଛି। ଘଣ୍ଟା ପ୍ରତି ଏହା ୨୮ ନଟିକାଲ ମାଇଲ


ପାରାଦୀପରେ ପହଞ୍ଚିଥିବା ପାଟ୍ରୋଲିଂ ଜାହାଜ ଅମୂଲ୍ୟ ନିକଟରେ କୋଷ୍ଟଗାର୍ଡର ଅଧିକାରୀ ଓ ଯବାନମାନେ।

(୫୦.୦୪କି.ମି.)ବେଗରେ ଗତି କରି ପାରିବ ଏବଂ ଥରକରେ ୧୫୦୦ ନଟିକାଲ ମାଇଲ (୨୭୦୦ କି.ମି.)ଯାଇପାରିବ। ଏଥିରେ ୩୦ ଏମ୍ଏମ୍ ଗନ, ସିଆର୍ଏନ ୯୧ ଗନ,୧୨.୦୭ ବିଶିଷ୍ଟ ଅଟୋମେଟିକ ହେବି ଗନ ଆଦି ଯୁଦ୍ଧାସ୍ତ୍ର ରହିଛି। ୫ ଅଫିସରଙ୍କ ସହ ୩୪ ଜଣ ଯବାନ ଏଥିରେ ନିୟୋଜିତ ଅଛନ୍ତି। ଏହା ପୂର୍ବ ଉପକୂଳ ଭାରତୀୟ ସମୁଦ୍ର ସୀମାରେ ପାଟ୍ରୋଲିଂ କରିବ ଏବଂ ଏହାର ମୁଖ୍ୟାଳୟ ପାରାଦୀପ ରହିବ ବୋଲି କୋଷ୍ଟଗାର୍ଡ ପକ୍ଷରୁ ଦର୍ଶାଯାଇଛି।

# ଜଗତ୍‌ସିଂହପୁର ଜିଲା କଂଗ୍ରେସର ନବକଳେବର

## ନୂଆ କର୍ମକର୍ତ୍ତାଙ୍କ ନାମ ଘୋଷଣା

**ଜଗତ୍‌ସିଂହପୁର, ୩।୨ (ପ୍ରମୋଦ କୁମାର ନାୟକ):** ଦେବ ପ୍ରସାଦ ନାୟକ ଜିଲା କଂଗ୍ରେସ କମିଟି (ଡିସିସି) ସଭାପତି ଭାବେ ଦାୟିତ୍ୱ ନେଲା ପରେ ସେ ଦଳୀୟ କାର୍ଯ୍ୟକଳାପକୁ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏଥିମଧ୍ୟରେ ଏକାଧିକ ବୈଠକ ଓ କାର୍ଯ୍ୟକ୍ରମ କରି ଦଳୀୟ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିଛନ୍ତି। ମଙ୍ଗଳବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ଦଳ ପ୍ରଶାସକ ସମିର କୁମାର ରାଉତରାୟ ଜିଲା କଂଗ୍ରେସର ନୂଆ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଫଳରେ ଜିଲା କଂଗ୍ରେସର ନବ କଳେବର ହୋଇଥିବା ସ୍ପଷ୍ଟ ବାରି ହୋଇପଡୁଛି। ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ଉପସଭାପତି ଭାବେ ଦ୍ୱିଜରାଜ ଦାସ, ରାଜ କିଶୋର ସାହୁ, ପ୍ରଶାନ୍ତ ଦାସ, ଅକ୍ଷୟ କୁମାର ମହାନ୍ତି, ସୁବ୍ରତ ରାୟ, ଅମ୍ବିକା ପ୍ରସାଦ ଦାସ, ମହମ୍ମଦ ଅବଦୁଲ ୱାହିଦ, ଅଶ୍ୱିନୀ କୁମାର ସ୍ୱାଇଁ, ବଲ୍ଲଭାନନ୍ଦ ସ୍ୱାଇଁ, ନିତ୍ୟାନନ୍ଦ ଦାସ ଓ ଦ୍ୱିଜରାଜ ଖଣ୍ଡୁଆଳଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ହୋଇଛନ୍ତି ସାଧୁ ଚରଣ ସାହୁ, ବିଦ୍ୟାଧର ବାରିକ, ଅଶୋକ ଜେନା, ସୁଭ ନାରାୟଣ ନାୟକ, ସୌମ୍ୟଜିତ ଦାସ, ଜାନକୀ ମହାରଥୀ, ଧନଞ୍ଜୟ ସୁତାର, ପ୍ରଶାନ୍ତ ବେହେରା, ଅମନିକାନ୍ତ ମହାରଣା, ଆର୍ତ୍ତବନ୍ଧୁ ବିଶ୍ୱାଳ ଓ ନାଥ କାଣ୍ଡି। ସମ୍ପାଦକ ଭାବେ ପ୍ରହଲ୍ଲାଦ ବିଶ୍ୱାଳ, ବିମଳ କୁମାର ସେଠୀ, ଦିଲୀପ ମାହାର, ମନୋରଞ୍ଜନ ଜେନା, ଦେବୀପ୍ରସାଦ ପରିଡ଼ା, ବୃନ୍ଦାବନ ପ୍ରଧାନ, ସୂର୍ଯ୍ୟକାନ୍ତ ସାହୁ, ମନୋଜ କୁମାର ଦାସ, ରୁପଶ୍ରୀ ରାଗିଣି ଦାସ, ମନମୋହନ ଗୋଚ୍ଛାୟତ, ଅଞ୍ଜନ ଜେନା, ବାବୁଲି ପଟ୍ଟନାୟକ, ବସନ୍ତ ନାୟକ, ସରୋଜିନି ପରିଜା, ପବିତ୍ର ମନ୍ତ୍ରୀ, ସରୋଜ ପ୍ରଧାନ, ଜିତୁ ନାରାୟଣ ସାହୁ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଗଙ୍ଗାଧର ନାୟକ, ପ୍ରଦୀପ ସାମଲ ଓ ଅମିତା ରଥଙ୍କୁ ଦାୟିତ୍ୱ ଦିଆଯାଇଛି। ବିଶ୍ୱଜିତ ପୋଥାଳ କୋଷାଧ୍ୟକ୍ଷ ହୋଇଛନ୍ତି। କାର୍ଯ୍ୟକାରିଣୀ ସଭ୍ୟ ଭାବେ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ପ୍ରଶାନ୍ତ ସାମନ୍ତରାୟ, ବିକ୍ରମ ପରିଡ଼ା, ଶ୍ରୀଚରଣ ରାଉତ, ଗଙ୍ଗାଧର ଖଟୁଆ, ବିଜୟ କୁମାର ବେହେରା, ଦୀପ୍ତିମୟୀ ପ୍ରଧାନ, ରଞ୍ଜନ କୁମାର ପଣ୍ଡା, ଅକ୍ଷୟ ଦାସ, ଦେବବ୍ରତ ବେହେରା, ଲକ୍ଷ୍ମୀଧର ଦାଶ, କାଳନ୍ଦୀ ମହାନ୍ତି (ରଘୁନାଥପୁର), ଦୀପକ ପଶାୟତ, କାଳନ୍ଦି ମହାନ୍ତି (ବାଲିକୁଦା), ଲକ୍ଷ୍ମୀଧର ମଲ୍ଲିକ, ଲକ୍ଷ୍ମୀଧର ସାମନ୍ତରାୟ, ଆଡଭୋକେଟ ସୁଶାନ୍ତ କାନୁନ୍‌ଗୋ, ବିକ୍ରମ କେଶରୀ ପରିଡ଼ା ଓ ଅଜୟ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ବ୍ଲକ କମିଟିଗୁଡିକ କଥା ଦେଖିଲେ ଜଣାଯାଏ, ତିର୍ତ୍ତୋଲ (ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ) ସଭାପତି ହୋଇଛନ୍ତି ସଫି ଆଜମ। ବିରିଡ଼ି ବ୍ଲକ ସଭାପତି ଭାବେ ପ୍ରିୟବ୍ରତ ମିଶ୍ର, ରଘୁନାଥପୁର (ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ) ବ୍ଲକ ପାଇଁ ଆର୍ତ୍ତତ୍ରାଣ ପଣ୍ଡା, ନାଉଗାଁ ବ୍ଲକ ବିଚିତ୍ରାନନ୍ଦ ଲେଙ୍କା, ଜଗତ୍‌ସିଂହପୁର ବ୍ଲକ ଜ୍ଞାନ ରଞ୍ଜନ ପୃଷ୍ଟି, ଏରସମା ବ୍ଲକ ପିନାକୀ ନାରାୟଣ ଦାସ, ଜଗତ୍‌ସିଂହପୁର ପୌରାଞ୍ଚଳ ପାଇଁ ପ୍ରଶାନ୍ତ ମହାପାତ୍ର ଓ ପାରାଦୀପ ପୌରାଞ୍ଚଳ ସଭାପତି ଭାବେ କେଦାରନାଥ ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ବରିଷ୍ଠ ନେତା ରଞ୍ଜୀବ ବିଶ୍ୱାଳ, ଡ.ଲଲାଟେନ୍ଦୁ ମହାପାତ୍ର, ନଟବର ବାରିକ, ନିରଞ୍ଜନ ନାୟକ, ପ୍ରତିମା ମଲ୍ଲିକ, ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ଅଜୟ ମହାପାତ୍ର, ଇଂ. ନଳିନୀ ସ୍ୱାଇଁ ଓ ବିଷ୍ଣୁ ଚରଣ ବାରିକଙ୍କୁ ଦଳ ସ୍ୱତନ୍ତ୍ର ଦାୟିତ୍ୱ ଦେଇଛି।

## ଚାଷ ଜମିରେ ବିଦ୍ୟୁତ୍ ତାର ବିଛାଇ ୨ ଗିରଫ

ଆସିକା,୩।୨(ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ନବରତ୍ନପୁର ଗ୍ରାମରେ ଚାଷ ଜମିରେ ବିଦ୍ୟୁତ୍ ତାର ବିଛାଇବା ଘଟଣାରେ ପୋଲିସ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନବରତ୍ନପୁର ଗ୍ରାମର ସଞ୍ଜୟ ପ୍ରଧାନ ଓ ରୁଷିଆ ମଲିକ । ଉଭୟଙ୍କ ବିରୋଧରେ ନଂ.୩୬/୨୬ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି । ଗତ ୪ ତାରିଖରେ ନବରତ୍ନପୁର ଗ୍ରାମର ଡୁବା ମଲିକ ନିଜ ଆଖୁ କିଆରିକୁ ପାଣି ମଡାଇବାକୁ ଗଲାବେଳେ ଚାଷ ଜମିରେ ତାଙ୍କର ହଠାତ ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ ବାରହା ଉପଦ୍ରବରୁ ଫସଲକୁ ରକ୍ଷା ଲାଗି ପାଖ ଜମିରେ ବିଦ୍ୟୁତ ତାର ବିଛାଯାଇଥିବା ସନ୍ଦେହ କରାଯାଇଥିଲା ।

## ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗ

ଗଞ୍ଜାମ,୩।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକରେ କାର୍ଯ୍ୟରତ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରକୋଷ୍ଠ ମଧ୍ୟରେ ଆକ୍ରମଣ କରାଯିବା ସହ ଜୀବନରୁ ମାରିଦେବା ଭଳି ଧମକ ଦିଆଯାଇଥିବା ଘଟଣା ଏବେ ପଦାକୁ ଆସିଛି। ଏନେଇ କନିଷ୍ଠ ଯନ୍ତ୍ରୀ ସଚିତ କୁମାର କର ବ୍ଲକ ସମସ୍ତ ଷ୍ଟାଫଙ୍କ ସହ ମିଶି ସୋମବାର ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ନଂ. ୩୦/୨୬ ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ସୁମିତ୍ରା ପାତ୍ର ସୂଚନା ଦେଇଛନ୍ତି। ରବିବାର ଅପରାହ୍ନ ୧ଟାରେ ୨ଜଣ ବ୍ୟକ୍ତି ଆସି ଆମ କାମ କାହିଁକି କରୁନ ବୋଲି କହି ଜେଇଙ୍କ ସାର୍ଟ ଭିଡି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ଏତଲାରେ ଉଲ୍ଲେଖ ରହିଛି।

## ସାବୁଲିଆରେ ଚକ୍ଷୁ ଚିକିତ୍ସା ଶିବିର

ରମ୍ଭା,୩।୨(ବନବାସୀ ସେଠୀ)

ରମ୍ଭା ନିକଟସ୍ଥ ସାବୁଲିଆ ଗ୍ରାମ ପଞ୍ଚାୟତ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଗ୍ଲୁକୋମା ଓ ପରଳ ଚକ୍ଷୁ ଚିକିତ୍ସା କରାଯାଇଛି। ଏଥିରେ ୩୯ ଜଣ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରିକ୍ଷା କରାଯାଇ ତନ୍ମଧ୍ୟରୁ ୮ ଜଣଙ୍କୁ ପରଳ ଅପରେସନ ପାଇଁ ଶଙ୍କର ଚିକିତ୍ସାଳୟକୁ ପଠାଯାଇଛି। ସହ-ସଂଯୋଜକ ରବି ନାରାୟଣ ସେନାପତି ଏବଂ ସଂଯୋଜକ ବିଜୟ କୁମାର ମିସ୍ତ୍ରୀ, ସମାଜସେବୀ ନାରାୟଣ ବେହେରା, ସମାଜସେବୀ କେ. ସତ୍ୟ ନାରାୟଣ ଆଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା ।

## ହାତୀ ସୁରକ୍ଷା ସଚେତନତା

ତୁମୁଡିବନ୍ଧ,୩।୨
(ଦୀପକ କୁମାର ପରାସେଠ)

ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ଼ ମା' ଭୈରବୀ ଉଚ୍ଚ ବିଦ୍ୟାଳୟ ତରଫରୁ ମଣ୍ଡଳପଦର ସରକାରୀ ବିଦ୍ୟାଳୟରେ ମଙ୍ଗଳବାର ହାତୀ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ଶତପଥୀ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ବାସନ୍ତୀ ମାଝୀ, ସାମ୍ମାନୀତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉମ୍ବରୁ ଧର ସାହୁ, ବନପାଳ ଜ୍ୟୋତି ରଞ୍ଜନ ମଲ୍ଲିକ ଓ କ୍ରୀଡ଼ା ଶିକ୍ଷକ ବିଚିତ୍ର ଛାତ୍ରୀଆ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଣ୍ଡିଗଡ଼ ମା ଭୈରବୀ ଉଚ୍ଚ ବିଦ୍ୟାଳୟ, ଖମନପଡ଼ା ଓ ମଣ୍ଡଳପଦର ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗ୍ରାମବାସୀ ଶୋଭାଯାତ୍ରାରେ ଯାଇଥିଲେ। ପରେ ଏକ ସଚେତନ ସଭା କରାଯାଇ ହାତୀ ସୁରକ୍ଷା ନେଇ ଜଙ୍ଗଲ ସୁରକ୍ଷା କରିବା, ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ଓ ଜୀବଜନ୍ତୁଙ୍କ ଆମର ଜାତୀୟ ସମ୍ପତ୍ତି ତାହାକୁ ଆମେ ବଞ୍ଚାଇ ରଖିବା, ସରକାରଙ୍କର ସମସ୍ତ ନିୟମକୁ ପାଳନ କରିବା ବୋଲି ମୁଖ୍ୟ ଅତିଥି ଅଧକ୍ଷା ମାଝି କହିଛନ୍ତି । ପରେ ଜଙ୍ଗଲ ଓ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବାର ଆମର ଦାୟିତ୍ୱ ବୋଲି ଶପଥ ପାଠ କରାଯାଇଥିଲା ।

## ଖେମୁଣ୍ଡି କଲେଜର ବାର୍ଷିକୋତ୍ସବ

ଦିଗପହଣ୍ଡି,୩।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ଡ. ଅସିତ ଷଡଙ୍ଗୀଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ରାଜ୍ୟ ସଂସ୍କୃତି ବିଭାଗର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଡ . କୃଷ୍ଣଚନ୍ଦ୍ର ନିଶଙ୍କ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ପ୍ରହ୍ଲାଦ ନାଟକର ନୃତ୍ୟଗୁରୁ ସୀମାଞ୍ଚଳ ପାତ୍ର, କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ଡ. ସନ୍ଧ୍ୟାରାଣୀ ଦାସ, ଅବସରପ୍ରାପ୍ତ କଲେଜ ଅଧକ୍ଷା ଡ . ପ୍ରଣତି ପାତ୍ର, ଅବସରପ୍ରାପ୍ତ ଅଧାପିକା ଡ଼. ହରପ୍ରିୟା ପଟ୍ଟନାୟକ, ଅବସରପ୍ରାପ୍ତ ଅଧାପକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ପ୍ରାଧାପକ ଡ଼. ଅଜିତ ପାଣିଗ୍ରାହୀ, ଡ. କୃଷ୍ଣଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ନୃତ୍ୟଗୁରୁଙ୍କୁ ପାତ୍ରଙ୍କୁ କଲେଜ ଅଧକ୍ଷ ସମ୍ବର୍ଦ୍ଧିତ କରିଥିଲେ।

# ଭିତ୍ତିଭୂମି ବିକାଶ ପାଇଁ ଗୁରୁତ୍ୱ ଦିଆଯାଉନାହିଁ

## ଗଜପତି ଜିଲାରେ ଖେଲୋ ଇଣ୍ଡିଆ ଯୋଜନା ବାଟବଣା

ପାରଳାଖେମୁଣ୍ଡି, ୩।୨
(ଗିରିଧାରୀ ପରିଚ୍ଛା)

■କିଛି କ୍ରୀଡ଼ା ସାମଗ୍ରୀ କିଣି ପ୍ରଶାସନ ସାରିଛି ଦାୟିତ୍ୱ
■ଖୁବ୍‌ଶୀଘ୍ର ଖୋଖୋ ଖେଳର ବିକାଶ କରାଯିବ: ଜିଲା କ୍ରୀଡ଼ା ଅଧିକାରୀ

କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଷ୍ଟାଡିୟମର ବିକାଶ କରୁଛନ୍ତି। ମାତ୍ର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଆନ୍ତରିକତା ଅଭାବରୁ ସରକାରଙ୍କ କ୍ରୀଡ଼ାଭିତ୍ତିକ ଯୋଜନା ସଫଳ ହେଉନାହିଁ। ଏହାର ଉଦାହରଣ ଖେଲୋ ଇଣ୍ଡିଆ ଯୋଜନା। ଏହି ଯୋଜନା ଏବେ ଗଜପତିରେ ନାମକୁ ମାତ୍ର ଚାଲିଥିବା ଅଭିଯୋଗ ହେଉଛି। ଭିତ୍ତିଭୂମି ଅଭାବରୁ ଖେଲୋ ଇଣ୍ଡିଆ ଯୋଜନା ବାଟବଣା ହୋଇଛି।

ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ୨୦।୪।୨୦୨୫ରେ ଖେଲୋ ଇଣ୍ଡିଆର ଉଦ୍‌ଘାଟନ କରିଥିଲେ । ଏହି ସମୟରେ ଗଜପତିରେ ଖୋଖୋ ଖେଳର ବିକାଶ ଓ ଭିତ୍ତିଭୂମି ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତେବେ ୨୯ଟି ଜିଲାରେ ଏହି ଯୋଜନା ସଫଳ ହେଉଥିବା ବେଳେ କେବଳ ଗଜପତିରେ ଏହା ନାମକୁ ମାତ୍ର ହୋଇଛି । ଖେଲୋ ଇଣ୍ଡିଆ ଯୋଜନାରେ ଗଜପତି ଜିଲା ଗୋଷାଣି ବ୍ଲକ ଗାରାବନ୍ଧସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟକୁ ଚୟନ କରାଯାଇଥିଲା। ଏହି ସମୟରେ ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ



ଟେଣ୍ଡର ନେଇ ରାୟଗଡ଼ା ସଂସ୍ଥା ଯୋଗାଇ ଦେଇଥିବା କିଛି ସାମଗ୍ରୀ ପଡ଼ି ରହିଛି।

ରୂପେ ପ୍ରାଣକୃଷ୍ଣ ପାଣିଗ୍ରାହୀ ଥିଲେ। ତାଙ୍କ ସମୟରେ କୌଣସି କାର୍ଯ୍ୟ ହୋଇ ନ ଥିବା ବେଳେ ତାଙ୍କ ପରେ ଦାୟିତ୍ୱରେ ଥିବା କ୍ରୀଡ଼ା ଅଧିକାରୀ କମଳକାନ୍ତ ପଣ୍ଡାଙ୍କ ସମୟରେ ଖୋଖୋ କ୍ରୀଡ଼ା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଖେଳ ସାମଗ୍ରୀ ଲାଗି ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହି ଟେଣ୍ଡର ରାୟଗଡ଼ା ଜିଲାର ଏକ ସଂସ୍ଥା ପାଇ ଖୋଖୋ ଖେଳ ପାଇଁ ସାମଗ୍ରୀ ଯୋଗାଇଥିଲା। ପଣ୍ଡାଙ୍କ ଅବସର ଗ୍ରହଣ ପରଠାରୁ ଖେଲୋ ଇଣ୍ଡିଆ ଯୋଜନାର ବିକାଶ ପାଇଁ କୌଣସି କର୍ତ୍ତୃପକ୍ଷ ଦୃଷ୍ଟିଦେଇନାହାନ୍ତି। ଫଳରେ ଏହି ଯୋଜନା ଏବେ ନାମକୁ ମାତ୍ର ରହିଛି ।

ଅନ୍ୟପକ୍ଷରେ ଏହି ବିଦ୍ୟାଳୟର ଛାତ୍ରମାନେ ଖୋଖୋ ଖେଳି ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରୁଛନ୍ତି। ଛାତ୍ରମାନେ କିଛି ଭିତ୍ତିଭୂମି ନ ଥାଇ ଅନ୍ତର୍ଜାତୀୟ ସ୍ତରରେ ଖେଳୁଆଡ଼ ମନୋଭାବ ପ୍ରଦର୍ଶନ କରିପାରୁଥିବା ବେଳେ ଯଦି ଉପଯୁକ୍ତ ଭିତ୍ତିଭୂମି ସେମାନଙ୍କୁ ମିଳନ୍ତା ସେମାନେ ଜିଲାର ନାମକୁ ଆହୁରି ଉଜ୍ଜ୍ୱଳ କରିପାରନ୍ତେ ବୋଲି କେତେଜଣ କ୍ରୀଡ଼ାବିତ୍ କହିଛନ୍ତି। ଏହି ବିଦ୍ୟାଳୟର ଖେଳପଡ଼ିଆ ଥିଲେ ମଧ ଖୋଖୋ ପାଇଁ କୌଣସି ସୁବିଧା ନାହିଁ । ଏନେଇ ବିଦ୍ୟାଳୟର ଆଲୁମ୍‌ନି ସଭାପତି ପ୍ରସାଦ ପଟ୍ଟନାୟକ କହିଛନ୍ତି, ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଗଜପତିରେ ଉକ୍ତ କ୍ରୀଡ଼ାର ବିକାଶ ଶିଥିଳତା ପଡ଼ିଯାଇଛି। କିଛି ସାମଗ୍ରୀ ଯୋଗାଇ ଦେଲେ କ୍ରୀଡ଼ାର ବିକାଶ ହେବ ନାହିଁ। ଏଥିପାଇଁ ଭିତ୍ତିଭୂମି ସୁବିଧା ଯୋଗାଇଦେବାର ଆବଶ୍ୟକତା ରହିଛି ବୋଲି ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ସୁଦ୍ଧା ଖୋଖୋ ଖେଳ ପାଇଁ ସ୍ୱତନ୍ତ୍ର ପଡ଼ିଆ କିଛି ନାହିଁ, ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ବର୍ତ୍ତମାନ ପାଇଁ ଗାରାବନ୍ଧ ହାଇସ୍କୁଲ ଖେଳ ପଡ଼ିଆକୁ ଖେଳାଳିମାନେ ବ୍ୟବହାର କରୁଛନ୍ତି। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯାଇ ଖୋଖୋ ଖେଳର ବିକାଶ ପ୍ରତି ଗୁରୁତ୍ୱାରୋପ କରାଯିବ।

# ପରିବେଶ ସନ୍ତୁଳନ ପାଇଁ ଜୀବନଶୈଳୀ ପରିବର୍ତ୍ତନ ଜରୁରୀ

ବ୍ରହ୍ମପୁର,୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ସ୍ମୃତି ପୌର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସେଣ୍ଟର ଫର ଏନଭାଇରନମେଣ୍ଟ ଷ୍ଟଡିଜ ଭୁବନେଶ୍ୱର ସହାୟତାରେ ଗଞ୍ଜାମ ଜିଲାସ୍ତରୀୟ ସହଣୀୟ ଜୀବନଶୈଳୀ ପରିବର୍ତ୍ତନ ସମ୍ପର୍କିତ ପ୍ରଦର୍ଶନୀ ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଛି। ଜିଲାର ୨୨ ବ୍ଲକରୁ ୬୬ ମଡେଲ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ର ଯୋଗଦେଇ ସମ୍ପ୍ରତି ପରିବେଶରେ ସୃଷ୍ଟି ହୋଇଥିବା ପରୀବେଶୀୟ ଅସନ୍ତୁଳନକୁ ସମାଧାନ କରିବା ଦିଗରେ ନିଜର ଜୀବନଶୈଳୀର ପରିବର୍ତ୍ତନ କରିବା ଏକାନ୍ତ ଜରୁରୀ ବୋଲି



କାର୍ଯକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ଛତ୍ରୀଛାତ୍ର।

କହିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଏସ.ଧନଞ୍ଜୟ ଯୋଗଦେଇ ଛାତ୍ରୀଛାତ୍ର ବର୍ତ୍ତମାନଠାରୁ ତାଙ୍କର ଜୀବନଶୈଳୀର ପରିବର୍ତ୍ତନ କରିବା ସହ ପ୍ଲାଷ୍ଟିକ ବର୍ଜନ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। କାର୍ଯକ୍ରମର ସଂଯୋଜକ ତଥା ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ପ୍ରଦର୍ଶନୀରେ ବିଚାରକ ରୂପେ ପୁରୁଣାପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଗୋକୁଳକୃଷ୍ଣ ପଣ୍ଡା, ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଡ. ଶଙ୍କର ନାରାୟଣ ବେଜ ଏବଂ ଅବସରପ୍ରାପ୍ତ ଶିକ୍ଷକ ଅଖିଳନାଥ ସାବତ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠର ଛାତ୍ର ପ୍ରଦ୍ୟୁମ୍ନ କୁମାର ପାଣିଗ୍ରାହୀଙ୍କୁ ୪ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଥିଲା।

# ସୁନାପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ

ଚିକିଟି,୩।୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିଠାରେ ୩ଦିନ ଧରି ଚାଲିବାକୁ ଥିବା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ମହୋତ୍ସବ ପରିଚାଳନା କମିଟିର ଅଧକ୍ଷ ତଥା ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଳା, ଭାଷା ସାହିତ୍ୟ ସଂସ୍କୃତିକୁ ଜୀବନ୍ତ ରଖିବା ମହୋତ୍ସବର ଉଦ୍ଦେଶ୍ୟ ବୋଲି କହିଥିଲେ। ଲୋକ ନୃତ୍ୟ, ଲୋକ ସଂଗୀତ, ନାଟକ ଓ ପାରମ୍ପରିକ କଳା ଆମ ଐତିହକକୁ ଜୀବନ୍ତ ରଖେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗ ଦେଇ ମହୋତ୍ସବ ଲୋକମାନଙ୍କୁ ଏକାଠି କରି ଆନନ୍ଦ ଓ ଏକତାର ଅନୁଭୂତି ଦେଇଥାଏ ବୋଲି ମତପ୍ରକାଶ କରିଥିଲେ। ଗଞ୍ଜାମ



ଜିଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାର ପ୍ରମୁଖ ମଞ୍ଚାସିନ ଥିଲେ । ମହୋତ୍ସବ ପୂର୍ବରୁ ପ୍ରଥମେ ଚିକିଟି ପାତ୍ରପୁର ବ୍ଲକର ମା' ବାଳକୁମାରୀ, ବଗଳାମୁଖୀ, କୁଠାରିଶ୍ୱରୀ, କସାଣିଶ୍ୱରୀ, ସୁନାପୁର ଗ୍ରାମର ଆରଧ୍ୟା ଉଲକେଶ୍ୱରୀଙ୍କ ପୀଠରୁ ଏକା ସାଥିରେ ମଶାଲ ଯାତ୍ରା ବାହାରି ସୋରଳ ଛକଠାରେ ପହଞ୍ଚିଥିଲା। ସେଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ଜାଗପୁର ରେ ଶେଷ ହୋଇଥିଲା। ସେଠାରୁ ବିଧାୟକ ମନୋରଞ୍ଜନ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନେତୃତ୍ୱରେ ନାମ ସଂକୀତନି ସହିତ ଏକ ବିଶାଳ ସଭା ଯାତ୍ରାରେ ସୁନାପୁର ବେଳାଭୂମିରେ ଏକତ୍ରିତ ହୋଇଥିଲେ । ମହୋତ୍ସବର ପ୍ରଥମ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ମୁଖ୍ୟ ଆକର୍ଷଣ ଥିଲେ। ସେହିପରି ଗଞ୍ଜାମ ଜିଲ୍ଲା ତଥା ଚିକିଟି ଅଂଚଳର ବିଭିନ୍ନ ସ୍ଥାନରୁ ଆସିଥିବା ବିଭିନ୍ନ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ମହୋତ୍ସବ ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମହୋତ୍ସବ ପରିଚାଳନା କମିଟିରୁ କୁହାଯାଇଛି।

## ପୁଅର ମୃତ୍ୟୁ ପାଇଁ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କଲେ ମା'

ତୁମୁଡିବନ୍ଧ,୩।୨ (ଦୀପକ କୁମାର ପରାସେଠ)- ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ମଙ୍ଗଳବାର ମୃତ ଛାତ୍ରଙ୍କ ମା' ଅଭିଯୋଗ ଆଣିଛନ୍ତି। କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ୍ ଅନ୍ତର୍ଗତ ମୁଣ୍ଡିଗଡ଼ ପଞ୍ଚାୟତ ଗୁଟଖାପଦର ଗାଁରେ ଏପରି ଘଟିଛି। ଏହି ଗାଁର ହେମନ୍ତ ପାତ୍ରଙ୍କ ପୁଅ କୁବେର ପାତ୍ର, ବେଲଘରସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରାବାସରେ ରହି ନବମ ଶ୍ରେଣୀରେ ପାଠ ପଢୁଥିଲେ। ଗତ ମାସରେ କୁବେରଙ୍କ ସ୍ୱାସ୍ଥ୍ୟ ଖରାପ ହେଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା ନ କରି ହଷ୍ଟେଲରେ ତାଙ୍କୁ ରଖିଥିଲେ। ଏପରିକି ପରିବାର ଲୋକଙ୍କୁ ମଧ ଖବର ଦେଇ ନ ଥିଲେ। ଖବର ପାଇ କୁବେରଙ୍କ ମା' ବେଲଘର ହଷ୍ଟେଲକୁ ପୁଅକୁ ଦେଖିବାକୁ ଯାଇଥିଲେ। ସେତେବେଳକୁ କୁବେରଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରତର ଥିବାରୁ ସେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇ ମେଡିକାଲ ନେବାକୁ କୁବେରଙ୍କୁ ଘରକୁ ଆଣିଥିଲେ। ପରେ ସ୍ଥାନୀୟ ମେଡିକାଲରେ ତାଙ୍କ ଚିକିତ୍ସା କରିଥିଲେ। ମାତ୍ର କୁବେରଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ନ ଆସିବାରୁ ସେ ଗତ ମାସ ୫ ତାରିଖରେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ନେଇଥିଲେ। ସେହି ଦିନ ଚିକିତ୍ସାଧୀନ ଅବସ୍ଥାରେ କୁବେରଙ୍କ ମୃତ୍ୟୁ ହୋଇଥିଲା। ପୁଅର ମୃତ୍ୟୁ ପାଇଁ ପରିବାର ଲୋକେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମୋ ପୁଅର ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ତାଙ୍କୁ ନ୍ୟାୟ ଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ପଚାରିବା ଲାଗି ପ୍ରୟାସ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୩ୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଘଟଣାର ତଦନ୍ତ ଆରମ୍ଭ

ଦାରିଙ୍ଗବାଡ଼ି,୩।୨(ଅରୁଣ ସାହୁ)

■୩ ଏବିଇଓ କଲେ ତଦନ୍ତ
■ଛାତ୍ରଙ୍କୁ ଘରେ ଭେଟି ଆଶ୍ୱାସନା ଦେଲେ
■ପରୀକ୍ଷା ପରେ ପିଲାଙ୍କୁ ଅନ୍ୟ ବିଦ୍ୟାଳୟକୁ ନେଇଯିବେ ଅଭିଭାବକ

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ସିମନବାଡ଼ି ପାଦ୍ରୀପିଓ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ଗଣିତଖାତା ଆଣି ନ ଥିବାରୁ ଜଣେ ୩ୟ ଶ୍ରେଣୀ ଛାତ୍ର ପ୍ରିନ୍ସ ପ୍ରଧାନ(୯)ଙ୍କୁ ଶିକ୍ଷୟିତ୍ରୀ ମାଡ଼ମାରି ଲହୁଲୁହାଣ କରିବା ଘଟଣାରେ ଶିକ୍ଷା ବିଭାଗ ତତ୍ପରତା ଦେଖାଇଛି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଙ୍ଗଳବାର ଦାରିଙ୍ଗବାଡ଼ି ବିଇଓ ମହେଶ୍ୱର ମାଝୀଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି। ୩ ଜଣ ଅତିରିକ୍ତ ବିଇଓ (ଏବିଇଓ) ଗୋକୁଳାନନ୍ଦ ନାୟକ, ବନମାଳୀ ମାଝୀ ଏବଂ କୌଶିକ ନାୟକ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଅତିରିକ୍ତ ବିଇଓ ଗୋକୁଳାନନ୍ଦ ନାୟକଙ୍କ ନେତୃତ୍ୱରେ ଏବିଇଓମାନେ ଛାତ୍ରଙ୍କୁ ମାଡ଼ ମାରିଥିବା ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ସମସ୍ତ ୧୪ ଜଣ ଯାକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଚରାଉଚରା କରିଛନ୍ତି। ଆଗକୁ କୌଣସି ବିଦ୍ୟାର୍ଥୀଙ୍କୁ ଏଭଳି ମାଡ଼ ନ ମାରିବାକୁ ତଦନ୍ତ ଟିମ୍



ତଦନ୍ତ କରିବାକୁ ବିଦ୍ୟାଳୟକୁ ଆସିଥିବା ୩ ଏବିଇଓ।

ତାଗିଦ କରିଛନ୍ତି।

ସିମନବାଡ଼ିର ଏହି ଘରୋଇ ଶିକ୍ଷାନୁଷ୍ଠାନ ପାଦ୍ରୀପିଓ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ସିମନବାଡ଼ି ଗ୍ରାମ କାରିପାଙ୍ଗା ସାହିର ଅମରେନ୍ଦ୍ର ପ୍ରଧାନଙ୍କ ପୁଅ ପ୍ରିନ୍ସ ୩ୟ ଶ୍ରେଣୀରେ ପଢ଼ନ୍ତି। ଛାତ୍ରୀଛାତ୍ରଙ୍କୁ ହୋମ୍‌ୱାର୍କ କରିବାକୁ ସମ୍ପୃକ୍ତା ଶିକ୍ଷୟିତ୍ରୀ ଦେଇଥିଲେ। ତେବେ କେତେଜଣ ଛାତ୍ରୀଛାତ୍ର ତାହା କରି ନ ଥିଲେ। ଏପରିକି ସେମାନେ ଗଣିତଖାତା ମଧ୍ୟ ଆଣି ନ ଥିଲେ। ଏଥିରେ ରାଗିଯାଇ ଶିକ୍ଷୟିତ୍ରୀ ଜଣକ ପ୍ରିନ୍ସଙ୍କ ସହ ଏକାଧିକ ଛାତ୍ରୀଛାତ୍ରଙ୍କୁ ବାଉଁଶ ବାଡ଼ିରେ ମାଡ଼ ମାରିଥିଲେ। ମାଡ଼ରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ନୋଳା ଫାଟିଯାଇଥିଲା। ଏଥିରେ ପ୍ରିନ୍ସ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ସଙ୍ଗେସଙ୍ଗେ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ।

ଏହି ଖବର ମଙ୍ଗଳବାର ପ୍ରକାଶ ପାଇବା ପରେ ତତ୍‌କ୍ଷଣାତ ଏହାର ତଦନ୍ତ ଆରମ୍ଭ ହୋଇଛି। ଏଥିପାଇଁ ଶିକ୍ଷୟିତ୍ରୀ ଜଣକ ଅଭିଭାବକ ଏବଂ ତଦନ୍ତ ଅଧିକାରୀଙ୍କୁ କ୍ଷମା ମାଗିଥିବା ଏବିଇଓମାନେ କହିଛନ୍ତି। ପରେ ୩ ଅଧିକାରୀ ଛାତ୍ରଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହାର ତଦନ୍ତ ରିପୋର୍ଟ ଆମେ ବିଇଓଙ୍କୁ ଦେବୁ। ସେ ଯାହା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଏବିଇଓମାନେ କହିଛନ୍ତି। ଏ ସମ୍ପର୍କରେ ପ୍ରିନ୍ସଙ୍କ ବାପା ଅମରେନ୍ଦ୍ର ପ୍ରଧାନ କହିଛନ୍ତି, ଯେଉଁ ଶିକ୍ଷୟିତ୍ରୀ ତାଙ୍କ ପୁଅଙ୍କୁ ଏଭଳି ମାଡ଼ ମାରିଥିଲେ ସେ କ୍ଷମା ପ୍ରାର୍ଥନା କରିଛନ୍ତି। ବିଦ୍ୟାଳୟରେ ତାଙ୍କର ୩ ସନ୍ତାନ ପଢୁଛନ୍ତି। ପରୀକ୍ଷା ସରିଲେ ସେ ସମସ୍ତଙ୍କୁ ଅନ୍ୟ ବିଦ୍ୟାଳୟକୁ ନେଇ ପଢ଼ାଇବେ ବୋଲି କହିଛନ୍ତି।

# ରାମଚରିତ ମାନସ ପାରାୟଣ ନେଇ କଳସ ଶୋଭାଯାତ୍ରା



କଳସ ଶୋଭାଯାତ୍ରା।

ଖଣ୍ଡପଡ଼ା,୩।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠରେ ମଙ୍ଗଳବାରଠାରୁ ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଏ ଅବସରରେ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମୁଣ୍ଡିଆ ହନୁମାନଙ୍କ ପୀଠ ପରିସରରେ ପହଞ୍ଚିଥିଲା। ୩ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ନିକଟସ୍ଥ ରଥିଆ ବନ୍ଧରୁ ଜଳ ସଂଗ୍ରହକରି ଶୋଭାଯାତ୍ରାରେ ଆସି ପୀଠରେ ପହଞ୍ଚିଥିଲେ। ୧୨ ତାରିଖ ଅପରାହ୍ନରେ ଶ୍ରୀରାମଚରିତ ମାନସ ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ୧୨ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମ ମର୍ଦ୍ଦରାଜପୁର, ଚାଉପଲ୍ଲୀ, ହରିଚନ୍ଦନପୁର ଓ ଗିରିଡ଼ିପାଟଣା ଆଦି ଗ୍ରାମର ଶ୍ରୀରାମଚରିତ ମାନସ ମଞ୍ଚର ସେବାକାରୀଙ୍କ ପକ୍ଷରୁ ପରିଚାଳନା କରାଯାଉଛି।

# ଗଛରେ ପିଟି ହୋଇ ଯୁବକ ମୃତ

ନୟାଗଡ଼,୩।୨(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ଗୋଡିଆଳି ରାଜପାଟଣା ରାସ୍ତାର ଗୋଡିଆଳି ଗାଁ ନିକଟରେ ସୋମବାର ଗଛରେ ପିଟି ହୋଇ ଜଣେ ଯୁବକ ପ୍ରାଣ ହରାଇଛନ୍ତି । ମୃତକ ହେଲେ ଗୁପ୍ତେଶ୍ୱର ଖମାରୀ(୧୮) । ଘର କଇଁଥଗାଡିଆ ଗାଁରେ। ଖବର ପାଇ ନୟାଗଡ଼ ସଦର ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଅନ୍ୟପକ୍ଷେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

# ଅବସରପ୍ରାପ୍ତ ଫାର୍ମାସିଷ୍ଟଙ୍କ ସ୍ୱାସ୍ଥ୍ୟକେନ୍ଦ୍ରର ଦଖଲରେ ୨ କୋଠରି

ନୟାଗଡ଼,୩।୨(ଲୋକନାଥ ମିଶ୍ର)

**ଥାନା ଏତଲାରେ ଅଟକି ଗଲା କାର୍ଯ୍ୟାନୁଷ୍ଠାନ**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଦାୟିତ୍ୱ ହସ୍ତାନ୍ତର ସ୍ୱାସ୍ଥ୍ୟକେନ୍ଦ୍ରର ୨ଟି କୋଠରି ନିଜ ଅକ୍ତିଆରରେ ରଖିଛନ୍ତି । ତେବେ ସ୍ୱାସ୍ଥ୍ୟବିଭାଗ କେବଳ ଫାର୍ମାସିଷ୍ଟଙ୍କ ବିରୋଧରେ ଏତଲା ଦେଇ ଚୁପ ହୋଇ ବସି ରହିଛି । ସମ୍ପୃକ୍ତ ବିଷୟ ଗତ ନଭେମ୍ବର ୧୨ରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଆଲୋଚନା ହୋଇଥିଲା। ପୋଲିସ ଓ ମାଜିଷ୍ଟ୍ରେଟ ଘଟଣାର ଆଇନଗତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ହାତୀମୃତ୍ୟୁ ଘଟଣାରେ ଆଉ ୪ ଗିରଫ




### ୨ ଗାଡ଼ି ସହ ବିଭିନ୍ନ ମରଣାସ୍ତ୍ର ଜବତ

ବାଲିଗୁଡ଼ା,୩।୩
(ସଞ୍ଜୟ କୁମାର ପାଣିଗ୍ରାହୀ):

କନ୍ଧମାଳ ଜିଲା ବାଲିଗୁଡ଼ା ବନଖଣ୍ଡ ଅଧିନସ୍ଥ ବେଲଘର ବନାଞ୍ଚଳ ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ମଙ୍ଗଳବାର ଆଉ ୪ ଜଣ ଶିକାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ ସିକସନ ପାତ୍ର, ଥବିର ପାତ୍ର, ଅଲେଖ ନିଆଲ୍ ଓ ଦୁଷ୍ମନ୍ତ ପୋଢ଼ୋ। ଝିରିପାଣି ଏବଂ କେସିଙ୍ଗା ଅଞ୍ଚଳର ଏହି ଶିକାରୀମାନଙ୍କୁ ବନ ବିଭାଗ ଘରୁ ଉଠାଇ ଆଣି ଗିରଫ କରିଛି। ସେମାନଙ୍କ ନିକଟରୁ ୩ଟି ଦେଶୀ ବନ୍ଧୁକ, ବର୍ଚ୍ଛା, ଧନୁ, ତୀର, ତାର ସମେତ ହରିଣ ଛାଲ, ଶମ୍ବର ସିଙ୍ଗ ଦାନ୍ତ, ନଖ, ଚମଡ଼ା ଜବତ କରାଯାଇଛି। ଏଥିସହ ହାତୀ ମୃତଦେହ ବେଲଘର ଅଞ୍ଚଳରୁ ଆଣି କେସିଙ୍ଗା ନିକଟସ୍ଥ ତହଁସିର ଡ୍ୟାମ୍‌ରେ ପୋତିବା ପାଇଁ ବ୍ୟବହାର କରାଯାଇଥିବା ୨ଟି ୪୦୭ ଗାଡ଼ିକୁ ମଧ ଜବତ କରାଯାଇଛି। ଏ ନେଇ ନଂ. ୭୨/୨୬ ପ୍ରକାରେ ମକଦ୍ଦମା ରୁଜୁ କରି ଏହି ଘଟଣାରେ ଆଉ କିଏ କିଏ ସଂଶ୍ଳିଷ୍ଟ ଅଛନ୍ତି, ତାର ତଦନ୍ତ ଅବ୍ୟାହତ ଥିବା ବନ ବିଭାଗ କହିଛି। ସୂଚନାଯୋଗ୍ୟ, ହାତୀ ମୃତ୍ୟୁ ଘଟଣାରେ ପ୍ରଥମେ ବେଲଘର ଡେପୁଟି ରେଞ୍ଜର ବିନୟ ବିଶିଙ୍କୁ ନିଲମ୍ବନ କରାଯିବା ପରେ ତାଙ୍କ ଡ୍ରାଇଭର ହୃଷିକେଶ ପଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପରେ ତଦନ୍ତରେ ଅବହେଳା ଯୋଗୁ ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବନ କରିବା ସହ ଘଟଣାରେ ସଂପୃକ୍ତ ଜେସିବି ଡ୍ରାଇଭର ପ୍ରଶାନ୍ତ ସାହୁ ଓ ଝିରିପାଣି ଗ୍ରାମର ଜଣେ ଶିକାରୀ ଜୟମଙ୍ଗଳ ପାତ୍ରଙ୍କୁ ଗିରଫ କରାଯାଇଥିଲା

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଦ୍ୟୁତପ୍ରଭା ସାହିତ୍ୟ ସମାରୋହ




କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପିଜି ଓଡ଼ିଆ ବିଭାଗ ଆନୁକୂଲ୍ୟରେ 'କବି ବିଦ୍ୟୁତପ୍ରଭା ଦେବୀ ସାହିତ୍ୟ ସମାରୋହ' ଅନୁଷ୍ଠିତ ହୋଇଛି । କୁଳପତି ପ୍ରଫେସର୍ ଗୀତାଞ୍ଜଳି ଦାଶ ଏହାକୁ ଉଦଘାଟନ କରିଥିଲେ। ନାରୀ ଶକ୍ତି ଜାଗ୍ରତ ହେଲେ ଚେତନାର ଅଭ୍ୟୁଦୟ ଘଟିବ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ସଚ୍ଚିଦାନନ୍ଦ ମହାନ୍ତି ଯୋଗ ଦେଇ ଉତ୍କଳର ତିନି ଜଣ ବିଦୂଷୀ ମହିଳା କୁନ୍ତଳା କୁମାରୀ ସାବ୍ତ, ସାରଳା ଦେବୀ ଓ ବିଦ୍ୟୁତପ୍ରଭା ଦେବୀ ଅଳ୍ପ କାଳ ପାଇଁ ଓଡ଼ିଶାର ସାହିତ୍ୟାକାଶରେ ଆବିର୍ଭୂତ ହୋଇ ଅସ୍ତମିତ ହୋଇ ଯାଇଥିଲେ । ମାତ୍ର କ୍ଷୋଭର ବିଷୟ, ଓଡ଼ିଆ ସାହିତ୍ୟକୁ ଏହି ତିନି ସାହିତ୍ୟିକାଙ୍କ ଅତୁଲ୍ୟ ଅବଦାନ ରହିଛି ବୋଲି କହିଥିଲେ। ସମ୍ମାନନୀୟ ଅତିଥି ରୂପେ ଭାବେ ପିଜି କାଉନସିଲ ଅଧକ୍ଷ ପ୍ରଫେସର୍ ସୁକାନ୍ତ କୁମାର ତ୍ରିପାଠୀ ସାହିତ୍ୟ ସଂପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ସହଯୋଗୀ ପ୍ରଫେସର୍ ଡ. ଦେବୀ ପ୍ରସାଦ ଶତପଥୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ ବିଭାଗୀୟ ସହଯୋଗୀ ପ୍ରଫେସର୍ ଡ. ବିଦ୍ୟୁତପ୍ରଭା ସାହୁ ସଭାପତିତ୍ୱ କରିଥିଲେ । ଡା. ରାମକୃଷ୍ଣ ସାହୁ, କୁରେସୁ ମହାରଣା, ଗୀତାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୪ ବନ୍ଧୁକ, ୧୨୫ ଗୁଳି ଜବତ: ୨ ଗିରଫ

## ବନ ବିଭାଗର ଅପରେଶନ ଜୀବେଦୟା

ଛେଣ୍ଡିପଦା,୩।୨(ଅଜିତ ଧଳ)

ଅପରେଶନ ଜୀବେଦୟା ମିଶନରେ ବନବିଭାଗ ଓ ପୋଲିସକୁ ସଫଳତା ମିଳିଛି। ଅନୁଗୋଳ ଜିଲା ଜରପଡ଼ା ଓ ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶିକାର ଉଦ୍ଦେଶ୍ୟରେ ରଖାଯାଇଥିବା ୪ ଦେଶୀ ବନ୍ଧୁକ, ୧୫ ଜୀବନ୍ତ ଗୁଳି, ୧୧୦ ସୀସାଗୁଳି, ବାରୁଦ, ଜିଆଇ ତାର ଫାଶ ଆଦି ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଗଡ଼ିଆ ଥାନା ପାତ୍ରପଡ଼ା ତଳମଣ୍ଡଳୀ ଗାଁର ବିକାଶ କୁମାର ଦାସ ଓ ତାଙ୍କ ସମ୍ପର୍କୀୟ ଜିତୁ ରାଏ।

ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବରପାଇ ଅନୁଗୋଳ ଏସିଏଫ୍‌ଓ ସିଦ୍ଧାର୍ଥ ଜୈନ, ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାଏକ ଓ ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଓଗୀ ଗାଁରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଶିକାରୀମାନେ ଫେରାର ହୋଇଯାଇଥିବା ବେଳେ ଓଗୀ ଗ୍ରାମର କିଶୋରୀ କୁମାର ସାହୁଙ୍କ ଘରେ ସର୍ଚ୍ଚ ୱାରେଣ୍ଟ ବଳରେ ଯାଞ୍ଚ କରାଯାଇଥିଲା। ଉକ୍ତ ଘର ଭିତରୁ ୨ଟି ବନ୍ଧୁକ, ୪ଟି ହରିଣ ଶିଙ୍ଗ, ୧୫ ଜୀବନ୍ତ ଗୁଳି, ବାରୁଦ, ଭୁଜାଲି ସହିତ ଶିକାର ପାଇଁ ବ୍ୟବହୃତ ଜିଆଇ ଫାଶ ଜବତ କରାଯାଇଥିଲା। ପୂର୍ବରୁ ମଧ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୭ଟି ହରିଣ ଶିଙ୍ଗ, ୪ଟି ବନ୍ଧୁକ, ଜୀବନ୍ତ ଗୁଳି, ବୋମା ଜବତ କରାଯାଇଥିଲା। ଏ ନେଇ ବନାଞ୍ଚଳ ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯାଇଥିବାବେଳେ ଜରପଡ଼ା ପୋଲିସ ଆର୍ମ ଆକ୍ଟରେ ଏକ ମାମଲା ରୁଜୁ କରି ଶିକାରୀମାନେ ବନ୍ଧୁକ ଓ ବାରୁଦ କେଉଁଠୁ ଆଣୁଛନ୍ତି ସେ ନେଇ ତଦନ୍ତ ଜାରି ରଖିଛି। ସେହିପରି ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ର ଜନ୍ତୁ ମାଂସ ରୋଷେଇ ହେଉଥିବା ଖବରପାଇ ବାଗଡ଼ିଆ ଥାନା ପାତ୍ରପଡ଼ା ତଳମଣ୍ଡଳୀ ଗାଁର ଚିତ୍ତରଞ୍ଜନ ଦାସଙ୍କ ଘରେ ଚଢ଼ାଉ କରିଥିଲେ। ଉକ୍ତ ଘର ଭିତରେ ରୋଷେଇ ଚାଲିଥିବା ୪ କିଲୋ ରନ୍ଧା ମାଂସ ସହ ଘରେ ଥିବା ୭ କିଲୋ କଞ୍ଚା ମାଂସ, ୨ଟି ଦେଶୀ ବନ୍ଧୁକ, ବନ୍ଧୁକ ପାଉଡ଼ର, ୧୧୦ ସୀସା ଗୁଳି, ଏକ ହାତ ତିଆରି ବୋମା ଓ ୧୮ ବଣ୍ଡଲ କେନ୍ଦୁପତ୍ର ଜବତ କରାଯାଇଥିଲା। ଚିତ୍ତରଞ୍ଜନଙ୍କ ପୁଅ ବିକାଶ ଓ ସମ୍ପର୍କୀୟ ଜିତୁଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଛେଣ୍ଡିପଦା ବନାଞ୍ଚଳରେ ୨୧ ସିଏସ୍‌ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।



ଜବତ ବନ୍ଧୁକ, ଗୁଳି ଆଦି ଶିକାର ସାମଗ୍ରୀ ସହ ଚଢ଼ାଉ କରିଥିବା ଟିମ୍।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ଅମ୍ବାଦଳା,୩।୨(ରବୀନ୍ଦ୍ର ପଣ୍ଡା)

## ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ

ଗୁଣି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଦୁର୍ବୃତ୍ତ ବୃଦ୍ଧଙ୍କ ମୁଣ୍ଡକୁ କାଟି ସାହାଯ୍ୟରେ ହାଣିବା ପରେ ପଥରରେ ଛେଚିହତ୍ୟା କରିଛନ୍ତି। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ସରଧାପୁର ପଞ୍ଚାୟତ ଶୁଙ୍ଗିପଦର ଗ୍ରାମରେ ମଙ୍ଗଳବାର ଏଭଳି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ତିରିମ ବାଗ (୮୧)। ମୃତକଙ୍କ ପରିବାର ଲୋକେ ଏ ନେଇ ଅମ୍ବାଦଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ପୋଲିସ ତଦନ୍ତବେଳେ ଗିରଫ ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇଯାଇଥିବା ବେଳେ ମହିଳା ମୁହଁ ଖୋଲୁ ନ ଥିବା ଦେଖିବାକୁ ମିଳିଛି। ପୂର୍ବରୁ ଗୁଣିଗାରେଡ଼ି ପାଇଁ ଗ୍ରାମରେ ବିବାଦ ହୋଇଥିବାରୁ ଗୁଣିକୁ ନେଇ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ସହିତ କୁକୁର ସହ ପହଞ୍ଚି ତଦନ୍ତ କରୁଛି। ମୃତଦେହ ନିକଟରୁ ପୋଲିସ ଏକ ଟର୍ଚ୍ଚଲାଇଟ, ଏକ କାଟି ଜବତ କରିଛି।

ମୃତ ପରିବାର ଲୋକଙ୍କ କହିବା ଅନୁଯାୟୀ, ତିରିମ ରବିବାର ସନ୍ଧ୍ୟାରୁ ଗୁପାପଦର ଗ୍ରାମକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳୁ ଧାନ ବିଲ ନିକଟ ଏକ ନାଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ଅମ୍ବାଦଳା ପୋଲିସକୁ ଖବର ଦିଆଯାଇଥିଲା। ଅପରପକ୍ଷେ ଗତ ୬ ମାସ ପୂର୍ବରୁ ଗୁଣି ଗାରେଡ଼ି ସନ୍ଦେହ କରି ତିରିମଙ୍କ ପରିବାର ସହ କେତେଜଣ ଲୋକଙ୍କ ପରିଚୁଣ୍ଡ ହୋଇଥିଲା। ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଅମ୍ବାଦଳା ଆଇଆଇସି କଳ୍ପନା ବେହେରା କହିଛନ୍ତି। ଘଟଣାସ୍ଥଳରେ ମୁନିଗୁଡ଼ା ଆଇଆଇସି କେଶବ ଷଡ଼ଙ୍ଗୀ ମଧ୍ୟ ଯାଇ ତଦନ୍ତ କରିଛନ୍ତି।

# ବାଂଲାଦେଶୀ ସନ୍ଦେହରେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ଼

ଚାନ୍ଦବାଲି,୩।୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନ ହରିପୁର ଗ୍ରାମରେ ରବିବାର ରାତିରେ ବାଂଲାଦେଶୀ କିମ୍ବା ଚୋର ସନ୍ଦେହରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଚାନ୍ଦବାଲି ଥାନା ଅଧୀନ ଭୂଇଁବୃତ୍ତି ଅଞ୍ଚଳର ମାନସିକ ବିକାରଗ୍ରସ୍ତ ଭଗବାନ ସେଠୀ(୨୦)। ଏନେଇ ତାଙ୍କ ବାପା ଅମୂଲ୍ୟ ସେଠୀ ମଙ୍ଗଳବାର ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି।

ଅମୂଲ୍ୟ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ହରିପୁର ଗ୍ରାମର କେତେଜଣ ଲୋକ ବାଂଲାଦେଶୀ ସନ୍ଦେହ କରି ଭଗବାନଙ୍କ ହାତଗୋଡ଼ ବାନ୍ଧି ଏକ ଖୁଣ୍ଟରେ ବାନ୍ଧି ପିଟିଥିଲେ। ଖବରପାଇ ବାଂଶଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ତେବେ ଗୁରୁତର ଥିବା ଯୁବକଙ୍କୁ ପୋଲିସ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ନ କରି କିମ୍ବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେଇ ଅଧାବାଟରେ ଛାଡ଼ି ଦେଇଥିଲା। ପରଦିନ ଚାପ ପଡ଼ିବା ପରେ ପୋଲିସ ପୁଣିଥରେ ତିହିଡ଼ି ଅଞ୍ଚଳର ପୀରହାଟ ନିକଟରୁ ଭଗବାନଙ୍କୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁଙ୍କ ହସ୍ତକ୍ଷେପ ପରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଯୁବକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।

# ୧୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ୨ ବର୍ଷ ଲେଖାଏ ଜେଲ

ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି)

- ପ୍ରଥମ ଥର ଓଡ଼ିଶାରେ ବାଂଲା ଅନୁପ୍ରବେଶକାରୀଙ୍କ ବିରୋଧରେ ଦଣ୍ଡାଦେଶ
- ସ୍ୱଦେଶ ନ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ବାଂଲାଦେଶ ହାଇକମିଶନର

ପ୍ରଥମ ଥର ପାଇଁ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଦଣ୍ଡ ଶୁଣାଇଛନ୍ତି କୋର୍ଟ। ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ୧୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ୨ବର୍ଷ ଲେଖାଏ ଜେଲ ଓ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ଏମ୍‌ଡି ହାସିମ୍, ସଞ୍ଜୀବ ଖାନ, ଆଲ୍ଲାମ ସକିଲ, ଏମ୍‌ଡି ଆଜମ, ଅଲତାଫ, ସୋଆ ତାଲୁଫଦାର, କରିମ ବେଗମ, ମୋନିରା ବେଗମ, ସାହାନା ବେଗମ ଏବଂ ଜଣେ ନାବାଳକ। ୨୦୨୫ ମାର୍ଚ୍ଚ ୮ରେ ଭୁବନେଶ୍ୱର ରେଳଷ୍ଟେଶନରୁ ଏହି ୧୦ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିଲା। ଗିରଫ ବ୍ୟକ୍ତିମାନଙ୍କୁ ସ୍ୱଦେଶ ନ ଛାଡ଼ିବା ପାଇଁ ବାଂଲାଦେଶ ହାଇକମିଶନର ଭୁବନେଶ୍ୱର କୋର୍ଟ ଏବଂ କ୍ରାଇମବ୍ରାଞ୍ଚକୁ ଲିଖିତ ଭାବେ ଅନୁରୋଧ ଜଣାଇଥିଲେ।

ସୂଚନା ଅନୁଯାୟୀ, ସମ୍ପୃକ୍ତ ବାଂଲାଦେଶୀମାନେ ବେଆଇନ ଭାବେ ଭାରତକୁ ଆସି ଭୁବନେଶ୍ୱରରେ ରହୁଥିଲେ। ସେମାନେ ଏଠାରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ଏଠାରୁ ଲୁଟ୍‌ପାଟ, ଚୋରି, ହତ୍ୟା ଭଳି ଅପରାଧ ଘଟାଇ ବାଂଲାଦେଶକୁ ଫେରାର ହୋଇଯାଉଥିଲେ। କିଛିଦିନ ସେଠାରେ ରହିବା ପରେ ପୁଣି ଓଡ଼ିଶାକୁ ଫେରି ବିଭିନ୍ନ ଆପରାଧିକ କାର୍ଯ୍ୟରେ ସାମିଲ ହେଉଥିଲେ। ଭୁବନେଶ୍ୱର ରେଳଷ୍ଟେଶନରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସେମାନଙ୍କୁ ଧରିଥିଲା। ଯାଞ୍ଚ କରାଯିବା ପରେ ସେମାନେ ନକଲି ଆଧାରକାର୍ଡ ମାଧ୍ୟମରେ ଓଡ଼ିଶା ଆସିଥିବା ସ୍ପଷ୍ଟ ହୋଇଥିଲା। ସେମାନଙ୍କ ନିକଟରୁ ବାଂଲାଦେଶୀ ଟଙ୍କା, ଭାରତୀୟ ଟଙ୍କା ଏବଂ ମୋବାଇଲ ଫୋନ୍ ଜବତ କରାଯାଇଥିଲା। ଫଳରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏହାର ଶୁଣାଣି ଜାରି ରହିଥିଲା। ୬ଜଣ ସାକ୍ଷୀ ଓ ବିଭିନ୍ନ ଦସ୍ତାବିଜ ଆଧାରରେ କୋର୍ଟ ମଙ୍ଗଳବାର ରାୟ ଶୁଣାଇଛନ୍ତି।

# ଭାଜପା ନେତା ଶିବରାମଙ୍କ ଘର ଉପରେ ଆକ୍ରମଣ, ୮ ଗିରଫ

ମୋହନା,୩।୨(ମନ୍ମଥ ମିଶ୍ର)

## ଗାଁ ପରିଦର୍ଶନ କରି ଶାନ୍ତି ପ୍ରତିଷ୍ଠା ପାଇଁ ଏସ୍‌ପିଙ୍କ ନିବେଦନ

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗ୍ରାମର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବରାମ ସୁଆରଙ୍କ ଘର ଉପରେ ସୋମବାର ସନ୍ଧ୍ୟାରେ ଆକ୍ରମଣ ହୋଇଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏପରି ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଆକ୍ରମଣର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରି ମଙ୍ଗଳବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାନ୍ଦିପୁଟ ଗାଁ ଖ୍ରୀଷ୍ଟିଆନ ସାହିର ପ୍ରମୋଦ ପରିଚ୍ଛା, ସୁଜନ ମାଳି, ତପନ ମାଳି, ଅଭନ ପାଇକ, ଜୁଏଲ ଲିମା, ରାଜନ ପାଇକ, ଇସ୍ରାଏଲ ନାୟକ ଓ ନୀଳମାଧବ ନାୟକ। ଏ ନେଇ ପୋଲିସ ଏକ ମାମଲା (ନଂ ୧୯/୨୬) ରୁଜୁ କରିଛି। ଏସ୍‌ଆଇ ବି.ନୀଳମାଧବ ରେଡ୍ଡୀ ଏହାର ତଦନ୍ତ କରୁଛନ୍ତି। ତେବେ କେଉଁ କାରଣରୁ ଏପରି ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ରାଜନୈତିକ ଶତ୍ରୁତା ନା ଆଉ କିଛି କାରଣ ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ମଙ୍ଗଳବାର ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଗାଁରେ ପହଞ୍ଚି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ଗାଁରେ ଶାନ୍ତି ଫେରିବ ଓ ଦୋଷୀ ନିଶ୍ଚିତ ଦଣ୍ଡ ପାଇବେ ବୋଲି ଏସ୍‌ପି କହିଛନ୍ତି।

## Business

# ଭାରତ-ଆମେରିକା ବାଣିଜ୍ୟକ ଚୁକ୍ତି: ଇଲେକ୍ଟ୍ରୋନିକ୍ସ ସେକ୍ଟର ପାଇଁ ଗେମ୍‌ଚେଞ୍ଜର

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)



ଭାରତ ଓ ଆମେରିକା ମଧ୍ୟରେ ଦୀର୍ଘଦିନ ଧରି ଅଟକି ରହିଥିବା ବ୍ୟବସାୟ ଚୁକ୍ତି ଉପରେ ମୋହର ଲାଗିଛି। ଏହି ଚୁକ୍ତିକୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନକାରୀ ବା ଗେମଚେଞ୍ଜର ଭାବେ ବିଶେଷଜ୍ଞମାନେ ବର୍ଣ୍ଣନା କରୁଛନ୍ତି। ଉଭୟ ଦେଶ ମଧ୍ୟରେ ପ୍ରସ୍ତାବିତ ୫୦୦ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟରେ ଇଲେକ୍ଟ୍ରୋନିକ୍ସ ସେକ୍ଟରର ଅଂଶ ଆଗାମୀ ବର୍ଷଗୁଡ଼ିକରେ ୧୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭାବନା ରହିଛି। ଅନେକ ମାସ ଧରି ଚାଲିଥିବା ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବ୍ୟବସାୟ ଚୁକ୍ତିର ଔପଚାରିକ ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ଚୁକ୍ତି ତୁରନ୍ତ ପ୍ରଭାବରେ ଲାଗୁହେବ ଏବଂ ଭାରତ ଉପରେ ଲଗାଯାଇଥିବା ମୋଟ ୫୦% ଟାରିଫ୍‌କୁ ୧୮%କୁ ହ୍ରାସ କରାଯାଇଛି। ଏହି ନିଷ୍ପତ୍ତିରେ ଭାରତୀୟ ରପ୍ତାନିକାରୀମାନଙ୍କୁ ଆଶ୍ୱସ୍ତି ମିଳିଛି। ବିଶେଷକରି ଗତ ୨ ବର୍ଷ ଧରି ବର୍ଦ୍ଧିତ ଶୁଳ୍କ ଯୋଗୁ ପ୍ରତିଯୋଗିତାରେ ପଛରେ ରହିଯାଇଥିବା ସେକ୍ଟରଗୁଡ଼ିକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଶୁଳ୍କ ବୃଦ୍ଧି ଯୋଗୁ ଆମେରିକୀୟ ବଜାରରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଭଳି ବିଭିନ୍ନ ଭାରତୀୟ ଉତ୍ପାଦର ସ୍ଥିତି ଦୁର୍ବଳ ହୋଇଯାଇଥିଲା। ସୂଚନା ଥାଉକି, ଗତ କିଛି ବର୍ଷରେ ଭାରତର ଇଲେକ୍ଟ୍ରୋନିକ୍ସ ଉଦ୍ୟୋଗ କ୍ଷେତ୍ରରେ ଅଭିବୃଦ୍ଧି ହେବା ସହ ଏହା ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଓ 'ପିଏଲ୍‌ଆଇ ସ୍କିମ୍'ର ଏକ ମୁଖ୍ୟ ସ୍ତମ୍ଭ ହୋଇପଡ଼ିଛି। ସ୍ମାର୍ଟଫୋନ, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଆସେମ୍ବଲି ଓ କମ୍ପୋନେଣ୍ଟ ଉତ୍ପାଦନରେ ଭାରତର ଉପସ୍ଥିତି ନିରନ୍ତର ବୃଦ୍ଧି ପାଉଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ଭାରତ ପ୍ରାୟ ୩.୨୭ ଲକ୍ଷ କୋଟି ଟଙ୍କା (ଆନୁମାନିକ ୩୮ ବିଲିୟନ ଡଲାର)ର ଇଲେକ୍ଟ୍ରୋନିକ୍ସ ରପ୍ତାନି କରିଛି। ଏଥିରେ ଆମେରିକା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସବୁଠାରୁ ବଡ଼ ବଜାର ରହିଛି। ଟାରିଫ ହ୍ରାସ ପରେ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଆମେରିକାରେ ନିଜର ଅଂଶ ବଢ଼ାଇବା ଓ ସେଠାକାର ସପ୍ଲାଇ ଚେନ୍ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ବହୁ ସହଜ ହୋଇପଡ଼ିବ ବୋଲି ଆଶା କରାଯାଉଛି। ଅନ୍ୟପଟେ କେନ୍ଦ୍ର ବଜେଟ ୨୦୨୬-୨୭ରେ ଘରୋଇ ଉତ୍ପାଦନ ଓ ନିବେଶକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ଯୁକ୍ତରାଜ୍ୟ, ୟୁରୋପୀୟ ସଂଘ ଓ ଅନ୍ୟାନ୍ୟ ଦେଶ ସହ ମଧ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଆଗକୁ ବଢ଼ାଉଛି। ଆମେରିକା ସହ ଏହି ଚୁକ୍ତି ଭାରତକୁ ବିଶ୍ୱବ୍ୟାପୀ ମୂଲ୍ୟ ଚେନ୍‌ରେ ଆହୁରି ଗଭୀର ଭାବେ ଯୋଡ଼ିବାରେ ସହାୟକ ହେବ। ବିଶେଷକରି ଇଲେକ୍ଟ୍ରୋନିକ୍ସ, ଟେକ୍ନୋଲୋଜି ଓ ସପ୍ଲାଇ ଚେନ୍ ରେଜିଲିଏନ୍ସ ଭଳି ରଣନୈତିକ କ୍ଷେତ୍ରରେ ଏହା ଉପଯୋଗୀ ହେବ।

# ବଢ଼ିଲା ସୁନା ଦର

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଗତ କିଛି ଦିନ ଧରି ସୁନା ଓ ରୁପା ମୂଲ୍ୟ ହ୍ରାସ ପାଉଥିବାବେଳେ ମଙ୍ଗଳବାର ଏହି ଧାରାରେ ବଦଳିଛି। ଭୁବନେଶ୍ୱର ବଜାରରେ



୨୪ କ୍ୟାରେଟ ସୁନାଦର ସୋମବାର ୧,୫୩,୧୭୦ଟଙ୍କା ଥିବାବେଳେ ଏଥିରେ ୭୬୦ ଟଙ୍କା ବୃଦ୍ଧି ହୋଇ ମଙ୍ଗଳବାର ଏହା ୧,୫୩,୯୩୦ ଟଙ୍କା ହୋଇଛି। ୨୨ କ୍ୟାରେଟ୍ ସୁନାଦର ସୋମବାର ୧,୪୦,୪୦୦ ଟଙ୍କା ଥିବାବେଳେ ଏଥିରେ ୭୦୦ଟଙ୍କା ବୃଦ୍ଧି ହୋଇ ମଙ୍ଗଳବାର ୧,୪୧,୧୦୦ଟଙ୍କାରେ ପହଞ୍ଚିଛି। ୧୪ କ୍ୟାରେଟ ସୁନାଦର ସୋମବାର ୧,୧୪,୮୮୦ ଟଙ୍କା ଥିବାବେଳେ ମଙ୍ଗଳବାର ଏଥିରେ ୫୭୦ ଟଙ୍କା ବୃଦ୍ଧି ହୋଇ ଏହି ଦର ୧,୧୫,୪୫୦ ଟଙ୍କା ହୋଇଛି। ଅନ୍ୟପଟେ ରୁପା କିଲୋଗ୍ରାମ ପ୍ରତି ଦର ୩ ଲକ୍ଷ ଟଙ୍କା ରହିଛି।

# ରେଙ୍ଗାଲିରେ ଓଏଚ୍‌ପିସି ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ



ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ୍ (ଓଏଚ୍‌ପିସି) ପକ୍ଷରୁ ନିକଟରେ ରେଙ୍ଗାଲି ଡ୍ୟାମ୍ ସାଇଟ, ରେଙ୍ଗାଲି ଜଳବିଦ୍ୟୁତ୍ ପ୍ରକଳ୍ପ (ଆର୍‌ଏଚ୍‌ଇପି)ଠାରେ ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ସମାରୋହରେ ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବରେ ଓଏଚ୍‌ପିସିର ନିର୍ଦ୍ଦେଶକ(ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଏବଂ କଣିହାଁ ତହସିଲଦାର ଚିନ୍ମୟ ଦାସ ଯୋଗଦେଇଥିଲେ। ସ୍ୱାଗତ ଭାଷଣ ଦେଇ ଆର୍‌ଏଚ୍‌ଇପିର ବରିଷ୍ଠ ମହାପ୍ରବନ୍ଧକ (ବିଦ୍ୟୁତ୍) ଏବଂ ୟୁନିଟ୍ ମୁଖ୍ୟ ସରୋଜ କୁମାର ବୋହିଦାର ଦଳଗତ କାର୍ଯ୍ୟ, ସୁସ୍ଥତା ଏବଂ ସାଂଗଠନିକ ବନ୍ଧନକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ କହିଥିଲେ। ପୁରୁଷ ଡବଲ୍ସ ସୀମାଞ୍ଚଳ ସୁବୁଦ୍ଧି ଏବ ତାପସ କୁମାର ପଲ ବିଜେତା ହୋଇଥିବାବେଳେ ଯଶୋବନ୍ତ ନାଏକ ଏବଂ ଜ୍ୟୋତିରଞ୍ଜନ ବେହେରା ଉପବିଜେତା ହୋଇଥିଲେ। ମହିଳା ଡବଲ୍ସରେ ନିର୍ମଳା ସମାଦ ଏବଂ ସୁଶ୍ରୀ ସୁନୀତା ମୁଣ୍ଡା ବିଜେତା ହୋଇଥିବାବେଳେ ଜ୍ୟୋତି ଟୋପ୍ପୋ ଏବଂ ମୋନାଲିସା ଜାତ ଉପବିଜେତା ହୋଇଛନ୍ତି। ଆର୍‌ଏଚ୍‌ଇପିର ମହାପ୍ରବନ୍ଧକ (ବିଦ୍ୟୁତ୍) ଏବଂ ବୈଷୟିକ ୱିଙ୍ଗ୍ ମୁଖ୍ୟ ସୁବ୍ରତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରରେ 'ଷ୍ଟଲ୍‌ୱାର୍ଟ ଜିମ୍'ର ୨ୟ ଶାଖା




ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ଅବସ୍ଥିତ ଷ୍ଟଲ୍‌ୱାର୍ଟ ଜିମ୍‌ର ଦ୍ୱିତୀୟ ଶାଖା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଅଭିନେତ୍ରୀ ଭୂମିକା ଦାସ, ସୁରଭି ପ୍ରିୟଦର୍ଶିନୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୦,୦୦୦ ବର୍ଗଫୁଟ ପରିମିତ ଏହି ଅଞ୍ଚଳରେ ଜିମ୍‌ଟି ଇଟାଲୀ, ଯୁକ୍ତରାଷ୍ଟ୍ର, ଜର୍ମାନୀ ଓ ଦକ୍ଷିଣ କୋରିଆର ପ୍ରସିଦ୍ଧ ବ୍ରାଣ୍ଡ ପାନାଟ୍ଟା, ହୋଇଷ୍ଟ, ସ୍ପୋର୍ଟସ ଆର୍ଟ, ଥୋର୍, ଶୁଆ, ଅକ୍ଟେନ ଓ ଆକ୍ୟୁନିକ ଦ୍ୱାରା ନିର୍ମିତ ଅଲିମ୍ପିକ ଖେଳାଳିମାନଙ୍କ ବିଶ୍ୱସ୍ତରୀୟ ମନ ପସନ୍ଦର ଉପକରଣ ଉପଲବ୍ଧ ହେଉଛି। ଏଠାରେ ନିୟମିତ କାର୍ଡିଓ, ଷ୍ଟ୍ରେଙ୍ଗ୍ଥ ଟ୍ରେନିଂ ଓ କ୍ରସ୍‌ଫିଟ ସହିତ ଫୁଲ୍‌ବଡି କମ୍ପୋଜିସନ ଆନାଲିସିସ୍, ଯୋଗ, ଜୁମ୍ବା ଓ ପିଲାଟିସ ଭଳି ବିଭିନ୍ନ ସୁବିଧା ଅଛି। ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରକୁ ପୋଷଣ ବିଶେଷଜ୍ଞ, ଫିଜିଓଥେରାପିଷ୍ଟ ଓ ଇଞ୍ଜୁରି ମ୍ୟାନେଜମେଣ୍ଟ ଏକ୍ସପର୍ଟମାନେ ସହଯୋଗ କରୁଛନ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଜିମ୍‌ରେ ଆଇସ୍‌ବାଥ୍, ଷ୍ଟିମ୍‌ବାଥ୍ ଓ ଫୁଲ୍‌ବଡି ମସାଜ ସୁବିଧା ମଧ୍ୟ ରହିଥିବା ମୁଖ୍ୟ ପୃଷ୍ଠପୋଷକ ପ୍ରୀତମ ଚୌଧୁରୀ, ପ୍ରକାଶ ସିଂ ଓ ଶିଶିର ସିଂ ପ୍ରମୁଖ କହିଛନ୍ତି।

# ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟିର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)




ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ମଙ୍ଗଳବାର ରାଜ୍ୟ କ୍ରେଡିଟ ସେମିନାର ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା ରହିଛି ବୋଲି ଆକଳନ କରାଯାଇଛି। ସେଥି ମଧ୍ୟରୁ ଏମ୍‌ଏସ୍‌ଏମ୍‌ଇର ସର୍ବାଧିକ ଅଂଶ ୧.୫୨ ଲକ୍ଷ କୋଟି ଟଙ୍କା ଓ କୃଷି କ୍ଷେତ୍ରରେ ୧.୧୪ ଲକ୍ଷ କୋଟି ଟଙ୍କା ରହିଛି। ଅବଶିଷ୍ଟ ଅଂଶ ଗୃହ, ଶିକ୍ଷା, ଅକ୍ଷୟ ଶକ୍ତି, ସାମାଜିକ ଭିତ୍ତିଭୂମି, ରପ୍ତାନି ଋଣ ଆଦି କ୍ଷେତ୍ରରେ ରହିଛି। ସେମିନାରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧକ୍ଷତା କରିଥିବାବେଳେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଉପସ୍ଥିତ ଥିଲେ। ଅନୁ ଗର୍ଗ କହିଥିଲେ, ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ହିତାଧିକାରୀଙ୍କ ସମର୍ଥନ ଲୋଡ଼ା। ଓଡ଼ିଶାର ଭିଜନ ୨୦୩୬ ଆକାଂକ୍ଷା ପୂରଣ ପାଇଁ ରାଜ୍ୟ ସରକାର, ସରକାରୀ ଓ ବେସରକାରୀ କ୍ଷେତ୍ରର ଉଦ୍ୟମ ଆବଶ୍ୟକ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ 'ମିସିଂ ମିଡିଲ'ର ଆହ୍ୱାନ ଉପରେ ଆଲୋକପାତ କରିଥିଲେ। କୃଷି ଭିତ୍ତିଭୂମି, ପଣ୍ୟାଗାର, ଆନୁଷଙ୍ଗିକ କୃଷି ଉଦ୍ୟୋଗ କ୍ଷେତ୍ର ଏବଂ ମହିଳା ନେତୃତ୍ୱାଧୀନ ଏସ୍‌ଏଚ୍‌ଜି ପାଇଁ ଋଣ ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସହଯୋଗ ପାଇଁ ସେ ପରାମର୍ଶ ଦେଇଛନ୍ତି। ଜନଜାତି ଏବଂ ଅବହେଳିତ ଅଞ୍ଚଳରେ ଋଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସନ୍ନ ମହାନ୍ତି କହିଛନ୍ତି, ବ୍ୟାଙ୍କଗୁଡ଼ିକୁ ରାଜ୍ୟ ଫୋକସ ପେପରରେ ଧାର୍ଯ୍ୟ କରାଯାଇଥିବା ଆକଳନକୁ ଗ୍ରହଣ କରିବା ଉଚିତ୍। ଏସ୍‌ବିଆଇର ସିଜିଏମ୍ ଏ.ଡି. ରତ୍ନାତେଜା, ପରାମର୍ଶ ଏବଂ ବଟମ-ଅପ୍ ଆଭିମୁଖ୍ୟ ମାଧ୍ୟମରେ ରାଜ୍ୟ ଫୋକସ ପେପର ପ୍ରସ୍ତୁତ କରିବାରେ ନାବାର୍ଡର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏଏସ୍‌ଏଲ୍‌ବିସିର ସଂଯୋଜକ ଗୌତମ ପାତ୍ର କହିଛନ୍ତି, ବ୍ୟାଙ୍କଗୁଡ଼ିକ ଜମା ଏବଂ ଋଣ ଅଭିବୃଦ୍ଧିରେ ପ୍ରଭାବଶାଳୀ ଅଗ୍ରଗତି କରିଛନ୍ତି। ଅସମାନ କ୍ରେଡିଟ ଡିପୋଜିଟ ଅନୁପାତ, ସ୍ୱଳ୍ପ ମିଆଦୀ ଋଣ ଏବଂ କେସିସି କଭରେଜରେ ବ୍ୟବଧାନ ସମେତ ଚ୍ୟାଲେଞ୍ଜ ରହିଛି। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ବିନୋଦ କୁମାର ଆର୍ଯ୍ୟ କହିଛନ୍ତି, ଓଡ଼ିଶାର ବିଶାଳ ଭୌଗୋଳିକ ସ୍ଥିତି, ବିବିଧ କୃଷି-ପରିବେଶ ଏବଂ ବିଗତ ଦଶନ୍ଧି ମଧ୍ୟରେ ଦୃଢ଼ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ଋଣ ଅଭିବୃଦ୍ଧିରେ ବ୍ୟାପକ ସମ୍ଭାବନା ରହିଛି।

# ଭୁବନେଶ୍ୱର ଏନ୍‌ଏଚ୍‌ରେ ବ୍ଲାକ୍ ସ୍ପଟ୍ ଚିହ୍ନଟ ପାଇଁ ରଣନୀତି

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଭୁବନେଶ୍ୱରରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସ୍ୱତନ୍ତ୍ର ବୈଷୟିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜପଥର ବିପଜ୍ଜନକ ସ୍ଥାନ (ବ୍ଲାକ୍ ସ୍ପଟ୍)ଗୁଡ଼ିକୁ ଚିହ୍ନଟକରିବା ଏବଂ ସେଗୁଡ଼ିକର ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଏଆଇର ଅଧିକାରୀ ଏବଂ ରାଜପଥ ନିର୍ମାଣ କରୁଥିବା ଠିକାଦାରମାନେ ଯୋଗଦେଇଥିଲେ। ଭାରତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାପ୍ରବଣ ଅଞ୍ଚଳ କିପରି କମାଯାଇପାରିବ, ସେଥିପାଇଁ କ୍ଷେତ୍ର ସ୍ତରରେ ପରୀକ୍ଷିତ ବିଭିନ୍ନ ବ୍ୟବହାରିକ ପଦ୍ଧତି ଉପରେ ଏଠାରେ ଆଲୋଚନା କରାଯାଇଥିଲା। ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ କାଟାଲାଇନ୍ ଲିମିଟେଡ୍‌ର ସହଯୋଗରେ ଏହି ଅଧିବେଶନଟି ଆୟୋଜନ ହୋଇଥିଲା। ସାରା ଭାରତରେ ପାଳନ କରାଯାଉଥିବା ଏହି ମାସ ପାଇଁ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ (ଏମ୍‌ଓଆର୍‌ଟିଏଚ୍)ର ମୁଖ୍ୟ ବିଷୟବସ୍ତୁ 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' ରହିଛି। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ସରକାରୀ ଅଧିକାରୀ ଯୋଗଦେଇଥିଲେ, ଯେଉଁଥିରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ଓଡ଼ିଶା ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ ଏବଂ ଏନ୍‌ଏଚ୍‌ଏଆଇ ଓଡ଼ିଶାର ମ୍ୟାନେଜର (ଟେକ୍) ତଥା ଆଞ୍ଚଳିକ ସଡ଼କ ସୁରକ୍ଷା ଅଧିକାରୀ ଅବିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝର: ୨୨ ମାସରେ ୧୪ ତୀରନ୍ଦାଜ

କେନ୍ଦୁଝର,୩।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷାର୍ଥୀ ଅଭ୍ୟାସ କରୁଛନ୍ତି।

କେନ୍ଦୁଝର ଜିଲା ଶଙ୍କରପୁରସ୍ଥିତ ଓଡ଼ିଶା ଟାଟା ଆର୍ଚେରି ହାଇ ପରଫର୍ମାନ୍ସ ସେଣ୍ଟର(ଓଟିଏଚିପିସି) ଏବେ ଦେଶର ଭବିଷ୍ୟତର ଧନୁର୍ଦ୍ଧରମାନଙ୍କ କ୍ରୀଡ଼ା ଭୂମି ସାଜିଛି। ଓଡ଼ିଶା ସରକାର ଏବଂ ଟାଟାଷ୍ଟିଲ୍‌ର ମିଳିତ ପ୍ରଚେଷ୍ଟାରେ ଏହି ସେଣ୍ଟରରୁ ମାତ୍ର ୨୨ ମାସରେ ୧୪ଜଣ ଜାତୀୟସ୍ତରର ତୀରନ୍ଦାଜ ସୃଷ୍ଟି ହୋଇପାରିଛନ୍ତି। ୨୦୨୪ରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୪ଜଣ କ୍ୟାଡେଟ (୧୨ ବାଳକ ଓ ୧୨ ବାଳିକା)ଙ୍କୁ ନେଇ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଆଧୁନିକ ଉପକରଣ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମୟାନୁକ୍ରମେ ଏହା ଗ୍ରାମାଞ୍ଚଳ ଓ ଜନଜାତି ସମ୍ପ୍ରଦାୟରୁ ଆସୁଥିବା ପ୍ରତିଭାମାନଙ୍କୁ ଉଚ୍ଚକୋଟୀର ଆଥ୍‌ଲେଟ ଭାବେ ଗଢ଼ି ତୋଳିବାର ମାଧ୍ୟମ ପାଲଟିଛି। ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିଥିବା ମାଲକାନଗିରି ଜିଲାର ଦୁର୍ଗମ ଗ୍ରାମର ଜଣେ ଚାଷୀଙ୍କ ପୁଅ ଅର୍ଜୁନ ଖରା(୨୨)୨୦୨୪ରେ ଓଟିଏଚିପିସି ପାଇଁ ମନୋନୀତ ହୋଇଥିଲେ। ଆଜି ସେ ସିନିୟର ନ୍ୟାଶନାଲ ଆର୍ଚେରି ଚାମ୍ପିୟନଶିପ୍, ନ୍ୟାଶନାଲ ଗେମ୍ସ ଏବଂ ଏନ୍‌ଟିପିସି ନ୍ୟାଶନାଲ ତୀରନ୍ଦାଜୀ ଟୁର୍ନାମେଣ୍ଟ ଭଳି ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ପିଲାଦିନରୁ ବାପା, ମା' ଏବଂ ଭାଇଙ୍କୁ ହରାଇଥିବା ଯାଜପୁର ଜିଲାର ସୀତା ହେମ୍ବ୍ରମ(୧୬) ସାନ ଭଉଣୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କେନ୍ଦୁଝର ସେଣ୍ଟରରେ ଟ୍ରାଏଲ ଦେଇ ମନୋନୀତ ହୋଇ ଥିଲେ। ୨୦୨୪ରୁ ଓଟିଏଚିପିସି ସହ ଯୋଡ଼ିହେବା ପରେ ଧନୁର୍ବିଦ୍ୟା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ଗତ ଡିସେମ୍ବର ୨୭-୨୮ରେ କଟକଠାରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଆର୍ଚେରି ଟୁର୍ନାମେଣ୍ଟ-୨୦୨୫ରେ ଭଗବତ ବଳିୟାରସିଂହ ଏବଂ ମୋନାଲିସା ନାୟକ ୧୫ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଏକାଡେମୀର ସୁନିତା ନାୟକ(୧୬) ଓ ସାବିତ୍ରୀ ପାତ୍ର(୧୬) ଛତିଶଗଡ଼ ରାୟପୁରଠାରେ ଗତ ଡିସେମ୍ବରରେ ଅନୁଷ୍ଠିତ ୪୫ତମ ଏନ୍‌ଟିପିସି ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଝାଡ଼ଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ୬୯ତମ ଜାତୀୟ ସ୍କୁଲ ଗେମ୍ସ-୨୦୨୫-୨୬ରେ ଇଣ୍ଡିଭିଜୁଆଲ ଅଲିମ୍ପିକ ରାଉଣ୍ଡର ସୁନୀତା ନାୟକ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ସେହିପରି ସାବିତ୍ରୀ ପାତ୍ର ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ବର୍ତ୍ତମାନ ଏହି କେନ୍ଦ୍ରରେ ୧୭ଜଣ କ୍ୟାଡେଟ ଅଛନ୍ତି, ଯେଉଁଥିରେ ଓଡ଼ିଶା ବାହାରୁ ୪ଜଣ ସାମିଲ ଅଛନ୍ତି। ଟାଟାଷ୍ଟିଲ୍‌ର ସ୍ପୋର୍ଟସ ଚିଫ୍ ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି, ଏହି ସେଣ୍ଟର ତୃଣମୂଳସ୍ତରରୁ କ୍ରୀଡ଼ା ପ୍ରତିଭାଙ୍କୁ ଖୋଜି ଜାତୀୟସ୍ତରର ଶ୍ରେଷ୍ଠ ଖେଳାଳି ଭାବେ ଗଢ଼ି ତୋଳିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏକାଡେମୀର ପ୍ରଶିକ୍ଷକ ବିକାଶ ଉପାଧ୍ୟାୟ କହିଛନ୍ତି ଉନ୍ନତ ପ୍ରଶିକ୍ଷଣ ସହ କ୍ୟାଡେଟମାନଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁ ସେମାନେ ଅନେକ ପଦକ ଜିତିବାରେ ସଫଳ ହୋଇଛନ୍ତି।

## ୨୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ

ମାଲକାନଗିରି,୩।୨ (ଦୁର୍ଯ୍ୟୋଧନ ପାତ୍ର)

ବିଦ୍ୟୁତ୍ ସଂଯୋଗ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଟିପିଏସ୍‌ଓଡିଏଲ୍ କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ। ମାଲକାନଗିରି ଜିଲା ସଦର ମହକୁମା ଟିପିଏସ୍‌ଓଡିଏଲ୍‌ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ନାୟକ ଏକ ଇଟା ତିଆରି କାରଖାନାକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଭି.କିଶୋର ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଛନ୍ତି। ତାଙ୍କଠାରୁ ୨୦ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି। କୋରାପୁଟ ଭିଜିଲାନ୍ସ କେସ୍ ନଂ. ୧।୨୦୨୬, ୭ ପିସି (ସଂଶୋଧନ) ଆଇନ, ୨୦୧୮ରେ ମାମଲା ରୁଜୁ କରାଯାଇଛି।

# ଏସ୍‌ଏଫ୍‌ଡିଆର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ

ବାଲେଶ୍ୱର, ୩।୨ (ବାଞ୍ଛାନିଧି ଦେ)



ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆରଠାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୪୫ରେ ଡିଆରଡିଓ ପକ୍ଷରୁ କଠିନ ଇନ୍ଧନଯୁକ୍ତ ରାମଜେଟ୍ ଜ୍ଞାନକୌଶଳ ସଳିଡ ଫୁଏଲ ଡକ୍ଟେଡ୍ ରାମଜେଟ୍ (ଏସ୍‌ଏଫ୍‌ଡିଆର) ଇଞ୍ଜିନର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ ହୋଇଛି। ଏହାପରେ ଭାରତ ଶତ୍ରୁପକ୍ଷଠାରୁ ଅଧିକ ଦକ୍ଷତାସମ୍ପନ୍ନ ଦୂରଗାମୀ ଆକାଶରୁ ଆକାଶକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ବିକାଶ ନିମନ୍ତେ ଜ୍ଞାନକୌଶଳ ହାସଲକାରୀ ପ୍ରମୁଖ ଦେଶ ମଧ୍ୟରେ ସାମିଲ ହୋଇଯିବ ବୋଲି ଡିଆରଡିଓ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଏକ ନିର୍ଦ୍ଦିଷ୍ଟ ମାପକ ପହଞ୍ଚିବା ପର୍ଯ୍ୟନ୍ତ ପ୍ରାରମ୍ଭିକ ଭୂମିଗତ ବୁଷ୍ଟର ମୋଟର ମାଧ୍ୟମରେ ଗତି ଦିଆଯିବା ପରେ ଏସ୍‌ଏଫ୍‌ଡିଆର୍‌ର ନୋଜଲ ଲେସ୍ ବୁଷ୍ଟର, ସଲିଡ୍ ଫୁଏଲ ଡକ୍ଟେଡ୍ ରାମଜେଟ୍ ମୋଟର, ଫୁଏଲ ଫ୍ଲୋ କଣ୍ଟ୍ରୋଲର ଆଦି ସହଯୋଗୀ ଉପକରଣ ଆଶାନୁରୂପକ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛି। ଆଇଟିଆର ଦ୍ୱାରା ବଙ୍ଗୋପସାଗର ଉପକୂଳରେ ନିୟୋଜିତ ସଂଖ୍ୟାଧିକ ନିରୀକ୍ଷଣ ଉପକରଣରୁ ମିଳିଥିବା ଫ୍ଲାଇଟ ଡାଟାର ବିଶ୍ଳେଷଣ ଅନୁସାରେ ଏସ୍‌ଏଫ୍‌ଡିଆର ଜ୍ଞାନକୌଶଳର ଦକ୍ଷତା ପ୍ରମାଣିତ ହୋଇଛି। ପ୍ରତିରକ୍ଷା ଅନୁସନ୍ଧାନ ଓ ଉନ୍ନୟନ ଗବେଷଣାଗାର (ଡିଆରଡିଏଲ୍), ଉଚ୍ଚଶକ୍ତି ସାମଗ୍ରୀ ଅନୁସନ୍ଧାନ ଗବେଷଣାଗାର (ଏଚ୍ଇଏମଆରଏଲ), ହାଇଦ୍ରାବାଦର ଅନୁସନ୍ଧାନ କେନ୍ଦ୍ର ଭବନ (ଆରସିଆଇ) ଏବଂ ଆଇଟିଆର ଆଦି ଡିଆରଡିଓର ବିଭିନ୍ନ ଗବେଷଣାଗାରର ବରିଷ୍ଠ ବୈଜ୍ଞାନିକମାନେ ଏହି ପ୍ରଦର୍ଶନକୁ ଅନୁଧ୍ୟାନ କରିଥିଲେ। ଏସ୍‌ଏଫ୍‌ଡିଆର ଜ୍ଞାନକୌଶଳର ସଫଳ ପ୍ରଦର୍ଶନ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ସହିତ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେହିପରି ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗ ସଚିବ ତଥା ଡିଆରଡିଓର ଚେୟାରମ୍ୟାନ ଡ. ସମୀର ଭି. କାମତ ଏହି ପ୍ରଦର୍ଶନରେ ଜଡିତ ସମସ୍ତ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି।

# ମାଓବାଦୀ ପ୍ରଭୁଙ୍କ ଆତ୍ମସମର୍ପଣ

ରାଉରକେଲା,୩।୨ (ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ସକ୍ରିୟ ହାର୍ଡକୋର୍ ମାଓବାଦୀ ଅମେଟେନ ହୋନହାଗା ଓରଫ ପ୍ରଭୁ(୧୮) ମଙ୍ଗଳବାର ଅପରାହ୍ନ ୨ଟାରେ ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ରାଉରକେଲା ପୋଲିସ ମୁଖ୍ୟାଳୟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏବଂ ଏସ୍‌ପି ନିତେଶ ୱାଧୱାନୀଙ୍କ ଉପସ୍ଥିତିରେ ସେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହ 'ବି' ବର୍ଗରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡିଆଇଜି ରାୟ ସୂଚନା ଦେଇ କହିଲେ, ପ୍ରଭୁ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଛୋଟାନାଗରା ହାଲାମୁଲି ଗ୍ରାମର ବାସିନ୍ଦା ଏବଂ ଦକ୍ଷିଣ ଛୋଟାନାଗରା ଡିଭିଜନର ଲୋକାଲ ଗୁରିଲା ସ୍କ୍ୱାଡ୍ ମେମ୍ବର (ଏଲ୍‌ଜିଏସ୍‌ଏମ୍) ଥିଲେ। ପ୍ରାୟ ୨ ବର୍ଷ ତଳେ ସେ ଏଥିରେ ଯୋଗଦାନ କରି ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିଲେ। ଗତ କିଛିଦିନ ତଳେ ଝାଡ଼ଖଣ୍ଡରେ ବଢ଼ୁଥିବା ଅଭିଯାନରେ ମାଓବାଦୀଙ୍କୁ ନିପାତ କରାଯିବା ସହ ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ପ୍ରେରିତ ହୋଇ ପ୍ରଭୁ ଆତ୍ମସମର୍ପଣ ରାସ୍ତା ବାଛିଥିଲେ। ତାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପାଇଁ ଆବଶ୍ୟକ ସହାୟତା ବାବଦରେ ପ୍ରାୟ ୨ ଲକ୍ଷ ୬୫ ହଜାର ଟଙ୍କାର ରାଶି ପ୍ରଦାନ କରାଯିବ ବୋଲି ଡିଆଇଜି ରାୟ କହିଥିଲେ। ସେହିପରି ଏସ୍‌ପି ୱାଧୱାନୀ କହିଲେ, ପ୍ରଭୁ ସରଣ୍ଡା ଜଙ୍ଗଲରେ ସଙ୍ଗଠନରେ ରାଶନ ସଂଗ୍ରହ ଓ ଅନ୍ୟ ଛୋଟ ବଡ଼ କାମର ତାଲିମ ନେଉଥିଲେ। ୨୦୨୪ରେ ବିର୍ସା ନାମକ ମାଓବାଦୀଙ୍କ ସଂସ୍ପର୍ଶରେ ଆସିବା ପରେ ସେ ସଙ୍ଗଠନରେ ସାମିଲ ହୋଇଥିଲେ। ଦେଶର ସବୁଠାରୁ ଓଡ଼ିଶାରେ ମାଓବାଦୀ ଆତ୍ମସମର୍ପଣ ନୀତି ସର୍ବଶ୍ରେଷ୍ଠ ଓ ସହଜସାଧ୍ୟ ରହିଛି। ପ୍ରଭୁ ମାଓବାଦୀଙ୍କ ନୀତିରେ ଅତିଷ୍ଠ ହୋଇପଡ଼ିଥିଲେ। ସେ ଅନ୍ୟ ସଦସ୍ୟମାନଙ୍କଠାରୁ ମାନସିକ, ଶାରୀରିକ ନିର୍ଯ୍ୟାତନା ପାଉଥିଲେ। ଶେଷରେ ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିଲେ। ତାଙ୍କୁ ବିବାହ, ରୋଜଗାର ପାଇଁ ଷ୍ଟାଇପେଣ୍ଡ, ଖାଦ୍ୟ ସୁରକ୍ଷା କାର୍ଡ, ଆବାସ ଆଦି ପ୍ରଦାନ କରାଯିବ ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

# ବ୍ୟୋମକେଶ ଭଦ୍ରକ ଜିଲା ବିଜେଡି ସଭାପତି

ଭୁବନେଶ୍ୱର, ୩।୨ (ସୁନିତ୍ ମିଶ୍ର)

■ ଗଞ୍ଜାମ, ରାୟଗଡ଼ା ଓ ମୟୂରଭଞ୍ଜ-୨ ପାଇଁ କାର୍ଯ୍ୟକାରୀ ସଭାପତି ଚୟନ

■ ଖୋର୍ଦ୍ଧା, ବାଲେଶ୍ୱର ସମସ୍ୟା ତୁଟାଇପାରୁନି ଦଳ

ପୂର୍ବତନ ବିଜୁ ଯୁବ ଜନତା ଦଳ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ମଙ୍ଗଳବାର ଦଳ ପକ୍ଷରୁ ନୂଆ ନିଯୁକ୍ତି ଦିଆଯାଇଛି। ବ୍ୟୋମକେଶଙ୍କୁ ଦଳ ପକ୍ଷରୁ ଭଦ୍ରକ ଜିଲା ସଭାପତି ଭାବେ ନୂଆ ଦାୟିତ୍ୱ ମିଳିଛି। ତାଙ୍କ ହାତରେ ଦଳର ଯୁବ ବ୍ୟାପାର ଦାୟିତ୍ୱ ମଧ୍ୟ ରହିଛି। ରାଜନୈତିକ ଦୃଷ୍ଟିକୋଣରୁ ଭଦ୍ରକକୁ ବହୁ ଗୁରୁତ୍ୱପୂର୍ଣ୍ଣ ଜିଲା ଭାବେ ପରିଗଣିତ କରାଯାଉଛି। ଯେହେତୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଜିଲା ଭଦ୍ରକ, ସେଥିଲାଗି ଏହା ରାଜନୈତିକ ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଚାନ୍ଦବାଲି ଆସନରୁ ମନମୋହନଙ୍କୁ ଗତ ସାଧାରଣ ନିର୍ବାଚନରେ ବ୍ୟୋମକେଶ ପରାଜିତ କରିଥିଲେ। ସେହି ଦୃଷ୍ଟିରୁ ବ୍ୟୋମକେଶଙ୍କୁ ଜିଲା ସଙ୍ଗଠନର ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟେ ଭଦ୍ରକ ଛଡ଼ା ଗଞ୍ଜାମ ସାଙ୍ଗଠନିକ ଜିଲାରେ ବିଜେଡି ପକ୍ଷରୁ ୨ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଭଗବାନ ଗନ୍ତାୟତଙ୍କୁ ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତିଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ରାୟଗଡ଼ା ଜିଲା କାର୍ଯ୍ୟକାରୀ ସଭାପତି ଭାବେ ପି.ଗୋରୀ ଶଙ୍କରଙ୍କୁ ନୂଆ ନିଯୁକ୍ତି ମିଳିଛି। ମୟୂରଭଞ୍ଜ-୨ ସାଙ୍ଗଠନିକ ଜିଲାରେ ରାଇସେନ ମୁର୍ମୁଙ୍କୁ ଦଳ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ପ୍ରଦାନ କରିଛି। ଏନେଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି। ବିଜେଡି ପକ୍ଷରୁ ବିଭିନ୍ନ ଜିଲାର ସାଙ୍ଗଠନିକ ନିଯୁକ୍ତି ଚାଲିଥିବା ବେଳେ ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲାରେ ସଭାପତି ଚୟନ ଏପର୍ଯ୍ୟନ୍ତ ଦଳ ପକ୍ଷରୁ କରାଯାଇନାହିଁ। ଏହି ଦୁଇ ଜିଲାର ସଭାପତି ଚୟନ ବିଷୟ ମଧ୍ୟ ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଖୋର୍ଦ୍ଧା ଜିଲାରେ ଦଳ କାହାକୁ ସଭାପତି କରିବ ସେନେଇ ଏପର୍ଯ୍ୟନ୍ତ ଚୟନ କରିପାରୁନାହିଁ। ଏହି ଜିଲାରେ ଆସୁଥିବା ବିଭିନ୍ନ ବିଧାନସଭା କ୍ଷେତ୍ରର ନେତାମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିବା ଚର୍ଚ୍ଚା ହେଉଛି, ଯେଉଁଥିଲାଗି ଦଳ କାହାକୁ ଏଯାଏଁ ସଭାପତି କରିପାରି ନାହିଁ। ଅନ୍ୟପଟେ ବାଲେଶ୍ୱର ଜିଲାର ସଭାପତି ଦାୟିତ୍ୱ ନେବାକୁ ପୂର୍ବତନ ଏମ୍ପି ରବୀନ୍ଦ୍ର ଜେନା ଆଗ୍ରହୀ ଅଛନ୍ତି। ଦଳର ଶୀର୍ଷରୁ ତାଙ୍କୁ ଏହି ପଦ ଦେବାକୁ ରାଜି ନାହିଁ। ଅନ୍ୟପଟେ ଜିଲାର ବହୁ ନେତା ମଧ୍ୟ ତାଙ୍କୁ ବିରୋଧ କରୁଥିବା ଚର୍ଚ୍ଚା ହେଉଛି। ଏହାରି ଭିତରେ କିଛିଦିନ ହେଲା ରବୀନ୍ଦ୍ର ଜେନା ଭାଜପାରେ ମିଶିବା ଲାଗି ଚେଷ୍ଟା କରୁଥିବା ଶୁଣିବାକୁ ମିଳୁଛି। ହେଲେ ଭାଜପା କୁଆଡେ ଏଯାଏଁ ତାଙ୍କ ମିଶିବା ନେଇ ଗ୍ରୀନ୍ ସିଗ୍ନାଲ ଦେଉ ନ ଥିବା ଜିଲାରେ କୁହାକୁହି ହେଉଛି।

## ଆଜି ବିଶ୍ୱ କ୍ୟାନ୍‌ସର ଦିବସ



# ଅଭିନବ ଭାବରେ ଏକତ୍ର ହେବା

ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ କ୍ୟାନ୍‌ସର ବା କର୍କଟ ରୋଗ ଅନ୍ୟତମ। ପ୍ରାରମ୍ଭରୁ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇପାରିଲେ ପ୍ରଥମ ଷ୍ଟେଜ୍‌ରୁ ହିଁ କେତେକ କ୍ୟାନ୍‌ସରରୁ ଆରୋଗ୍ୟ ମିଳିପାରୁଛି। ହେଲେ ଯଦି ବିଳମ୍ବରେ ଏହାର କାରଣ ଜଣାପଡେ ତେବେ ତାହା ଅକାଳ ମୃତ୍ୟୁକୁ ଡାକି ଆଣିଥାଏ। ତେଣୁ କ୍ୟାନ୍‌ସର ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ 'ବିଶ୍ୱ କ୍ୟାନ୍‌ସର ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ଅବସରରେ ଘୋଷିତ ଚଳିତ ବର୍ଷର ସ୍ଲୋଗାନ ହେଲା- 'ଅଭିନବ ଭାବରେ ଏକତ୍ର ହେବା'। ପ୍ରତିବର୍ଷ କ୍ୟାନ୍‌ସର ଦିବସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ପକ୍ଷରୁ ଏହି ସ୍ଲୋଗାନ ଘୋଷଣା କରାଯାଇଥାଏ।

କଥାରେ ଅଛି- କ୍ୟାନ୍‌ସର ନୋ ଆନ୍‌ସର। କିନ୍ତୁ ଯଦି ଠିକ୍ ସମୟରେ ଏହାର କାରଣ ବିଷୟରେ ଅବଗତ ହେବା ଆଉ ତାହାର ଠିକ୍ ଉପାୟରେ ଚିକିତ୍ସା କରିବା ତେବେ ଏଥିରୁ ଆରୋଗ୍ୟ ଲାଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏକ ଆକଳନରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଯୁବପିଢ଼ି ଏହାର ଅଧିକ ଶୀକାର ହେଉଛନ୍ତି। ତେବେ କ୍ୟାନ୍‌ସରର ଲକ୍ଷଣଗୁଡିକ କ'ଣ ? ଏହାର ପ୍ରମୁଖ ଲକ୍ଷଣ ହେଲା- ଶରୀରର କୌଣସି ସ୍ଥାନରେ ଆବୁ ପରି ଗୁଳି ହେବା, ହଠାତ୍ ଓଜନ କମିଯିବା, ଆଦୌ କିଛି କାମ ନ କରି ହାଲିଆ ଲାଗିବା, ଚର୍ମ ରଙ୍ଗରେ ପରିବର୍ତ୍ତନ ଦେଖାଦେବା ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେବା ଏବଂ ଏହି ଅବସ୍ଥା ଲାଗି ରହିବା। ଏହାବ୍ୟତୀତ ନିଶାଦ୍ରବ୍ୟ ସେବନ କରୁଥିଲେ କ୍ୟାନ୍‌ସର ଆଶଙ୍କା ମଧ୍ୟ ରହିଛି। ବିଶେଷଭାବରେ ପାନ, ସିଗାରେଟ୍, ବିଡ଼ି, ତମାଖୁଜାତୀୟ ଦ୍ରବ୍ୟ ଖାଇବା ଅଭ୍ୟାସରେ ପଡିଯାଇଥିଲେ ଭବିଷ୍ୟତରେ ମୁଖଗହ୍ୱର କ୍ୟାନ୍‌ସର ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଯଦି ଏସବୁ ଲକ୍ଷଣ ବିଷୟରେ ଅବଗତ ହେଲେ ତେବେ ବିଳମ୍ବ ନ କରି ଅଭିଜ୍ଞ କ୍ୟାନ୍‌ସର ଡାକ୍ତରଙ୍କ ନିକଟକୁ ଯାଇ ତାଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ। ଯଦି ବିଳମ୍ବରେ ଏହାର କାରଣ ଜଣାପଡିଲା, ତେବେ ଚିକିତ୍ସା ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। ଅନେକ ସମୟରେ କ୍ୟାନ୍‌ସର ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁବରଣ କରିଥାଆନ୍ତି। ତେଣୁ ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବା ସହ ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ। ଆଜିକାଲି କ୍ୟାନ୍‌ସରର ଚିକିତ୍ସା ପାଇଁ ବିଭିନ୍ନ ଅତ୍ୟାଧୁନିକ ପ୍ରଣାଳୀ ଅନୁସରଣ କରାଯାଉଛି। ତେଣୁ ଠିକ୍ ସମୟରେ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇ ଚିକିତ୍ସା କରାଇ ନେବା ଦରକାର। ଏହାଦ୍ୱାରା ଆମେ କ୍ୟାନ୍‌ସରଜନିତ ମୃତ୍ୟୁହାରକୁ କେତେକାଂଶରେ ରୋକି ପାରିବା।


ଫର୍ମ ନଂ.୧୩

**ଋଣ ଅସୁଲି ପ୍ରାଧିକରଣ, କଟକ**

ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା

ଓ.ଏ. ନଂ.୫୦୧/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ ............................ ଆବେଦନକାରୀ

ବନାମ

ମେସର୍ସ ବି.ସି ଏଣ୍ଟରପ୍ରାଇଜେସ୍ ଏବଂ ଅନ୍ୟମାନେ ...........ପ୍ରତିବାଦୀମାନେ

୧.ମେସର୍ସ ବି.ସି ଏଣ୍ଟରପ୍ରାଇଜେସ୍, ଏହାର ଏକମାତ୍ର ସତ୍ତ୍ୱାଧିକାରୀ ଶ୍ରୀ ଚିତ୍ତରଞ୍ଜନ ମିଶ୍ରଙ୍କ ମାଧ୍ୟମରେ ପ୍ରତିନିଧିତ୍ୱ କରାଯାଉଛି, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।

୨. ଶ୍ରୀ ଚିତ୍ତରଞ୍ଜନ ମିଶ୍ର, ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ମିଶ୍ର, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।

୩. ଶ୍ରୀମତୀ ଏ. ସରୋଜିନୀ, ସ୍ୱା: ଶ୍ରୀ ଚିତ୍ତରଞ୍ଜନ ମିଶ୍ର, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

ଏହି ନୋଟିସ୍ ଦ୍ୱାରା ଜଣାଇଦିଆଯାଉଛି କି, ଆବେଦନକାରୀ ଓ.ଏ. ନଂ.୫୦୧/୨୦୨୫ ଦ୍ୱାରା ଟ.୨୦,୭୮,୭୩୦/- (କୋଡିଏ ଲକ୍ଷ ଅଠସ୍ତୋରି ହଜାର ସାତ ଶହ ତିରିଶି ଟଙ୍କା ମାତ୍ର) ଋଣ ରାଶି ଓ ତତ୍ ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛିକି, ସେମାନେ ଏହି ଖବରକାଗଜ ପ୍ରକାଶନ ତାରିଖର ୩୦ଦିନ ମଧ୍ୟରେ କିମ୍ବା ତା.୧୭.୦୪.୨୦୨୬ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ଆପଣମାନେ ଏଥିରେ ଖିଲାପ କରନ୍ତି, ତେବେ ଆପଣମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଏହି ଟ୍ରିବ୍ୟୁନାଲ୍‌ର ମୋହର ସହ ମୋ ସ୍ୱାକ୍ଷର ଦିନାଙ୍କ ୨୧ ଜାନୁୟାରୀ ୨୦୨୬ରେ ଆଦିଷ୍ଟ।

ସ୍ୱା/-

ରେଜିଷ୍ଟ୍ରାର (ଭାରପ୍ରାପ୍ତ)



OFFICE OF THE NOTIFIED AREA COUNCIL, BOUDHGARH

e-mail: boudhgarhnac@yahoo.co.in, Ph. No.: 06841-222024

No. 315 **EXPRESSION OF INTEREST** Date: 31.1.26

No. 13001/15/2526: Boudhgarh NAC proposes to undertake "**Providing Consultancy Service for preparation of DPR for different projects**". Proposals are invited to conduct the assignment and submit the deliverables from consulting registered architectural firms that have requisite experience in preparation of DPR for different infrastructure project.

The details of EOI may be accessed and the EOI can be downloaded from the website **www.nacboudhgarh.in** or in person on payment of the required paper cost.

The completed application as per the instructions in the EOI document, should reach the following address by Speed Post/Registered Post/ Courier latest by **3.30 P.M. on dated 11.02.26**.

Boudhgarh NAC reserves the sole right to accept or reject any or all proposals without assigning any reason whatsoever.

Sd./- Executive Officer, NAC, Boudhgarh

OIPR-13001/13155/1/25-26/0015



ପୌର ପରିଷଦ ହିଞ୍ଜିଳିକାଟୁ

HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୪୪୨୦

At: Hinjilicut, Dist.: Ganjam, PIN - 761102, Contact: 06811-280025, Toll Free No.: 14420

Email: hinjilicutmunicipality@gmail.com, hinjilimunicipality@gmail.com,

Facebook: Hinjilicut Municipality, Twitter: Hinjilicutmunicipality

Letter No. 558/Dev. Date: 31.01.2026

**QUOTATION CALL NOTICE**

No. 13001/16/2526: Sealed quotations are invited from the Authorized Dealers/Agencies/Suppliers/ Manufactures/for supply of following items for Hinjilicut Municipality.

The rate should be quoted against the item excluding taxes. The quotationers are essentially required to enclose their GST Clearance Certificate, PAN Card, Warranty/Guarantee Certificate. The quotationer shall be required to produce the original copy of the required document before the undersigned at the time of opening of quotation for verification.

The quotationer should submit EMD in shape of Cash/B.D./D.D./T.D.A. pledged in favour of Executive Officer, Hinjilicut Municipality as mentioned detailed below. The quotation paper will be available at the Cash Section from date: 03.02.2026, 10.00 A.M. to 10.02.2026, 05.00 P.M. in the Office hour except holidays. The quotation should receive on or before Dt.11.02.2026 at 5.00 P.M. on Tender Box and the same will be opened on Dt.16.02.2026 at 11 A.M. in presence of respective quotationers or their authorized representatives.

The authority reserves the right to accept, cancel or reject any or all offers without assigning any reason thereof.

| Sl. No. | Description of Items | Paper Cost | EMD |
|---|---|---|---|
| 1 | Supplying & fixing of openable UPVC doors and Windows with color frame of approved make with thick material laminated with glass of approved quality complete with frame, shutter and all fixture, fixing of execution of Aspirational toilet complex under Hinjilicut Municipality | Rs.4000/- | Rs.5000/- |

OIPR-13001/13105/1/25-26/0016 Sd./- Executive Officer, Hinjilicut Municipality



वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

आवश्यक सूचना



अज्ञात मृतक पुरूष

उम्र–करीब 35 वर्ष

सर्व साधारण को सूचित किया जाता है कि दिनांक–30.01.2026 को समय करीब 12:10 बजे सुन्दरनगर थानान्तर्गत कुदादा स्थित रेलवे ट्रैक (पोल सं0–257/20 से 258/01 के बीच) पर ट्रेन के चपेट में आने से एक अज्ञात पुरूष की मृत्यु हो गई है। शव के पहचान हेतु आसपास के स्थानीय लोगों से पुछताछ किया गया लेकिन अज्ञात पुरूष का शिनाख्त/पहचान नहीं हो पाया है। जिससे उनके परिजनों को सूचित नहीं किया जा सका है।

अज्ञात मृतक पुरूष का हुलिया निम्न प्रकार है:–उम्र–लगभग 35 पुरूष, कद–05 फीट 03 इंच, रंग–सॉवला/गेंहुआ, बाल–काला, पहचान चिन्ह–दाहिने ऑख पर कटा का निशान, पहनावा–धियाही रंग का हाफ शर्ट, हल्का आसमानी रंग का बनियान, काला रंग का पुराना फटा हुआ जैकेट, नीला रंग का फटा हुआ फुल पैन्ट तथा काले–भूरा रंग का मौजा।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006

पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228

पुलिस उपाधीक्षक, विधि–व्यवस्था : 9431706482

थाना प्रभारी, सुन्दरनगर : 9431706516

वरीय पुलिस अधीक्षक, पूर्वी सिंहभूम, जमशेदपुर

PR 372246 (Police)25-26*D

POLICE HELPLINE (EMERGENCY DIAL)-112 | CHILD HELPLINE-1098

WOMEN HELPLINE-1091 | DOMESTIC ABUSE HELPLINE-181

CYBER CRIME HELPLINE-1930 | AMBULANCE SERVICE-108



GOVERNMENT OF ODISHA

OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE

No. 34001/14/2526 e-mail ID: supenger_rbjyp@yahoo.co.in

**INVITATIONS FOR BIDS (IFB)**

Bid Identification No. C.C.E.J.C. (R&B) - 14/2025-26

No. 1475 Date: 31.01.2026

1. Nature of the work : Road & Building Works
2. Total No. of Works : 07 (Seven) Nos.
3. Tender Cost : Rs.2.58 to 6.44 Crs.
4. Period of Completion : 04 (Four) to 11 (Eleven) Calendar Months each
5. Cost of Bid Document : Rs.10,000/-
6. Bid Security (EMD) : Rs.2.58 Lacs to 6.44 lacs as per column No. 06 of IFB.
7. Class of Contractor : "Special", "B" & "A" Class as per Cl. No. 05 of TCN & according to Financial eligibility.
8. Date & time of availability of bid document in the portal : From 12.00 hours of 10.02.2026 to 17.00 hours of 24.02.2026
9. Last date/time for receipt of bids in the portal : 17.00 hours of 24.02.2026
10. Opening date of Bid : 11.00 hours of 25.02.2026
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.

Sd./- Chief Construction Engineer, Jeypore (R&B) Circle, Jeypore

OIPR-34001/34108/1/25-26/0014



ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ଯନ୍ତ୍ରୀ/ସିଓଏନ/ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in** ରେ ଅପ୍‌ଲୋଡ୍ ହୋଇଛି। ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଣ୍ଟିକାରେ ବନ୍ଦ କରିଦିଆଯିବ: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.- ୦୧-ଡିସିଇ-ସି-ଜିଆର୍‌ସି-୦୧-୨୦୨୬; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଡେପୁଟି ସିଇ/ସିଓଏନ/ଗାର୍ଡେନ୍ ରିଚ୍‌ଙ୍କ କ୍ଷେତ୍ରାଧିକାରରେ ବକ୍ରାନୟାବାଜ ଷ୍ଟେଶନଠାରେ ଅତିରିକ୍ତ ଲୁପ୍ ଲାଇନ୍ ସଂକ୍ରାନ୍ତରେ ଇଆଇ ବିଲ୍ଡିଂର ନିର୍ମାଣ ଓ ତତ୍ ସମ୍ବନ୍ଧୀୟ କାର୍ଯ୍ୟ। ଏଷ୍ଟିମେଟ୍ ନଂ. ୧୮୮୫ଡବ୍ଲ୍ୟୁ/୨୦୨୨; **ଆନୁମାନିକ ମୂଲ୍ୟ:** ₹୫,୧୮,୫୨,୫୩୩.୯୩; **ବିଡ୍ ଅମାନତ:** ₹୪,୦୯,୩୦୦.୦୦; **ସମାପ୍ତି ଅବଧି:** ୦୮ ମାସ; **ସମାପ୍ତି ତାରିଖ:** ୧୦।୦୩।୨୦୨୬; ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: "ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି"। (PR-1137)



GOVT OF ODISHA No. 25001/16/2526

OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH

At/P.O.: Nabaghanpur, Dist.: Nayagarh, Ph.: 06753-252049, E-mail: nayagarhrw2006@yahoo.in

No.: Tender-Online-Nayagarh Divn.-13/2025-26 Date:

**e-Procurement NOTICE**

1. Name of the Work : Road Works
2. Total No. of Projects : 07 (Seven) Nos. of Projects
3. Class of Contractor :
   a) Estimated cost above Rs.20.00 lakhs & upto Rs.3.00 Crore : **B Class** (of Odisha PWD) or relevant class of other licensing authorities
   b) Estimated cost upto Rs.40.00 lakhs : **C Class** (of Odisha PWD) or relevant class of other licensing authorities
   c) Estimated cost upto Rs.20.00 lakhs : **D Class** (of Odisha PWD) or relevant class of other licensing authorities
4. Estimated Cost put to tender : Rs.4.84 lakhs & Rs.45.47 lakhs
5. Time for Completion : 01 (One) Calendar Month
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No.: Tender Online - Divn. NAYAGARH - 13/2025-26 | 06.02.2026 at 10.00 A.M. | 16.02.2026 upto 5.30 P.M. | 17.02.2026 at 11.00 A.M. |

Further details can be seen from the website **www.tendersorissa.gov.in**.

OIPR-25001/25106/1/25-26/0016 Sd./- Executive Engineer, Rural Works Division., Nayagarh



ଭାରତ ସରକାର

କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ

ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍ ପି-୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦

ଇମେଲ୍: roc.cpace@mca.gov.in

सत्यमेव जयते

Government of India

Ministry of Corporate Affairs

Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050

Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬

**ସର୍ବସାଧାରଣ ବିଜ୍ଞପ୍ତି**

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୮୫୮ ତାରିଖ: ୨୧।୦୧।୨୦୨୬

**ସନ୍ଦର୍ଭ:**

କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ **ଓଡ଼ିଶା** ରାଜ୍ୟରେ (୨)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏସି୧୦୭୮୬୪୪ | ୟୁ୯୫୨୪୦ଓଡି୨୦୨୪ପିଟିସି୦୪୫୪୨୬ | ଟେକ୍ନୋସାଗର ଭାରତ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୧୨୨୨୩୦୪ | ୟୁ୮୬୯୦୦ଓଡି୨୦୨୪ପିଟିସି୦୪୫୦୩୮ | ଇନୋଭି ହେଲ୍‌ଥକେୟାର୍ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।

୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।

୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ଇର୍କନ ତିର୍କୀ

ଉପ ନିବନ୍ଧକ

CBC 07123/11/0641/2526 ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜି ଭାରତ-ଆଫଗାନିସ୍ତାନ ସେମିଫାଇନାଲ ମ୍ୟାଚ୍

**ହରାରେ,୩।୨(ପି.ଟି.)**

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜିତ ଥିବା ଭାରତୀୟ ଦଳକୁ ଏହି ମ୍ୟାଚ୍ ଲାଗି ଫେଭରାଇଟ ବିବେଚନା କରାଯାଇଛି। ଭାରତ ଟୁର୍ନାମେଣ୍ଟ ଇତିହାସର ସବୁଠୁ ସଫଳ ଦଳ। ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ ସଂସ୍କରଣ ଚାମ୍ପିୟନ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୪ଥର ଏହି ଟ୍ରଫି ହାତେଇଥିଲା। ଲିଗ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍‌କୁ ସହଜରେ ଜିତିଥିବା ଭାରତୀୟ ଦଳ ପାକିସ୍ତାନ ବିପକ୍ଷ ସୁପର-୬ ମ୍ୟାଚ୍‌କୁ ୫୮ ରନ୍‌ରେ ଜିତି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଆଫଗାନିସ୍ତାନ ମଧ୍ୟ ଟୁର୍ନାମେଣ୍ଟରେ ଭଲ କରିଛି। ଦଳ ଏପର୍ଯ୍ୟନ୍ତ ୫ରୁ ୪ ମ୍ୟାଚ୍ ଜିତିଛି ଓ କେବଳ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଛି। ଫର୍ମରେ ଥିବା ଅଭିଜ୍ଞାନ କୁଣ୍ଡୁ, ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରାଙ୍କ ଭଳି ଖେଳାଳିଙ୍କଠାରୁ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଉଇକେଟ୍‌କିପର ବ୍ୟାଟର ଅଭିଜ୍ଞାନ କୁଣ୍ଡୁ ୫ ମ୍ୟାଚ୍‌ରେ ୧୯୯ ରନ୍ କରିଥିବା ବେଳେ ଓପ୍‌ନର ସୂର୍ଯ୍ୟବଂଶୀ ୧୯୬ ଓ ମିଡଲ ଅର୍ଡରରେ ବିହାନ ୧୭୨ ରନ୍ କରିଛନ୍ତି। ଅଧିନାୟକ ଆୟୁଷ ମାହାତ୍ରେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ସେ ଏପର୍ଯ୍ୟନ୍ତ ମାତ୍ର ୯୯ ରନ୍ କରିଛନ୍ତି। ବୋଲିଂ ବିଭାଗରେ ହେନିଲ ପଟେଲ ଓ ଆର୍‌ଏସ୍ ଅମ୍ବ୍ରିଶଙ୍କ ପ୍ରଦର୍ଶନ ଭଲ ରହିଛି। ଏହି ଦୁଇ ପେସର ୧୧ଟି ଲେଖାଏ ଉଇକେଟ ହାତେଇଛନ୍ତି।

# ଭାମ୍ବ୍ରିଙ୍କୁ କ୍ୟାରିୟରର ଶ୍ରେଷ୍ଠ ଡବଲ୍ସ ର୍‍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ,୩।୨**

ଭାରତୀୟ ଟେନିସ୍ ଖେଳାଳି ୟୁକି ଭାମ୍ବ୍ରି ମଙ୍ଗଳବାର ଏଟିପି ଡବଲ୍ସ ର୍‍ୟାଙ୍କିଙ୍ଗ୍‌ସରେ ୨୦ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଡବଲ୍ସ ର୍‍ୟାଙ୍କିଙ୍ଗ୍। ଏହିଉପଲବ୍ଧିସହ ସେ ରୋହନ ବୋପାନ୍ନାଙ୍କ ପରେ ପ୍ରଥମ ଭାରତୀୟ ଖେଳାଳି ଭାବେ ପୁରୁଷ ଡବଲ୍ସ ଖେଳାଳି ରୂପେ ଟପ୍-୨୦ ମଧ୍ୟରେ ପ୍ରବେଶ କରିଛନ୍ତି। ପୂର୍ବରୁ ସେ ୨୨ତମ ସ୍ଥାନରେ ଥିଲେ। ୩୩ ବର୍ଷୀୟ ଭାମ୍ବ୍ରି ଚଳିତ ସିଜନରେ ଭଲ ଫର୍ମରେ ଅଛନ୍ତି। ସେ ଗତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ସ୍ୱିଡେନ୍‌ର ଆଣ୍ଡ୍ରେ ଗୋରାନସନଙ୍କ ସହ ମିଶି ତୃତୀୟ ରାଉଣ୍ଡରେ ପହଞ୍ଚିଥିଲେ।

# ଦୀପକଙ୍କ ମାଉଣ୍ଟ କାଙ୍ଗ୍ରି ଆରୋହଣ


ମାଉଣ୍ଟ କାଙ୍ଗ୍ରି ଆରୋହଣ ଅବସରରେ ଦୀପକ ମହନ୍ତ।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**


ଯୁବ ପର୍ବତାରୋହୀ ଦୀପକ ମହନ୍ତ ଲଦାଖର ୬୦୭୦ ମିଟରବିଶିଷ୍ଟ ମାଉଣ୍ଟ ୟୁଟି କାଙ୍ଗ୍ରି ଆରୋହଣ କରିଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲା କାଶିଆ ଗ୍ରାମରେ ଏବଂ ସେ ଆସା(ଆସୋସିଏଶନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍)ର ସଦସ୍ୟ। ଦୀପକ ପୂର୍ବରୁ ୨୦୨୫ରେ ହିମାଚଳ ପ୍ରଦେଶର ମାଉଣ୍ଟ ୟୁନାମ(୬୧୫୦ ମିଟର) ଏବଂ ୨୦୨୨ରେ ମାଉଣ୍ଟ ସେଥିଦର(୫୮୦୦ ମିଟର) ଆରୋହଣ କରିଥିଲେ। ବେସିକ୍ ଏବଂ ଆଡ୍‌ଭାନ୍ସ ମାଉଣ୍ଟେନରିଂ କୋର୍ସ ଶେଷ କରିବାପରେ ସେ ଭବିଷ୍ୟତରେ ଏଭରେଷ୍ଟ ଆରୋହଣ ଲକ୍ଷ୍ୟ ରଖିଛନ୍ତି। ମାଉଣ୍ଟ କାଙ୍ଗ୍ରି ଆରୋହଣ ପାଇଁ ଦୀପକଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଗତ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଆସାର ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା, କ୍ରୀଡ଼ା ବିଭାଗର ସିନିୟର ପ୍ରୋଗ୍ରାମ ଅଫିସର ହରେଶ୍ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସାର କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ଉପସଭାପତି ଶକ୍ତିରଞ୍ଜନ ମହାନ୍ତି, ବିକ୍ରମ କିଶୋର ଦାସ, ବିଜୟ କୁମାର ସାସ୍‌ମଲ ଓ କ୍ଷୀରୋଦ କୁମାର ଷଣ୍ଢ ପ୍ରମୁଖ ଦୀପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଏହି ଆରୋହଣ ଅବସରରେ ଦୀପକଙ୍କ ଅଙ୍ଗୁଳି ଗୁଡ଼ିକରେ କ୍ଷତ ସୃଷ୍ଟି ହୋଇଥିବା ଜଣାଯାଇଛି।

# ଏମ୍‌ସିସି ୭୩ ନିୟମ ପରିବର୍ତ୍ତନ କରିବ

**ଲଣ୍ଡନ, ୩।୨(ପି.ଟି.)**

କ୍ରିକେଟ ଆଇନରେ ୭୩ଟି ନିୟମରେ ପରିବର୍ତ୍ତନ କରାଯିବ। ଏକ ବହୁଦିବସୀୟ ମ୍ୟାଚ୍‌ର କୌଣସି ଦିବସର ଶେଷ ଓଭରରେ ଯଦି ଏକ ଉଇକେଟର ପତନ ଘଟେ ତେବେ ଏହି ଓଭରକୁ ଶେଷ କରିବା ବାଧ୍ୟତାମୂଳକ ତନ୍ମଧ୍ୟରେ ଅନ୍ୟତମ। କ୍ରିକେଟ ଆଇନର ପ୍ରଣେତା ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ତରଫରୁ ଏହା ଘୋଷଣା କରାଯାଇଛି। ନୂଆ ନିୟମ ଚଳିତବର୍ଷ ଅକ୍ଟୋବରରୁ କାର୍ଯ୍ୟକାରୀ ହେବ। ୨୦୨୨ ପରେ କ୍ରିକେଟ ଆଇନର ନୂଆ ସଂସ୍କରଣ କାର୍ଯ୍ୟକାରୀ କରାଯିବ। ବର୍ତ୍ତମାନ ବଲ୍‌ଗୁଡ଼ିକର ସାଇଜ୍-୧, ସାଇଜ୍-୨ ଏବଂ ସାଇଜ୍-୩ ରହିଛି। ପୁରୁଷ ବିଭାଗରେ ସାଧାରଣତଃ ପାରମ୍ପରିକ ସାଇଜ୍-୧ ବଲ୍ ବ୍ୟବହାର କରାଯାଇଆସୁଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ସମଗ୍ର ବିଶ୍ୱରେ ବ୍ୟାଟ୍‌ର ମୂଲ୍ୟ ବୃଦ୍ଧିକୁ ହ୍ରାସ କରିବା ଉଦ୍ଦେଶ୍ୟରେ କେବଳ ଜୁନିୟର କ୍ରିକେଟ ବଦଳରେ ଓପନ୍ ଏଜ୍ କ୍ରିକେଟରେ ଲାମିନେଟେଡ ବ୍ୟବହାରକୁ ଏମ୍‌ସିସି ଆଇନସିଦ୍ଧ କରିଛି। ବୋଲର ରନ୍ ଅପ୍ ବେଳେ ଷ୍ଟମ୍ପ ଆଗରେ ଗ୍ଲୋଭ ରଖିବାକୁ ନେଇ ଉଇକେଟକିପର ଆଉ ଦଣ୍ଡିତ ହେବେନାହିଁ।

# ରାମେଶ୍ୱର-ବାପୁଜୀ କ୍ରିକେଟ କ୍ଲବ ଫାଇନାଲ



ଏମ୍.ଜି. ଗୋପାଳ ଓ ଅତୁଲ ସରଓ୍ୱର ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ମୁନ୍‌ଲାଇଟ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୨ଟିଯାକ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇଥିବା ରାମେଶ୍ୱର ସ୍ପୋର୍ଟ୍ସ ଓ ବାପୁଜୀ କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ରାମେଶ୍ୱର ୫୪ ରନ୍‌ରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୨୦ ଓଭରରେ ୯ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଦଳ ପକ୍ଷରୁ ଓପ୍‌ନର ଏମ୍‌ଜି ଗୋପାଳ ସର୍ବାଧିକ ୫୩ ରନ୍ କରିଥିଲେ। ବିପକ୍ଷ ଦଳର ପ୍ରିୟବ୍ରତ ବେଉରା ୪ଟି ଓ ସୁଶୀଲ କୁମାର ବାରିକ ୨ଟି ଉଇକେଟ ନେଇଥିଲେ। ୧୫୩ ରନ୍ ବିଜୟ ଲକ୍ଷ୍ୟରେ ସହିଦ ସ୍ପୋର୍ଟିଂ ୧୯.୫ ଓଭରରେ ୯୮ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ଏମ୍.ଜି. ଗୋପାଳ ୪ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଗୋପାଳ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଦ୍ୱିତୀୟ ସେମିଫାଇନାଲରେ ବାପୁଜୀ କ୍ରିକେଟ କ୍ଲବ ୭୯ ରନ୍‌ରେ ବ୍ରହ୍ମପୁରର ଆଲ୍‌ଫାକୁ ହରାଇ ଦେଇଛି। ବାପୁଜୀ କ୍ଲବ ଅତୁଲ ସରଓ୍ୱରଙ୍କ ଅପରାଜିତ ଶତକ ବଳରେ ୨୦ ଓଭରରେ ୫ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଅତୁଲ ସରଓ୍ୱର ମାତ୍ର ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧୧ ଛକା ବଳରେ ୧୦୩ ରନ୍‌କରି ଅପରାଜିତ ରହିଥିଲେ। ଆର୍ଯ୍ୟଶ୍ରୀ ଭଞ୍ଜ ୩୫ ରନ୍‌ରେ ଅପରାଜିତ ରହିଥିଲେ। ଜବାବରେ ଆଲ୍‌ଫା ଦଳ ୧୭.୨ ଓଭରରେ ୧୨୦ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ଅତୁଲ ସରଓ୍ୱର ୪ଟି ଏବଂ ସୟଦ ଜାକି ଓ ରାକେଶ ପଟ୍ଟନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅତୁଲ ସରଓ୍ୱର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।


# Classified Everyday

0674-2580101, 9692975378


**REAL ESTATE**
**SALE**

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271


ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର 5 କିଲୋମିଟର ଦୂର ଶ୍ରୀସେତୁ ନିକଟ ମଙ୍ଗରାଜପୁର ଛକରେ 200ଫୁଟ ରାସ୍ତାରୁ ମାତ୍ର 100ମିଟର ଦୂରରେ ଇଲେକ୍ଟ୍ରି ସୁବିଧାଥାଇ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗଫୁଟକୁ ମାତ୍ର 2400/- ଟଙ୍କା। ଯୋଗାଯୋଗ: 9438109040/ 9438220432. D-3295

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023


ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

ଜମି ବିକ୍ରି- ଅନୁଗୁଳ ରେଳ ଷ୍ଟେଶନ ସାମ୍ନାରେ ପାଚେରି ଥାଇ ଦୁଇ ଗୁଣ୍ଠ ଘରବାରି ପ୍ଲଟ୍ (ନଂ. 742) ବିକ୍ରି ହେବାର ରହିଛି। ଯୋଗାଯୋଗ ନଂ.- 7327957039. D-3293


**CONSTRUCTION**

Construct your home with Colour Tile Plaster, Electrical, PHD, Dor complete 1350/- 9827152441. D-3270




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

**LOST**

ମୁଁ ରୁଦ୍ର କିଶୋର ପଧାନ, ପି.- ୰ଜଗନ୍ନାଥ ପଧାନ, ନି.- ବାନିପାଲି, ଥାନା- ସଦର, ଜିଲ୍ଲା- ବଲାଙ୍ଗୀର। ମୋର ନାମରେ ମୌଜା- ବାନିପାଲି, ଖା. ନଂ.- 93/93, ପ୍ଲଟ୍ ନଂ.- 585/990, ଏରିଆ- ଏ. 0.09 ଡେସିମିଲ ଜାଗା ଅଛି। ଉକ୍ତ ପଟ୍ଟାର Sale Deed ଗତ ତା. ୨୦।୦୧।୨୦୨୬ ରିଖ ମୁଁ ବୁରୋମୁଣ୍ଡା ଛକରୁ ଘରକୁ ଫେରିବା ବାଟରେ କେଉଁଠି ହଜାଇ ଦେଇଛି। ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ପାଇଲି ନାହିଁ। ଧ-୩୨୯୦

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dtd.- 20.5.2025, I, Aparna Mohanty, W/o. Arun Kumar Mohanty permanent resident of At: Qtr. No.- type-II-19/6 near Govt Boys, High School, Ashoka Nagar, Bhubaneswar- 751009 Dist.- Khordha declare that now I have changed my daughter's name from Sruti Priyadarshini Mohanty to Sruti Priyadarshini. Henceforth, she shall be known as Sruti Priyadarshini for all purpose.
Aparna Mohanty
D-3292

By virtue of an affidavit sworn before Notary Public, dated 2nd Feb. 2026, I, Phulmay, Address: At- Lelibadi, Village- Dondili, P.O.- Dondili, Dist.- Rayagada, Odisha, 765017 declare that I have changed my name from Pulame Pedenti to Phulmay. Henceforth, I shall be known as Phulmay for all purposes.
Phulmay
D-3291

ମୁଁ, ଡଲି ସାହୁ, ପିତା- ଉଦୟନାଥ ସାହୁ, ଗ୍ରାମ- ବଧି ମଙ୍ଗଳପୁର, ପିପିଲି, ଜିଲ୍ଲା- ପୁରୀ, ୭୫୨୧୦୪, ଓଡ଼ିଶା ବାସିନ୍ଦା ଅଟେ। ଏହି ସତ୍ୟପାଠ ନମ୍ବର ୧୩୩୦, ତାରିଖ ୨୯।୦୧।୨୦୨୬ ଦ୍ୱାରା ଘୋଷଣା କରୁଛି ଯେ ଏବେଠାରୁ ମୋ ବାପାଙ୍କୁ ଉଦ୍ୟନାଥ ସାହୁ ନାମରେ ଜଣାଯିବ। ଧ-୩୨୯୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Kodinga, dated 02.02.26, I, Kapildas Pujari, S/o. Dambarudhar Pujari residence of Vill./P.O.- Rajoda, P.S.- Kosagumuda, Dist.- Nabarangpur state that my name is wrongly mentioned as Kapildash Pujari on my SBI Ac. No. vide 36237574628 at SBI Mokia branch. On my Aadhaar No. xxxx xxxx 3065 my name is recorded Kapildas Pujari which is correct. Both Kapildash Pujari and Kapildas Pujari is one and same person.
D-3289

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q19972384 6@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**LEGAL NOTICE**

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧
ଶ୍ରୀମତୀ କନକଚମ୍ପା ମେହେର, ଓ.ପ୍ର.ସେ. (ଏସ୍.ଏ.ଜି.)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ. ୪୩/୨୦୨୫
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ତନୁଶ୍ରୀ ତ୍ରିପାଠୀ
...ବାଦୀ/ଦରଖାସ୍ତକାରୀ

ବନାମ

ସ୍ମାର୍ଟ ଲାଇଫଷ୍ଟାଇଲ ମୁଲଟିଟ୍ରେଡ୍ ପ୍ରାଇଭେଟ ଲିମିଟେଡ୍ ଓ ଅନ୍ୟମାନେ
....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧. ସ୍ମାର୍ଟ ଲାଇଫଷ୍ଟାଇଲ ମୁଲଟିଟ୍ରେଡ ପ୍ରାଇଭେଟ୍ ଲିମିଟେଡ୍, ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶିବ ଶଙ୍କର ଦାସ, ଅଫିସ ଠିକଣା: ବି-୧୯୦, ପ୍ରାଞ୍ଜନ ବିହାର, ପୋ- ବରମୁଣ୍ଡା, ବି.ଡି.ଏ କଂପ୍ଲେକ୍ସ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୦୩, ୨. ଯୋଗୀ ଖାଁ, ପିତା- ଇସ୍‌ଲାମ ଖାଁ, ଗ୍ରାମ- ବେଣାପଞ୍ଜରୀ, ପୋ- ଦିରୀମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦, ୫. ମହମ୍ମଦ ଲୋକମନ, ପିତା- ଲେଟ୍ ମହମ୍ମଦ ଏକରାମ, ଗ୍ରାମ- ବେଣାପଞ୍ଜରୀ, ପୋ- ଦିରୀମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦, ୬. ଜାହିର ମହମ୍ମଦ, ପିତା- ନୂର ମହମ୍ମଦ ବାଡ଼ିମାନ, ଗ୍ରାମ- ତରାବୋଇ, ପୋ- ତରାବୋଇ, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦ ।
....ପ୍ରତିବାଦୀ/ଅପରପକ୍ଷ

ନୋଟିସ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ଜାରି ନ ହୋଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜାଲସରେ ଆସନ୍ତା ତା୦୨।୦୩।୨୦୨୬ରିଖ ଦିବା ଘ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ.- ୨୪, ମୌଜା- ମଙ୍ଗରାଜପୁର, ସାବିକ ଖାତା ନଂ. ୧୨୪, ସାବିକ ପ୍ଲଟ୍ ନଂ. ୫୪୮, ରକବା- ଏ.୦.୧୨୪ ଡି ରୁ ଏ.୦.୦୨୨.୯୬ଡି, ସ୍ୱତ୍ୱ-ସ୍ଥିତିବାନ୍, କିସମ- ଶାରଦ ଦୁଇ ।
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ- ୨୪, ମୌଜା- ମଙ୍ଗରାଜପୁର, ହାଲ୍ ଖାତା ନଂ.- ୧୦୬, ହାଲ୍ ପ୍ଲଟ୍ ନଂ.- ୬୮୩, ରକବା- ଏ.୦.୩୪୦ଡି. ରୁ ଏ.୦.୦୨୨.୯୬ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଦୁଇ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଉକ୍ତ ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା୨୦।୦୧।୨୦୨୬
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୨୮୮

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



୰ବିଦ୍ୟୁଲତା ବଳିଆରସିଂହ
ଖୁର୍ଦ୍ଦୁପୁର, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ : ୨୨.୦୪.୧୯୪୭
ତିରୋଧାନ : ୨୫.୦୧.୨୦୨୬
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ଦୁର୍ଗା ମାଧବ ବଳିଆରସିଂହ ଓ ବନ୍ଧୁ ଏବଂ ପରିବାରବର୍ଗ
ଧ-୩୨୯୬

**୧୨ ତମ ଶ୍ରାଦ୍ଧବାର୍ଷିକୀ**



୰ ପ୍ରଫେସର ଭାଗିରଥୀ ସେନାପତି
ପୂର୍ବତନ କୁଳପତି, ଓୟୁଏଟି
ଆବିର୍ଭାବ : ୦୫.୦୨.୧୯୪୨
ତିରୋଧାନ : ୧୭.୦୨.୨୦୧୪
(ଫାଲଗୁନ, କୃଷ୍ଣପକ୍ଷ ତୃତୀୟା ତିଥି)
ଗ୍ରାମ - ୪୨ମୌଜା, କଟକ
ଶାନ୍ତି ନିବାସ, ଜାଗମରା, ବରବାରି, ଭୁବନେଶ୍ୱର
ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିଥାଉ । ଏହି ଶ୍ରାଦ୍ଧଦିବସରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା ।
ପତ୍ନୀ - ଶାନ୍ତିଲତା ସେନାପତି, ବଡ଼ ପୁଅ - ବରେଣ୍ୟ, ପୁତ୍ରବଧୂ - ମୌସୁମୀ, ମଝିଆ ପୁଅ - ପ୍ରଦ୍ୟୁମ୍ନ, ପୁତ୍ରବଧୂ - ଲକ୍ଷ୍ମୀପ୍ରିୟା, କନିଷ୍ଠ ପୁଅ - ପ୍ରସନ୍ନ, ପୁତ୍ରବଧୂ - ଜ୍ୟୋତିର୍ମୟୀ, ଝିଅ - ଚିନ୍ମୟୀ, ଜ୍ୱାଇଁ - ଚିନ୍ମୟ, ନାତି - ଅମ୍ରିତ, ଅର୍ପିତ, ଅଂଶୁଲ, ସୌୟମ, ଶ୍ରେୟାନ, ନାତୁଣୀ - ଶ୍ରଦ୍ଧାସୁମନ ଏବଂ ଆତ୍ମୀୟସ୍ୱଜନ, ପରିବାରବର୍ଗ ସମେତ ବୈଜ୍ଞାନିକ ଡଃ. ଦେବ ପ୍ରସାଦ ମଲ୍ଲିକ, ଓୟୁଏଟି
ଧ-୨୪୧

## ଫୁଲ ଚାଷ



ସେରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଭେଣ୍ଡିର ଉନ୍ନତ କିସମ



ଭେଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା-ଏ-୪। ୬୦ ସେ.ମି. x ୩୦ ସେ.ମି. ଦୂରତାରେ ଭେଣ୍ଡି ଗଛ ଲଗାନ୍ତୁ। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମି ପ୍ରସ୍ତୁତ କରିବା ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ।

## ସବୁଜ ଗୋଖାଦ୍ୟ ଫସଲ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା . ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# ଡାଲୁଅ ଧାନ ରୋଇବା ପରେ ସାର ପ୍ରୟୋଗ

ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।



**ଏ ମାସର କୃଷି ସୂଚନା**

**ମକା :** ମକା ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳରେ ମାଟିଦେବା ଦରକାର। ଫସଲ ବୁଣିବାର ୩୫ରୁ ୪୫ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

**ତୈଳବୀଜ ଜାତୀୟ ଫସଲ ଚିନାବାଦମ** ଏହି ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସାକରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ) ବିହାରୀ ଶିଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ସୋରିଷ:** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

**ରାଶି :** ଖରାଦିନିଆ ରାଶିକୁ ଫେବୃଆରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ । ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରେପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

**ଆଖୁ :** ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

**ପନିପରିବା:** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁ ଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ । ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

**ପୋଟଳ:** ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଖରାଦିନିଆ ପନିପରିବା**
ଖରାଦିନିଆ ପନିପରିବା ଯଥା - କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଅନ୍ୟ ପନିପରିବା ଯଥା - ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜରର ଠିକ୍ ଯତ୍ନ ନିଅନ୍ତୁ ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ । ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଗୋପାଳନ:** ଗୋରୁଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଆକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ । ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନା ଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ ।

**ଛେଳି ପାଳନ:** ଛେଳିମାନଙ୍କୁ ଏଣ୍ଟରୋଟକ୍ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍ସିମିଆ ଟିକା ଛେଳିଙ୍କୁ ଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ



ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ - ଆଇପିଏମ୍-୦୨-୧୪ (୬୫ ଦିନ), ଆଇପିଏମ୍-୦୨-୩ (୬୫ ଦିନ), ପିଡିଏମ୍-୧୧ (୬୫ ଦିନ), ପିଡିଏମ୍-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପିୟୁ-୩୧ (୭୦ ଦିନ), ପିୟୁ-୩୦ (୬୫ ରୁ ୭୦ ଦିନ), ପିୟୁ-୩୫ (୬୫ ରୁ ୭୦ ଦିନ), ପିୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାରକରି ଧାଡ଼ିରେ ବୁଣନ୍ତୁ ।

## ପୋଟଳରେ ଫୁଲଫଳ ଧରୁଥିଲେ...



ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରି ରଖେ। ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

## ଆଖୁ ହୁଡ଼ା ଭାଙ୍ଗିବା ସମୟରେ...



ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ଏକ କିଗ୍ରା କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଖୁ ଗଛକୁ ଏକ ଧାରୁଆ କତୁରିରେ ଭୂମି ପତନ ସହ ସମାନକରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଆଖୁ କାଟିବା ଉଚିତ ।

## ହଳଦୀ ଲଗାଇବା ପୂର୍ବରୁ...

ଗୋମା,ସୁରମା,ରଙ୍ଗ,ରଶ୍ମି ନାମକ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ୧ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ଏକ ମିଟର ଓସାର, ୧୫ସେ.ମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ୍) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ, ୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରେଟ୍ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



## କୁକୁଡ଼ା ପାଳନ



ବାର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁକୁଡ଼ା ଚିଆଁ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍)। କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ କରିଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆମାନଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆମାନଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ। ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବା ସୂଚନା ମିଳିଥାଏ। କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଙ୍ଘାଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହି ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

# ସଘନ ମାଛଚାଷ

ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାରର ଜାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାରର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାରର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଏହାଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୂଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛ ଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ ଟି, ରୋହି ୧୬୦୦ ଟି, ମିରିକାଳି ୮୦୦ ଟି ଏବଂ ବିଲାତି ରୋହି ୪୦୦ ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ଛଅ ପ୍ରକାରର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ।



# ଧରିତ୍ରୀ DHARITRI

ଧରିତ୍ରୀ 52 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ Bhubaneswar, Wednesday, February 4/ 2026









ପଞ୍ଜାବରେ ଅନୁଷ୍ଠିତ ୭ମ ଜାତୀୟ ଦିବ୍ୟାଙ୍ଗ ତୀରନ୍ଦାଜୀ ଚାମ୍ପିୟନଶିପର ୫୦ ମିଟର ଦୂରତା ବର୍ଗରେ ରୌପ୍ୟ ଓ ୫୦ ମିଟର କମ୍ପାଉଣ୍ଡ ଅଲିମ୍ପିକ୍ ରାଉଣ୍ଡରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ଦିବ୍ୟାଙ୍ଗ ତୀରନ୍ଦାଜ ପାୟଲ ନାଗ ।

**ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍**

## ପାୟଲଙ୍କୁ ରୌପ୍ୟ, ବ୍ରୋଞ୍ଜ ପଦକ

କଟକ,୩।୨(କୁମାରଶ୍ରୀ)

ସାହସ, ଦୃଢ଼ ଇଚ୍ଛାଶକ୍ତି ବଳରେ ଅସାଧାରଣ ପ୍ରଦର୍ଶନ କରି ୭ମ ଏନଟିପିସି ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ବଲାଙ୍ଗୀରର ଝିଅ ପାୟଲ ନାଗ । ପଞ୍ଜାବର ପଟିଆଲାରେ ଆୟୋଜିତ ଏହି ଚାମ୍ପିୟନଶିପରେ ସେ କମ୍ପାଉଣ୍ଡ ରାଉଣ୍ଡର ର୍ୟାଙ୍କିଂ ଇଭେଣ୍ଟରେ ରୌପ୍ୟ ଏବଂ ବ୍ୟକ୍ତିଗତ ଅଲିମ୍ପିକ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ବିଦ୍ୟୁତ ଆଘାତରେ ଉଭୟ ହାତ ଏବଂ ଗୋଡ ହରାଇଥିବା ପାୟଲ ଏବେ ଜଣେ ଉଦୀୟମାନ ତୀରନ୍ଦାଜ ତାରକା ଭାବେ ଉଭା ହୋଇଛନ୍ତି । ଏହି ସଫଳତା ନେଇ ଓଡ଼ିଶା ତୀରନ୍ଦାଜ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷର ପାୟଲଙ୍କୁ ଅଭିନନ୍ଦନ ଜଣାଯାଇଛି । ପ୍ରକାଶଯୋଗ୍ୟ, ଖ୍ୟାତନାମା ପ୍ରଶିକ୍ଷକ କୁଲଦୀପ ଭେଦୱାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାୟଲ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । କଠୋର ତାଲିମ ମାଧ୍ୟମରେ ତୀରନ୍ଦାଜୀର ଅନନ୍ୟ କଳାକୌଶଳ ସେ ହାସଲ କରିଛନ୍ତି ।

# ବେଙ୍ଗାଲୁରୁ-ଦିଲ୍ଲୀ ଫାଇନାଲ

**ଡବ୍ଲ୍ୟୁପିଏଲ୍**

ଭଦୋଦରା,୩।୨

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ଉଇକେଟରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି । ଏହି ବିଜୟ ସହ ଦିଲ୍ଲୀ ରେକର୍ଡ ଚତୁର୍ଥ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି । ୫ ତାରିଖରେ ହେବାକୁ ଥିବା ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଦିଲ୍ଲୀ ଭେଟିବ । ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଥିଲା । ଦଳ ପାଇଁ ଓପନର ବେଥ ମୁନି ୫୧ ବଲ୍‌ରେ ଅପରାଜିତ ୬୨ (୬ ଚୌକା), ଜର୍ଜିଆ ୱାରେହାମ ୨୫ ବଲରେ ୩୫ (୩ ଚୌକା ଓ ୧ ଛକା), କାଶଭି ଗୌତମ ୧୮ (୩ ଚୌକା) ରନ କରିଥିଲେ । ଦିଲ୍ଲୀ ପାଇଁ ବୋଲିଂରେ ଚିନେଲ ହେନରୀ ୩ ଓ ନନ୍ଦିନୀ ଶର୍ମା ୨ ଉଇକେଟ ନେଇଥିଲେ । ଜବାବରେ ଦିଲ୍ଲୀକୁ ଲିଜେଲ ଲି ଓ ଶେଫାଳି ବର୍ମା ୮୯ ରନର ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ । ଦୁଇ ଓପନରଙ୍କୁ ୱାରେହାମ ଅଷ୍ଟମ ଓଭରରେ ପାଭିଲିଅନ ପଠାଇଥିଲେ । ଲିଜେଲ ୨୪ ବଲରେ ୪୩ (୮ ଚୌକା ଓ ୧ ଛକା) ଓ ଶେଫାଳି ୨୧ ବଲରେ ୩୧ (୭ ଚୌକା) ରନ କରି ଆଉଟ୍ ହୋଇଥିଲେ । ଏହାପରେ ଲୌରା ୱୋଲଭାର୍ଡଟ ଓ ଅଧିନାୟିକା ଜେମିମା ରୋଡ୍ରିଗ୍ସ ତୃତୀୟ ଉଇକେଟରେ ୭ ଓଭରରେ ୬୮ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ । ଜେମିମା ୨୩ ବଲରେ ୪ ଚୌକା ଓ ୧ ଛକା ସହ ୪୩ ରନ କରି ଆଉଟ୍ ହୋଇଥିବା ବେଳେ ୱୋଲଭାର୍ଡଟ ଅପରାଜିତ ୩୨ (୨ ଚୌକା ଓ ୧ ଛକା) ରନ କରି ଦଳକୁ ଜିତାଇଥିଲେ । ଦିଲ୍ଲୀ ୧୫.୪ ଓଭରରେ ୩ ଉଇକେଟ ହରାଇ ୧୬୯ ରନ କରି ନେଇଥିଲା ।



ଅର୍ଦ୍ଧଶତକୀୟ ଭାଗୀଦାରି ଅବସରରେ ଗୁଜରାଟ ଜାଏଣ୍ଟ୍ସର ବେଥ୍ ମୁନି ଓ ଜର୍ଜିଆ ୱାରେହାମ ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ: ୨୦ ଓଭରରେ ୧୬୮/୭ (ବେଥ ମୁନି-୬୨*, ଜର୍ଜିଆ ୱାରେହାମ-୩୫, ଚିନେଲ ହେନରୀ-୩/୩୫, ନନ୍ଦିନୀ ଶର୍ମା-୨/୪୪) । ଦିଲ୍ଲୀ କ୍ୟାପିଟାଲ୍ସ: ୧୫.୪ ଓଭରରେ ୧୬୯/୩ (ଲିଜେଲ ଲି-୪୩, ଜେମିମା ରୋଡ୍ରିଗ୍ସ-୪୧, ଶେଫାଳି ବର୍ମା-୩୧, ଲୌରା ୱୋଲଭାର୍ଡଟ-୩୨*, ଜର୍ଜିଆ ୱାରେହାମ-୨/୨୮) ।

**ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ**

## କିଟ୍‌ରୁ ଭାଗନେବେ ୯ ଆଥ୍‌ଲେଟ

ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)

ଚାଇନାର ଟିଆନଜିନ୍‌ରେ ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ହେବାକୁଥିବା ୧୨ଶ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟର ୯ ଆଥ୍‌ଲେଟ ଅଂଶଗ୍ରହଣ କରିବେ । ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ପକ୍ଷରୁ ଘୋଷିତ ୧୭ ଜଣିଆ ଆଥ୍‌ଲେଟ୍ ଦଳରେ ଏହି ୯ ଜଣ ସାମିଲ । କିଟ୍ ଆଥ୍‌ଲେଟଙ୍କ ମଧ୍ୟରେ ମଣିକାନ୍ତ ହୋବିଲଧର ପୁରୁଷ ୬୦ ମିଟର ରେସ୍, ତେଜାଶ ଶିରସେ ପୁରୁଷ ୬୦ ମିଟର ହର୍ଡଲ୍ସ, ପ୍ରବିନ ଚିଥ୍ରାଭେଲ ପୁରୁଷ ଲଙ୍ଗ୍‌ଜମ୍ପ୍, ସମରଦୀପ ସିଂ ଗିଲ୍ ପୁରୁଷ ଶଟ୍‌ପୁଟ, ତାଜିନ୍ଦରପାଲ ସିଂ ତୁର୍ ପୁରୁଷ ଶଟ୍‌ପୁଟ୍, ତେଜସ୍ୱିନ ଶଙ୍କର ପୁରୁଷ ହେପ୍ଟାଥଲନ୍, ମୌମିତା ମଣ୍ଡଳ ମହିଳା ୬୦ ମିଟର ହର୍ଡଲ୍ସ ଓ ଲଙ୍ଗ୍‌ଜମ୍ପ୍, ପ୍ରଜ୍ଞା ପ୍ରଶାନ୍ତି ମହିଳା ୬୦ ମିଟର ହର୍ଡଲ୍ସ ଏବଂ ଆନ୍‌ସି ସୋଜାନ ଏଡାପ୍ପିଲି ମହିଳା ଲଙ୍ଗ୍‌ଜମ୍ପ୍‌ରେ ଭାଗନେବେ । ଏହି ସମସ୍ତ ଆଥ୍‌ଲେଟ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି ।

## ପିସିବି ବିରୋଧରେ ପ୍ରସାରଣକାରୀ ସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ

**ବିଶ୍ୱକପ୍ ମ୍ୟାଚ ବର୍ଜନ**

ନୂଆଦିଲ୍ଲୀ/କରାଚୀ,୩।୨(ପି.ଟି.)

ଆସନ୍ତା ୧୫ ତାରିଖରେ ଭାରତ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ବିରୋଧରେ ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ । ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଚେତାବନୀ ଦେଇଛି । ସରକାରଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ ଭାରତ ବିପକ୍ଷ ମ୍ୟାଚ୍‌କୁ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଛି । ହେଲେ ଏପର୍ଯ୍ୟନ୍ତ ମ୍ୟାଚ୍ ବର୍ଜନ ପଛର କାରଣ ପ୍ରକାଶ କରାଯାଇନାହିଁ । ଏକ ରିପୋର୍ଟ ମୁତାବକ, ପାକିସ୍ତାନକୁ ମିଳୁଥିବା ବାର୍ଷିକ ରାଜସ୍ୱର ଅଂଶକୁ ସମ୍ପୂର୍ଣ୍ଣ ରୂପେ ଆଇସିସି କାଟ୍ କରିପାରେ, ଯାହାକି ପାଖାପାଖି ୩୫ ମିଲିଅନ ଆମେରିକୀୟ ଡଲାର । ଏହି ଅର୍ଥକୁ ପ୍ରସାରଣକାରୀ ସଂସ୍ଥାକୁ ଦିଆଯାଇପାରେ । ଯଦି ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରୁହେ ଓ ଭାରତ ବିପକ୍ଷରେ ଖେଳିବାକୁ ମନାକରେ, ତେବେ ପିସିବିକୁ ଆର୍ଥିକ ପ୍ରତିବନ୍ଧକ ସହ ପ୍ରସାରଣକାରୀ ସଂସ୍ଥା ସହ ଆଇନଗତ ଲଢ଼େଇ କରିବାକୁ ପଡ଼ିବ । କିନ୍ତୁ ଆଇସିସି ଡିସ୍‌ପ୍ୟୁଟ୍ ରିଜୋଲ୍ୟୁଶନ କମିଟି(ଡିଆର୍‌ସି )ରେ କରାଯାଇଥିବାର ଆବେଦନ ବିଫଳ ହେବ । ଆଇସିସିର ଡିଆର୍‌ସି ଏକ ଆନ୍ତଃ କମିଟି, ଯାହା ବୋର୍ଡ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିର ଶୁଣାଣି କରେନାହିଁ । ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପିସିବିକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ପ୍ରଥମତଃ, ସେମାନେ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳୁଛନ୍ତି, ଯାହାକି ପାକିସ୍ତାନର ଇଚ୍ଛା ଥିଲା । ଦ୍ୱିତୀୟତଃ, ଭାରତ ସରକାର କୌଣସି ଦଳକୁ ପାକିସ୍ତାନରେ ଖେଳିବାକୁ ଅନୁମତି ଦେଉ ନ ଥିଲେ ମଧ୍ୟ ଏସିଆ କପ୍ କିମ୍ବା ଆଇସିସି ଇଭେଣ୍ଟରେ ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନା କରିନାହିଁ । ଭାରତ ବିପକ୍ଷ ମ୍ୟାଚ୍ ବର୍ଜନ କରିବା ସମ୍ପର୍କରେ ପିସିବି ଏପର୍ଯ୍ୟନ୍ତ ଆଇସିସିକୁ ଲିଖିତ ଆକାରରେ ଜଣାଇନାହିଁ । ଆଇସିସି ପକ୍ଷରୁ ୪ ବର୍ଷ ମଧ୍ୟରେ ହେବାକୁଥିବା ସମସ୍ତ ଇଭେଣ୍ଟ ଲାଗି ପ୍ରସାରଣକାରୀ ସଂସ୍ଥା ସହ ଚୁକ୍ତି କରିଥିଲା । ଏହି ଚୁକ୍ତିରେ ଭାରତ ଓ ପାକିସ୍ତାନ ମ୍ୟାଚ୍ ସାମିଲ ଥିଲା ।

## ଭାରତରେ ହେବ ଏସିଆନ ଅଲିମ୍ପିକ୍ କ୍ୱାଲିଫାଇଂ ଚାମ୍ପିୟନଶିପ୍

ନୂଆଦିଲ୍ଲୀ, ୩।୨(ପି.ଟି.)

ଆସନ୍ତା ବର୍ଷ ଦିଲ୍ଲୀରେ ହେବ ଏସିଆନ ରାଇଫଲ/ପିସ୍ତଲ ଚାମ୍ପିୟନଶିପ୍ । ଏଥିରେ ଲସ୍‌ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସ ପାଇଁ ୮ କୋଟା ନିରୂପିତ ହେବ । ଦେଶର ଶୁଟିଂ କ୍ୟାଲେଣ୍ଡରରେ ଏହା ପ୍ରଥମ । ଏହା ବ୍ୟତୀତ ଆସନ୍ତାବର୍ଷ ଏପ୍ରିଲ ୨୧ରୁ ୩୦ ଦିଲ୍ଲୀରେ ହେବାକୁଥିବା ବିଶ୍ୱକପ୍ (ରାଇଫଲ/ପିସ୍ତଲ/ଶଟ୍‌ଗନ୍)ରେ ୧୨ଟି କୋଟା ହାସଲର ସୁଯୋଗ ରହିଛି । ଭାରତକୁ ଏସିଆନ୍ ଇଭେଣ୍ଟ ଆୟୋଜନର ଅଧିକାର ମିଳିଥିବା ବିଷୟ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ(ଏନ୍‌ଆର୍‌ଏଆଇ) ସଭାପତି କଳିକେଶ ସିଂଦେଓଙ୍କୁ ଏସିଆନ ଶୁଟିଂ କନ୍‌ଫେଡେରେଶନ ଏକ ଚିଠି ଜରିଆରେ ସ୍ପଷ୍ଟ କରିଦିଆଯାଇଛି । ତେବେ ଏସିଆନ କ୍ୱାଲିଫାୟର୍ସ କେବେ ହେବ ତାହା ଠିକଣା ସମୟରେ ଜଣାଇ ଦିଆଯିବ ବୋଲି ଏନ୍‌ଆର୍‌ଏଆଇ କହିଛି ।

## ପ୍ରୀତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ




ପ୍ରୀତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)

ସମ୍ପ୍ରତି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଦିଲ୍ଲୀର ପ୍ରୀତିଶା ଗୁପ୍ତାଙ୍କୁ ମଙ୍ଗଳବାର ବିଧିବଦ୍ଧଭାବେ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ମାତ୍ର ୧୪ ବର୍ଷ ବୟସରେ ଏହି ସଫଳତା ପାଇଥିବା ପ୍ରୀତିଶା ୨୦୨୫ ଜୁଲାଇରେ ଅନୁଷ୍ଠିତ ଟ୍ରୋଫେ ଡୋଲେ ପାସିନୋ ଗ୍ରାଣ୍ଡ ଓପନ ଟୁର୍ନାମେଣ୍ଟରେ ପ୍ରଥମ ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିଥିଲେ । ସର୍ବିୟାର ସେଣ୍ଟାରେ ଅନୁଷ୍ଠିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୨୨ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୧୩ ଫାଣ୍ଟାଷ୍ଟିକୋରେ ତୃତୀୟ ନର୍ମ ପାଇଥିଲେ । ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଟେପଲିସ ଓପନ ଚେସ୍‌ରେ ୨୨୦୦ ଏଲୋ ରେଟିଂ ଅତିକ୍ରମ କରିଥିଲେ । ୨୦୨୫ ଅଗଷ୍ଟରେ ପ୍ରୀତିଶା ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ବିଶ୍ୱର ନମ୍ବରୱାନ୍ ର୍ୟାଙ୍କ୍‌ପ୍ରାପ୍ତ ହୋଇଥିଲେ । ୨୦୨୬ ଫିଡେ ରେଟିଂ ତାଲିକା ଅନୁସାରେ ଏବେ ସେ ୧୫ ବର୍ଷରୁ କମ୍ ବର୍ଗରେ ନଂ.୧ ଅଛନ୍ତି । ୨୦୨୫ରେ ସେ ୧୬ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନ ହୋଇଥିଲେ । ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିଥିବାରୁ ପ୍ରୀତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି ।

## ସାବାଲେଙ୍କା ନମ୍ବର ୱାନ୍ ରହିଲେ

ମେଲ୍‌ବୋର୍ନ, ୩।୨(ଏପି)


ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ୨୪ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନୋଭାକ୍ ଜୋକୋଭିଚ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିବା ପରେ କାର୍ଲୋସ ଅଲ୍‌କାରାଜ ସିଙ୍ଗଲ୍ସରେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରା କରିଥିଲେ । ମାତ୍ର ମ୍ୟାଚ୍ ପରାଜୟ ସତ୍ତ୍ୱେ ଜୋକୋଭିଚ୍‌ଙ୍କୁ ଏକ ସାନ୍ତ୍ୱନା ମିଳିଛି । ୨୦୨୪ ଅଗଷ୍ଟ ପରେ ଏହି ୩୮ ବର୍ଷୀୟ ସର୍ବୀୟ ଟେନିସ୍ ଷ୍ଟାର ପ୍ରଥମଥର ଶ୍ରେଷ୍ଠ ୩ ମଧ୍ୟରେ ସ୍ଥାନ ପାଇଛନ୍ତି । ଅଲ୍‌କାରାଜ ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ଜାନିକ ସିନର ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ମେଲବୋର୍ନ ପାର୍କରେ ସେମିଫାଇନାଲରେ ସିନରଙ୍କୁ ପରାସ୍ତକରି ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରିଥିଲେ । ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ଏଲିନା ରିବାକିନାଙ୍କଠାରୁ ଆରିନା ସାବାଲେଙ୍କା ପରାଜିତ ହୋଇଥିଲେ ସୁଦ୍ଧା ଡବ୍ଲ୍ୟୁଟିଏ ଟୁର୍‌ରେ ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି । ରିବାକିନା ଦୁଇ ସ୍ଥାନ ପଦୋନ୍ନତି ସହ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଇଗା ସ୍ୱିଟେକ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ରେ ସ୍ୱିଟେକ୍‌ଙ୍କ ପଛକୁ ୩ଜଣ ଆମେରିକୀୟ ଅଛନ୍ତି । ସେମାନେ ହେଲେ ଆମାଣ୍ଡା ଆନିସିମୋଭା(୪ର୍ଥ), କୋକୋ ଗଫ୍(୫ମ) ଓ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲିଷ୍ଟ ଜେସିକା ପେଗୁଲା ।

# ସେମିରେ ଭୁବନେଶ୍ୱର ସାଇ ଇଲେଭେନ

**ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ଧାମନଗର, ୩।୨(ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଭୁବନେଶ୍ୱରର ସାଇ ଇଲେଭେନ ଓ କୋଲକାତା ଏଲ୍‌ଆର୍‌ଏସ୍ କ୍ଲବ୍ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଇ ଇଲେଭେନ ବିଜୟୀ ହୋଇ ସେମିଫାଇନାଲ ଖେଳିବାକୁ ବିବେଚିତ ହୋଇଛି । ସାଇ ଇଲେଭେନ ୨୫ ଓଭରରେ ୯ ଉଇକେଟ ହରାଇ ୨୩୯ ରନ୍ କରିଥିଲା । ଦଳ ପକ୍ଷରୁ ଆୟୁଷ କ୍ରିଷ୍ଟପର ୭୮, ସୂର୍ଯ୍ୟକାନ୍ତ ପ୍ରଧାନ ୫୯ ଓ ବିପ୍ଳବ ସାମନ୍ତରାୟ ୩୧ ରନ୍ କରିଥିଲେ । ପ୍ରତିପକ୍ଷ ବୋଲର ଯୋଗେଶ କୁମାର ୫ ଓଭରରେ ୬୦ ରନ୍ ଦେଇ ୩ ଉଇକେଟ ଏବଂ ଆଦିତ୍ୟ ଯାଦବ ୫ ଓଭରରେ ୩୫ ରନ୍ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ । ଏଲ୍‌ଆର୍‌ଏସ୍ ଟିମ୍ ୧୪.୫ ଓଭରରେ ୭୯ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ସକ୍ଷମ ଚୌଧୁରୀ ୧୮ ରନ ଓ ରାଜ ଭାରତୀ ୧୦ ରନ୍ କରିଥିଲେ । ପ୍ରତିପକ୍ଷ ବୋଲର ରାମଚନ୍ଦ୍ର ବେହେରା ୫ ଓଭର ବୋଲିଂ କରି ୨୨ ରନ୍ ଦେଇ ୪ ଉଇକେଟ ଏବଂ ରବୀନ୍ଦ୍ର ରାଉତ ୫ ଓଭରରେ ୨୭ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ । ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ସାଇ ଇଲେଭେନର ରାମଚନ୍ଦ୍ରଙ୍କୁ ଅବସରପ୍ରାପ୍ତ ଅଧ୍ୟାପକ ଗଦାଧର ସାହୁ ଓ ଅଧ୍ୟାପକ ହିମାଂଶୁ ଶେଖର ଦାଶ ପୁରସ୍କୃତ କରିଥିଲେ । ବିଶ୍ୱଜିତ ପତି ଓ ଜ୍ୟୋତିପ୍ରକାଶ ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ନୀହାର ରଞ୍ଜନ ବେହେରା ଓ ସୁଧାଂଶୁ ସାହୁ ସ୍କୋରର, ବଳରାମ ସାହୁ ଅନ୍‌ଲାଇନ ସ୍କୋରର ଥିଲେ । ଜ୍ଞାନରଞ୍ଜନ ଘଡ଼େଇ ଓ ଏସ୍‌କେ ଇମ୍ରାନ ଧାରା ବିବରଣୀ ପ୍ରଦାନ କରିଥିଲେ ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ରାମଚନ୍ଦ୍ର ବେହେରାଙ୍କୁ ପୁରସ୍କୃତ କରାଯାଉଛି ।

# ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ସଫଳତା

ଭୁବନେଶ୍ୱର, ୩।୨ (ବିଜୟ ରଣା)

ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଓ ଗ୍ରାସ୍‌ରୁଟ୍ ସେଣ୍ଟର ଏବଂ ରାଉରକେଲା, ପୁରୀ ଓ ଜୟପୁରରେ ରହିଥିବା ଏହାର ଗ୍ରାସ୍‌ରୁଟ୍ ସେଣ୍ଟରଗୁଡ଼ିକର ଆଥଲେଟମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩୫ ସ୍ୱର୍ଣ୍ଣ, ୩୪ ରୌପ୍ୟ ଓ ୩୩ ବ୍ରୋଞ୍ଜ ସହ ମୋଟ ୧୦୨ ପଦକ ଜିତିବାରେ ସଫଳ ହୋଇଛନ୍ତି । ପୁରୀରେ ଅନୁଷ୍ଠିତ ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଉଭୟ ପୁରୁଷ ଓ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ବିଭିନ୍ନ ବୟସବର୍ଗ ଓ କାଟେଗୋରୀରେ ଅଂଶଗ୍ରହଣ କରିଥିଲେ । ନିକଟରେ ଲିସ୍‌ବନ୍‌ରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ କଣ୍ଟିନେଣ୍ଟାଲ କପ୍‌ରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଆଥଲେଟମାନେ ୨୦ ପଦକ ଜିତିବାରେ ସମର୍ଥ ହୋଇଛନ୍ତି । ରାଜ୍ୟର ଯୁବ ପ୍ରତିଭାଙ୍କ ସମେତ ଏଲିଟ୍ ଆଥଲେଟମାନଙ୍କ ଦକ୍ଷିଣ ବୃଦ୍ଧି କ୍ଷେତ୍ରରେ କେତେଦ ପରିମାଣରେ ପ୍ରତିବଦ୍ଧ ଏଥିରୁ ତାହା ସୂଚୀତ ହେଉଛି ।



ପୁରସ୍କାର ସହ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ଜିମ୍ନାଷ୍ଟମାନେ ।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ